

‘ଅପରେସନ ସିନ୍ଦୂର’ର ଟ୍ରାକ୍ କରୁଥିଲେ ମୋଦି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଫିଟ୍ ପାଇଁ ୩୦ କିଲୋ କମାଇଦେଇଥିଲେ ସୋନାକ୍ଷୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୫ Vol. 22 No-65 5 JUNE 2025 THURSDAY, BHUBANESWAR ଗୁରୁବାର, ୫ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପ୍ରସୂତି ମୃତ୍ୟୁ ଘଟଣାରେ ଡାକ୍ତର ନିଲମ୍ବିତ

ନୟାଗଡ, ୪।୬ (ଭାସ୍କର ନ୍ୟୁଜ୍) : ନୟାଗଡର ଏକ ହସ୍ପିଟାଲରେ ଜଣେ ପ୍ରସୂତିଙ୍କ ଚିକିତ୍ସାଜନିତ ଅବହେଳା ନେଇ ମୃତ୍ୟୁ ଘଟିବାପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ପ୍ରଥମେ ଡାକ୍ତର ରବିନ୍ଦ୍ରନାଥ ସାହୁଙ୍କୁ ବଦଳି କରାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଥାନା ସାମ୍ନାରୁ ସାଢ଼େ ତିନି ଲକ୍ଷ ଲୁଟ୍

ବରଗଡ, ୪।୬ (ଭାସ୍କର ନ୍ୟୁଜ୍) : ବରଗଡ ସଦର ଥାନା ସମ୍ମୁଖରୁ ଏକ ବାଇକ୍ ଡିକିରୁ ସାଢ଼େ ତିନି ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବ୍ୟକ୍ତି ଜଣଙ୍କ ବ୍ୟାଙ୍କରୁ ମଣ୍ଡି ଧାନ ଟଙ୍କା ଉଠାଇ ଥାନା ସମ୍ମୁଖ ଏକ ଦୋକାନରେ ଚା’ ପିଉଥିବା ବେଳେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ସମସ୍ତ ଟଙ୍କା ନେଇ ପଳାଇ ଯାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।


### ଆମୋନିଆ ଗ୍ୟାସ୍ ଲିକ୍, ୪ ଅସୁସ୍ଥ

ପାରାଦୀପ,୪।୬ (ଭାସ୍କର ନ୍ୟୁଜ): ଆମୋନିଆ ଗ୍ୟାସ ଲିକ୍ ହୋଇ ୪ ଅସୁସ୍ଥ। ପାରାଦ୍ୱୀପ ଗଡ଼ ଇଣ୍ଡଷ୍ଟ୍ରିଆଲ ଏରିଆରେ ଘଟିଛି ଘଟଣା । ପାରାଦ୍ୱୀପ ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଗ୍ୟାସ ଲିକ୍ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଆମୋନିଆ ଗ୍ୟାସ ପ୍ରଭାବରେ ୪ ଜଣ ଅସୁସ୍ଥ ହୋଇଛନ୍ତି। କମ୍ପାନୀର ହୋଷ୍ଟ ପାଇପ ଫାଟିବାରୁ ଆମୋନିଆ ଗ୍ୟାସ ଲିକ ହୋଇଥିଲା। ଗ୍ୟାସ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଆଖି ଓ ନାକ ପୋଡୁଥିବା ସୂଚନା ମିଳିଛି।

ସେନ୍ସେକ୍ସ: ୮୧,୪୫୧.୦୧
ସର୍ବାଧିକ: ୩୭.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

**୪।୬ ।୨୦୨୫ ର ମତାମତ**

ରାଜଧାନୀ ଭୁବନେଶ୍ୱରରେ ଡ୍ରେନେଜ୍ ସିଷ୍ଟମରେ ଉନ୍ନତି ହେବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ଭୁଲ ଇଞ୍ଜେକସନ୍ ନେଇ ୬ଜଣଙ୍କ ମୃତ୍ୟୁ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଭୁବନେଶ୍ୱରରେ ଏତେ ବରଷା ଯେ
ବାଟଘାଟ ଅଧାବୁଡ଼ା,
ଆଗକୁ କଅଣ ହୋଇବ କେଜାଣି
ହୋଇପାରେ ଡଙ୍ଗା ଚଢ଼ା !
ପରିସ୍ଥିତି ବେଳ ମୋଡ଼ା,
ନହେଲା ପର୍ଯ୍ୟନ୍ତ ସଫାସଫି କାମ
ମନ୍ଥର ଓ ବଙ୍କା ତେଢ଼ା ।

### ଆର୍‌ସିବି ବିଜୟ ଉତ୍ସବ ବେଳେ ଅଘଟଣ

# ଦଳାଚକଟାରେ ୧୧ ମୃତ

ବେଙ୍ଗାଲୁରୁ, ୪।୬ : ଦୀର୍ଘ ୧୮ବର୍ଷର ପ୍ରତୀକ୍ଷା ପରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍ ଟ୍ରଫି ହାସଲ କରିଛି। ଏହି ଅବସରରେ ବୁଧବାର ଅପରାହ୍ନରେ ଏକ ବିଜୟ ଉତ୍ସବର ଆୟୋଜନ କରାଯାଇଥିବା ବେଳେ ସେଠାରେ ଏକ ବଡ଼ଧରଣର ଅଘଟଣ ଘଟିଛି। ପ୍ରବଳ ଭିଡ ତଥା ପୋଲିସର ଲାଠି ଚାର୍ଜ ଯୋଗୁଁ ଦଳଚକଟା ହେବାରୁ ୧୧ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୫୦ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଖବର ପାଇବା ପରେ ଘଟଣାସ୍ଥଳରେ ପୋଲିସ ଓ ଜିଲ୍ଲା ପ୍ରଶାସନ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଘଟଣାର ତଦନ୍ତ କରୁଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଲାଗି ରହିଛି। ମିଳିଥିବା ସୂଚନା ଅନୁଯାୟୀ ଆରସିବିର ବିଜୟ ଉତ୍ସବ ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଆର୍‌ସିବିର ପ୍ରଶଂସକମାନଙ୍କର ପ୍ରବଳ ଭିଡ ଲାଗି ରହିଥିଲା। ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ ସମ୍ଭାଳିବା କାଠିର ପାଠ ହୋଇଥିଲା। ଫଳରେ ପୋଲିସ ଲାଠି ଚାର୍ଜ କରିବାକୁ ବାଧ ହୋଇଥିଲା। ଲାଠି ଚାର୍ଜ ହେବାରୁ ଲୋକେ ଦୌଡାଦୌଡି ଆରମ୍ଭ କରିଥିଲେ। ଫଳରେ ଦଳାଚକଟା ହୋଇଥିଲା। ତେବେ ଭିଡ ଭିତରେ ଲାଠି ଚାର୍ଜ କରିବା ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା ସେ ନେଇ ତନାଘନା ଆରମ୍ଭ ହୋଇଛି। ଆର୍‌ସିବିର ବିଜୟକୁ ନେଇ ପ୍ରଶଂସକମାନେ • ପୃଷ୍ଠା ୫ ଦେଖନ୍ତୁ



- ୫୦ରୁ ଉର୍ଦ୍ଧ୍ୱ ଆହତ
- ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ
- ମୃତ୍ୟୁ ସଂଖ୍ୟା ବୃଦ୍ଧି ନେଇ ଆଶଙ୍କା
- ଘଟଣାସ୍ଥଳରେ ପୋଲିସ, ପ୍ରଶାସନ

### ଭୁଲ ଇଞ୍ଜେକସନ୍ ନେଇ ୬ଜଣଙ୍କ ମୃତ୍ୟୁ ଘଟଣା

# ତଦନ୍ତ ନିର୍ଦ୍ଦେଶ

- ଆଇସିୟୁରେ ୩, ଜେନେରାଲ ୱାର୍ଡରେ ୩ମୃତ
- ତଦନ୍ତ ନିର୍ଦ୍ଦେଶ ଦେଲେ ଡିଏମ୍‌ଇଟି
- ତଦନ୍ତ ପାଇଁ ୫ଜଣିଆ ଟିମ୍ ଗଠିତ
- ୨୪ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ ନିର୍ଦ୍ଦେଶ
- ହସ୍ପିଟାଲ ପରିସରରେ ପୋଲିସ ଛାଉଣି



କୋରାପୁଟ/ଭୁବନେଶ୍ୱର, ୪।୬ (ଭାସ୍କର ନ୍ୟୁଜ୍) : କୋରାପୁଟ ସ୍ଥିତ ଶହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭୁଲ୍ ଇଞ୍ଜେକସନ ଯୋଗୁଁ ୬ଜଣଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଏପରି ଅଭାବନୀୟ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ଜୋର ଧରିଛି। ଏହି ଘଟଣା ପ୍ରଘଟ ହେବା ପରେ ଡିଏମ୍‌ଇଟି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ଏକ ୫ଜଣିଆ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ବ୍ରହ୍ମପୁର ଏମ୍‌କେସିଜିର ୩ଜଣ ବିଶେଷଜ୍ଞ ଓ କଟକ ଏସ୍‌ବିରେ ଦୁଇଜଣ ବିଶେଷଜ୍ଞ ସାମିଲ ହୋଇଛନ୍ତି। ୨୪ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଡିଏମ୍‌ଇଟି ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଘଟଣା ଘଟିଥିବା ହସ୍ପିଟାଲକୁ ଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ। ଡିଏମ୍‌ଇଟି ସନ୍ତୋଷ ମିଶ୍ର କହିଛନ୍ତି ଯେ, ରୋଗୀଙ୍କୁ ଦିଆଯାଇଥିବା ଇଞ୍ଜେକସନର ପାର୍ଶ୍ୱପ୍ରତିକ୍ରିୟା କିଛି ରହିଛି କି ନାହିଁ କି ସ୍ୱାଭାବିକ ମୃତ୍ୟୁ ଘଟିଛି ସେ ନେଇ ଟିମ୍ ତଦନ୍ତ କରିବ। ଖାଲି ସେତିକି ନୁହେଁ ରୋଗୀଙ୍କୁ ଦିଆଯାଇଥିବା ଔଷଧର ମାନ ମଧ୍ୟ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ ଯେ, ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜସ ଏଣ୍ଡ ହସ୍ପିଟାଲରେ ମଙ୍ଗଳବାର ବିଳମ୍ବିତ ରାତିରେ ସର୍ଜରୀ • ପୃଷ୍ଠା ୫ ଦେଖନ୍ତୁ

### ବିସ୍ଫୋରକ ଲୁଟ୍ ଘଟଣା

# ଏସ୍‌ଓପି ପାଳନ କରାଯାଇ ନଥିଲା: ଡିଜିପି

- ୫ଟନ୍‌ରୁ ୩.୮ଟନ୍ ବିସ୍ଫୋରକ ଜବତ
- ଲୁଟ୍ ଘଟଣାରେ ମାଓବାଦୀଙ୍କ ସଂପୃକ୍ତି ରହିଛି
- ଅବଶିଷ୍ଟ ବିସ୍ଫୋରକ ଜବତ ପାଇଁ ପ୍ରୟାସ ଜାରି



ଭୁବନେଶ୍ୱର, ୪।୬ (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋପଥର ଖଣିରୁ ୫ହଜାର କିଲୋରୁ ଉର୍ଦ୍ଧ୍ୱ ପରିମାଣର ବିସ୍ଫୋରକ ଲୁଟ୍ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ। ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖୁରାନିଆ କହିଛନ୍ତି ଯେ, ଲୁଟ୍ ହୋଇଥିବା ୫ଟନ୍ ବିସ୍ଫୋରକରୁ ୩.୮ଟନ୍ ବିସ୍ଫୋରକ ଜବତ କରାଯାଇଛି। ଅବଶିଷ୍ଟ ବିସ୍ଫୋରକ ଉଦ୍ଧାର ପାଇଁ ପ୍ରୟାସ ଜାରି ରହିଛି। ଶ୍ରୀ ଖୁରାନିଆ ଆହୁରି କହିଥିଲେ ଯେ, ଗତ ମାସ ୨୭ତାରିଖ ରାତିରୁ ଏନେଇ ଆରମ୍ଭ ହୋଇଥିବା ଅପରେସନ ବର୍ତ୍ତମାନ ମଧ୍ୟ ଚାଲୁ ରହିଛି। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏସ୍‌ଆଇଟି ତଦନ୍ତ କରାଯାଉଛି। ଏହି ମାମଲାରେ ମାଓବାଦୀଙ୍କ ସଂପୃକ୍ତି ଥିବା ନେଇ ପ୍ରମାଣ ମଧ୍ୟ ମିଳିଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ପ୍ରଥମ ଲୁଟ୍ ଘଟଣାରେ କାହାରିକୁ ଗିରଫ କରାଯାଇନଥିବା ବେଳେ ଦ୍ୱିତୀୟ ଘଟଣାରେ ରାଉରକେଲାର ଏକ ପେଟ୍ରୋଲପମ୍ପ ନିକଟ ଗାଡିରୁ ଯେଉଁ ବିସ୍ଫୋରକ ମିଳିଥିଲା ସେଥିପାଇଁ ଦୁଇଜଣଙ୍କୁ ଗିରଫ କରାଯାଇଛି ବୋଲି ଶ୍ରୀ ଖୁରାନିଆ କହିଥିଲେ। ସେ କହିଥିଲେ ବିସ୍ଫୋରକ ପଠାଗଲା ବେଳେ ଆବଶ୍ୟକ ଏସ୍‌ଓପି ପାଳନ କରାଯାଇନଥିଲା। ମାମଲାର ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟଯେ, ଗତମାସ ୨୭ତାରିଖରେ ବାଙ୍କୋ ପଥରଖଣିରୁ ଯାଉଥିବା ୨୦୦ପ୍ୟାକେଟ ବିସ୍ଫୋରକ ଲୁଟ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଡିଜିପି ଶ୍ରୀ ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ଲୁଟ୍ ବିସ୍ଫୋରକ ଜବତ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହ ଆଇଜି ଅପରେସନ ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେସ୍ ୱାଧୱାନି, ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସହ ଗୁଇନ୍ଦା ଶାଖା ଅଧିକାରୀ ଓ ଝାଡଖଣ୍ଡ ପୋଲି ସାମିଲ ହୋଇଥିଲେ। ଏଥିସହ ସିଆର୍‌ପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଏବଂ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ।

### ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ତହସିଲଦାର ପ୍ରଶାସନର ମେରୁଦଣ୍ଡ

- ରାଜ୍ୟରେ କେହି ରହିବେନି ଭୂମିହୀନ
- ପ୍ରଶାସନକୁ ଲୋକାଭିମୁଖୀ ପାଇଁ ପ୍ରତିବଦ୍ଧ
- ଲୋକଙ୍କୁ ନ୍ୟାୟ ଦେବା ପ୍ରଥମ କର୍ତ୍ତବ୍ୟ
- ରାଜସ୍ୱ ବିଭାଗ ଉତ୍ତମ ସରକାରର ଦର୍ପଣ



ଭୁବନେଶ୍ୱର ୪।୬ (ଭାସ୍କର ନ୍ୟୁଜ୍): ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ଆମ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାରେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକାଭିମୁଖୀ କରିବା ପାଇଁ ପ୍ରତିଶୃତିବଦ୍ଧ। ଓଡିଶାରେ କେହିବି ଭୂମିହିନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ। ତେଣୁ, ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁ କରିବା ପାଇଁ ଆପଣମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଲୋକଙ୍କ ସରକାର ହିସାବରେ ଲୋକ ଏବଂ ସରକାରଙ୍କ ବ୍ୟବଧାନ କମାଇବା ଦରକାର। ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆମ ସରକାର ଆସିବାର କିଛି ଦିନ ଭିତରେ ଏକ ବାତ୍ୟାର ସମ୍ମୁଖୀନ ହୋଇଥିଲୁ। ମୁଁ ସନ୍ତୋଷ ସହକାରେ କହିବାକୁ ଚାହେଁ ଯେ ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ବାତ୍ୟା ‘ଦାନା’ର ସଫଳ ମୁକାବିଲା କରାଯାଇଛି। ‘ଜିରୋ କାଜୁଆଲ୍ଟି’ ଅଭିଯାନକୁ ସାକାର କରିବା ପାଇଁ ପ୍ରାୟ ୮.୧ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬ ହଜାର ୨୧୦ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରର ପ୍ରତିନିଧି ଭାବରେ ଗାଁ ଓ ଗ୍ରାମବାସୀଙ୍କୁ ସମୟରେ ଓ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର ହେବା ଆବଶ୍ୟକ ଅଛି। ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ—ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଆପଣ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ। ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ। ଜମିଜମା ସକ୍ରାନ୍ତିୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। କାରଣ, ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ। ସେ କହିଥିଲେ ଯେ, ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଜମି କିଣା ବିକାରେ ଅନେକ ସମୟରେ ଅନିୟମିତତା ଦେଖାଯାଇଥାଏ। ଏହି କିଣାବିକା ତହସିଲଦାରଙ୍କ ଅଗୋଚରରେ ହେବା ପ୍ରାୟତଃ ଅସମ୍ଭବ। ତେଣୁ, ଏହି ସମ୍ବନ୍ଧୀୟ ସବୁ ବିବାଦ, କିଣାବିକାରେ • ପୃଷ୍ଠା ୫ ଦେଖନ୍ତୁ

### କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

# ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା

**ବରଫପାତ ହେଉଥିବା ରାଜ୍ୟଗୁଡିକରେ ୨୦୨୬ ଅକ୍ଟୋବରରୁ ଆରମ୍ଭ**

**ଅନ୍ୟ ରାଜ୍ୟଗୁଡିକରେ ୨୦୨୭ ମାର୍ଚ୍ଚ ୧ରୁ ଗଣନା**

ନୂଆଦିଲ୍ଲୀ, ୪।୬ : ସାରା ଦେଶରେ ଜନଗଣନା ପାଇଁ କେନ୍ଦ୍ର ସରକାର ବୁଧବାର ତାରିଖ ଘୋଷଣା କରିଛନ୍ତି। ଦୁଇଟି ପର୍ଯ୍ୟାୟରେ ଏହି ଜନଗଣନା କରାଯିବ। ଏଥିନେଇ ନୀତିଗତ ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ୨୦୨୬ ଅକ୍ଟୋବରରୁ ଆରମ୍ଭ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ବରଫପାତ ହେଉଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ଜନଗଣନା ପାଇଁ ସ୍ଥିର ହୋଇଛି। ଏହିସବୁ ରାଜ୍ୟଗୁଡିକ ମଧ୍ୟରେ ଲଦାଖ, ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ସାମିଲ ହୋଇଥିବା ବେଳେ ଅନ୍ୟ ସବୁ ରାଜ୍ୟଗୁଡିକରେ ୨୦୨୭ ମାର୍ଚ୍ଚ ୧ରୁ ଜନଗଣନା ଆରମ୍ଭ କରାଯିବ। ଜନଗଣନା ସହ ଜାତିଗତ ଗଣନା ମଧ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଗଣନାକାରୀ ପ୍ରତ୍ୟେକଙ୍କ ଘରେ ପହଞ୍ଚି ସେମାନଙ୍କୁ ଜାତି ପଚାରିବେ। ମିଳିଥିବା ସୂଚନା ଅନୁଯାୟୀ ଚଳିତଥର ଜନଗଣନାରେ ଅଧିକ ପ୍ରଶ୍ନ ରହିବାର ସମ୍ଭାବନା ରହିଛି। ଯେଉଁଥିରେ ଜାତି ଓ ଉପଜାତି ବାବଦରେ ମଧ୍ୟ ପ୍ରଶ୍ନ କରାଯିବାର ସମ୍ଭାବନା ରହିଛି। ଗଣନା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି। ଏହି ଜନଗଣନାରେ ଡିଜିଟାଲ ବ୍ୟବହାର କରାଯିବ। ଫଳରେ ସମୟ ବଞ୍ଚିବା ସହ ଅଧିଖ ସଠିକତା ରହିବ ବୋଲି କୁହାଯାଉଛି। ପ୍ରାୟ ୩ବର୍ଷ ଭିତରେ ଏହି ପ୍ରକ୍ରିୟା ଶେଷ ପାଇଁ ଯୋଜନା ରଖାଯାଇଛି। ସାଧାରଣତଃ ଏହା ଶେଷ ଲାଗି ୫ବର୍ଷ ଲାଗୁଥିବା ବେଳେ ଚଳିତବର୍ଷ ଏହାକୁ ୩ବର୍ଷରେ ଶେଷ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ଜାତି ଜନଗଣନା କରାଯିବ। ଗତ • ପୃଷ୍ଠା ୫ ଦେଖନ୍ତୁ

### ଆଜି ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ

# ବିଭିନ୍ନ ଶିକ୍ଷାନୁଷ୍ଠାନର କରିବେ ଭିତ୍ତିପ୍ରସ୍ତର ସ୍ଥାପନ

ବ୍ରହ୍ମପୁର/ଭୁବନେଶ୍ୱର, ୪।୬ (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯିବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ରମ୍ଭା ଉଚ୍ଚ ବିଦ୍ୟାଳୟଠାରେ ସ୍ଥାପିତ ୪୧ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଛତ୍ରପୁର ଯାଇ ଛତ୍ରପୁର ଖେଳପଡିଆଠାରେ ଜିଲ୍ଲାରେ ସ୍ଥାପନ ହେବାକୁ ଥିବା ୮ଟି ଶିକ୍ଷାନୁଷ୍ଠାନ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ପରେ ଟାଟା ଏସିଜେଡ୍ ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମାଝୀ ବ୍ରହ୍ମପୁର ଲାଞ୍ଜିପଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ମା’ ତାରାଦେବୀଙ୍କ ଯାତ୍ରାରେ ସାମିଲ ହୋଇ ମା’ଙ୍କୁ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ଶିଳ୍ପର ଅଭିବୃଦ୍ଧି ପାଇଁ ରାସ୍ତା ଖୋଲାଯାଇଛି। ଶିଳ୍ପର ଅଭିବୃଦ୍ଧି ଘଟିଲେ ଜିଲ୍ଲାର ଅର୍ଥନୈତିକ ବିକାଶ ଘଟିବ। ବିଜେପି ସରକାର ଯେଉଁ ପ୍ରତିଶ୍ରୁତି ପୂର୍ବରୁ ଦେଇଥିଲେ ତାହା ପୂରଣ ହେବାକୁ ଯାଉଛି ଓ ଗୁରୁବାର ତା’ର ପ୍ରତିଫଳନ ଦେଖିବେ ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବେକାରି ସମସ୍ୟା କମିବ। କର୍ମ ନିଯୁକ୍ତି ସୃଷ୍ଟି ହେବ। ଦାଦନ ସଂଖ୍ୟା ହ୍ରାସ ପାଇବ। ସେପଟେ ବହୁ ବର୍ଷର ପ୍ରତୀକ୍ଷା ପରେ ୪୧ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଏକକାଳୀନ ଉନ୍ମୋଚନ ହେବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଖୁସି ପ୍ରକଟ କରାଯାଇଛି।



### ୬ରେ ୮୨୬ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୬ (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୬ତାରିଖରେ ୮୨୬ ପିଜିଟି ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପୂର୍ବରୁ ୧୬ହଜାର କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏହାପରେ ୨୦୦୦ ନିଯୁକ୍ତିପତ୍ର ଦିଆଯାଇଥିବା ଶ୍ରୀ ଗଣ୍ଡ କହିଥିଲେ। ସେ କହିଥିଲେ ନିଯୁକ୍ତି ଏକ ନିୟମିତ ପ୍ରକ୍ରିୟା। ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକୁ ଖୁବ୍ ଶୀଘ୍ର ପୂରଣ କରାଯିବ।

### ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ

# ସରଗରମ ହୋଇପାରେ ଉଭୟ ସଦନ



ନୂଆଦିଲ୍ଲୀ, ୪।୬ : ଆସନ୍ତା ଜୁଲାଇ ୨୧ତାରିଖରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ। ଏ ନେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଏହି ଅଧିବେଶନ ଅଗଷ୍ଟ ୧୨ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଉଭୟ ରାଜ୍ୟସଭା ଓ ଲୋକସଭା ଅଧିବେଶନ ଏକକାଳୀନ ଆରମ୍ଭ ହେବ ଓ ଏକ ସମୟରେ ଶେଷ କରାଯିବ। ଏହି ଅଧିବେଶନରେ କେତେକ ବିଧେୟକ ଓ ଅଣବିଧେୟକ ଉପରେ ମଧ୍ୟ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ରିଜିଜୁ କହିଛନ୍ତି ଯେ, ଚଳିତ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅଣାଯିବ। ସେହିପରି ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସଂସଦକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସରକାର ବିରୋଧୀଦଳଙ୍କ ସହଯୋଗ ଲୋଡିଛନ୍ତି। ସରକାର ଚାହୁଁଛନ୍ତି ଅଧିବେଶନ ସୁଚାରୁରୂପେ ଚାଲୁ ଓ ଦେଶ ହିତରେ ସକରାତ୍ମକ ଆଲୋଚନା କରାଯାଉ। ବିରୋଧୀଙ୍କ ଭାଗିଦାରୀ ଲୋକତନ୍ତ୍ରର ଆତ୍ମା ବୋଲି ଶ୍ରୀ ରିଜିଜୁ କହିଛନ୍ତି। ଏହି ଅଧିବେଶନ ବେଶ ସରଗରମ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ଜାମ୍ମୁ-କାଶ୍ମୀର ପହଲଗାମ ଆତଙ୍କୀ ଆକ୍ରମଣକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଇଣ୍ଡିମେଣ୍ଟର ସହଭାଗୀ ୧୬ଟି ରାଜନୈତିକ ଦଳ ମିଳିତଭାବେ ଏକ ବୈଠକ କରିଥିଲେ। ଏଥିରେ ପହଲଗାମ ଆତଙ୍କୀ ଆକ୍ରମଣ ଓ ଅପରେସନ ସିନ୍ଦୂରକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚିଠି କରାଯାଇଛି। ଏଥିରେ ଅପରେସନ ସିନ୍ଦୂର ସଂପର୍କରେ ଆଲୋଚନା କରିବା ପାଇଁ ବିରୋଧୀଦଳ ପ୍ରଧାନମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଅଧିବେଶନ ଡାକିବା ନିମନ୍ତେ ଦାବି ଉପସ୍ଥାପନ କରିଛନ୍ତି।



ଜଗତସିଂହପୁର ( ଭାସ୍କର ନ୍ୟୁଜ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ ସଚେତନତା ରଥକୁ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଶୁଭାରମ୍ଭ କରିଛନ୍ତି । ଏହି ରଥ ଜଗତସିଂହପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଏବଂ ପୌରାଞ୍ଚଳ ବୁଲି ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ଲୋକଙ୍କୁ ସଚେତନ କରାଇବ । ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବୁଲିବ ଓ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଅବକାରୀ ଅଧିକ୍ଷୀକା ଅନିତା ପ୍ରଧାନ, ଡେପୁଟି ଅବକାରୀ ଅଧିକ୍ଷୀକା ଆଦ୍ୟାଶା ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତିଙ୍କ ସମେତ ସମସ୍ତ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାଦ୍ୱାରା ଜିଲ୍ଲାରେ ଚାଲିଥିବା ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ ଲାଗିବ ଲଗାମ । ଏହି କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅବକାରୀ ବିଭାଗ ସଂକଳ୍ପବଦ୍ଧ ବୋଲି କୁହାଯାଇଛି ।



# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

## ପୃଥକ ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ

ଗୋପ (ଭାସ୍କର ନ୍ୟୁଜ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୃଥକ ପୃଥକ ୨ ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ । ଅଭିଯୋଗ ମୁତାବକ ଗତ ୨୯ ତାରିଖ ରାତ୍ର ପ୍ରାୟ ୯ ଟା ସମୟରେ ଗୋପ ଥାନା ଅଧିନ ବେଦପୁର ଗ୍ରାମର ବିଳାସିନୀ ସାହୁ ତାଙ୍କ ସ୍ୱାମୀ ଭଗବାନ ସାହୁ ଘରେ ଥିବା ବେଳେ ତାଙ୍କ ପଡୋଶୀ ଭ୍ରମରବର ସାହୁ, ମହାଦେବ ସାହୁ, ବାସୁଦେବ ସାହୁ, ସହଦେବ ସାହୁ, ଜୟଦେବ ସାହୁ, ବାଳୀ ସାହୁ, କାବେରୀ ସାହୁ, ମଞ୍ଜୁ ସାହୁ, ସଂଘବଦ୍ଧ ଭାବେ ହାତରେ ମାରଣାସ୍ତ୍ର ଧରି ତାଙ୍କ ଘରେ ପଶି ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହାକୁ ବିଳାସିନୀ ବାରଣ କରିବାରେ ସେମାନେ ଧରିଥିବା ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡକୁ ହାଣିଦେଇଥିଲେ । ସେ ତଳେ ପଡି ଚିତ୍କାର କରୁଥିବା





ବେଳେ ତାଙ୍କ ସ୍ୱାମୀ ଭଗବାନ ବାରଣ କରିବାରୁ ସେ ମଧ୍ୟ ତାଙ୍କ ଆକ୍ରୋଶର ଶିକାର ହୋଇଥିଲେ । ସେମାନଙ୍କ ଆକ୍ରମଣରେ ଭଗବାନଙ୍କ ମୁହଁ, ହାତ, କାନ୍ଧରେ ମଧ୍ୟ ଗଭୀର ଆଘାତ ଲାଗିଥିଲା । ସେମାନଙ୍କ ଚିତ୍କାର ଶୁଣି କେତେକ ସ୍ଥାନୀୟ ଲୋକେ ଆସିବାରୁ ସେମାନେ ଘଟଣାସ୍ଥଳରୁ ପଳାଇ ଯାଇଥିବା ବେଳେ ହତ୍ୟା ଧମକ ଦେଇଥିଲେ । ପରେ ଗୁରୁତର ଅବସ୍ଥାରେ ବିଳାସିନୀ ଓ ଭଗବାନ ଗୋପ ଡାକ୍ତରଖାନାକୁ ଆସିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ହସ୍ପିଟାଲରୁ ଆସିବା ପରେ ଏନେଇ ବିଳାସିନୀ ଥାନାରେ ଅଭିଯୋଗ କରିବାରୁ ପୋଲିସ ପକ୍ଷରୁ ୧୬୬/୨୫ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ଅପରପକ୍ଷରୁ ସହଦେବ ସାହୁ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ମୁତାବକ ସେହି ଦିନ ରାତ୍ରି ୯.୩୦ ମିନିଟ୍ ସମୟରେ ତାଙ୍କ ସାନ ଭାଇ ମହାଦେବ ସାହୁ ବେଗୁନିଆ ବଜାରରେ ଥିବା ତାଙ୍କ ଔଷଧ ଦୋକାନ ବନ୍ଦ କରି ଘର ନିକଟରେ ବାଇକ୍ ରଖୁଥିବା ସମୟରେ ଭଗବାନ ସାହୁ ଏବଂ ଜୟଦେବ ସାହୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହାତରେ ଧରିଥିବା ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କ ଠାରୁ ଟଙ୍କା ଓ ସୁନା ଅଳଙ୍କାର ଛଡାଇ ନେଇଥିଲେ । ହେଲେ ଉଭୟ ପକ୍ଷ ଏତଲାକୁ ନେଇ ପୋଲିସ ପୃଥକ ପୃଥକ ୨ ଟି ମାମାଲା ରୁଜୁ କରି ୪ ଦିନ ହେଲା କଣ ପାଇଁ ଚୁପ୍ ହୋଇ ବସିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଦାବି ହୋଇଛି ।

# ଜଳ ଭଣ୍ଡାର ନିର୍ମାଣ ଦାବି

ଜଗତସିଂହପୁର ( ଭାସ୍କର ନ୍ୟୁଜ ) ଦେବୀ ନଦୀରେ ଦେବୀଦୋଳ ଓ କନ୍ଦଳ ନଦୀରେ ବିଳାଶୁଣି (ବାଲିକୁଦ )ଠାରେ ଜଳଭଣ୍ଡାର ଓ ଚେକ୍ ଡ୍ୟାମ ନିର୍ମାଣ କରିବା ପାଇଁ ଜୁନ ଏକ ତାରିଖରେ ଏକ ବିରଳ ଦାବୀ ସମାବେଶ ବରିଷ୍ଠ ସାମ୍ବାଦିକ ଗଗନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାବେଶରେ ମୁଖ୍ୟମନ୍ତ୍ରୀ, ବିଧାୟକ ଛବି ମଲ୍ଲିକ ଓ ଅମରେନ୍ଦ୍ର ଦାସଙ୍କ ନିକଟକୁ ତିନୋଟି ପୃଥକ ଦରଖାସ୍ତରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱାକ୍ଷର କରିଥିଲେ ।ସାମ୍ବାଦିକ ବିନୟ ମିଶ୍ର ଇମେଲ୍ ଯୋଗେ ସଭା ସ୍ଥଳରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲେଖାଯାଇଥିବା ଦରଖାସ୍ତକୁ ପଠାଇଥିଲେ ।ଛବି ମଲ୍ଲିକଙ୍କ ନିକଟକୁ ଅଶୋକ ରାୟ ଓ ତ୍ରିଲୋଚନ ବେହେରାଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ କରିବା ପାଇଁ ପଠାଗଲା । ବିଧାୟକ ଅମରେନ୍ଦ୍ର ଦାସଙ୍କ ସୁପାରିଶ ଆଣିବା ପାଇଁ ସାମ୍ବାଦିକ ତପନ କୁମାର ରାଉତରାୟ ଓ ଜ୍ୟୋତି ରଞ୍ଜନ ପରିଡାଙ୍କୁ ଦାଇତ୍ୱ ଦିଆଗଲା । ଦୁଇ ବିଧାୟକଙ୍କ ସୁପାରିଶ ମିଳିବା ପରେ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତ୍ତି କରାଗଲା ।ଏଥିପାଇଁ ଅବସରପ୍ରାପ୍ତ ଆଇଏଏସ କୃଷ୍ଣଚନ୍ଦ୍ର ବଡୁଙ୍କ ସଭାପତିତ୍ୱରେ ଏକ କମିଟି ଗଠନ କରାଗଲା । ସ୍ଥାନୀୟ ଅଞ୍ଚଳର ଦୁଇଜଣ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ (ଜଳସେଚନ)ଙ୍କ ସମେତ ୨୫ଜଣଙ୍କୁ ମନୋନୀତ କରାଗଲା । ଉକ୍ତ ଅଭିଯାନ କୌଣସି ପ୍ରକାର ଧର୍ମଘଟ ଧାରଣା ବିରୋଧ ରେ ସାମିଲ ହେବନାହିଁ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି କଲା ।ଉକ୍ତ ମେଳିରେ କଟକ, ଜଗତସିଂହପୁର. ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରୁ ଦୁଇଶହ ସାମ୍ବାଦିକ ଓ ସମାଜସେବୀମାନେ ଯୋଗ ଦେଇଥିଲେ । ଏଭଳି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।



# ବିଜେଡି ପକ୍ଷରୁ ବିଜୁ ସମ୍ମାନ ସମାରୋହ



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ବିଜେଡି ପକ୍ଷରୁ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାର ଏ ୧ ବୃତ୍ତି ଶିକ୍ଷାର୍ଥୀଙ୍କ ବିଜୁ ମେଧା ସମ୍ମାନ ସମାରୋହ ୨୦୨୫ ନିଆଳୀସ୍ଥ ସାହୁ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଂଗଠକ ପ୍ରଦୀପ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡା ପ୍ରମୋଦ କୁମାର ମଲିକ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ସଭାପତି ଅତୁଲ୍ୟ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, ଜିଲ୍ଲା ପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର, ପ୍ରଭାକର ରାଉତ,ଆମ୍ବା ଅଧ୍ୟକ୍ଷ ବିଷ୍ଣୁ ଚରଣ ସ୍ୱାଇଁ ସେକ ହୁମାୟୁନ, ଦୀପ୍ତି ପ୍ରତିହାରୀ, ଅଭିମନ୍ୟୁ ମଲିକ, ଯୋଗ ଦେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ନିଆଳି ବ୍ଲକ ମାଧ୍ୟମିକ ଦଶମ ବୋର୍ଡ ପରୀକ୍ଷାରେ ଏ ୧ ହୋଇଥିବା ୬ ଜଣ ରୁଦ୍ର ପ୍ରସାଦ ପ୍ରଧାନ(୫୫୦) ପ୍ରୟାସ ରାଉତ (୫୪୧), ଅମୃତା ବିହାରୀ (୫୪୩), ଆଦ୍ୟାଶା ପ୍ରିୟଦର୍ଶିନୀ ସ୍ୱାଇଁ (୫୪୦), ଓମ୍ ପ୍ରକାଶ ରାଉତ (୫୪୩), ରୁଦ୍ର ପ୍ରସାଦ ଦାଶ (୫୪୦), ଓ ମଧୁସ୍ମିତା ମହାନ୍ତି (୫୩୯), ଦିବ୍ୟାଞ୍ଜଳି ରଗଡ (୫୩୫), ଶୁଭଶ୍ରୀ ସ୍ୱାଇଁ (୫୩୫), ଅମୃତା ସାହୁ (୫୨୯)ରୀତିକା ପ୍ରିୟଦର୍ଶିନୀ ସ୍ୱାଇଁ (୫୨୯), ଙ୍କ ସହିତ ସିବିଏସଇ ବୋର୍ଡ ପରୀକ୍ଷାରେ ଏବି ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ସ୍କୁଲ ନିଆଳିର ଅଚିନ୍ତା ସିଂହ (୯୦)% । ସେହିପରି ଉଚ୍ଚ ମାଧ୍ୟମିକ ପରୀକ୍ଷା କଳାରେ ନିଆଳି ବ୍ଲକ ଟପ୍ପର ହୋଇଥିବା ଛାତ୍ରୀ ଶୁଭଲିପ୍ସା ରାଉତ (୫୧୯) ଗୁଗୁଲି ସାହୁ (୫୧୮), ଅର୍ଫିଫା ତାରାନୁମ (୫୧୫), ସ୍ତବ ପ୍ରିୟା ଷଡ଼ଙ୍ଗୀ (୪୭୧), ବିଶ୍ୱ ସ୍ୱରୂପା ଶତପଥୀ (୩୮୧), ପାୟଲ ଜେନା (୪୭୩), ଅମରେନ୍ଦ୍ର ଗୁରୁ (୪୭୩), ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ବରୁଆ ସରପଞ୍ଚ ପ୍ରସାଦ କୁମାର ସ୍ୱାଇଁ, କସର୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# କୌଳିକ ବୃତ୍ତିକୁ ଚାପିଦେବା ନେଇ ଚକ୍ରାନ୍ତ ଅଭିଯୋଗ





ଜଳେଶ୍ୱର (ଭାସ୍କର ନ୍ୟୁଜ୍): ପ୍ରଯୁକ୍ତି ବିଦ୍ୟାର ଅଧିକ ପ୍ରୟୋଗ ହେଉଥିବାରୁ କୌଳିକବୃତ୍ତି ଲୋପ ପାଇବାକୁ ବସିଲାଣି । ସରକାର ବିଭିନ୍ନ କୌଳିକବୃତ୍ତି କରୁଥିବା କାରିଗରଙ୍କୁ ଉତ୍ସାହିତ କରୁଥିବାବେଳେ ଜଳେଶ୍ୱର ବ୍ଲକର ଦକ୍ଷିଣ ପ୍ରହରାଜପୁର ପଂଚାୟତର ମାଗୁଣିଆପଡା ଗ୍ରାମର ୯ନଂ ୱାର୍ଡରେ ଥିବା ୪୦ କୁମ୍ଭକାର ପରିବାର ସେମାନଙ୍କ ସମସ୍ୟା ସଂପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଘଟଣାରୁ ପ୍ରକାଶ, ଦକ୍ଷିଣ ପ୍ରହରାଜପୁର ମୌଜାର ଖାତା ନଂ ୧୧୦୫, ପ୍ଲଟ ନଂ ୩୦୯୩ ସରକାରୀ ଜାଗାରୁ କୁମ୍ଭକାରମାନେ ଉତ୍କୃଷ୍ଟ ମାଟି ବାପା, ଜେଜେବାପା ଅମଳରୁ ସଂଗ୍ରହ କରି ମାଟି ହାଣ୍ଡି, ଦୀପ, କଳସ, ମୂର୍ତ୍ତି ପ୍ରଭୃତି ବିଭିନ୍ନ ଆବଶ୍ୟକ ମାଟିପାତ୍ର ନିର୍ମାଣ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ଉକ୍ତ ସ୍ଥାନର ମାଟି ଏସବୁ ନିର୍ମାଣ ଲାଗି ଭଲ ହୋଇଥିବାରୁ ସେମାନେ ମାଟିକୁ ମୁଣ୍ଡେଇ ବା ସାଇକେଲରେ ଆଣୁଥିବା ବେଳେ ଗ୍ରାମର ୨ଜଣ ବ୍ୟକ୍ତି ଏହାକୁ ବିରୋଧ କରି ୫୦ହଜାର ଟଙ୍କା ଚାନ୍ଦା ମାଗିଥିବା କୁମ୍ଭକାରମାନଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି । ଏଠାରୁ ମାଟି ନ ମିଳିଲେ ମାଟିପାତ୍ର ନିର୍ମାଣ କରିବା ସମ୍ଭବ ହୋଇ ପାରିବ ନାହିଁ କିମ୍ବା ପରିବାର ପ୍ରତିପୋଷଣରେ ଅସମ୍ଭବ ବୋଲି କୁମ୍ଭକାର ନିରଞ୍ଜନ ଦାସ, ରଘୁନାଥ ବେହେରା, ଯୋଗେଶ ଦାସ, ଶମ୍ଭୁନାଥ ବେହେରା, ରଜନୀକାନ୍ତ ଦାସ, ତାରାମଣି ବେହେରା, ଲମ୍ବୋଦର ବେହେରା, ସୁମିତ୍ରା ବେହେରା, ନିରଞ୍ଜନ ବେହେରା, ଲକ୍ଷ୍ମୀଧର ବେହେରା, ରବିନ୍ଦ୍ର ବେହେରା ପ୍ରମୁଖ ଜିଲା ମାଇନିଂ ଅଧିକାରୀ, ତହସିଲଦାର ଓ ରାଇବଣିଆ ଥାନାକୁ ଲିଖିତ ଅଭିଯୋଗ କରିଛନ୍ତି ।

# ଇଦ୍‌ଜୁହା ଲାଗି ଶାନ୍ତି ବୈଠକ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଚଳିତ ମାସ ୭ ତାରିଖରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ଇଦ୍‌ଜୁହା ପର୍ବ ପାଳନ ହେବାକୁ ଥିବାରୁ ଜଳେଶ୍ୱର ଥାନା ପକ୍ଷରୁ ଶାନ୍ତିବୈଠକ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ଆଇଆଇସି ରଂଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଗୌରାଙ୍ଗ ଚରଣ ଘୋଷ, ନାମ୍ପୋ ଫାଣ୍ଡି ଅଧିକାରୀ କରଣ ମାରାଣ୍ଡି, ଭଗବାନ ବେହେରା, ମ୍ୟୁନିସିପାଲଟି ସହକାରୀ ଯନ୍ତ୍ରୀ ସୁଶିଲ ମୁର୍ମୁ ପ୍ରମୁଖ ଯୋଗଦେଇ ଭାଇଚାରାର ସହରରେ ସବୁ ଧର୍ମକୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମମାନ ସରକାରୀ ନୀତି ନିୟମରେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜୀବୀ ଫରିଦ୍ ଅହମ୍ମଦ, ସତ୍ୟସୁନ୍ଦର ଦାସ, କାଉନ୍‌ସିଲର ଆବାସ ଅଲ୍ଲି, ବାପି ମହାପାତ୍ର, ଚନ୍ଦନ ଦାସ, ଗୋବିନ୍ଦ ସାହୁ, ବାର ସଭାପତି କୁଂଜବିହାରୀ ଦାସ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଫାଲଗୁନୀ ପାଣିଗ୍ରାହୀ, ରାଜୀବ ପରିଡା, ଜୟନାଲ ସାହା, ଏସ୍‌କେ ମୋତିଲାଲ, ହାସିରୁଦ୍ଦିନ ବକ୍ସ, କମଳ ଚକ୍ରବର୍ତ୍ତୀ, ମମି ପଣ୍ଡା ପ୍ରମୁଖ ଯୋଗଦେଇ ସବୁଧର୍ମର ପର୍ବପର୍ବାଣୀ ପାଳନ ସମୟରେ ସହରରେ ଶାନ୍ତି ବଜାଇ ରଖିବାକୁ ନିବେଦନ କରିଥିଲେ ।

# ରବି କ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ପ୍ରାଥମିକ କୃଷି ସମବାୟ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକା ରେ ନିଆଳ ହାଟ ଠାରେ ରବି କ୍ରୟ କେନ୍ଦ୍ର ଉଦଘାଟନ ହୋଇଯାଇଛି । ସମବାୟ ସମିତିର ସମ୍ପାଦକ ଶିଶିର କୁମାର ସାହୁ ଓ ପିଏସଏସ ଅଧିକାରୀ, କେନ୍ଦ୍ରାପଡ଼ା ପ୍ରଶାନ୍ତ କୁମାର ରାଉତ,ଭିଏଡବ୍ଲୁ ରାଣୀ ସାହୁ ଓ ଆଳି ସହ କୃଷି ଅଧିକାରୀଣି ସୁଚେତା ପାତ୍ର ଙ୍କ ଉପସ୍ଥିତି ରେ ପୂଜାର୍ଚ୍ଚନା ପରେ ମଣ୍ଡି ରୁ ରବି କ୍ରୟ ଆରମ୍ଭ ହୋଇଛି । ଆଳି କଟକ ସମବାୟ ଅଧୀନରେ ଥିବା ୨୨ଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ର ର ଚାଷୀ ନିଆଳ ହାଟ ପାଖରେ ଥିବା ନିଆଳ ପ୍ରାଥମିକ କୃଷି ସମବାୟ କେନ୍ଦ୍ରରେ ସରକାର ଧାର୍ଯ୍ୟ କରିଥିବା କୁଇଣ୍ଟାଲ ପିଛା ମୁଗ ପାଇଁ ୮୬୮୨ ଟଙ୍କା ,ବିରି ୭୪୦୦ ଟଙ୍କା, ଚିନା ବାଦାମ ୬୭୮୩ ଟଙ୍କା ଓ ସୂର୍ଯ୍ୟମୁଖୀ ୭୨୮୦ ଟଙ୍କାରେ ନିଆଳ ମଣ୍ଡିରେ ଆଣି ବିକ୍ରୟ କରି ପାରିବେ ବୋଲି ଆଳି ସହ କୃଷି ଅଧିକାରିଣୀ ସୁଚେତା ପାତ୍ର ସୂଚନା ଦେଇଛନ୍ତି ।



||||||| ଠାକୁରମୁଣ୍ଡା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ ପ୍ରସଙ୍ଗ ||||||

# ପିଟିସନର ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଜିଲ୍ଲାପାଳ ଓ ବିଡିଓଙ୍କୁ ନିର୍ଦ୍ଦେଶ

କରଞ୍ଜିଆ (ଭାସ୍କର ନ୍ୟୁଜ୍): ଠାକୁରମୁଣ୍ଡା ସରପଞ୍ଚ ଆଲୋକ ଦଙ୍ଗ ଇସ୍ତଫା ଦେବାର ଦୁଇବର୍ଷ ପରେ ଏବେ ନିର୍ବାଚନ ଅଧିକାରୀ ଏହି ପଂଚାୟତର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ଘୋଷଣା କରିଛନ୍ତି । ହେଲେ ସରପଞ୍ଚ ଆଲୋକ ଦଙ୍ଗ ଇସ୍ତଫା ଦେବାର ଦୁଇ ବର୍ଷ ପରେ ଏଭଳି ଉପ ନିର୍ବାଚନ କରିବା ପାଇଁ ପଂଚାୟତବାସୀ ନାପସନ୍ଦ କରିଛନ୍ତି । ଏଥିପାଇଁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ ହେବା ପରେ ମାନ୍ୟବର ହାଇକୋର୍ଟ ମୟୁରଭଞ୍ଜ ଜିଲ୍ଲାପାଳ ଓ ଠାକୁରମୁଣ୍ଡା ବିଡ଼ିଓଙ୍କୁ ପିଟିସନ ଉପରେ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି ।ଏହି ନିର୍ଦ୍ଦେଶ ମତେ ଜିଲ୍ଲାପାଳ ହେମକାନ୍ତ ସୟ, ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ନାଏବ ସରପଞ୍ଚ ପ୍ରମିଳା ଲୁଗୁନଙ୍କୁ ଆସନ୍ତା ୫ ତାରିଖ ଦିନ ଜିଲ୍ଲାପାଳଙ୍କ ନିକଟରେ ହାଜର ହେବାପାଇଁ ନୋଟିସ ଜାରି କରି ଥିବାର ଜଣାଯାଇଛି । ତେବେ ଏହି ପଂଚାୟତର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ତାରିଖ ଆସନ୍ତା ୧୧ ତାରିଖ ଦିନ ନିର୍ଦ୍ଧାରିତ ହୋଇଥିବା ବେଳେ ଏଥିପାଇଁ ପ୍ରାର୍ଥୀମାନେ ଜୋରସୋରରେ ପ୍ରଚାର କାର୍ଯ୍ୟ ଚଳାଇଥିବାର ଦେଖାଯାଉଛି । ଏବେ ଦେଖିବାକୁ ବାକି ରହିଲା ଯେ, ପ୍ରକୃତ ରେ ଏହି ଉପନିର୍ବାଚନ ହେବ ନା ନାହିଁ । ଏଥିନେଇ ସାଧାରଣରେ ନାନା ପ୍ରକାରର ଆଲୋଚନା ପର୍ଯ୍ୟାଲୋଚନା ହେଉଥିବାର ଶୁଣିବାକୁ ମିଳୁଛି ।

# ଟାୱାରରୁ ଯନ୍ତ୍ରାଂଶ ଚୋରି କରି ୭ ଗିରଫ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ବିନିସପୁରରେ ଥିବା ଏକ ଘରୋଇ ଟେଲିକମ ଟାୱାରରୁ ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ନିଆଳି ଥାନାରେ ଟାୱାର ନିର୍ମାଣ କରିଥିବା ସଂସ୍ଥାର ଅଧିକାରୀ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଗରଡ଼ପୁର ଗ୍ରାମର ଆଶିଷ କୁମାର ପଣ୍ଡା ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ନିଆଳି ଥାନା ପୋଲିସ ୨୫୨/୨୫ ରେ ମାମଲା ରୁଜୁ କରି ୭ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଚଗୁନ ବାରିକ ଓରଫ ଚଗ (୩୦), ଗୋପାଳ ଚନ୍ଦ୍ର ମହାନ୍ତି (୨୮),ପ୍ରଫୁଲ୍ଲ କୁମାର ଜେନା ଟୁଟୁ (୫୮), ପ୍ରକାଶ ମହାନ୍ତି ବାପୁନି (୩୦), ଭିକାରି ମହାନ୍ତି (୫୮), ପଦୁ ଜେନା (୬୨) । ୬ ଜଣ ଙ୍କ ଘର ଭଦ୍ରକ ଜିଲ୍ଲା ବନ୍ତଲା ଥାନା ବୋଲି ପୋଲିସ କହିଥିବା ବେଳେ ଅନ୍ୟ ଜଣେ ହେଲେ ଆଜିତ କୁମାର ପ୍ରଧାନ -ବାବୁଲା (୫୦), ଘର ପୁରୀ ଜିଲ୍ଲା ପିପିଲି ଥାନା ଅଧିନସ୍ଥ ସୁବଳପୁର ଗ୍ରାମର ବୋଲି ଜଣାପଡିଛି । ସେମାନଙ୍କ ଠାରୁ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି । ସେମାନଙ୍କୁ ୨୫ ଟେଲିକମ ଆକ୍ଟରେ ଦଫା ୨୫୨, ୨୫୧, ୩୦୩, ୩୨୩, ୩୧୯ ୩କ୍ଲଜ ବିଏନ ଏସଆକ୍ଟରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସଦର ଏସ୍ଡିପିଓ କିରଣ ହେମ୍ବ୍ରମ ନିଆଳି ଥାନା ଆଇଆଇସି ବିଜୟ କୁମାର ମଳିକ ସୂଚନା ଦେଇଛନ୍ତି ।




# ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀ ଜଳ କଷ୍ଟ ଦୂର କରିବା ଲାଗି ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବା ନିମନ୍ତେ ତତ୍କାଳୀନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବୋଲଗଡ ବ୍ଲକ ପାଟପୁର ଶାସନ ପଞ୍ଚାୟତର ସାନ ନୟାପଲ୍ଲୀ ଠାରେ ନିର୍ମାଣଧୀନ ବିଶୋଧନ ମେଗା ପାନୀୟ ଜଳ ପ୍ରକଳ୍ପ କେନ୍ଦ୍ର କାର୍ଯ୍ୟ ଶେଷ ହୋଇଛି । ତେବେ ନିର୍ବାଚନ ମଣ୍ଡଳୀର କିଛି ଗ୍ରାମରେ ପାଇପ୍ ବିଛାଇବା କାର୍ଯ୍ୟ ବାକି ରହିବା ସହ ଉଚ୍ଚ ଟାଙ୍କି ନିର୍ମାଣ ଶେଷ ପର୍ଯ୍ୟାୟ ଅଛି । ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ପରିଦର୍ଶନ କରି ବିଭାଗୀୟ ଅଧିକାରୀ ପ୍ରକଳ୍ପ ନିର୍ମାଣ କରୁଥିବା କମ୍ପାନୀର ପଦାଧିକାରୀଙ୍କ ଉପସ୍ଥିତିରେ ନିର୍ମାଣଧୀନ ପ୍ରକଳ୍ପର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିଜେ ମେଗା ପ୍ରକଳ୍ପ ଠାରେ ନିଜେ କମ୍ପ୍ୟୁଟର ମାଧ୍ୟମରେ ମହାନଦୀ ଆସୁଥିବା ଜଳର ଗତିପଥ ଓ ସ୍ୱଚ୍ଛତା ଯାଞ୍ଚ କରିବା ସହ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ପ୍ରକଳ୍ପ ଷ୍ଟାଟ୍ର କାର୍ଯ୍ୟ ଆରମ୍ଭ କରିଥିଲେ । କାର୍ଯ୍ୟକୁ ନଜରରେ ରଖି କିଭଳି ସୁବିଧାରେ ପ୍ରତି ଘରକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବା ସେଥିପାଇଁ ଆଜି ନିଜ ବିଧାୟକ ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧି ଉପସ୍ଥିତିଙ୍କ ସହ ଗାଁ ଗାଁରେ ବୁଲି ମାରାଥନ ସମୀକ୍ଷା କରିଛନ୍ତି । ବୋଲଗଡ ବ୍ଲକର ୬ ପଞ୍ଚାୟତ ସମସ୍ତ ଅଂଚଳ ବୁଲିବା ସହ ଯେଉଁ ସବୁ ଗାଁ କୁ ସମ୍ପୂର୍ଣ୍ଣ ରୂପେ ପାଣି ଯୋଗାଣ ହୋଇଛି ସେ ମଧ୍ୟରେ କାଦୁଅପଡା, କୋଦୁଅବେରେଣି, ଗେଡ଼ିଆପଲ୍ଲୀ, ମାଣିବନ୍ଧର କେତେକ ଗାଁରେ ହୋଇଥିବା କାର୍ଯ୍ୟ ଦେଖି ନିଜେ ଜଳର ମାନ ପରୀକ୍ଷା କରି ସମସ୍ତ ଅଧିବାସୀ ବ୍ୟବହାର କରିବାକୁ କହିଥିଲେ । ଏହି ମହାନଦୀର ଜଳକୁ ବେଗୁନିଆ ବୋଲଗଡ ୨ ବ୍ଲକର ୪୦ ଟି ପଞ୍ଚାୟତରୁ ୩୫ ପଞ୍ଚାୟତ ୩୩୭ ଗ୍ରାମ ୫୨୯୮୭ ପରିବାର ୨ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଉକ୍ତ ପ୍ରକଳ୍ପରୁ ପାଣି ପାଇବେ । ବିଧାୟକଙ୍କର ଘନଘନ ସମୀକ୍ଷା ଓ ତଦାରଖ ପାଇଁ ବହୁ ବିଳମ୍ବ କାର୍ଯ୍ୟଟି ଖୁବ୍ କମ୍ ଦିନରେ ସାକାର ହୋଉଥିବାରୁ ଅଞ୍ଚଳବାସୀ ବିଧାୟକଙ୍କ ଠାରେ ଖୁସି ବ୍ୟକ୍ତ କରିଛନ୍ତି ।



# ଜବରଦଖଲକାରୀଙ୍କ କବଜାରେ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଜମି

## ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ବର୍ଷବର୍ଷଧରି ସରକାରୀ ଜମି ଦବରଦଖଲରେ ରହିଥିବା ରୁ ସେଗୁଡିକର ଉଚ୍ଛେଦ ପାଇଁ ସରକାର ଅହରହ ଚେଷ୍ଟା ଚଳାଇଥିବାବେଳେ ପ୍ରଶାସନର କୋହଳ ମନୋଭାବର ସୁଯୋଗ ନେଇ ଜବରଦଖଲକାରୀ ବେଲଗାମ । ସେମାନେ ନା ମାନୁଛନ୍ତି ସରକାରୀ ନିୟମ ନା ଉଚ୍ଛେଦ ପାଇଁ ଅଛି ଭୟ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ରଘୁନାଥପୁର ତହସିଲ ଅଧିନ ରଘୁନାଥପୁର ଠାରେଥିବା ବହୁପୁରାତନ ହାଇସ୍କୁଲ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ । ବିଦ୍ୟାଳୟର ନିଜସ୍ୱ ଜମିକୁ ରଘୁନାଥପୁର ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ଦୀର୍ଘବର୍ଷ ଧରି ଜବରଦଖଲରେ ରଖିଛନ୍ତି । ଯାହାଫଳରେ ବିଦ୍ୟାଳୟର ଜମି ସଂକୁଚିତ ହେଉଥିବାରୁ ବିଦ୍ୟାଳୟର ଖେଳକୁଦ ଠାରୁ ଆରମ୍ଭକରି ପାଚେରୀ ନିର୍ମାଣ,ନୂତନ ଶ୍ରେଣୀଗୃହ ନିର୍ମାଣ ଓ ସରକାରୀସ୍ତରୀୟ କାର୍ଯ୍ୟକ୍ରମରେ ବାଧାସୃଷ୍ଟି ହେଉଛି । ଯାହାକୁ ନେଇ ଗ୍ରାମବାସୀ ଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହେଇଆସୁଥିଲେ ମଧ୍ୟ ପ୍ରଶାସନ ର ନିରବତାକୁ ନେଇ ବିଦ୍ୟାଳୟର ମୂଲ୍ୟବାନ ଜମି ଜବରଦଖଲ ଯୋଗୁ ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି । ତୁରନ୍ତ ଏହି ଜମିକୁ ଉଚ୍ଛେଦ କରିବା ପାଇଁ ଗ୍ରାମର ନରେନ୍ଦ୍ର ନାଥ ଗୋଛାୟତ, ମନୋରଂଜନ ସାହୁ,ପ୍ରଦୀପ ପରିଡା, ବାସୁଦେବ ବେହେରା, ରାଜକିଶୋର ସାହୁ, ଶାରଦା ପ୍ରସନ୍ନ ଦାଶ, ସୁନିଲ ଗୋଛାୟତ, ବୈଷ୍ଣବ ସାହାଣୀ, ପ୍ରମୋଦ କୁମାର ସେନାପତି, ଦିଲିପ କୁମାର ସେନାପତି ,ବାବୁଲି ବେହେରା, ଅଭିଷେକ ମିଶ୍ର,ଚିନ୍ମୟ ପ୍ରସନ ଦାଶ, ଙ୍କ ସମେତ ବହୁବ୍ୟକ୍ତି ରଘୁନାଥପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିବାର ଜଣାଯାଇଛି ।

# କ୍ରିୟାକର୍ମରେ ବ୍ରାହ୍ମଣ ନଲଗେଇବା ଅପପ୍ରଚାରକୁ ନେଇ ବୈଠକ

କାଳିମେଳା (ଭାସ୍କର ନ୍ୟୁଜ): ସୂଚନା ଯୋଗ୍ୟ ଯେ କାଳିମେଳାରେ ବସବାସ କରୁଥିବା ନନୀ ଗୋପାଳଙ୍କ ମୃତ୍ୟୁ ପରେ କୌଣସି କାର୍ଯ୍ୟରେ ବ୍ରାହ୍ମଣ ବ୍ୟବହାର ନ ହେବା ନେଇ କାଳିମେଳାରେ ଏକ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ତାଙ୍କ ଘରେ ୧୩ ଦିନ ବେଳେ ଜ୍ଞାତି ଭୋଜନ ସମୟରେ ଲଗା ଯାଇଥିବା ଟେଣ୍ଟ ନିକଟସ୍ଥ ଶିବ ମନ୍ଦିର ସହ ଯୋଡ଼ି ଲଗାଇବା ନେଇ କଥା କଟାକଟି ଚାଲିଥିଲା । ପରିବାର ଲୋକେ ବ୍ରାହ୍ମଣ ନ ଲଗେଇ ଶୁଦ୍ଧ ନ ହୋଇ ମନ୍ଦିର ସହ ଟେଣ୍ଟ ବାନ୍ଧିବା ଓ ଭୋଜନରେ କାଳିମେଳା ଅଞ୍ଚଳବାସୀ ଏଥିରେ ସାମିଲ ହେବେ ନାହିଁ ବୋଲି ମତ ରଖିଥିଲେ । ଟେଣ୍ଟ ବନ୍ଧା ନେଇ କଥା କଟାକଟି ସମୟରେ ଉତ୍ତମ ଓଝା ଏହାକୁ ବିରୋଧ କରିବାରୁ ତାଙ୍କୁ ମୃତକଙ୍କ ପରିବାର ଲୋକେ ଗାଳିଗୁଲଜ କରିଥିଲେ । ଉତ୍ତମଙ୍କ କହିବା କଥା ସେ ବ୍ରାହ୍ମଣ ବ୍ୟବହାର ନ କରିବାକୁ ବିରୋଧ କରିନଥିଲେ । ସେ ମନ୍ଦିର ସହ ଯୋଡ଼ି କରି ଟେଣ୍ଟ ବନ୍ଧାକୁ ବିରୋଧ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଛି ।ଆଜି ଏକ୍ ପ୍ରେସମିଟ୍‌ରେ ଉତ୍ତମ୍ ଓଝା ଓ ବିଭନ୍ନ ହିନ୍ଦୁ ସଂଗଠନ, ବ୍ରାହ୍ମଣ ସମାଜ ଲୋକେ କୌଣସି କର୍ମରେ ବ୍ରାହ୍ମଣ ବ୍ୟବହାର ନ କରିବା କିଛି ବ୍ୟକ୍ତି ବିଶେଷଙ୍କ ନା କହି ସେମାନେ ଏହାକୁ ଜିଲ୍ଲାରେ ମାଟୁଆ ସମାଜ ନା କହି ଏକ ଅପପ୍ରଚାର ସୃଷ୍ଟି କରୁଛନ୍ତି । ନିରୀହ ମଟୁଆମାନେ ଏହି କୁପ୍ରଚାରର ଶିକାର ହେବା ସହ ସମାଜରେ ମଧ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛନ୍ତି । ସେ ନିର୍ଦ୍ଦିଷ୍ଟ ଭାବେ ସୁଧାଂଶୁ ବିଶ୍ୱାସ, ରବିନ୍ ବିଶ୍ୱାସ, ଅନିମେଷ ବିଶ୍ୱାସ, ଆଶା ମାଳି, ସେମାନେ ନିଜକୁ ମାଟୁଆ କହିବା ସହ ଏହା ହିନ୍ଦୁ ଧର୍ମ ନୁହେଁ ଏଥିରେ ବ୍ରାହ୍ମଣର ବ୍ୟବହାର ନାହିଁ । ବ୍ରାହ୍ମଣମାନେ ମାଦକ ଦ୍ରବ୍ୟ ବ୍ୟବହାର ସହ ପାନ କରନ୍ତି । ଏହା ଦ୍ୱାରା ଶୁଦ୍ଧି ହୋଇପାରିବ ନାହିଁ । ଏହା ସହ ଉତ୍ତମ ଅଭିଯୋଗ ଆଣିଛନ୍ତି କିଛି ଅନ୍ୟ ଗୋଷ୍ଠୀ ର ଲୋକ ଙ୍କ ଠାରୁ ଏମାନେ ପଇସା ନେଇ ଏହିଭଳି ଲୋକଙ୍କ ମଧ୍ୟରେ ଅପପ୍ରଚାର ସୃଷ୍ଟି କରିବା ସହ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ।



ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅସରାଏ ବର୍ଷାରେ ଭୁବନେଶ୍ୱରରେ ଜଳବନ୍ଦୀ ସମସ୍ୟା ନେଇ ପ୍ରତିକ୍ରିୟା ରଖିଛନ୍ତି ବିଏମସି ମେୟର ସୁଲୋଚନା ଦାସ । ସେ କହିଛନ୍ତି ଯେ, ରାଜଧାନୀରେ ୧୭ ଟି ଜାଗାରେ ଜମିବ ପାଣି। ଗତ ବର୍ଷ ଅପେକ୍ଷା ସମ୍ବେଦନଶୀଳ ଅଞ୍ଚଳ ଅନେକ କମିଛି। ପୂର୍ବରୁ ୭୧ଟି ଥିବା ବେଳେ ଏବର୍ଷ ଏହାକୁ ୧୭କୁ ଅଣାଯାଇଛି। ମୁଖ୍ୟ ନାଳ ସହ ଛୋଟ ଡ୍ରେନକୁ ସଫା କରାଯାଉଛି। ଜୁନ ୩୦ ସୁଦ୍ଧା ସମସ୍ତ ଡ୍ରେନ ସଫା ହେବ। ଅତ୍ୟଧିକ ବର୍ଷା ହେଲେ କିଛି ଜାଗାରେ ପାଣି ଜମିବ। ଏହା ପାଇଁ ମଧ୍ୟ ବିଏମ୍‌ସି ପ୍ରସ୍ତୁତ ହେଉଛି। ଦୟା ଓ ଗଙ୍ଗୁଆ ସଫେଇ ପାଇଁ କୁହାଯାଇଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ସଫେଇ କାର୍ଯ୍ୟକୁ ଆହୁରି ସୁଦୃଢ଼ୀକରଣ କରାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯିବ । ଏହି ସଫେଇ କାର୍ଯ୍ୟରେ ସମସ୍ତ କାର୍ଯ୍ୟକୁ ଠିକ୍ ଭାବରେ ତ୍ୱରାନ୍ୱିତ କରାଯିବ ।

## 'ଏକ୍ ପେଡ୍ ମା' କେ ନାମ୍ ୨.୦'ଅ ଅଭିଯାନର ଶୁଭାରମ୍ଭ ହେବ

# ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ଏକ୍ ପେଡ୍ ମା' କେ ନାମ୍' ଅର୍ଥାତ୍ 'ମା'ଙ୍କ ନାମରେ ଗୋଟିଏ ଗଛ' ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା । ଚଳିତବର୍ଷ ଏହି ବୃହତ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ 'ମାଙ୍କ ନାମରେ ଗୋଟିଏ ଗଛ ୨.୦'ର ଶୁଭାରମ୍ଭ ହେଉଛି । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ଜୁନ ୫ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା ପାଇଁ ଦେଶବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଭିଡିଓ ମେସେଜ୍ ଜରିଆରେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ର ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଏକ୍ ପେଡ୍ ମା' କେ ନାମ୍' ଏକ ଭାବନାତ୍ମକ ବିଚାର । ଭାରତ ସରକାର ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ କରିବା ପାଇଁ ଏହାକୁ ଆରମ୍ଭ କରିଥିଲେ । ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମନରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ



। ଦେଶବାସୀଙ୍କ ସଫଳ ପ୍ରଚେଷ୍ଟା ଯୋଗୁଁ 'ମା'ଙ୍କ ନାମରେ ଗୋଟିଏ ଗଛ' ଏକ ବଡ ଅଭିଯାନରେ ପରିଣତ ହୋଇଛି । ଏହି ଅଭିଯାନ ଅଧୀନରେ ସମଗ୍ର ଭାରତବର୍ଷରେ ସାଢେ ୫ କୋଟିରୁ ଅଧିକ ଗଛ ଲଗାଯାଇଛି । ଏହା କେବଳ ଏକ ଗଛ ନୁହେଁ, ବରଂ ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଏକ ନିଚ୍ଛକ ପ୍ରମାଣ । ଏହା ମାଟି ମାଆ ପ୍ରତି ଆମର ପ୍ରେମ ଏବଂ ନିବିଡ଼ତାର ପ୍ରତୀକ । ଛତିଶଗଡ଼ରେ ଶିଶୁ ଏବଂ ମାଆ ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ ସିଡ୍ ବଲ୍, ତ୍ରିପୁରାରେ ଗଛ ଲଗାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରାଜସ୍ଥାନରେ ୧.୫ କୋଟିର ଚାରାରୋପଣ ଏହି ଅଭିଯାନକୁ ନୂଆ ପରିଚୟ ଦେଇଛି । ଓଡ଼ିଶା ପ୍ରଦେଶ ସମେତ ସମଗ୍ର ଦେଶବାସୀଙ୍କ ପ୍ରଚେଷ୍ଟା ଏହି ରାଷ୍ଟ୍ରୀୟ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଅଭିଯାନ କେବଳ ଏକ ପରିସଂଖ୍ୟାନରେ ସୀମିତ ନୁହେଁ ବରଂ ପ୍ରକୃତି ପ୍ରତି ଥିବା ଆମର ସ୍ନେହ ଏବଂ ଦାୟିତ୍ୱବୋଧତାର ସ୍ୱରୂପ ଅଟେ । ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ, ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ । ସାରା ବିଶ୍ୱରେ ସ୍ଥାୟୀ ବିକାଶର ପ୍ରୟାସକୁ ମାର୍ଗଦର୍ଶନ କରୁଥିବା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଅନୁସାରେ-ଜଳବାୟୁ ସଂକଟର ସମାଧାନ କେବଳ ନୂଆ ପଦ୍ଧତିରେ ନୁହେଁ ବରଂ ଆମର ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଦ୍ୱାରା ସମ୍ଭବ ହେବ । ଏହି ଚିନ୍ତାଧାରାକୁ ଆଗକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ମିଶନ ଲାଇଫ୍'ର ଶୁଭାରମ୍ଭ କରିଛନ୍ତି । ମହାତ୍ମା ଗାନ୍ଧୀ ଥରେ ଅତ୍ୟନ୍ତ ପ୍ରେରଣାଦାୟୀ କଥା କହିଥିଲେ । ସେ କହିଥିଲେ 'ତୁମେ ସେହିପରି ଭାବରେ ନିଜକୁ ପରିବର୍ତ୍ତନ କର, ଯେଉଁ ପରିବର୍ତ୍ତନ ତୁମେ ଦୁନିଆରେ ଦେଖିବାକୁ ଚାହୁଁଛ' । ଏହା ଅତ୍ୟନ୍ତ ଖୁସି ଏବଂ ଗର୍ବର ବିଷୟ, ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ -ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଦାୟିତ୍ୱବାନ ଏବଂ ସମ୍ବେଦନଶୀଳତା ସହ ଏହି ପରିବର୍ତ୍ତନର ଜଣେ ଜଣେ ଉତ୍ତମ ନାୟକ ହେଉଛନ୍ତି । ଏହାର ପ୍ରମାଣ ହେଉଛି, ୨୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୫୦ ଲକ୍ଷରୁ ଅଧିକ ଗଛ ପାଇଁ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି । ଏହା ହିଁ ଭାରତର ବିଶାଳ ପରିବେଶ ଜ୍ଞାନକୁ ଡିଜିଟାଲ୍ ଏବଂ ସୁଲଭ କରିଛି । ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ ସମସ୍ତେ ନିଜର ମା'ଙ୍କ ନାମରେ ଗୋଟିଏ ଗଛ ଲଗାନ୍ତୁ । ତାହାର ସୁରକ୍ଷା ଓ ଯତ୍ନ ନିଅନ୍ତୁ । ସେହି ଗଛକୁ ବଡ ହେବାକୁ ଦିଅନ୍ତୁ ଏବଂ ଏହାର କାହାଣୀ ଅନ୍ୟମାନଙ୍କୁ କୁହନ୍ତୁ । ଆମେ ଲଗାଉଥିବା ପ୍ରତିଟି ଚାରା ଏକ ବାର୍ତ୍ତା ବହନ କରେ ଯେ, ଆମେ ପ୍ରକୃତିର ଚିନ୍ତା କରୁ ଏବଂ ତା'ର ସୁରକ୍ଷା ପାଇଁ ମୁଁ ବେଶ୍ ଯତ୍ନବାନ ଅଛୁ । ଯେତେବେଳେ ଜଣେକ ବ୍ୟକ୍ତି ଗୋଟିଏ ଗଛ ଲଗାଉଛନ୍ତି, ସେତେବେଳେ ଏକ ଆଶାର ସଞ୍ଚାର ସୃଷ୍ଟି ହେଉଛି ଏବଂ ଏହି ଆଶାର ସଂଚାର ଆସନ୍ତାକାଲି ଏକ ସବୁଜ ଆନ୍ଦୋଳନର ସୂତ୍ରପାତ କରିବ, ଏହା ମୋର ପୂର୍ଣ୍ଣ ବିଶ୍ୱାସ । ମାଟି ମାଆର ସୁରକ୍ଷା ପାଇଁ ସବୁଠୁ ବଡ଼ ଜନ ଆନ୍ଦୋଳନ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।



ବିଏମ୍‌ସି ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଏବଂ ଅଗ୍ନିଶମ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

# କୃଷ୍ଣ ପ୍ରସାଦ ରାସ୍ତା ନିର୍ମାଣରେ ନିମ୍ନମାନ କାମର ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ତ୍ତ ବିଭାଗର ଏକ ରାସ୍ତାର ନିର୍ମାଣରେ ନିମ୍ନମାନର କାମ ହେଉଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ବିଜୁ ଜନତା ଦଳ ତରଫରୁ ଏହି କାର୍ଯ୍ୟକୁ ନିନ୍ଦା କରାଯିବା ସହିତ ରାଜ୍ୟ ସରକାର ଏକ୍ସପର୍ଟ କମିଟି ପଠାଇ ଏହାର ତଦନ୍ତ କରିବାକୁ ଦାବି କରିଛି । ଶଙ୍ଖ ଭବନରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଥିଲେ, ନନ୍ଦଳାରୁ କୃଷ୍ଣ ପ୍ରସାଦ ଦୀର୍ଘ ୨୩ କିମି ରାସ୍ତା ପାଇଁ ଟେଣ୍ଡର ଡକାଯାଇଥିଲା । ଏହି ଟେଣ୍ଡରକୁ ୨୩ କୋଟି ୧୭ ଲକ୍ଷ ଟଙ୍କାରେ କାମଟିକୁ ବଳଭଦ୍ର ଡେଭେଲପର୍ସ ପ୍ରାଇଭେଟ ଲିମିଟେଡ୍‌କୁ ଟେଣ୍ଡର ଜରିଆରେ ଦିଆଯାଇଥିଲା । ଏହି ଟେଣ୍ଡରରେ ପୂର୍ବରୁ ଥିବା ୫.୫ ମିଟର ରୋଡ୍‌କୁ ଉଭୟ ପଟରୁ ୦.୭୫ ମିଟର ଚଉଡା କରି ନିର୍ମାଣ କରାଯିବାର ଥିଲା । ଟେଣ୍ଡରରେ ପୂର୍ବରୁ ଥିବା ରୋଡ୍‌କୁ ତଡାଯାଇ ସମ୍ପୂର୍ଣ୍ଣ ରୋଡ୍ ନୂଆ କରି ନିର୍ମାଣ କରାଯିବାର ଥିଲା । କିନ୍ତୁ, ଏହି କାମରେ ନିମ୍ନମାନର କାମ ହେଉଛି ବୋଲି ସାଧାରଣ ଲୋକେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ପୂର୍ତ୍ତ ବିଭାଗର ଏହି ମନମୁଖୀ କାର୍ଯ୍ୟକୁ ବିଜୁ ଜନତା ଦଳ ତରଫରୁ ଦୃଢ଼ ନିନ୍ଦା କରାଯିବା ସହିତ ପୂର୍ତ୍ତ ମନ୍ତ୍ରୀ ତୁରନ୍ତ ଏହି କାମକୁ ତଦାରଖ କରିବା ପାଇଁ ଏକ ଏକ୍ସପର୍ଟ କମିଟି ପଠାଇବାକୁ ଶ୍ରୀ ଦାସବର୍ମା ଦାବି କରିଛନ୍ତି । ଏହି ଏକ୍ସପର୍ଟ କମିଟି ତୁରନ୍ତ ରାସ୍ତା ନିର୍ମାଣ ସ୍ଥଳକୁ ଯାଇ ନିମ୍ନମାନର କାମ ହେଉଛି ବୋଲି ଅଭିଯୋଗ କରୁଥିବା ସ୍ଥାନୀୟ ବାସିନ୍ଦା ମାନଙ୍କ ସହିତ ଆଲୋଚନା କରି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଶ୍ରୀ ଦାସବର୍ମା

## ୪ଜଣଙ୍କୁ ଅବନୀ ବରାଳ ସମ୍ମାନ

# 'ଅବନୀ ଥିଲେ ଶିକ୍ଷକ ଆନ୍ଦୋଳନର ଅଗ୍ରଗଣ୍ୟ ଯୋଦ୍ଧା'

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ପ୍ରଖ୍ୟାତ ଶିକ୍ଷକ ନେତା, ଶିକ୍ଷାବିତ୍, ସାହିତ୍ୟିକ ଓ ସାମ୍ୟବାଦୀ ନେତା ଅବନୀ ବରାଳଙ୍କ ୯୧ତମ ଜୟନ୍ତୀ ଓ ସମ୍ମାନ ପ୍ରଦାନ ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅବନୀ ବରାଳ ଫାଉଣ୍ଡେସନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି, ଫାଉଣ୍ଡେସନର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ବରେଣ୍ୟ ଅତିଥି ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ




ବିଭାଗ ପ୍ରାଧ୍ୟାପିକା ପ୍ରଫେସର ସଂଘମିତ୍ର ଭଞ୍ଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ବରାଳଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୪ଜଣ ବିଶିଷ୍ଟ ବ୍ୟକ୍ତି ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ଅରବିନ୍ଦ ରାଉତରାୟ, ବରିଷ୍ଠ ଶିକ୍ଷାବିତ୍ ଗୋପାଳକୃଷ୍ଣ ନନ୍ଦ, ଶିକ୍ଷକ ନେତା କିଶୋର ଚନ୍ଦ୍ର ପଣ୍ଡା ଓ କର୍ମଚାରୀ ନେତା ଅଜୟ ସାହୁଙ୍କ ଅବନୀ ବରାଳ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଉତ୍ସବରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାସ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସଂପାଦକ ସୁକାନ୍ତ ବେହେରା ଏବଂ ଏଲିମେଣ୍ଟାରୀ ଶିକ୍ଷକ ସଂଘର ସାଧାରଣ ସଂପାଦକ ପ୍ରବୀଣ କୁମାର ଦାସ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର ସଭାପତି ତଥା ଶିକ୍ଷାବିତ୍ ପ୍ରଫେସର ମାନସ ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରଫେସର ମୃତ୍ୟୁଞ୍ଜୟ ରଥ। ଅକ୍ଷୟ କୁମାର ମହାନ୍ତି, ବେଣୁଧର ଦାସ, ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ଧିରେନ୍ଦ୍ର କୁମାର ଜେଠୀ ମାନପତ୍ର ପାଠ କରିଥିଲେ।

# 'ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ପାଇଁ ଉଚ୍ଛେଦଙ୍କୁ ଥଇଥାନ କର'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ପାଇଁ ଗତ କିଛି ଦିନ ତଳେ ଆଦିବାସି ପରିବାରକୁ ନିୟମ ଭଙ୍ଗକରି ସରକାର ଜୋରଜବରଦସ୍ତ ଉଚ୍ଛେଦ କରିଛନ୍ତି । ନିୟମ କହୁଛି ବିନା ପଲ୍ଲିସଭାରେ କୌଣସି ଆଦିବାସି ବସ୍ତି ଉଚ୍ଛେଦ କରିବା କଥା ନୁହେଁ । ହେଲେ ମହାମିହମ ରାଷ୍ଟ୍ରପତିଙ୍କ ଘର ହେଉଛି ରାଇରଙ୍ଗପୁର । ମୁଖ୍ୟମନ୍ତ୍ରୀଙ୍କର ଶଶୁରଘର ହୋଇ ବି ରାଇରଙ୍ଗପୁର ଅଞ୍ଚଳରେ ଏକ ଏୟାରଷ୍ଟ୍ରିଟ ନିର୍ମାଣ ପାଇଁ ବସ୍ତି ଉଚ୍ଛେଦ କରାଯାଇଛି । ସେଥିରେ ୪୩ ପରିବାର ଉଚ୍ଛେଦ ହୋଇଛନ୍ତି ଓ କ୍ଷତିଗ୍ରସ୍ତ ହୋଇଛନ୍ତି । କିନ୍ତୁ ସେଠାରେ କୌଣସି ପଲ୍ଲିସଭା କରାଯାଇନି, ପେସା ଆଇନ ଲାଗୁ ହୋଇନି। ଉଚ୍ଛେଦ ହୋଇଥିରବା ଆଦିବାସୀ ପରିବାର ଆନ୍ଦୋଳନ କରି ଏପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି । କିଛି ଫଳପ୍ରଦ ହେଲା ନାହିଁ । ଆଦିବାସୀ ବାସହରା ହେଲେ । ତେଣୁ ରାଜ୍ୟ ସରକାରଙ୍କ ପାଖରେ କଂଗ୍ରେସ ଦାବି କରୁଛି କି ଭଙ୍ଗାଯାଇଥିବା ଘର ଲୋକଙ୍କୁ ୪୦ ଲକ୍ଷଟଙ୍କା କ୍ଷତିପୂରଣ ଦେବା ସହ ଯେତିକି ଜାଗା ଯାଇଛି ତା'ର ଦୁଇଗୁଣ ଜାଗା ଅନ୍ୟସ୍ଥାନରେ ଦେଇ ସେମାନଙ୍କୁ ଥଇଥାନ କରିବା ପାଇଁ । ଆଦିବାସୀ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ହେଉ । ନଚେତ କଂଗ୍ରେସ ଦଳ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ ଆଜି ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ମୁଁ ଏବଂ ଅନ୍ୟ କଂଗ୍ରେସ ନେତୃବୃନ୍ଦ ଉକ୍ତ ସ୍ଥାନ ଗ୍ରସ୍ତ କରି ସବିଶେଷ ତଥ୍ୟ ପିସିସିକୁ ପ୍ରଦାନ କରିଛୁ । ଅନ୍ୟଏକ ପ୍ରସଙ୍ଗରେ ଶ୍ରୀ କାଡାମ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କି କୋରାପୁଟର ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭୁଲ ଇଞ୍ଜକ୍ସନ ଯୋଗୁଁ ୬ ଜଣଙ୍କ ଜୀବନ ଚାଲିଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ମୋହନ ହେମ୍ବ୍ରମ୍ ଓ ଅନୀମା ମିଞ୍ଜ ଉପସ୍ଥିତ ଥିଲେ ।

# ଗ୍ରୀନ୍ ୟୁନିଭର୍ସିଟି ରିଭଲ୍ୟୁସନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରେସ୍ ବାର୍ତ୍ତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଦେଖାଯାଇଥିବା ଅନେକ ପ୍ରାକୃତିକ ବିପର୍ଯ୍ୟ ଯଥା ବାତ୍ୟା, ବନ୍ୟା, ବଜ୍ରଘାତ ଓ ଭୂସ୍ଖଳନକୁ ଏଡାଇବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତାକୁ ଦୃଷ୍ଟି ଆଗରେ ରଖି ପ୍ରଦେଶ ଛାତ୍ର କଂଗ୍ରେସ ଦ୍ୱାରା ଗ୍ରୀନ୍ ୟୁନିଭରସିଟି ରିଭଲ୍ୟୁସନ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ମାଟିଲେପିତ ମଞ୍ଜି ଦ୍ୱାରା ରାଜ୍ୟରେ ଥିବବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ପ୍ରାୟ ଆଠ ଶହ ମହାବିଦ୍ୟାଳୟରେ ପ୍ରାୟ ଦଶ ଲକ୍ଷ ବୃକ୍ଷ ଲଗାଇବାକୁ ଲକ୍ଷ ରଖାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ମଞ୍ଜି ବଲ୍ ବଣ୍ଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଉଦିତ୍ ପ୍ରଧାନଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ପ୍ରଦେଶକୁ ସବୁଜ ସୁନ୍ଦର କରିବା ପାଇଁ ଛାତ୍ର କଂଗ୍ରେସ ସଭାପତିଙ୍କ ଉଦ୍ୟମକୁ ସାଧୁବାଦ୍ ଜଣାଇଥିଲେ । ରାଜ୍ୟ ପ୍ରଚାର କମିଟିର ଆବାହକ ସୁଧାଂଶୁ ଶେଖର ଦେଓ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମ ପାଇଁ ସମସ୍ତ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରେସବାର୍ତ୍ତା ଶେଷରେ ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଏକାଠି ହୋଇ କଂଗ୍ରେସ ଭବନ ଚାରିପଟେ କିଛି ମଞ୍ଜି ରୋପଣ କରିଥିଲେ ।

# ଜଗତପୁରରେ ନକଲି ମୋବିଲ କାରଖାନା ଠାବ, ୩ ଅଟକ

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ପୁଲିସ୍ ଖଇରାପୋଲ ନିକଟରେ ଥିବା ସୁନରୀବଣ ଅଞ୍ଚଳରେ ଏକ ନକଲି ମୋବିଲ କାରଖାନା ଠାବ କରିଛି । ଜଗତପୁର ପୋଲିସ ଏବଂ ଓଜନମାପ ବିଭାଗର ମିଳିତ ଭାବେ ଚଢଉ କରିଥିଲା । ପୋଲିସ୍ ତଦନ୍ତ ଜାରି ରଖିଥିବାବେଳେ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖିଛି । ଅନ୍ୟପକ୍ଷରେ ପୋଲିସ୍ ଚଢଉବେଳେ ଘଟଣାସ୍ଥଳରୁ ଶହ ଶହ ଡ୍ରମରେ ଥିବା ନକଲି ମୋବିଲ, ଗ୍ରିସ୍, ଇଞ୍ଜିନ୍ ଅଏଲ୍ ଆଦି ଜବତ କରିଛି । ଚଢାଉବେଳେ କମ୍ପାନୀ ମାଲିକ ଫେରାର ହୋଇଯାଇଥିବା ବେଳେ ମ୍ୟାନେଜରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

# ବକ୍ରି ଇଦ୍ ପାଇଁ ପ୍ରସ୍ତୁତି ବୈଠକ

କଟକ(ଭାସ୍କର ନ୍ୟୁଜ୍): ବକ୍ରୀ ଇଦ୍ ଉପଲକ୍ଷେ ଆଜି କଟକ ମହାନଗର ନିଗମ ସମ୍ମିଳନୀ କକ୍ଷରେ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ମସଜିଦ ଆଖପାଖ ଅଞ୍ଚଳର ରାସ୍ତାଘାଟ, ପରିମଳ, ସ୍ୱଚ୍ଛତା, ଆଲୋକିକରଣ, ୨୪ ଘଂଟିଆ ପାନୀୟ ଯୋଗାଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ସିଏମ.ୟସି କମିଶନର ଅନାମ ଚରଣ ପାତ୍ର, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଂଟିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, ସମସ୍ତ କର୍ପୋରେଟର, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ , ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ମହାନଗର ନିଗମର ସମସ୍ତ ଅଧିକାରୀ, ୱାଟକୋ ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ, ଏକାମ୍ର ହୁସେନ୍, ମହମଦ ସକିଲ, ମାଜିଦ ମହମଦ କାଲୁ, ସାଜିଦ ହୁସେନ, ଇସାକ ଖାନ, ମରୁଦ୍ଦିନ ଖାନ , ଏବଂ ମୁସଲିମ ସମ୍ପ୍ରଦାୟର ବହୁ ମୁରବି ପ୍ରମୁଖ ଉପସ୍ଥିତ ଥିଲେ ।

BGU
BIRLA GLOBAL UNIVERSITY
BHUBANESWAR
ADMISSIONS OPEN
www.bgu.ac.in
A Hub of Excellence in Education



OUR LEGACY
Birla Global University (BGU), envisioned by the Late Basant Kumar Birla & Sarala Birla fosters education through research, skill-building, technology, and community & industry collaborations.

OUR SCHOOLS & PROGRAMS

- Birla School of Management*
  Co-creating Purpose-Driven Leaders
  BBA | BBA (Hons.) | BBA (Hons. with Research) | MBA
  Adaptive curriculum designed with real-world business applications
  Proven placement track record & robust alumni network
- Birla School of Commerce*
  Mastering Analytics to Decode Business Finances
  B.Com | B.Com (Hons.) | B.Com (Hons. with Research) | M.Com
  Focus on Financial Modeling, Fintech & Business Forecasting
  Internship opportunities & Industry exposure
- Birla School of Economics*
  Mastering Analytics to Decode Economies
  B.Sc. Economics | B.Sc. Economics (Hons.) | B.Sc. (Hons. with Research) | M.Sc. Financial Economics
  Advanced Analytics with R, Python, Power BI, Tableau etc.
  Hands-on Training with Econometrics Lab

*Degrees will be awarded as per UGC (Minimum Standards of Instructions for the Grant of Undergraduate Degree & Postgraduate Degree) Regulations, 2025, dated 26th March, 2025.

B.K. Birla & Sarala Birla Academic Merit Scholarships

- Birla School of Communication*
  Crafting Communicators, Creating Impact
  BA in Journalism & Mass Comm | BA in Journalism & Mass Comm (Hons.) | BA in Journalism & Mass Comm (Hons. with Research) | MA in Journalism & Mass Comm
  Anchored by leading corporates & media, providing real-world exposure
  Well-equipped TV studio & Radio station for experiential training
- Birla School of Law
  BBA LLB (Hons.) | LLM (1 yr.)
  From learning to Leading - Launch your Legal Career
  Moot court, trial advocacy, and legal aid clinic for real-world application
  Dedicated Pro-Bono Club for socially responsible legal education
- Birla School of Applied Sciences *
  Shaping Future Tech-Leaders
  BCA | BCA (Hons.) | BCA (Hons. with Research) | MCA
  Cutting-edge curriculum with focus on emerging technologies
  Hands-on coding skills through innovation & tech communities
- Birla School of Engineering & Technology
  Your Gateway to a Tech-Driven Future
  B. Tech in Computer Science & Engineering (Regular Entry: 4 yrs. & Lateral Entry: 3 yrs.)
  Emphasis on AI, Machine Learning, Robotics, Cloud Computing etc.
  Practical learning and involvement in tech-driven projects

OUR EDGE
- Advanced Learning Tools
- Comprehensive Academic Environment
- Opportunity to Learn one Foreign Language
- Experiential Learning
- Diverse & Inclusive Community
- Cultural & Sports Activities for a Holistic Student Experience
- Strong Career Outcomes
- Modern Campus Infrastructure

APPLY ONLINE: forms.bgu.ac.in
Scan to Apply
IDCO Plot No. 2, Institutional Area, Gothapatna, Bhubaneswar – 751029
WhatsApp/Call: 9776129900 , 7381058307 | email: admission@bgu.ac.in

## ବିଶ୍ୱ ପରିବେଶ ଦିବସ

# ପରିବେଶ ସୁରକ୍ଷାରେ ସମର୍ପିତ କୁନି ପରିବେଶ ଯୋଦ୍ଧା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାମ୍ପ୍ରତିକ ପରିସ୍ଥିତିରେ ଗ୍ଲୋବାଲ୍ ୱାର୍ମିଂକୁ ନେଇ ସମଗ୍ର ବିଶ୍ୱରେ ବିତର୍କ ଲାଗି ରହିଥିବା ବେଳେ ପରିବେଶ ସୁରକ୍ଷା ଏକ ପ୍ରମୁଖ ଆହ୍ୱାନ ହୋଇଛି । ଏହାର ପ୍ରଭାବ ସିଧାସଳଖ ମାନବ ସମାଜ ଓ ପ୍ରାଣୀଙ୍କ ଉପରେ ପଡୁଛି । ପରିବେଶ କିପରି ପ୍ରଦୂଷଣ ମୁକ୍ତ ରହିବ ସେ ନେଇ ଅହରହ ଉଦ୍ୟମ ଜାରି ରହିଛି । ଯଦି ଏବେଠୁ ପ୍ରତ୍ୟେକ ବ୍ୟକ୍ତି ଏ ଦିଗରେ ଚିନ୍ତା ନ କରନ୍ତି ତେବେ ପରିବେଶ ବିଗିଡ଼ିଯିବ । ମାନବ ସମାଜ ସମୂଳେ ଧ୍ୱଂସ ହୋଇଯିବ । ପରିବେଶ ସୁରକ୍ଷା ଦିଗରେ ଅନେକ



ଲୋକ ବିଭିନ୍ନ ଉପାୟରେ ସଚେତନ କରୁଥିବା ଦେଖାଯାଉଛି । ପରିବେଶ ପ୍ରତି ଏଭଳି ଭୟାବହତାକୁ ଉପଲବ୍ଧି କରି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ପୁଅ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ ସୃଷ୍ଟି କରିବା ଦିଗରେ ନିଜକୁ ସମର୍ପିତ କରି ଦେଇଛନ୍ତି । ଯେଉଁ ବୟସରେ ସେ ଖେଳିବା ବୁଲିବା କଥା ପରିବେଶ ସୁରକ୍ଷାକୁ ଜୀବନର ବ୍ରତ ରୂପେ ସେ ବାଛି ନେଇଛନ୍ତି । ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଏମିତି ଜଣେ ପରିବେଶ ପ୍ରେମୀ ତଥା କୁନି ପରିବେଶ ଯୋଦ୍ଧା ସମ୍ପର୍କରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ପୁଅ ହେଉଛନ୍ତି ଶାନ୍ତନୁ ଶାନ୍ତିସ୍ୱରୂପ । ବୟସ ୧୧ ବର୍ଷ । ୬ଷ୍ଠ ଶ୍ରେଣୀରେ ପଢୁଥିବା ଶାନ୍ତନୁ ମାତ୍ର ୫ ବର୍ଷ ବୟସରୁ ମାତା ଓ ପିତାଙ୍କ ପ୍ରେରଣାରେ ପରିବେଶ ସୁରକ୍ଷା ପ୍ରତି ଆଗ୍ରହ ବଢ଼ାଇଥିଲେ । ସେ ଚିତ୍ରକଳା ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ପ୍ରସଙ୍ଗକୁ ଲୋକଙ୍କ ସାମ୍ନାରେ ରଖି ସଚେତନ କରିବାକୁ ସଦାସର୍ବଦା ସଂକଳ୍ପ ବୋଲି କହିଛନ୍ତି । ପୁଅର ଏଭଳି ଚିନ୍ତାଧାରା ଓ ମନୋଭାବ ପାଇଁ ବାପା ସୁଶାନ୍ତ ସାହୁ ଓ ମାଆ ଅନସୂୟା ସାହୁ ବହୁତ ଖୁସି ବୋଲି କହିଛନ୍ତି ।



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



# ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା

## ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଆହ୍ୱାନ !

ଓଡ଼ିଶାର ପ୍ରବଳ ବିରୋଧ ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ସରକାର ଏକତରଫା ଭାବରେ ପୋଲାଭରମ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇ ଏହାକୁ ଶେଷ ପର୍ଯ୍ୟାୟରେ ପହଞ୍ଚାଇ ସାରିଲେଣି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ମାଲକାନଗିରି ଜିଲ୍ଲାର ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବାର ସମ୍ଭାବନା ରହିଛି। ଜଳ ସମ୍ପଦ ବିଭାଗର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ପୋଲାଭରମ୍ ପ୍ରକଳ୍ପର ଉଚ୍ଚତା ୧୫୦ ଫୁଟ୍ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ଆସିବା ନିଶ୍ଚିତ ମନେହେଉଛି, ଯଦ୍ୱାରା ମାଲକାନଗିରି ଜିଲ୍ଲା ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବ। ବିଶେଷ କରି ମୋଟୁ ନିକଟରେ ୧୯୪ ଫୁଟ୍ ଉଚ୍ଚତାର ପଛୁଆ ଜଳ ଏହି ଜିଲ୍ଲାର ବିସ୍ତୃତ ଅଞ୍ଚଳକୁ ବୁଡ଼ାଇ ରଖିବ। କେବଳ ଓଡ଼ିଶା ନୁହେଁ, ତେଲେଙ୍ଗାନା ଓ ଛତିଶଗଡ଼ ମଧ୍ୟ ଉଣା ଅଧିକେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ଏହି ଦୁଇ ରାଜ୍ୟ ମଧ୍ୟ ପୋଲାଭରମ୍ ଜଳ ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଆନ୍ଧ୍ର ସରକାରଙ୍କ ମନମାନି ବିରୋଧରେ ଓଡ଼ିଶା, ଛତିଶଗଡ଼ ଓ ତେଲେଙ୍ଗାନା ସରକାର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ଙ୍କ ଦ୍ୱାରସ୍ଥ ହୋଇ ପୋଲାଭରମ୍ ପ୍ରକଳ୍ପ ବନ୍ଦ ରଖିବାକୁ ଆବେଦନ କରିଛନ୍ତି ଏବଂ ଏହା ବର୍ତ୍ତମାନ କୋର୍ଟଙ୍କ ବିଚାରାଧୀନ ରହିଛି। ଏସବୁ ସତ୍ତ୍ୱେ ଆନ୍ଧ୍ର ସରକାର ନ୍ୟାୟାଳୟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା ନରଖି ଖୁବ୍ ତରବରିଆ ଭାବେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ଏବଂ ଆସନ୍ତା ବର୍ଷ (୨୦୨୬) ଅକ୍ଟୋବର ସୁଦ୍ଧା ଏହା ଶେଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିବାର ଜଣାପଡିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆନ୍ଧ୍ର ସରକାରଙ୍କ ଏହି ମନମୁଖୀ କାର୍ଯ୍ୟରେ କେନ୍ଦ୍ର ସରକାର ସବୁପ୍ରକାର ସହଯୋଗ କରୁଥିବାର ଲକ୍ଷ୍ୟ କରାଯାଉଛି। ପ୍ରଥମତଃ କେନ୍ଦ୍ର ସରକାର ଓଡ଼ିଶା, ଛତିଶଗଡ଼ କିମ୍ବା ତେଲେଙ୍ଗାନାର ଆପତ୍ତି ଅଭିଯୋଗ ପ୍ରତି କର୍ଣ୍ଣପାତ ନକରି ପୋଲାଭରମ୍‌କୁ ଏକ ଜାତୀୟ ପ୍ରକଳ୍ପ ମାନ୍ୟତା ପ୍ରଦାନ କଲେ। ପରବର୍ତ୍ତୀ ସମୟରେ ପ୍ରକଳ୍ପ ନିର୍ମାଣ ନିମନ୍ତେ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରି ଅର୍ଥରାଶି ଅଜାଡ଼ିବାରେ ଲାଗିଛନ୍ତି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ବିବାଦୀୟ ପ୍ରକଳ୍ପ ନିମନ୍ତେ ଆନ୍ଧ୍ର ସରକାରଙ୍କୁ ୧୨ହଜାର ୧୫୭କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ୨୦୨୫-୨୬ ବର୍ଷ ବଜେଟ୍‌ରେ ୫ହଜାର ୯୩୬ କୋଟି ଟଙ୍କା ବରାଦ୍ କରିଛନ୍ତି। ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରି ଆନ୍ଧ୍ର ସରକାରକୁ ଏକ ବେଆଇନ୍ ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦ୍ର ପ୍ରୋତ୍ସାହନ ଦେବା ସଂଘୀୟ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହାରି ଭିତରେ କିଛିଦିନ ପୂର୍ବେ ପୋଲାଭରମ୍ ପ୍ରକଳ୍ପକୁ ନେଇ ଏକ ଉତ୍ସାହଜନକ ଖବର ସାମ୍ନାକୁ ଆସିଥିଲା। ଏହି ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତମାସ ୨୮ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ମାତ୍ର ଏହି ବୈଠକ ବସିଲା କି ନାହିଁ କିମ୍ବା ପ୍ରଧାନମନ୍ତ୍ରୀ ଏଥିନେଇ କିଭଳି ସମୀକ୍ଷା କଲେ ତାହାର କୌଣସି ସୂଚନା ଏଯାବତ୍ ମିଳିପାରି ନାହିଁ। ସବୁ ଦୃଷ୍ଟିରୁ ବିଚାର କଲେ ଆନ୍ଧ୍ର ସରକାର କାହାରିକୁ ଭ୍ରୂକ୍ଷେପ ନକରି ଏହି ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଯେପରି ଆଗେଇ ନେବାରେ ଲାଗିଛନ୍ତି, ସେଥିରେ ସମାଧାନର କୌଣସି ପନ୍ଥା ବାହାରିବା ସହଜସାଧ୍ୟ ମନେ ହେଉନାହିଁ।

# ଈଶ୍ୱର ସର୍ବତ୍ର ବିଦ୍ୟମାନ

ପ୍ରଭାତ କୁମାର ମହାପାତ୍ର
ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ,
ମୋ : ୭୮୯୪୦୦୫୪୫୫

କୁହାଯାଏ ଯାହାର ଭଗବାନଙ୍କ ପ୍ରତି ଅଟଳ ଶ୍ରଦ୍ଧା ଭକ୍ତି ଓ ବିଶ୍ୱାସ ଥିବ ତଥା ମନ ନିର୍ମଳ ହୋଇଥିବ ତେବେ ଭକ୍ତର ହୃଦୟରେ ସ୍ୱୟଂ ଭଗବାନ ବିରାଜମାନ କରନ୍ତି। ସେ ବିଭିନ୍ନ ରୂପରେ ଭକ୍ତଙ୍କୁ ତୃପ୍ତ କରିଥାନ୍ତି। ଈଶ୍ୱର ହେଉଛନ୍ତି ସର୍ବବ୍ୟାପି, ନିର୍ଗୁଣ ନିରାକାର। କିନ୍ତୁ ଭକ୍ତର ପ୍ରେମ ଭକ୍ତି ଦେଖି କେଉଁଠି ବି ପ୍ରକଟ ହୋଇପାରନ୍ତି। ସେ ହେଉଛନ୍ତି ସର୍ବଜ୍ଞ। ଆମର ଦୋଷ, ଗୁଣ, ଭଲ ମନ୍ଦ ସବୁ କର୍ମକୁ ଜାଣନ୍ତି। ତାଙ୍କୁ ଚତୁରତା ବା ଚପଳତା ଦ୍ୱାରା ନୁହେଁ ବରଂ ପ୍ରେମ ଭକ୍ତି ମାଧ୍ୟମରେ ହିଁ ପ୍ରସନ୍ନ କରାଯାଇପାରେ। ଦେବ ଭୂମି ଭାରତ ବର୍ଷରେ ଏପରି ଅନେକ ସାଧୁସନ୍ଥ ନିଜର ଏହି ଭକ୍ତି ମାଧ୍ୟମରେ ଭଗବାନଙ୍କୁ ନିଜର ପ୍ରକୃତ ସ୍ୱରୂପ ଦେଖାଇବା ପାଇଁ ବାଧ୍ୟ କରି ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଥିଲେ ମହାନ୍ ସନ୍ଥ ନାମଦେବ। ତାଙ୍କର ନିଷ୍କପଟତା, ପବିତ୍ରତା ଓ ପ୍ରେମ ଭକ୍ତି କାରଣରୁ ସ୍ୱୟଂ ନାରାୟଣ ତାଙ୍କୁ ସାକାର ସଗୁଣ ରୂପରେ ଦର୍ଶନ ଦେବାକୁ ବାଧ୍ୟ ହୋଇଥିଲେ। ଏକଦା ନାମଦେବ ନିଜ ଘରେ ରୁଟି ତିଆରି କରୁଥିଲେ। ସେହି ସମୟରେ ହଠାତ୍ ଏକ କୁକୁର ଘର ଭିତରକୁ ପଶି ଆସିଲା ଓ ସେ ରଖିଥିବା ରୁଟି ଖଣ୍ଡକ ଧରି ସେଠାରୁ ଦୌଡ଼ି ପଳେଇ ଗଲା। ଏହା ଦେଖି ନାମଦେବ ହାତରେ ଘିଅର ଗିନା ଧରି ତା' ପଛେ ପଛେ ଧାଇଁବାକୁ ଲାଗିଲେ। ଦୌଡ଼ି ଦୌଡ଼ି ପ୍ରେମ ଭକ୍ତିରେ ବିଭୋର ହୋଇ କହୁଥିଲେ, ହେ ମୋର ପ୍ରଭୁ, ହେ ମୋର ପାଣ୍ଡୁ ରଙ୍ଗା ! ଆପଣ ଯେଉଁ ରୁଟିଟି ନେଇଛନ୍ତି, ସେଥିରେ ମୁଁ ଏ ପର୍ଯ୍ୟନ୍ତ ଘିଅ ଲଗାଇ ନାହିଁ। ଦୟାକରି ଟିକିଏ ରହି ଯାନ୍ତୁ। ମୋତେ ଘିଅ ଲଗାଇବାକୁ ସୁଯୋଗ ତ ଟିକିଏ ଦିଅନ୍ତୁ। ମୋତେ କୃପା କରନ୍ତୁ ପ୍ରଭୁ। ସନ୍ଥ ନାମଦେବ ଭଗବତ ପ୍ରେମରେ ଏତେ ଭାବ ବିହ୍ୱଳ ହୋଇ ଯାଇଥିଲେ ଯେ ଦୌଡୁ ଥିବା କୁକୁର ମଧ୍ୟରେ ତାଙ୍କର ଆରାଧ୍ୟ ପ୍ରଭୁ ପାଣ୍ଡୁରଙ୍ଗା ଅର୍ଥାତ୍ ଭଗବାନ ବିଷ୍ଣୁ ଦେଖା ଗଲେ। ଭଗବାନ ଭକ୍ତର ଡାକ ନଶୁଣିବେ ବା କିପରି ! କୁହାଯାଏ ସନ୍ଥ ନାମଦେବଙ୍କ ପରମ ଭକ୍ତି ଦେଖି ସ୍ୱୟଂ ଭଗବାନ କୁକୁର ରୂପ ତ୍ୟାଗ କରି ନିଜର ବାସ୍ତବିକ ସ୍ୱରୂପକୁ ଧାରଣ କଲେ ଏବଂ ହାତରେ ଶଙ୍ଖ, ଚକ୍ର, ଗଦା ଆଦି ଧାରଣ କରି ଚତୁର୍ଭୁଜ ରୂପରେ ତାଙ୍କୁ ଦର୍ଶନ ଦେଲେ। ସୁଧି ପାଠକମାନେ ଯଦି ମନ ନିର୍ମଳ ହୋଇଥିବ ଆଉ ହୃଦୟରେ ଭଗବାନଙ୍କ ପାଇଁ ଅଗାଧ ପ୍ରେମ ଥିବ ତେବେ ଭକ୍ତକୁ ଭଗବାନଙ୍କ କୃପା ଅବଶ୍ୟ ପ୍ରାପ୍ତ ହେବ ଏହା ନିଃସନ୍ଦେହ।

# ଡବଲ୍ ଇଞ୍ଜିନର ଡବଲ୍ ଉପଲବ୍ଧି



ଡ. ତପନ କୁମାର ଚାନ୍ଦ
ପୂର୍ବତନ ଅଧ୍ୟକ୍ଷ, ନାଲ୍‌କୋ ଓ ଭାରତୀୟ ଜନତା ପାର୍ଟିର ମୁଖପାତ୍ର

ଚାଲିତ ମାସଟି ଦେଶ ଓ ରାଜ୍ୟ ପାଇଁ ଅତି ଗୁରୁତ୍ୱ ଓ ମହତ୍ତ୍ୱପୂର୍ଣ୍ଣ। ଏହି ମାସରେ ଓଡ଼ିଶାରେ ପ୍ରଥମ ଥର ଶାସନକୁ ଆସିଥିବା ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଡବଲ୍ ଇଞ୍ଜିନ ସରକାର ତାହାର ଏକ ବର୍ଷ ପୂରଣ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ସେବା ଓ ସୁଶାସନକୁ ୧୧ ବର୍ଷ ପୂରଣ ହେଉଥିବା ବେଳେ ଓଡ଼ିଶାରେ ସମ୍ମାନନୀୟ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ସରକାର ଏକ ବର୍ଷର ସଙ୍କଳ୍ପ ପୂରଣ କରିବାକୁ ଯାଉଛି। ଏହା ରାଜ୍ୟବାସୀଙ୍କ ପାଇଁ ଡବଲ୍ ଖୁସି ଆଣିଦେଇଛି। ୨୦୨୪ ଓଡ଼ିଶା ପାଇଁ ଏକ ଐତିହାସିକ ବର୍ଷ ଥିଲା। ଦୀର୍ଘ ୨୪ ବର୍ଷର ବିଜୁ ଜନତା ଦଳ (ବିଜେଡି) ସରକାରକୁ ପଦଚ୍ୟୁତ କରି ବିଜେପି ଜନମତରେ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟରେ ଏକାକୀ ସରକାର ଗଠନ କରିବାର ଅବିସ୍ମରଣୀୟ ଉପଲବ୍ଧି ହାସଲ କରିଥିଲା। ଏଥି ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ଗଠନ ହୋଇଥିଲା ଲୋକପ୍ରିୟ ସରକାର। ଜାତୀୟ ସ୍ତରରେ ରୂପାନ୍ତରଣର ଏକ ଦଶନ୍ଧି ଓ ରାଜ୍ୟରେ ନୂଆ ଅଧ୍ୟାୟ ଶୁଭାରମ୍ଭର ଏକ ବର୍ଷ ପୂର୍ତ୍ତିକୁ ଧୁମଧାମ୍‌ରେ ପାଳନ କରିବା ଲାଗି ରାଜ୍ୟବାସୀଙ୍କ ପାଇଁ ଅନନ୍ୟ ସୁଯୋଗ ଆଣିଛି। ଓଡ଼ିଆମାନେ ଏବେ ଓଡ଼ିଆ ଭାବେ ନିଜର ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ ଓ ଐତିହ୍ୟ ପରମ୍ପରାର ପରିଚୟକୁ ନେଇ ଗର୍ବ କରୁଛନ୍ତି।


ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥାରେ ହୋଇଥିବା ବିରାଟ ପରିବର୍ତ୍ତନର ଏହି ଯାତ୍ରା ସାମଗ୍ରିକ ଓ ସନ୍ତୁଳିତ ବିକାଶ, ସଶକ୍ତୀକରଣ, ସୁଶାସନ, ଗରିବ କଲ୍ୟାଣ ଓ ଦାୟିତ୍ୱବୋଧର କାହାଣୀ କହୁଛି। ଓଡ଼ିଶାକୁ ଏଭଳି ଏକ ସରକାର ମିଳିଛି ଯାହା ଓଡ଼ିଆ ଅସ୍ମିତାକୁ ପାଥେୟ କରି ବିକାଶର ଗତିପଥରେ ଦ୍ରୁତ ଗତିରେ ଆଗକୁ ମାଡ଼ିଚାଲିଛି। ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ଯଥୋଚିତ ସମ୍ମାନ ଫେରିଆସିଥିବା ବେଳେ ଅନେକ ନୂଆ ଅଭିଯାନର ଶୁଭାରମ୍ଭ ହୋଇଛି ଯାହା ପୂର୍ବରୁ କେହି କଳ୍ପନା କରିନଥିଲେ। ରାଜ୍ୟକୁ ଏଭଳି ଜଣେ ମୁଖ୍ୟମନ୍ତ୍ରୀ ମିଳିଛନ୍ତି, ଯିଏ ଆମ ଭିତରୁ ଜଣେ ଭଳି ଲାଗୁଛନ୍ତି। ସେ କେବଳ ସାଧାରଣ ଲୋକ ନୁହନ୍ତି, ବରଂ ଲୋକଙ୍କ କଥା ବୁଝିବା ଲାଗି ଦୀର୍ଘଦିନ ଦରି ବନ୍ଦ ରହିଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଖୋଲି ସ୍ଥାଣୁ ପାଲଟିଯାଇଥିବା ବ୍ୟବସ୍ଥା ଦ୍ୱାରା ପୀଡ଼ିତ ହୋଇ ଅସହାୟ ଜୀବନ ବିତାଉଥିବା ଲୋକଙ୍କୁ ଏକ ସମସ୍ୟାମୁକ୍ତ ଓ ସମ୍ମାନଜନକ ଜୀବନ ବଞ୍ଚିବାର ଆଲୋକ ଦେଖାଇଛନ୍ତି। କେବଳ ଭୁବନେଶ୍ୱରରେ ଏହି ଅଭିଯାନ ସୀମିତ ନ ରହି ତାହାକୁ ରାଜ୍ୟର କୋଣଅନୁକୋଣରେ ପହଞ୍ଚାଇବାକୁ ଆମ ମୁଖ୍ୟମନ୍ତ୍ରୀ କଠିନ ପରିଶ୍ରମ କରୁଛନ୍ତି।

ଜଣେ ଆଦିବାସୀ ନେତା ଭାବେ ଆମ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ଏକ ସାଧାରଣ ଓ ସର୍ବସ୍ପର୍ଶୀ ସୁଶାସନରେ ପରିଣତ କରିଛନ୍ତି। ତ୍ୱରିତ ପଦକ୍ଷେପ ନେବା, କଠିନ ପରିଶ୍ରମ କରିବା, ଦୁର୍ବଳ ବର୍ଗଙ୍କ ଉତ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବା ଏବଂ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ତାଙ୍କ ଗୁରୁତ୍ୱ ନିଶ୍ଚିତ ରୂପେ ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତିର ପ୍ରତିଫଳନ ପ୍ରତିଦିନ ଟିଭି ପରଦା ଓ ଖବରକାଗଜର ପୃଷ୍ଠା ବିମଣ୍ଡିତ କରିଛି। ଦୁର୍ନୀତିଖୋରଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଖବର ଭାବେ ପ୍ରତିଫଳିତ ହୋଇଛି, ଯାହା ଲୋକଙ୍କ ମନରେ ଦୁର୍ନୀତି ରାକ୍ଷାସ ବଧ କରିବାର ସମ୍ଭାବନାକୁ ପୁଣି ଥରେ ଉଜାଗର କରିବାରେ ସଫଳ ହୋଇଛି। ଖଣି ଚୋରି, ବେଆଇନ ଖଣି କାରବାର ଓ ଲଘୁ ଖଣିଜ ଉତ୍ପାଦର ବ୍ୟାପକ ଚୋରାଚାଲାଣ ରୋକିବାକୁ ସରକାର ରୀତିମତ ଉଦ୍ୟମ କରୁଛନ୍ତି।

ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘରେ ଘରେ ପ୍ରଭାବ ସୃଷ୍ଟି କରିପାରିଛି ତାହା ହେଉଛି 'ସୁଭଦ୍ରା' ଯୋଜନା। ରାଜ୍ୟକୁ ପ୍ରଥମ ଥର ପାଇଁ ଏଭଳି ଏକ ସରକାର ମିଳିଛି ଯାହା ବାସ୍ତବରେ ମହିଳା ସଶକ୍ତୀକରଣକୁ ଏକ ନୂଆ ଦିଗନ୍ତ ପ୍ରଦାନ କରିଛି। ବିନା କୌଣସି ସର୍ତ୍ତରେ ମହିଳାମାନଙ୍କୁ ପାଂଚ ବର୍ଷରେ ୫୦ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶରେ ମହିଳାମାନଙ୍କ ଭୂମିକାର ଏକ ବୈପ୍ଳବିକ ମଡେଲ୍ ଭାବେ ଉଭା ହୋଇଛି ଯାହାକି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲଖପତି ଦିଦି ସୃଷ୍ଟି କରି ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ପ୍ରେରଣା ହୋଇପାରିଛି।

ଚାଷୀଙ୍କ ଦୁଃଖ ବୁଝିବା ଲାଗି ଧାନ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ୩୧୦୦ ଟଙ୍କାକୁ ବୃଦ୍ଧି କରିବାଠାରୁ ଆରମ୍ଭ କରି ଦେଶରେ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା ଲାଗୁ କରି ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଜାଲରୁ ମୁକୁଳାଇବା ପର୍ଯ୍ୟନ୍ତ ମୋହନ ସରକାରଙ୍କ ପ୍ରତିଟି ପଦକ୍ଷେପ ଲୋକଙ୍କ କଥା କହୁଛି, ଲୋକଙ୍କ କଥା ଶୁଣୁଛି ଓ ଲୋକଙ୍କ ପାଇଁ କାମ କରୁଛି। ଶିଳ୍ପାୟନରେ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ତିନିଟି ରାଜ୍ୟରେ ପରିଣତ କରିବାର ସଂକଳ୍ପ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ପ୍ରତିଫଳିତ ହୋଇଥିଲା, ଯେଉଁଥିରେ ୧୭ ଲକ୍ଷ କୋଟି ଟଙ୍କାର ୧୪୫ ନିବେଶ ପ୍ରସ୍ତାବ ୧୨ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିଥିଲା। ଓଡ଼ିଆ ଜାତିର ଆରାଧ୍ୟ ଠାକୁର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରବେଶ କରିବାକୁ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ନୂଆ ସରକାର ଶ୍ରୀମନ୍ଦିରର ଚାରି ଦ୍ୱାରା ଖୋଲି ଭକ୍ତ ଓ ଭଗବାନଙ୍କ ଭିତରେ ଥିବା ଅନ୍ତରକୁ ଦୂର କରିଥିଲେ। ବୟସ୍କଙ୍କ ପାଇଁ ପେନ୍‌ସନ ବଢ଼ାଇବା, ୮୦ ବର୍ଷରୁ ଅଧିକ ବୟସର ଲୋକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଭତ୍ତାକୁ ମାସିକ ୩୫୦୦ ଟଙ୍କାକୁ ବଢ଼ାଇ ଏହି ସରକାର ସମାଜର ପ୍ରତିଟି ବର୍ଗର କଲ୍ୟାଣ ବିଷୟରେ ଚିନ୍ତା କରୁଥିବା ଭାବନାକୁ ସତ ପ୍ରମାଣିତ କରିଛନ୍ତି। ପ୍ରତିଶ୍ରୁତି ଅନୁସାରେ ରତ୍ନ ଭଣ୍ଡାରକୁ ଖୋଲିବା ଓ ତାହାର ମରାମତି କରିବା ଲାଗି ମଧ୍ୟ ସରକାର ପଦକ୍ଷେପ ନେଇଛନ୍ତି।

ନୂଆ ସରକାରରେ ଘଟିଥିବା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଥିଲା ରାଜନେତାମାନଙ୍କ ପାଖରେ ଶାସନର ଡୋରି ପହଞ୍ଚିବା ଯାହା ପୂର୍ବ ସରକାର ଅମଳରେ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇପଡ଼ିଥିଲା। ଜନ ପ୍ରତିନିଧିମାନେ ନିଜକୁ ଅସହାୟ ମନେ କରୁଥିବା ବେଳେ ପ୍ରଶାସକମାନେ ଶକ୍ତିଶାଳୀ ହୋଇପଡ଼ିଥିଲେ। ଏବେ ମନ୍ତ୍ରୀମାନେ ନିଜ ବିଭାଗର ନିଷ୍ପତ୍ତି ନିଜେ ନେବାର ସ୍ୱାଧୀନତା ପାଇଛନ୍ତି।





ଗୋଟିଏ ପଟେ ଓଡ଼ିଶା ନିଜ ହଜିଲା ଗୌରବ ଫେରିପାଇ ଖୁସିରେ ଆତ୍ମହରା ହୋଇପଡ଼ିଥିବା ବେଳେ ଅନ୍ୟ ପଟେ ଜଣେ ମାର୍ଗଦର୍ଶକ ଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ନିଜର ସନ୍ତାନ ଭାବେ ଲାଳନପାଳନ କରୁଛନ୍ତି। ଯେଉଁ ସବୁ ମହତ୍ତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକରୁ ଓଡ଼ିଶା ବଂଚିତ ଥିଲା ତାହାକୁ କାର୍ଯ୍ୟକାରୀ କରାଯାଉଛି। ଆୟୁଷ୍ମାନ ଭାରତ ଯୋଜନା, ଜାତୀୟ ଶିକ୍ଷା ନୀତି ୨୦୨୫ ଭଳି କେନ୍ଦ୍ର ସରକାରଙ୍କ ଯୋଜନା ଓଡ଼ିଶା ବିକାଶର ନୂତନ ମାର୍ଗ ନିର୍ଦ୍ଧାରଣ କରିବାକୁ ଯାଉଛି। ସେ ଏହି ଗୋଟିଏ ବର୍ଷ ନୁହେଁ, ଦୀର୍ଘ ୧୧ ବର୍ଷ ଧରି ରାଜ୍ୟ ତଥା ଦେଶବାସୀଙ୍କ ସୁଖଦୁଃଖର ସାଥୀ ହୋଇରହିଛନ୍ତି। ୨୦୧୪ରେ ଏକ ଗମ୍ଭୀର ସନ୍ଧିକ୍ଷଣରେ ଦେଶର ମଙ୍ଗ ସମ୍ଭାଳିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିକାଶର ଗତି ମନ୍ଥର ହୋଇଯାଇଥିଲା, ଶିଳ୍ପ ଜଗତ ଚିନ୍ତାରେ ଥିଲା, ଦରଦାମ୍ ସ୍ଥିତି ବେଲଗାମ ହୋଇପଡ଼ିଥିଲା, ଯୁବକଯୁବତୀଙ୍କୁ ଚାକିରି ମିଳୁନଥିବା ଭଳି ଏକ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ତାଙ୍କୁ ଦେଶର ନେତୃତ୍ୱ ମିଳିଥିଲା। ନିଜ କର୍ତ୍ତବ୍ୟ ନିଷ୍ଠା, ପରିଶ୍ରମ, ଜନ କଲ୍ୟାଣ ଆଭିମୁଖ୍ୟ ବଳରେ ସେ ଗୋଟିଏ ଦଶନ୍ଧିରେ ଐତିହାସିକ ଓ ଅକଳ୍ପନୀୟ ପରିବର୍ତ୍ତନ ଆଣିପାରିଛନ୍ତି। ଦଶ ବର୍ଷ ପୂର୍ବେ ଦଶମ ସ୍ଥାନରେ ଥିବା ଭାରତୀୟ ଅର୍ଥନୀତି ଏବେ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତିରେ ପରିଣତ ହୋଇପାରିଛି। ଯେଉଁ ଦେଶରେ ୯୦ ପ୍ରତିଶତରୁ ଅଧିକ ଫୋନ୍ ଆମଦାନି ହୋଇ ଆସୁଥିଲା, ସେହି ଦେଶରେ ଆଜି ବିଶ୍ୱର ୨୫ ପ୍ରତିଶତ ଆଇଫୋନ୍ ତିଆରି ହେଉଛି। ପ୍ରତିଟି ଲୋକଙ୍କ ହାତରେ ଥିବା ଫୋନ୍ 'ମେକ୍ ଇନ୍ ଇଣ୍ଡିଆ'ର ଗୁଣଗାନ କରୁଛି।

ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ପ୍ରତିଟି ଯୋଗ୍ୟ ଲୋକଙ୍କ ବ୍ୟାଙ୍କ ଖାତା ଖୋଲିବା, ସରକାରୀ ବାଟମାରଣା ରୋକିବା ଲାଗି ଆଧାର କାର୍ଡ ଜାରି କରିବା, ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ବାର୍ତ୍ତାକୁ ପ୍ରଭାବଶାଳୀ ଢଙ୍ଗରେ ଘରେ ଘରେ ପହଞ୍ଚାଇବା, ୟୁପିଆଇ ଜରିଆରେ ଦେଶକୁ ଏକ ଡିଜିଟାଲ୍ ଅର୍ଥନୀତିରେ ପରିଣତ କରିବା ପର ?ୟ୍ୟନ୍ତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତିଟି ପଦକ୍ଷେପ ଭାରତୀୟଙ୍କ ଜୀବନରେ ଉତ୍ଥାନ ଆଣିବାର ମୂଳଦୂଆକୁ ଆହୁରି ସୁଦୃଢ଼ କରିଥିଲା। ଗରିବ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ମୋଦି ସରକାର ୫୦କୋଟି ଗରିବଙ୍କୁ ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ସାହାଯ୍ୟ ଯୋଗାଇ ଦେଇଛନ୍ତି। ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠି ପାରିଛନ୍ତି (ଏ ସମସ୍ତ ଉପଲବ୍ଧି ବିଶ୍ୱ ସ୍ତରରେ ଏକ ରେକର୍ଡ଼) ।

ବଡ଼ ସ୍ୱପ୍ନ ଦେଖିବା ଲାଗି ଲୋକମାନଙ୍କୁ ଅନୁପ୍ରାଣିତ କରି ମୋଦୀ ସରକାର ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବାର ସ୍ୱପ୍ନ ନେଇ ଆଗକୁ ବଢୁଛନ୍ତି। ଜର୍ମାନୀକୁ ଅତିକ୍ରମ କରି ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ହେବା ଓ ବିକାଶର ପ୍ରତିଟି ମାନଦଣ୍ଡରେ ଉପରେ ରହିବାର ସେହି ସଂକଳ୍ପକୁ ପୂରଣ କରିବା ଲାଗି ସମାଜର ପ୍ରତି ବର୍ଗର ସହଯୋଗ ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟର ମୋହନ ମାଝୀଙ୍କ ସରକାର ମଧ୍ୟ ନିଜର ଲକ୍ଷ୍ୟ ପଥ ଧାର୍ଯ୍ୟ କରିଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ଦେଶ ଭଳି ବିକଶିତ ଓଡ଼ିଶା ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡ଼ିଶାକୁ ୫୦୦ ବିଲିଅନ ଡଲାରର ଅର୍ଥନୀତିରେ ପହଞ୍ଚାଇବାର ଲକ୍ଷ୍ୟ ହାସଲ କରିବା ଲାଗି ଭିଜନ ଡକ୍ୟୁମେଣ୍ଟ ମଧ୍ୟ ପ୍ରସ୍ତୁତ ହୋଇ କାମ ଚାଲୁରହିଛି।

ମୋଦୀ ସରକାରଙ୍କ ୧୧ ବର୍ଷର ଯାତ୍ରା ଭାରତୀୟ ରାଜନୀତିରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ଜାତି, ଧର୍ମ ଓ ବର୍ଣ୍ଣକୁ ପଛରେ ପକାଇ ବିକାଶ, ବୃଦ୍ଧି ଓ ସମୃଦ୍ଧି କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୧.୬୩ କୋଟି ଯୁବକଯୁବତୀ କୁଶଳୀ ହୋଇଛନ୍ତି। ରୋଜଗାର ମେଳା ଲୋକଙ୍କୁ ଜୀବିକା ପ୍ରଦାନ କରିଛି। ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ୧.୬ ଲକ୍ଷ ପଞ୍ଜୀକୃତ ଷ୍ଟାର୍ଟଅପ୍ ୧୭.୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୨୦୨୪-୨୪ରେ ଉଦ୍ୟୋଗୀମାନଙ୍କୁ ୩୩.୬୫ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଅଗ୍ନିପଥ ସ୍କିମ୍ରେ ୧.୫ ଲକ୍ଷ ଅଗ୍ନିବୀର ଯୋଡ଼ି ହୋଇଛନ୍ତି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶକୁ କ୍ରୀଡ଼ାର ଏକ ମହାଶକ୍ତିରେ ପରିଣତ କରିଛି। ଗତ ଦଶନ୍ଧିରେ ସରକାର ଅଧିକ କଲେଜ ଖୋଲିଛନ୍ତି, ଅଧିକ ଲୋକଙ୍କୁ କୁଶଳୀ କରିଛନ୍ତି, ଷ୍ଟାର୍ଟଅପ୍ମାନଙ୍କୁ ଆଗକୁ ବଢ଼ିବାରେ ସହଯୋଗ କରିଛନ୍ତି। ସୁଚିନ୍ତିତ ଯୋଜନା ଓ ଉଦ୍ୟମ ବଳରେ ଭାରତର ଯୁବବର୍ଗଙ୍କୁ ଦ୍ରୁତ ଅଭିବୃଦ୍ଧିର ଇଞ୍ଜିନ ଭାବେ ଉପସ୍ଥାପନ କରିବାରେ ସରକାର ସଫଳ ହୋଇଛନ୍ତି।

ମୋଦିଙ୍କ ଶାସନରେ ସମସ୍ତବର୍ଗର ଲୋକମାନଙ୍କୁ ସାମଗ୍ରିକ ମର୍ଯ୍ୟାଦା ଉପଲବ୍ଧ ହୋଇଛି। କୃଷକମାନଙ୍କୁ ଅନ୍ନଦାତା, ନାରୀମାନଙ୍କୁ ମାତୃଶକ୍ତି , ବୟୋଜ୍ୟେଷ୍ଠମାନଙ୍କୁ ପୂଜ୍ୟପୂଜା, ଯୁବାମାନଙ୍କୁ ଯୁବ ଶକ୍ତିଭାବେ ଉପସ୍ଥାପିତ କରାଯାଇଛି । ମୋଦିଙ୍କର ସବୁଠୁ ବଡ ଅବଦାନ ହେଲା ଆତଙ୍କବାଦୀଙ୍କୁ ଆତଙ୍କିତ କରିବା । ଆତଙ୍କବାଦ ଇତିହାସରେ ପ୍ରଥମଥର ପାଇଁ ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦୀଙ୍କର ମୂଳଲକ୍ଷ୍ୟ ଦେଶବାସୀଙ୍କ ମନରେ ଆତଙ୍କ ସୃଷ୍ଟି କରିବା ସଂପୂର୍ଣ୍ଣ ରୂପେ ବିଫଳ ହୋଇଛି। ଅନେକ ଆତଙ୍କବାଦୀ ମାଟିରେ ମିଶିବା ସହିତ କିଛି ଆତଙ୍କବାଦୀ ମୃତ୍ୟୁ ଭୟରେ ଲୁଚି ବୁଲୁଛନ୍ତି । ଆତଙ୍କବାଦ ବିରୋଧରେ କଡା ଜବାବ ସମସ୍ତ ଭାରତୀୟଙ୍କୁ ତ୍ରିରଙ୍ଗା ତଳେ ଏକଜୁଟ କରିପାରନ୍ତି ଓ ବିଶ୍ୱବାସୀ ଯେଉଁମାନେ ଆତଙ୍କବାଦ ବିରୋଧରେ ଲଢେଇ ଜାରି ରଖିଛନ୍ତି ସେମାନଙ୍କ ପାଇଁ ଭାରତ ଏକ ପ୍ରେରଣାର ଉତ୍ସ ହୋଇଯାଇଛି। ଅପରେସନ ସିନ୍ଦୁର ବିଶ୍ୱ ସ୍ତରରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି।

# ବଞ୍ଚିବା ପାଇଁ ସଂଘର୍ଷ



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ମଣିଷ ନିଜର ଜାଣତରେ ହେଉ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ। ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବା ଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ। ମଣିଷ ଏବଂ ପରିବେଶ ମଧ୍ୟରେ ବହୁତ ଗଭୀର ସମ୍ପର୍କ ରହିଛି। ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ। ପରିବେଶ କ୍ରମାଗତ ଭାବରେ ଦୂଷିତ ହେଉଛି, ଯାହା ଆମ ଜୀବନରେ ଗଭୀର ପ୍ରଭାବ ପକାଉଛି। ଈଶ୍ୱରଙ୍କ ତିଆରି ସବୁଜିମା ହିଁ ଆମ ଜୀବନ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ସେଥିପାଇଁ ପ୍ରକୃତିକୁ କିପରି ପ୍ରଦୂଷଣ ମୁକ୍ତ କରିହେବ ସେଥିପ୍ରତି ଆମକୁ ଧ୍ୟାନ ଦେବାକୁ ପଡ଼ିବ। ଲୋକଙ୍କ ମନରେ ସଚେତନତା ଆଣିବା ପାଇଁ ପରିବେଶର ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ବିଶ୍ୱରେ ଦିନକୁ ଦିନ ପ୍ରଦୂଷଣ ବଢିବାରେ ଲାଗିଛି। ଏହି ବଢୁଥିବା ପ୍ରଦୂଷଣ ପ୍ରକୃତି ପ୍ରତି ବିପଦ ସୃଷ୍ଟି କରୁଛି। ଏହି ପ୍ରଦୂଷଣକୁ ରୋକିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ବିଶ୍ୱ ପରିବେଶ ଦିବସ। ଯାହାଦ୍ୱାରା ଲୋକମାନେ ସଚେତନ ହେବା ସହିତ ପ୍ରକୃତିକୁ ପ୍ରଦୂଷଣର ବଞ୍ଚାଇବା ଥିଲା ମୂଳ ଲକ୍ଷ୍ୟ। ପରିବେଶର ଯତ୍ନ ନେବାକୁ ମିଳିତ ଜାତିସଂଘ ୧୯୭୨ ମସିହାରେ ଷ୍ଟକହୋମ ସମ୍ମିଳନୀରେ ୧୧୯ ଦେଶର ପ୍ରତିନିଧି ଉପସ୍ଥିତ ରହି ସର୍ବସମ୍ମତିକ୍ରମେ ପ୍ରତିବର୍ଷ ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଦିବସ ସେତେବେଳ ସଫଳ ହେବ ଯେତେବେଳେ ସମସ୍ତେ ପରିବେଶର ଯତ୍ନ ନେବେ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ। ଏହି କ୍ରମରେ ଭାରତରେ ୧୯ ନଭେମ୍ବର ୧୯୮୬ରୁ ପରିବେଶ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଲା। ଯାହାଫଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସବୁଜିମା ସୃଷ୍ଟି କରିବା ସହ ରକ୍ଷଣାବେକ୍ଷଣ କରିବା ନିମନ୍ତେ ସଦାସର୍ବଦା ଚେଷ୍ଟା ଜାରି ରଖିଛନ୍ତି। କେବଳ ଯେ ସରକାରଙ୍କ ଦାୟିତ୍ୱ ବୋଧ ଭାବି ଆମେମାନେ ଚୁପଚାପ୍ ରହିଗଲେ ଚଳିବ ନାହିଁ ବରଂ ସ୍ୱେଚ୍ଛାକୃତ ଭାବେ ସହଯୋଗ କରି ବିଶ୍ୱକୁ ବିଷମ ପରିସ୍ଥିତିରୁ ସୁରକ୍ଷା ଦେଇପାରିବା।

ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ଆମ ପରିବେଶର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଇକୋସିଷ୍ଟମ୍ ଆମକୁ ଅତ୍ୟାବଶ୍ୟକ ଉତ୍ସଗୁଡିକ ଯୋଗାଇଥାଏ ଯେପରିକି ନିର୍ମଳ ବାୟୁ, ମଧୁର ଜଳ, ଉର୍ବର ମାଟି, ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ଏକ ବିବିଧ ଧାରା। ଜଳବାୟୁ ନିୟନ୍ତ୍ରଣ, ପଲିଥିନ୍, ବର୍ଜ୍ୟବସ୍ତୁ କ୍ଷୟ ଏବଂ ଅନ୍ୟାନ୍ୟ ଅନେକ ଇକୋସିଷ୍ଟମ୍ ସେବାରେ ମଧ୍ୟ ସେମାନେ ସହଯୋଗ କରନ୍ତି ଯାହା ମାନବ ସମାଜର ମଙ୍ଗଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ତଥାପି ଜଙ୍ଗଲ ନଷ୍ଟ, ପ୍ରଦୂଷଣ, ଅତ୍ୟଧିକ ଯାନବାହାନର ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ମାନବୀୟ କାର୍ଯ୍ୟକଳାପ ଆମ ପରିବେଶ ପାଇଁ ଘୋର ବିପଦ ସୃଷ୍ଟି କରେ। ବିଶ୍ୱ ପରିବେଶ ଦିବସ ଭବିଷ୍ୟତ ପିଢ଼ି ପାଇଁ ଆମର ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ସଂରକ୍ଷଣର ଜରୁରି ଆବଶ୍ୟକତାର ସ୍ମାରକ ଭାବରେ କାର୍ଯ୍ୟ କରେ। ପରିବେଶ ପରିସଂସ୍ଥାର ଅବନତି ଯୋଗୁ କିଛି ଦଶନ୍ଧି ହେଲା ମଣିଷର ରୋଗପ୍ରତିରୋଧକ ଶକ୍ତି ହ୍ରାସ ହେବା ସହ ଆଲର୍ଜିକ୍ ସମସ୍ୟା ବୃଦ୍ଧି ହୋଇଛି। କେବଳ ଶାରୀରିକ ସ୍ୱାସ୍ଥ୍ୟରେ ଏହାର ପ୍ରଭାବ ସୀମିତ ରହିନାହିଁ, ବରଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯଥା ପରିବେଶୀୟ କ୍ଷତିର ଭୟ ମଧ୍ୟ ଦେଖାଯାଉଛି। ଏହା ବ୍ୟତୀତ ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୂର କରିବା ଲାଗି ବାଟ ଦେଖାଇବ ଓ ବିଶ୍ୱରେ ଦୀର୍ଘମିଆଦୀ ରୋଗର ଚାପ ହ୍ରାସ କରିବ। ଏହା ଯୋଗୁ ମାନବ ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଷେତ୍ରରେ ଉନ୍ନତି ଆସିବ। ନିକଟରେ ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମୃତ୍ତିକା ସଂରକ୍ଷଣ ଏବଂ ଦେଶୀ ପ୍ରଜାତି ଗଛ ଫେରାଇଆଣିବା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ରୋଗ ଯୋଗୁ ସୃଷ୍ଟି ଶାରୀରିକ ଓ ମାନସିକ ପ୍ରଭାବକୁ ହ୍ରାସ କରାଯାଇପାରିବ। ପରିସଂସ୍ଥାର ପୁନରୁଦ୍ଧାର ଭୟଙ୍କର ଜଳବାୟୁଜନିତ ଘଟଣା ଯୋଗୁ ଉପୁଜୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିପାରିବାର ମଧ୍ୟ ପ୍ରମାଣ ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସର୍ବେକ୍ଷଣର ସୂଚନା ପ୍ରଦାନ କରିଛି ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ସହ ଆର୍ଥିକ ପ୍ରସଙ୍ଗର ବି ସମ୍ବନ୍ଧ ରହିଛି। ସାର୍ବଜନୀନ ସ୍ୱାସ୍ଥ୍ୟର କ୍ଷତି ଏବଂ ମହାମାରୀର ଭୟଙ୍କର ପ୍ରଭାବ ଆର୍ଥିକ ଦିଗକୁ ଅତ୍ୟଧିକ ପ୍ରଭାବିତ କରିଛି।

ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କୃଷି ଉପରେ ନିର୍ଭରଶୀଳ ଚାଷୀମାନେ ଦେଶର ମଧୁର ଜଳର ଶତକଡ଼ା ୮୦ ଭାଗ କୃଷି ଉପରେ ଉପଯୋଗ କରନ୍ତି। ଜଳବାୟୁ ପରିବର୍ତ୍ତନ ସେଇମାନଙ୍କୁ ଅଧିକ ପରିମାଣରେ ପ୍ରଭାବିତ କରେ। କୃଷି ନିମନ୍ତେ ପର୍ଯ୍ୟାପ୍ତ ଜଳ, ବୃଷ୍ଟି ବା ଜଳସେଚନ ମାଧ୍ୟମରେ ପ୍ରାପ୍ତ ହେଉ ନଥିବାରୁ କେତେକ ସ୍ଥାନରେ କୃଷକମାନେ ଭୂତଳ ଜଳ ଅଧିକ ବ୍ୟବହାର କରୁଛନ୍ତି। ସହରାଞ୍ଚଳରେ ମଧ୍ୟ ବହୁତଳ ପ୍ରାସାଦ ନିର୍ମାତାମାନେ ଭୂତଳ ଜଳ ବ୍ୟବହାର କରୁଛନ୍ତି। ଫଳତଃ ଭୂତଳ ଜଳ ଅଧିକରୁ ଅଧିକ ନିମ୍ନଗାମୀ ହେଉଛି। ଜଳସଂପଦ ବିଭାଗର ଏକ ଆକଳନ ଅନୁଯାୟୀ ୨୦୬୦ ବେଳକୁ ଆମ ଦେଶ ନିଜ ଆବଶ୍ୟକତାର କେବଳ ଶତକଡ଼ା ୫୦ ଭାଗ ଜଳ ପ୍ରାପ୍ତ ହେବ। ଆମ ଦେଶର କୃଷି ଉତ୍ପାଦନ ଏହା ଫଳରେ ବ୍ୟାପକ ଭାବରେ ବ୍ୟାହତ ହେବ। ଦ୍ରୁତ ଶିଳ୍ପାୟନର ପ୍ରତିଷ୍ଠା ଆମ ଦେଶର ଉନ୍ନୟନ ଯୋଜନା ଓ ଶିଳ୍ପାୟନ ମଧ୍ୟ ପରିବେଶକୁ ଦୃଷ୍ଟିରେ ରଖି କରାଯାଉନାହିଁ। ଅର୍ଥାତ୍ କୌଣସି ସ୍ଥାନରେ କୌଣସି ପ୍ରକାରର ଶିଳ୍ପ ପ୍ରତିଷ୍ଠା ହେଲେ କିମ୍ବା ଅନ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେଲେ, ସେ ଅଞ୍ଚଳର ପରିବେଶ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ବିଚାରକୁ ନିଆନଯାଇ ସରକାରୀସ୍ତରରେ ସେସବୁ ଯୋଜନାମୂଳକ କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଉଛି। ଫଳରେ ଏହାଦ୍ୱାରା ସେ ଅଞ୍ଚଳର ପରିବେଶ ଅତିମାତ୍ରାରେ ପ୍ରଦୂଷିତ ହେଉଛି ଏବଂ ଏହାକୁ ବିରୋଧ କରୁଥିବା ଲୋକମାନେ ପ୍ରକୃତପକ୍ଷେ ଭୁଲ ବଶତଃ ଏ ବାବଦରେ କରାଯାଉଥିବା ତ୍ରୁଟିପୂର୍ଣ୍ଣ ଯୋଜନା ବିରୁଦ୍ଧରେ ଆନ୍ଦୋଳନ ନକରି ସଂଯୁକ୍ତ ଶିଳ୍ପସଂସ୍ଥା ପ୍ରତିଷ୍ଠା ବା ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରିବା ଏହି ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟା ସୃଷ୍ଟି କରୁଛି। ଆମର ଶିକ୍ଷା ବ୍ୟବସ୍ଥାରେ ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ବିଷୟ ଆଜି ବି ଯଥାଯଥ ଗୁରୁତ୍ୱ ପାଇପାରି ନାହିଁ। ଡାକ୍ତରୀ, ଇଞ୍ଜିନିୟରିଂ ବା ଅନ୍ୟାନ୍ୟ ବୈଷୟିକ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପରିବେଶ ବିଷୟରେ ସଚେତନ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଯଦି ପରିବେଶର ସୁରକ୍ଷା ସଂପର୍କୀତ ଧାରଣା ଦେବା ସହ, ସେମାନଙ୍କ ମନରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ସଂପର୍କରେ ସମୀକ୍ଷା, ସର୍ବେକ୍ଷଣ ଓ ସୂଚନା ପ୍ରଦାନ କରାଗଲେ ନୈତିକ ଓ ପରିବେଶ ଶିକ୍ଷା ଲାଭ କରିପାରିବେ।

ପରିବେଶ ଆହ୍ୱାନର ମୁକାବିଲା କରିବାରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବିଶ୍ୱ ପରିବେଶ ଦିବସ ନୀତି ନିର୍ଣ୍ଣୟକାରୀଙ୍କ ପାଇଁ ନିରନ୍ତର ବିକାଶ ପାଇଁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଏବଂ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଉନ୍ମୋଚନ କରିବାର ସୁଯୋଗ ପ୍ରଦାନ କରେ। ଅକ୍ଷୟ ଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତା, ନିରନ୍ତର କୃଷି ଅଭ୍ୟାସ ଗ୍ରହଣ, ସଂରକ୍ଷିତ ଅଞ୍ଚଳ ପ୍ରତିଷ୍ଠା ଏବଂ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ହ୍ରାସ କରିବା ପାଇଁ ନିୟମ ପ୍ରଣୟନ ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ। ବିଶ୍ୱ ପରିବେଶ ଦିବସରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରମାନେ ପରିବେଶ ପରିଚାଳନା ପାଇଁ ସେମାନଙ୍କର ଉତ୍ସର୍ଗ ପ୍ରଦର୍ଶନ କରନ୍ତି ଏବଂ ଅନ୍ୟ ରାଷ୍ଟ୍ରମାନଙ୍କୁ ମଧ୍ୟ ଅନୁକରଣ କରିବାକୁ ପ୍ରେରଣା ଦିଅନ୍ତି। ପରିବେଶବିତ୍ ବର୍ତ୍ତମାନ ଚିନ୍ତା ପ୍ରକଟ କରି କହି ସାରିଲାଣି ଆମ ପିଲାମାନେ ଏବଂ ଯୁବପିଢ଼ି ବହୁତ ବ୍ୟାପକ ସ୍ତରରେ ପରିବେଶ ପରିବର୍ତ୍ତନର ସମ୍ମୁଖୀନ ହେବା ସହ ଏହି କ୍ଷେତ୍ରରେ ସେମାନଙ୍କୁ ଯୋଗଦାନ କରିବାକୁ ପଡ଼ିବ। ପ୍ରତ୍ୟେକ ପରିବାରର ବୟସ୍କମାନେ ଚିନ୍ତା କରନ୍ତି ଯେ ସେମାନଙ୍କ ପିଲାମାନେ କେଉଁ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ପାଠ ପଢିବେ ଏବଂ ସେମାନେ କେଉଁ ବୃତ୍ତି ବାଛିବେ। ଏଭଳି ଚିନ୍ତା କରିବା ଯଥାର୍ଥ। କିନ୍ତୁ ଆମ ପିଲାମାନେ କେଉଁ ପ୍ରକାର ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରିବେ, କେଉଁ ପ୍ରକାର ପାଣି ପିଇବେ, ପକ୍ଷୀଙ୍କ ମଧୁର ଧ୍ୱନି ଶୁଣିବାକୁ ସକ୍ଷମ ହୋଇପାରିବେ କି ନାହିଁ, ସବୁଜ ଜଙ୍ଗଲର ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ କି ନାହିଁ, ସେ ବିଷୟରେ ମଧ୍ୟ ଆମ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ। ସର୍ବେକ୍ଷଣରୁ ଅନୁମାନ କରିହୁଏ ଯେ ଏହି ବିଷୟ ଗୁଡ଼ିକର ଅର୍ଥନୈତିକ, ସାମାଜିକ ଏବଂ ବିଜ୍ଞାନସମ୍ମତ ଦିଗ ରହିଛି, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସବୁ ବିଷୟ ସହିତ ଜଡିତ ଆହ୍ୱାନର ଏକ ନୈତିକ ଦିଗ ମଧ୍ୟ ରହିଛି। ଆଗାମୀ ପିଢ଼ିକୁ ସ୍ୱଚ୍ଛ ପରିବେଶର ପରମ୍ପରା ପ୍ରଦାନ କରିବା ଆମର ନୈତିକ ଦାୟିତ୍ୱ। ଏଥିପାଇଁ ଆମକୁ ପରିବେଶ ପ୍ରତି ସଚେତନ ଓ ସମ୍ବେଦନଶୀଳ ଜୀବନଶୈଳୀ ଆପଣାଇବାକୁ ପଡ଼ିବ, ଯାହାଦ୍ୱାରା ପରିବେଶ କେବଳ ସୁରକ୍ଷିତ ନୁହେଁ, ବରଂ ଉନ୍ନତ ହେବା ସହ ଅଧିକ ଚଳଚଞ୍ଚଳ ହୋଇପାରିବ। ସ୍ୱଚ୍ଛ ପରିବେଶ ଏବଂ ଆଧୁନିକ ବିକାଶ ମଧ୍ୟରେ ସନ୍ତୁଳନ ରହିବା ଉଭୟ ସୁଯୋଗ ଏବଂ ଆହ୍ୱାନ ମଧ୍ୟ।




ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆମ ପୋଖରୀ ଯୋଜନାରେ ସୌନ୍ଦର୍ଯ୍ୟୀକରଣ ନାମରେ ବିଭିନ୍ନ ପୋଖରୀଗୁଡ଼ିକରୁ ପଙ୍କ ଉଦ୍ଧାର କରାଯାଇଥିଲା। ଏହି ସୌନ୍ଦର୍ଯ୍ୟାରଣ ଅଟକଳ ପରିମାଣର ୭୦ ଲକ୍ଷ୍ୟ ଟଙ୍କା ଥିବାବେଳେ ଟଙ୍କା ଖର୍ଚ୍ଚ ହେବ ପରେ ମଧ ଜୋକ୍ ବନ୍ଧର ରୂପଖର ପୂର୍ବ ରୁ ଯେମିତି ଥିଲା ତା ଠାରୁ ଅଧିକ ଦୟନୀୟ ଅବସ୍ଥାରେ ରହିଛି । ସ୍ଥାନୀୟ ଠିକା ନେଇଥିବା ବ୍ୟକ୍ତି ଜୋକବନ୍ଧ ରୁ ପଙ୍କ ଉଦ୍ଧାର କରି ଉକ୍ତ ପଙ୍କକୁ ଚାଷ ଜମିରେ ପକେଇ ଜମି ମାଲିକଙ୍କ ଠାରୁ ଗୋଟେ ଟ୍ରାକ୍ଟର ୨୦୦ ଟଙ୍କା ଅର୍ଥ ଆଦାୟ କରିଥିବା ବେଳେ ଏନ୍ଏସିରୁ ମଧ ବିଲ କରି ଟଙ୍କା ନେଇଥିବା ଅଭିଯୋଗ ହେଉଛି। ବାବୁ ଓ ଠିକାଦାରଙ୍କ ମିଳିଭଗତରେ ମାଛ ତେଲରେ ମାଛଭଜା ଚାଲିଛି ବୋଲି ଜୋକବନ୍ଧରୁ ପଙ୍କ ଉଦ୍ଧାର ନାଁ'ରେ ବହୁ ଅର୍ଥ ବାଟମାରଣା ହୋଇଥିବା ଆଲୋଚନା ହେଉଛି। ପଙ୍କ ଉଦ୍ଧାର ନାମରେ ହୋଇଥିବା ହରିଲୁଟକୁ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିଲେ ବହୁ ଗୁମର ଖୋଲିବ ବୋଲି ସହର ବାସୀଦାବୀ କରୁଛନ୍ତି। ବିଜେଡ଼ି କହୁଥିଲା ଆମ ପୋଖରୀ ବିଜେପି ଫଳକ ଲଗେଇଛି ଆମ ପୋଖରୀ ବୋଲି ଲୋକେ କହୁଛନ୍ତି କାହାର ପୋଖରୀ।



# ଏନଟିପିସି ଠିକାଶ୍ରମିକ ପୂର୍ଣ୍ଣଚନ୍ଦ୍ର ନାଥଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



କଣିହାଁ, (ଭାସ୍କର ନ୍ୟୁଜ୍): ଏନଟିପିସି କଣିହାଁର ଟାଉନସିପ ସିଭିଲ୍ ମେଣ୍ଟେନାନ୍ସର ଠିକାଶ୍ରମିକ ପୂର୍ଣ୍ଣଚନ୍ଦ୍ର ନାଥଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ତାଙ୍କର ସହକର୍ମୀ ଠିକାଶ୍ରମିକଙ୍କ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଟାଉନସିପ ସିଭିଲ ଅଫିସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଠିକା ଶ୍ରମିକମାନେ ପ୍ରତ୍ୟେକ ନିଜର ଏକ ଦିନର ମଜୁରୀ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରୟୋଜନୀୟ ସାମଗ୍ରୀ ଓ ଉତ୍ତରୀୟ ସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଉନସିପ ସିଭିଲ ମେଣ୍ଟେନାନ୍ସର ଠିକାଶ୍ରମିକ ନରେଶ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଏନଟିପିସି ଟାଉନସିପ ସିଭିଲ ମେଣ୍ଟେନାନ୍ସର ଇଞ୍ଜିନିୟର ଇନଚାର୍ଜ ସିନିୟର ମ୍ୟାନେଜର ଏନ୍ ରାମସତ୍ୟମ୍, ସ୍ଥାୟୀ କର୍ମଚାରୀ କିଶୋର ଚନ୍ଦ୍ର ସାହୁ,ରଜତ କୁମାର ସାହୁ, କଣ୍ଟ୍ରାକ୍ଟର ପଦ୍ମଚରଣ ସାହୁ, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି)ର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ, ଉପସଭାପତି ଗନ୍ଧର୍ବ ନାଏକ, ଯୁଗ୍ମ ସମ୍ପାଦକ ଟୁନା ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଅତିଥିବୃନ୍ଦ କାର୍ଯ୍ୟରୁ ଅବସରପ୍ରାପ୍ତ ପୂର୍ଣ୍ଣଚନ୍ଦ୍ର ନାଥଙ୍କ ଦୀର୍ଘ ୧୭ ବର୍ଷର କାମର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ୱାଟର ସପ୍ଲାଇ ସିଷ୍ଟମର ଠିକାଶ୍ରମିକ ସିଙ୍ଗେଶ୍ୱର ସାହୁ, ସିଏଚପିର ଠିକାଶ୍ରମିକ ନିଳାମ୍ବର ତିରିଆ, ଟାଉନସିପ ହର୍ଟିକଲଚର ଠିକାଶ୍ରମିକ ରବି ସେଠୀ, ଟିକନ ନାଏକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଟାଉନସିପ୍ ସିଭିଲ ମେଣ୍ଟେନାନ୍ସର ସୁପର ଭାଇଜର ଅକ୍ଷୟ କୁମାର ସାହୁ ଓ ନିରଞ୍ଜନ ପ୍ରଧାନ, ଠିକାଶ୍ରମିକ ସୌରିଆ ସେଠୀ, ଶୁକଦେବ ସାହୁ, ବିନୋଦ ସେଠୀ,ମାନସ ବେହେରାଙ୍କ ସମେତ ସମସ୍ତ ଠିକାଶ୍ରମିକ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସାମୂହିକ ଭାବେ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

# 'ମାସ୍କଟ ସୁରକ୍ଷା' ବ୍ୟବସ୍ଥାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ




ପାରାଦୀପ, (ଭାସ୍କର ନ୍ୟୁଜ୍): ଲୋକସଭା ଭବନ କନଭେନସନ ହଲରେ ଜୁନ ୩ ତାରିଖ ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଲୋକାର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଭାସି ଜରିଆରେ ଏକ ବୈଠକ ପାରାଦୀପ ସ୍ଥିତ ଓଡ଼ିଶା ମାରିଟାଇମ୍ ଏକାଡେମୀରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝି ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାର ପ୍ରତିକାର ପାଇଁ ସର୍ବଦା ଗାଡ଼ି ନେଇ ଗଲାବେଳେ ହେଲମେଟ ପିନ୍ଧିବା, ନିଶାସକ୍ତ ହୋଇ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ଫୋନ ବ୍ୟବହାର ନ କରିବା, ଚାରିଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବାନ୍ଧିବା ଇତ୍ୟାଦି ଦିଗ ଉପରେ ଆଲୋଚନା କରିଥିଲେ ଏବଂ ଦୁର୍ଘଟଣାକୁ ଶୂନ୍ୟ କରିବା ପାଇଁ ମାସ୍କଟ 'ସୁରକ୍ଷା'ର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଜିଲ୍ଲାର ପାରାଦୀପ ସ୍ଥିତ 'ଓଡ଼ିଶା ମେରିଟାଇମ୍ ଏକାଡେମୀ'ରେ ସିମୁଲେଟର ଦ୍ୱାରା ପ୍ରଶିକ୍ଷଣ ବ୍ୟବସ୍ଥା ଏବଂ ପାରାଦ୍ୱୀପ - କଟକ, ପାରାଦ୍ୱୀପ - ଦୈତାରୀ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜ-ମେଣ୍ଟ ସିଷ୍ଟମ, ଜଗତି ଭୁତୁମୁଣ୍ଡାଇ ଠାରେ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥା, ୪୮୫ କି.ମି ଦୈର୍ଘ୍ୟର ଦିଶା-୨ ପ୍ରକଳ୍ପ, କଟକ - ପାରାଦୀପ ଏନ.ଏଚ୫୫ (୮୩ କି.ମି)ର ଶୁଭ ଉଦଘାଟନ କରିଥିଲେ। ଏହି ଆଭାସି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପାରାଦୀପ ପୌର ପରିଷଦ ଅଧକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ପାରାଦୀପ ବନ୍ଦର ପ୍ରାଧିକରଣ ଡ଼ସି ଅଲେଖଚନ୍ଦ୍ର ସାହୁ, ପାରାଦୀପ ମେରିଟାଇମ ଏକାଡେମୀ ଅଧିକ୍ଷ ମାନସ ରଞ୍ଜନ ବେହେରା, ୯ ନମ୍ବର ୱାର୍ଡ ପାରିଷଦ ସୁବ୍ରତ ପ୍ରଧାନ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୩୦୮କୋଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଢେଙ୍କାନାଳ ଠାରେ ପ୍ରାୟ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ, ପ୍ରାୟ ୧୮୮ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟ ବରାଦରେ, ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୧୨ କୋଟି ଟଙ୍କାର ୧୨ ଟି ପ୍ରକଳ୍ପର ଶୁଭଉଦ୍ଘାଟନ ହୋଇଥିବା ବେଳେ ୭୬ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଆଜି କରାଗଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଢେଙ୍କାନାଳ ଠାରେ ୫୦ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟବରାଦରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପ ଆଜି ଓଡିଶାର ବିକାଶର ଧାରାରେ ଆଉ ଏକ ସ୍ରୋତ ଯୋଡି ଦେଇଛି। ଆଜି ଯେଉଁ ନୂତନ ଶିଳ୍ପର ଶୁଭାରମ୍ଭ ହେଲା, ଏଥିରୁ ୩୦ ହଜାର କୋଟି ଟଙ୍କାର ବ୍ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ। ଏଣୁ, ଢେଙ୍କାନାଳ ଜିଲ୍ଲାକୁ ଓଡିଶାର ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ଆମର ଲକ୍ଷ୍ୟ। ସୋଲାର ଏନର୍ଜୀକୁ ଆମେ କେବଳ ଆମ ରାଜ୍ୟର ନୁହେଁ ବରଂ ସମଗ୍ର ଦେଶର ପ୍ରମୁଖ ଶକ୍ତି ଭାବେ ବ୍ୟବହାର କରିବା। ସେ କହିଥିଲେ ଯେ, ଏହି ଜିଲ୍ଲାର ଚିର ସ୍ମରଣୀୟ ବରପୁତ୍ର ତଥା ଶହୀଦ ବାଜି ରାଉତଙ୍କ ସ୍ମୃତିରେ ଆଜି ବନମାଳିପ୍ରସାଦ ଅଂଚଳରେ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟବରାଦରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ଫୁଟବଲ ପଡିଆ, ସିନ୍ଥେଟିକ ଆଥେଲେଟିକ ଟ୍ରାକ୍, ହକି ଟ୍ରେନିଂ ସେଣ୍ଟର, ଇଣ୍ଡୋର ଷ୍ଟାଡିଅମ, ସୁଇମିଂପୁଲ୍, ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡା ଛାତ୍ରାବାସ ଇତ୍ୟାଦି ବିକଶିତ କରାଯିବ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ସାରା ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ୬ ମାସ ମଧ୍ୟରେ ଆଜି ଆମେମାନେ ଦେଖିପାରୁଛେ। ଆଗକୁ ମଧ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆମେ ଶିଳ୍ପ ମାଧ୍ୟମରେ ରୋଜଗାର ବଢାଇବୁ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଉକ୍ତ କାର୍ଯ୍ୟକ୍ରମରେ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ଗଣତନ୍ତ୍ରରେ ସବୁଠାରୁ ବଡ କଥା ହେଉଛି 'ଲୋକଙ୍କ ଭରଷାକୁ ଅକ୍ଷୁର୍ଣ୍ଣ ରଖିବା'। ଏହି ଭାବନାକୁ ମନରେ ରଖି ପ୍ରଥମ ଦିନରୁ ହିଁ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ପଦକ୍ଷେପ ନେଇଥିଲୁ। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ, ଶତ୍ରୁଘନ ଜେନା, ପରଜଙ୍ଗ ବିଧାୟକ, ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା, ସିମାରାଣୀ ନାୟକ ଓ ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ପାଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୌରାଧକ୍ଷା ଜୟନ୍ତୀ ପାତ୍ର ଓ କାଉନ୍ସିଲର ବୃନ୍ଦ ରୂପାର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜିଉଙ୍କ ଏକ ମୂର୍ତ୍ତି ଉପହାର ଦେଇଥିଲେ। ସେହିପରି ଯୁବମୋର୍ଚ୍ଚା ପକ୍ଷରୁ ଏକ ବିରାଟ ଫୁଲମାଳ ଜିଲ୍ଲା ସଭାପତି ମହାଦୀପ ଯଶୋବନ୍ତ ମହିମା ଓ କାର୍ଯ୍ୟକର୍ତ୍ତା ମାନେ ପ୍ରଦାନ କରିଥିଲେ। ସେହିପରି ଚାଷୀମାନଙ୍କ ପକ୍ଷରୁ ଆମ୍ବ ଓ ବିଭିନ୍ନ ପନିପରିବା ମୁଖ୍ୟମନ୍ତ୍ରୀଙ୍କୁ ଉପହାର ପ୍ରଦାନ କରିଥିବାବେଳେ ଜଣେ ଚାଷୀ ଲଙ୍ଗଳ ପ୍ରଦାନ କରିଥିଲେ। ନାଗରିକ ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ। ଏହି ସମାବେଶରେ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଓ ବିଜେପି କର୍ମୀମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ପ୍ରେମାନନ୍ଦ ଜେନା, ହର୍ଷବର୍ଦ୍ଧନ ସିଂହଦେଓ, ସମବାୟବିତ୍ ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ନଗରପାଳ ସୁନିଲ୍ଶର୍ମା, ମାତୃପ୍ରସାଦ ନନ୍ଦ, ସତ୍ୟଭୂଷଣ ଭୂୟାଁଙ୍କ ସମେତ ବହୁକାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଉତ୍କର୍ଷ ନିମାପଡ଼ା-୨୦୨୫ ଉଦ୍ଘାଟିତ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ପ୍ରଥମ କରି ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନିମାପଡ଼ାର ଗର୍ବ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ବିଭିନ୍ନ ମହଲରୁ ସାଧୁବାଦ ଦିଆଯାଇଛି। ପ୍ରଥମ କରି ଏପରି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ଉପ-ମୁଖ୍ୟମନ୍ତ୍ରୀ ନିମାପଡ଼ା ବିକାଶ ଉପରେ ଦୃଷ୍ଟି ଦେଉଛନ୍ତି ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ନିମାପଡ଼ା ଇନ୍ଡ଼ୋର ଷ୍ଟାଡ଼ିୟମ୍ ନିକଟସ୍ଥ ନୂଆ ବାରବାଟି ପଡ଼ିଆ ପରିସରରେ ବିଜେପି ଦଳ ପକ୍ଷରୁ ଉତ୍କର୍ଷ ନିମାପଡ଼ା-୨୦୨୫ ଉଦ୍ଘାଟନୀ ଉତ୍ସବରେ ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟପାଳ ଡ଼କ୍ଟର ହରିବାବୁ କମ୍ଭମପାଟି, ଜଗତସିଂହପୁର ସାଂସଦ ଡ଼କ୍ଟର ବିଭୂ ପ୍ରସାଦ ତରାଇ, ସମ୍ମାନୀତ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମହିଳା ମିଶନ ଶକ୍ତିର କମିଶନର ମନୀଷା ପ୍ରିୟଦର୍ଶିନୀ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ନିମାପଡ଼ା ବିଡ଼ିଓ ଡ଼କ୍ଟର ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ତହସିଲଦାର ଡ଼କ୍ଟର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ରାଉତରାୟ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁବ୍ରତ ମହାପାତ୍ର, ପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଗୋପ ବିଡ଼ିଓ ଛବିରାଣୀ ସାହୁଙ୍କ ସମେତ ପୁରୀ ଜିଲ୍ଲାର ସରକାରୀ ଓ ବେସରକାରୀ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ନିମାପଡ଼ାକୁ ଏକ ସରସ ସୁନ୍ଦର, ସମୃଦ୍ଧ ନିମାପଡ଼ା ଗଠନ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ମହିଳା ମିଶନ ଶକ୍ତି ଆଦି ବିଭାଗରେ ବୈପ୍ଲବିକ ପରିବର୍ତ୍ତନ କରିବା ସହିତ ଆସନ୍ତା ୨୦୩୬ ଓ ୨୦୪୭ ମସିହା ପାଇଁ ରୋଡ଼ ମ୍ୟାପ ପ୍ରସ୍ତୁତ କରାଯିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିମାପଡ଼ା-ଗୋପ ବ୍ଲକ୍ର ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଭାମାନଙ୍କୁ ରାଜ୍ୟପାଳ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଶକ୍ତିମେଳା ପକ୍ଷରୁ ବିଭିନ୍ନ ଷ୍ଟଲ ଦେଖିବାକୁ ମିଳିଥିଲା। ଆରକ୍ଷୀ ବାହିନୀଙ୍କ ଦ୍ୱାରା ସଠିକ୍ ଭାବେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ରାଜ୍ୟ ସରକାରଙ୍କର ଏକବର୍ଷ ପୂର୍ତ୍ତି ଅବସରରେ ବନ୍ଧୁମିଳନ କାର୍ଯ୍ୟକ୍ରମ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କର ୧ ବର୍ଷ ପୂର୍ତ୍ତି ଅବସରରେ ନିମାପଡ଼ା ବ୍ଲକ୍ କଳାପାଞ୍ଚଣ ପଞ୍ଚାୟତରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୮ଲକ୍ଷ ଟଙ୍କାର ବ୍ୟୟ ବରାଦରେ ନିର୍ମିତ ହୋଇଥିବା ନିଆଳି ମୁଖ୍ୟ ରାସ୍ତାରୁ ସିଦ୍ଧ ବାବା ମଠ ପର୍ଯ୍ୟନ୍ତ ରାସ୍ତାର ଶୁଭ ଉଦ୍ଘାଟନ କରିଛନ୍ତି ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ବରିଷ୍ଠ ନେତୃତ୍ୱ ଜୀବନାନନ୍ଦ ମହାପାତ୍ର, ଅଶୋକ କୁମାର ସାହୁ, ଅଜୟ କୁମାର ସ୍ୱାଇଁ, ଅଭିମନ୍ୟୁ ପଣ୍ଡା, ସମିତି ସଭ୍ୟା ସସ୍ମିତା ପାତ୍ର, ଯୁବ ନେତୃତ୍ୱ ରାକେଶ ବେହେରା, ମନଦୀପ ପାଇକରାୟ ଏବଂ କଳାପାଞ୍ଚଣ ପଞ୍ଚାୟତର ସମସ୍ତ ନେତୃତ୍ୱ ମା'ମାନେ ଓ ଶତାଧିକ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଠାରୁ ମଙ୍ଗଳସୂତ୍ର ଓ କାନଫୁଲ ଲୁଟ୍

ତିହିଡ଼ି, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ସଞ୍ଜ ୭ଟା ବେଳେ ତିହିଡି ଥାନା ଅଧିନ ଭଦ୍ରକ -ଚାନ୍ଦବାଲି ରାସ୍ତାର କୋହ୍ଲ ବଜାର ଠାରୁ କିଛି ଦୂରରେ ଜଣେ ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଓ କାନରୁ କାନଫୁଲ ଦୁର୍ବୃତ୍ତମାନେ ଲୁଟିନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ୨୦୨/ ୨୫ ମକଦ୍ଦମ ରୁଜୁକରି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହି ଗ୍ରାମର ପ୍ରଶାନ୍ତ ମହାକୁଡ଼ଙ୍କ ପତ୍ନୀ ସସ୍ମିତା ସ୍ଥାନୀୟ କଲେଜ ଛକରେ ଭଡାନେଇ ରହୁଛନ୍ତି। ସେ ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ତାଙ୍କ ପୁଅକୁ ସ୍କୁଟିରେ ବସାଇ ବିନ୍ଧାରେ ହେଉଥିବା ଏକ ବାହାଘରରେ ଯୋଗଦେବାକୁ ଯାଉଥିଲେ। କୋହ୍ଲ ବଜାର ଠାରୁ କିଛି ଦୂରରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ପାଖକୁ ଲାଗି ଯାଇ ତାଙ୍କ ମଙ୍ଗଳସୂତ୍ର ଓ ଏକ କାନଫୁଲକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ପରେ ସେ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ।

## ଗୋ'ଚାଲାଣକୁ ବିରୋଧ କରିବାରୁ ଗୋ'ମାଫିଆଙ୍କ ହତ୍ୟା ଧମକ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆକନା ପଶ୍ଚିମବାର୍ଡ଼ ରାସ୍ତା, ପାରୁଳିଆ ଘାଟ, ଧର୍ମଦ୍ୱାର, ଆମ୍ବିଳିଅଠା ରାସ୍ତା ଦେଇ ଶହଶହ ଗୋ ମାତାଙ୍କୁ ଗାଡ଼ି ଦ୍ୱାରା ଓ ଚଲେଇ ଚଲେଇ ନିଆଯାଉଛି। ଗତ ଜୁନ ୧ ତାରିଖ ଦିନ ମୁସଲମାନ ସମ୍ପ୍ରଦାୟର କିଛି ଗୋ ମାଫିଆ ଆକନା ପଶ୍ଚିମବାର୍ଡ଼ ରାସ୍ତା ଦେଇ ଗାଈ, ଗୋରୁମାନଙ୍କୁ ଚାଲାଣ କରୁଥିବାର ଦେଖି ସ୍ଥାନୀୟ ଲୋକେ ଗାଈ କେଉଁଠାରୁ ଆଣିଲ ଏବଂ କୁଆଡ଼େ ନେବ ବୋଲି ପ୍ରଶ୍ନ କରିଥିଲେ। ଦଲାଲମାନେ ଗାଈଙ୍କୁ ହତ୍ୟା କରିବାକୁ କଂଶେଇଖାନା ନେଉଥିବାର ପ୍ରକାଶ କରିବାରୁ ସ୍ଥାନୀୟ ଲୋକେ ଏବଂ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଏହାକୁ ବିରୋଧ କରିଥିଲେ। ସେଠାରୁ ଗୋ ମାଫିଆମାନେ ଖସି ପଳାଇଥିଲେ। ଉକ୍ତଦିନ ଦ୍ୱିପ୍ରହାର ୩ ଟା ସମୟରେ ୫ ଜଣ ଗୋ ମାଫିଆ ବାଇଗଣବାଡିଆ ପଞ୍ଚାୟତ ଅନ୍ତର୍ଗତ କଣ୍ଟାପାଳ ଗ୍ରାମର ଚିନ୍ମୟ ବାରିକଙ୍କ ଘରକୁ ଯାଇ ତାଙ୍କ ପରିବାର ସଦଶ୍ୟଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଘରୁ ବାହାରି ବଜାରକୁ ଗଲେ ଜୀବନରୁ ମାରିଦେବେ ବୋଲି ଧମକ ମଧ ଦେଇଥିଲେ। ଚିନ୍ମୟ ଏ ନେଇ ବାଲେଶ୍ୱର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ରଶ୍ମିରଞ୍ଜନ ଦାସଙ୍କୁ ଯୋଗାଯୋଗ କରିବାରୁ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ପହଞ୍ଚି ତାଙ୍କୁ ସୁରକ୍ଷା ଦେବା ସହ ପ୍ରଥମେ ଜଳେଶ୍ୱର ଥାନାଧିକାରୀଙ୍କୁ ଭେଟିଥିଲେ। ଜୁନ ୩ ତାରିଖ ଦିନ ନାମ୍ପୋ ଫାଣ୍ଡିଅଧିକାରୀ କରଣ ମାରାଣ୍ଡିଙ୍କୁ ଚିନ୍ମୟ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏନେଇ ଫାଣ୍ଡିଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ରଶ୍ମିରଂଜନ ଦାସ, ବିପ୍ଳବ ପ୍ରଧାନ, ସାଗର ଦାସ, ଗୌତମ ଦାସ ପ୍ରମୁଖ ନାମ୍ପୋ ଫାଣ୍ଡିଧିକାରୀଙ୍କୁ ଭେଟି ଗୋ ଚାଲାଣ ବନ୍ଦ କରିବାକୁ ପଦକ୍ଷେପ ନେବା ସହ ଚିନ୍ମୟ ବାରିକଙ୍କୁ ସୁରକ୍ଷା ପ୍ରଦାନ ଏବଂ ଗୋ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

## ଡ୍ରେନର ନର୍ଦ୍ଦମା ପାଣି ରାସ୍ତାରେ ଭାସି, କରୋନାକୁ କରୁଛି ଆମନ୍ତ୍ରଣ

ରାଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ମୋହନ ସରକାରଙ୍କର କଡ଼ା ନିର୍ଦ୍ଦେଶ ହୋଇଛି ବର୍ଷାଦିନ ପୂର୍ବରୁ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଡ୍ରେନ ଗୁଡିକ ସଫା କରାଯିବ, ଯେମିତିକି କୌଣସି ପରିସ୍ଥିତିରେ ଡ୍ରେନର କାଦୁଆ ପାଣି ରାସ୍ତାରେ ଭାସି ଲୋକମାନଙ୍କ ପାଦ ଚଲାରେ ପ୍ରତିବନ୍ଧକ ସୃଷ୍ଟି ନ କରେ ସେଥିପାଇଁ ଗ୍ରାମାଞ୍ଚଳର ସରପଞ୍ଚ ମାନେ ଯତ୍ନବାନ ହେବା ଉଚିତ୍। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ଦୁଇଶହ ମିଟର ଦୂର ଓ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମଧ ସମାନ ଦୂରତା ରହିଛି ଗଳିଦାଣ୍ଡ। ହେଲେ ସରପଞ୍ଚଙ୍କ ଘରଠାରୁ ମାତ୍ର ଶହେମିଟର ଦୂର ହୋଇଥିଲେ ବି ପଞ୍ଚାୟତର ସମସ୍ତ କାର୍ଯ୍ୟ ସରପଞ୍ଚଙ୍କ ସ୍ୱାମୀ ପ୍ରକ୍ସି ସରପଞ୍ଚ ହୋଇ କାର୍ଯ୍ୟ କରିଥାନ୍ତି। କିନ୍ତୁ ଡ୍ରେନ ସଫା ନାଁ'ରେ ସରପଞ୍ଚଙ୍କ ସ୍ୱାମୀର ତତ୍ତ୍ୱାବଧାନରେ କେତେ ଥର ବିଲ୍ ହେଉଛି ତାହା ସେ ହିଁ ଜାଣିଥାନ୍ତି। ଏପଟେ ଗଳିଦାଣ୍ଡରେ ନର୍ଦ୍ଦମା ପାଣି ରାସ୍ତାରେ ଭାସୁଥିବାରୁ ଦୈନିକ ଶହଶହ ଲୋକେ ଏହି ରାସ୍ତା ଦେଇ ବ୍ଲକ, ତହସିଲ, ସ୍ୱାସ୍ଥ୍ୟ କେନ୍ଦ୍ର, ଥାନା ଓ ବଜାର ତଥା ଏଟିଏମ୍କୁ ଯିବା ଆସିବା ବେଳେ ଏହି ନର୍ଦ୍ଦମା ପାଣିରେ ପଶି ଯିବାକୁ ପଡୁଛି ଯାହାଦ୍ୱାରା ବିଭିନ୍ନ ରୋଗର ଶିକାର ହେବାକୁ ପଡୁଛି। ସରପଞ୍ଚଙ୍କ ସ୍ୱାମୀ ସେହି ବାଟ ଦେଇ ଯିବା ଆସିବା କରୁଥିଲେ ମଧ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ କରୋନା ଭଳି ମହାମାରୀ ରୋଗକୁ ଆମନ୍ତ୍ରଣ କରାଯାଉଥିବା ବୁଦ୍ଧୀଜୀବୀ ମହଲରେ ଚର୍ଚ୍ଚା ଯୋର୍ ଧରିଛି। ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ଗଳିଦାଣ୍ଡ ସମେତ ସମସ୍ତ ଡ୍ରେନ ସଫା କରାଗଲେ ରୋଗ ଦାଉରୁ ମୁକ୍ତି ମିଳିବ ବୋଲି ଗ୍ରାମବାସୀ କହିଛନ୍ତି।

# ମେଧା ପ୍ରତିଭା ସମ୍ମାନ ଉତ୍ସବ ପାଳିତ



ଫୁଲନଖରା, (ଭାସ୍କର ନ୍ୟୁଜ୍): ମୌଜାର ଅଗ୍ରଣୀ ସାମାଜିକ ସଂଗଠନ ବିକାଶ ପରିଷଦର ଚର୍ତୁବିଂଶତମ ମେଧା ପ୍ରତିଭା ସମ୍ମାନ ଉତ୍ସବ-୨୦୨୫ ବେଣ୍ଟକାର ଗ୍ରାମପଞ୍ଚାୟତ ସ୍ଥିତ ବେଣ୍ଟକାର ଉଚ୍ଚ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧ୍ୟାପକ ଗଣେଶ୍ୱର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ଉପଦେଷ୍ଟା ସ୍ୱାଧିନ ଶେଖର ଷଡଙ୍ଗୀ ପରିଷଦର ଆଭିମୁଖ୍ୟ ଓ କାର୍ଯ୍ୟାବଳୀକୁ ସମ୍ପାଦକୀୟ ବିବରଣୀରେ ପଠନ କରିଥିଲେ। ବିକାଶ ପରିଷଦର ସଭାପତି ଆଇନଜୀବୀ କେଶବଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନୋରଞ୍ଜନ ପାଣିଗ୍ରାହୀ ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ମୁଖ୍ୟ ଅତିଥି ଭାବରେ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଓ କଥାକାର ପ୍ରବୀର ମହାନ୍ତି, ସମ୍ମାନନୀୟ ଅତିଥି ଭାବେ କଣ୍ଠଶିଳ୍ପୀ ବିବୁ ଦାସ, ଅତିରିକ୍ତ ଶିକ୍ଷାଧିକାରୀ ମନୋରଂଜନ ବାରିକ, ବେଣ୍ଟକାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ବହୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷ ପରିଷଦ ତରଫରୁ ଆଦର୍ଶଶିକ୍ଷକ ସମ୍ମାନରେ ସୁନାକର ଖୁଣ୍ଟିଆ, କଳା ସଂସ୍କୃତିରେ ନିମାଇଁ ଚରଣ ପଣ୍ଡା, ସଫଳ ଚାଷୀ ସମ୍ମାନରେ ଉମେଶ ଚନ୍ଦ୍ର ପତି, ଉତ୍ତମ କ୍ରୀଡାବିତ୍ ସମ୍ମାନରେ ନିରଞ୍ଜନ ବେହେରା, ଆଦର୍ଶ ନାରୀ ପ୍ରତିଭାରେ ମମତା ରଥଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ବିକାଶ ପରିଷଦର ଶ୍ରେଷ୍ଠ ସଭ୍ୟ-୨୦୨୩ ଭାବେ ତ୍ରିଲୋଚନ ଦଳାଇଙ୍କୁ ସମ୍ମାନୀତ କରାଯାଇଛି। ଏହି ଅବସରରେ ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ରଙ୍କ ସମ୍ପାଦନାରେ ବିକାଶ ପରିଷଦର ମୁଖପତ୍ର 'ପଲ୍ଲିଶ୍ରୀ' ପୁସ୍ତକ ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ୪୨ମୌଜାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ୪୨ମୌଜା ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ଚଳିତବର୍ଷ ହାଇସ୍କୁଲ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସମସ୍ତ ୭୬ଜଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୨ମୌଜାରେ ପ୍ରଥମସ୍ଥାନ ଅଧିକାର କରିଥିବା ଜ୍ୟୋତିର୍ମୟୀ ପଲେଇଙ୍କୁ ବିକାଶ ପରିଷଦର ଉପଦେଷ୍ଟା ଗୋଲେଖ ବିହାରୀ ପତିଙ୍କ ତରଫରୁ ୫ହଜାର ଟଙ୍କା ଏବଂ ସେକ୍ ମହେବୁଲ୍ଲା ସ୍ମୃତି କମିଟି ତରଫରୁ ୧ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ତୃପ୍ତି ସଞ୍ଚିତା ଆଚାର୍ଯ୍ୟଙ୍କୁ ୩ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ହର୍ଷିତା ସାହୁଙ୍କୁ ୨ହଜାର ଟଙ୍କା ପ୍ରୋତ୍ସାହନ ରାଶି ସହିତ ପରିଷଦ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସଂସ୍କୃତ ଭାଷାରେ ସର୍ବାଧିକ ନମ୍ବର ରଖିଥିବା ତୃପ୍ତି ସଞ୍ଚିତା ଆଚାର୍ଯ୍ୟ, ସାଗର ବେହେରା, ସାଲିନ ଦେବତାଙ୍କୁ କୈଳାସନାଥ ଦିକ୍ଷୀତ୍ ସ୍ମୃତି କମିଟି ତରଫରୁ ପ୍ରୋତ୍ସାହନ ରାଶି ସହିତ ଟ୍ରଫି ଓ ଇଂରାଜୀ ଭାଷାରେ ସର୍ବାଧିକ ନମ୍ବର ରଖିଥିବା ହର୍ଷିତା ସାହୁଙ୍କୁ ଆଦର୍ଶ ଶିକ୍ଷକ ଲୋକନାଥ ବାରିକ ସ୍ମୃତି କମିଟି ତରଫରୁ ପ୍ରୋତ୍ସାହନ ରାଶି ସହିତ ଟ୍ରଫି, ମାତୃଭାଷା ଓଡିଆରେ ସର୍ବାଧିକ ନମ୍ବର ରଖିଥିବା ସମୀକ୍ଷା ମୁଦୁଲିଙ୍କୁ ମହନୀ ଦେବି ସ୍ମୃତି ସମ୍ମାନରେ ପ୍ରୋତ୍ସାହନ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ୪୨ମୌଜାରେ +୨ କଳା ଓ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରିତି ପ୍ରଜ୍ଞା ନାୟକ ଓ ଶୁଭମ୍ ମହାପାତ୍ର ବଟକୃଷ୍ଣ ବିଶ୍ୱାଳଙ୍କୁ ମେମୋରିଆଲ ତରଫରୁ ପ୍ରୋତ୍ସାହନ ରାଶି ସହିତ ଟ୍ରଫି ଏବଂ +୩ କଳାରେ ଅର୍ପିତା ପତିଙ୍କୁ ବାମଦେବ ସ୍ମୃତି ସଂସଦ ତରଫରୁ ପ୍ରୋତ୍ସାହନ ରାଶି ସହିତ ଟ୍ରଫି ପ୍ରଦାନ କରାଯିବା ସହିତ ତୃତୀୟ ଓ ପଞ୍ଚମ ବୃତ୍ତି ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। କଟକସଦର ଅଞ୍ଚଳର ସମସ୍ତ ହାଇସ୍କୁଲ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିକାଶ ପରିଷଦର ଉପସଭାପତି ଗୌତମଚରଣ ପରିଡା, ସହସମ୍ପାଦକ ସୁରେଶ ଚନ୍ଦ୍ର ଦେବତା, କୋଷାଧ୍ୟକ୍ଷ ଭଜକୃଷ୍ଣ ଲେଙ୍କା, ସଂଯୋଜକ ନିକୁଞ୍ଜ ସ୍ୱାଇଁ, ଉପଦେଷ୍ଟା ସେକ କଲିମୁଲ୍ଲା, ଇଂ ଅଶୋକ କୁମାର ବିଶ୍ୱାଳ, ପ୍ରସନ୍ନ ଦଳେଇ, ଧିରେନ୍ଦ୍ର ବେହେରା, ସାଗର କାନୁନ୍‌ଗୋ, ସୁଜନ ରାଉତ, ବୁଲେଇ ବେହେରା, କୃଷ୍ଣଚନ୍ଦ୍ର ଦାଶ, ବିଜୟ କୁମାର ଦାସ, ବିକ୍ରମ କିଶୋର ପତି, ସଂଗ୍ରାମ କିଶୋର ପତି, ବିଶ୍ୱଜିତ୍ ପାଣି, ଦିପ୍ତୀରଞ୍ଜନ ଶତପଥି, ସ୍ମୃତିଧର ପତି, ସୁଜିତ୍ ପତି, ହେମନ୍ତ ପାତ୍ର, ନାରଣ ଭୋଇ, ଦିନବନ୍ଧୁ ସାମଲ,ହେମନ୍ତ ପାତ୍ର ଅଶୋକ ତ୍ରିପାଠୀ , ରାମଚନ୍ଦ୍ର ମାଝି, ତ୍ରିଲୋଚନ ସ୍ୱାଇଁ, ସ୍ୱାର୍ଥମୁକ୍ତି ସେଠୀ, ଚନ୍ଦନ ପ୍ରଧାନ, ଜଗବନ୍ଧୁ ସ୍ୱାଇଁ, ନକୁଳ ଚରଣ ସ୍ୱାଇଁ, ସତ୍ୟବ୍ରତ କର, ଶୁଭାଷିଷ ଶତପଥି, ସଂଜୟ ବେହେରା, ରବିନ୍ଦ୍ର ଦେବତା, ସୂର୍ଯ୍ୟପ୍ରକାଶ ବେଉରା, ସନ୍ତୋଷ କୁମାର ସାହୁ, ଅକ୍ଷୟ ମୁଦୁଲି ଓ ଅନ୍ୟ କର୍ମକର୍ତ୍ତାବୃନ୍ଦଙ୍କ ସହିତ ୪୨ମୌଜା, କଟକର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ଉତ୍ସବକୁ ସୁନ୍ଦର, ସରସ କରିଥିଲେ। ଶେଷରେ ସଭ୍ୟ ଶରତ ଚନ୍ଦ୍ର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି କୃଷି କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଅପରାହ୍ନରେ ତିହିଡି ବ୍ଲକ ଅଧୀନ ବାମନବିନ୍ଧାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ଯୋଗଦେଇ ଚାଷର କିପରି ଉନ୍ନତି ହୋଇପାରିବ ସେନେଇ ସୂଚନା ଦେଇଥିଲେ। ଆଧୁନିକ ଜ୍ଞାନ କୌଶଳରେ ବିଭିନ୍ନ ଚାଷ କରିବାକୁ ସେ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଭାରତୀୟ ଅନୁସନ୍ଧାନ ପରିଷଦର ବୈଜ୍ଞାନିକ ଡ. ରାଜଲକ୍ଷ୍ମୀ ବେହେରା, ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହାନ୍ତ ଓ ଡ. ବିଜୟଲକ୍ଷ୍ମୀ ରାଉତ, ବରିଷ୍ଠ ଗବେଷିକା ଭାନୁମତି ଧିନ୍ଦା, ସରପଞ୍ଚଙ୍କ ପ୍ରତିନିଧି ଖାରବେଳ ମହାକୁଡ଼ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ଉନ୍ନତି ହେଲେ ସମାଜର ଆର୍ଥିକ ଅବସ୍ଥା ସୁଦୃଢ଼ ହେବ ବୋଲି କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ଚାଷୀମାନଙ୍କ ସହ ବୈଜ୍ଞାନିକମାନଙ୍କ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଚାଷ ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଗ୍ରାମ୍ୟ କୃଷି କର୍ମଚାରୀ ବିଦ୍ୟାଧର ବେହେରା, ମୃତ୍ତିକା ସଂରକ୍ଷଣ ଅଧିକାରୀ ଜିତେନ୍ କୁମାର ମହାପାତ୍ର, କୃଷକ ସାଥୀ ଚକ୍ରଧର ଜେନା ଓ ମଣ୍ଟୁ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଣମାଧ୍ୟମର ପ୍ରଭାବରେ ସ୍ଥାପନ ହେଲା ଟ୍ରାନ୍ସଫର୍ମର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ କେନ୍ଦିଲୋ ଠାରେ ୫ଦିନ ହେଲା ଅଚଳ ହୋଇ ପଡିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଟାଟା ପାୱାର ତରଫରୁ କାର୍ଯ୍ୟକ୍ଷମ କରାଯାଇଛି। କେନ୍ଦିଲୋ ଠାରେ ସ୍ଥାପନ କରାଯାଇଥିବା ୩୩କେଭି ବିଦ୍ୟୁତ ଟ୍ରାନ୍ସଫର୍ମଟି ୫ଦିନ ହେଲା ଅଚଳ ହୋଇ ପଡିଥିଲା। ସ୍ଥାନୀୟ ଟାଟା ପାୱାର କମ୍ପାନୀ ଏହି ଅଂଚଳର ବିଦ୍ୟୁତ ଉପଭୋକ୍ତାଙ୍କୁ ଜୁଲମ କରି ବିଦ୍ୟୁତ ଦେୟ ଆଦାୟ କରୁଥିଲା ବେଳେ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ଟାଟା ପାୱାର ତରଫରୁ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି।

## ବିଶ୍ୱ ଦରଜୀ ଦିବସ ପାଳିତ

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ଦରଜୀ ସଂଘ ତରଫରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଥିବା ଯୋଗଗୃହ ଠାରେ ବିଶ୍ୱ ଦରଜୀଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଅଚ୍ୟୁତାନନ୍ଦ ପାତ୍ର ଅଧ୍ୟକ୍ଷତା କରି କହିଥିଲେ ଯେ ଆଜିର ରେଡିମେଡ ଯୁଗରେ ଦରଜୀ କାମ କରି ପରିବାର ଚଳାଇବା କଷ୍ଟକର ବିଷୟ। ଓଡ଼ିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଯଦିଓ ଦରଜୀମାନଙ୍କୁ ଶ୍ରମିକ ମାନ୍ୟତା ଦେଇଛି କିନ୍ତୁ କୌଣସି ସୁବିଧାସୁଯୋଗ ପ୍ରଦାନ କରାଯାଉ ନାହିଁ। ଦରଜୀମାନଙ୍କୁ ଅସମୟରେ ମୃତ୍ୟୁ, ଅକର୍ମଣ୍ୟ ସହାୟତା ପିଲାଙ୍କ ଉଚ୍ଚଶିକ୍ଷା, ଝିଅ ବିବାହ ସମୟରେ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଜୟକୃଷ୍ଣ ବେହେରା, ଉପ ସଭାପତି ଅର୍ଜୁନ ଦୃଷ୍ଟି, ସହ ସମ୍ପାଦକ ପ୍ରମୋଦ କୁମାର ଦାସ, ରଘୁନାଥ ରଣା ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଏହି ଅବସରରେ ୮୦ ଜଣ ମହିଳା/ପୁରୁଷ ଦରଜୀଙ୍କୁ ପରିଚୟ ପତ୍ର ଓ ଅଣ ସଂଗଠିତ ଶ୍ରମିକ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।



ଝରୀଗାଁ (ଭାସ୍କର ନ୍ୟୁଜ): ଝରୀଗାଁ ବ୍ଲକ କୁଟ୍ରିଛାପର ଗ୍ରାମପଂଚାୟତର ଠାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ ଏବଂ ଝରୀଗାଁ ପ୍ରାଣୀ ଚିକିତ୍ସକ ଡକ୍ଟର ସାରଦା ନାୟକ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା ସମ୍ପର୍କରେ ଆଗ୍ରହୀ ଚାଷୀଙ୍କୁ ଜାଣି ରହିଥିବା ସୁବିଧା ସୁଯୋଗ ଗୁଡ଼ିକ ବୁଝେଇଥିଲେ । କାମଧେନୁ ଯୋଜନା ଦ୍ୱାରା ଚାଷୀ ଅର୍ଥନୈତିକ କ୍ଷେତ୍ରରେ ନିଜର ଉନ୍ନତି କରିବା ସହିତ ଆବଶ୍ୟକୀୟ ଦୁଗ୍ଧ ଯୋଗେଇବାରେ ଚାଷୀ ପ୍ରମୁଖ ଭୂମିକା ଗ୍ରହଣ କରିବ, ତେଣୁ ସରକାର ଚାଷୀଙ୍କୁ ସବସିଡି ସହ ବୀମା ସୁବିଧା ଏବଂ ସମସ୍ତ ପ୍ରକାର ସହାୟତା ଯୋଗେଇ ଦେବା ପାଇଁ ପ୍ରସ୍ତୁତ ଥିବା କହିଥିଲେ । କାର୍ଯ୍ୟକ୍ରମରେ କୁଟ୍ରିଛାପର ଗ୍ରାମପଂଚାୟତର ଆଗ୍ରହୀ ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ଗ୍ରାମପଂଚାୟତର ସରପଞ୍ଚ ବୃନ୍ଦି ଯାନୀ ସମିତି ସଭ୍ୟ ପ୍ରସନ ମାଝୀ ଜିଲ୍ଲାପରିଷଦ ଏବଂ ୱାର୍ଡ ମେମ୍ବରମାନେ ମଧ ଏହି ସଚେତନତା ଶିବିରରେ ଯୋଗଦେଇଥିଲେ ।



# ପବିତ୍ର ଘୋଷଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ

ଗୁଣପୁର(ଭାସ୍କର ନ୍ୟୁଜ): ଶବର ଶ୍ରୀକ୍ଷେତ୍ର ଗୁଣପୁର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର ଘୋଷ ଯାତ୍ରା ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଗୁଣପୁର ଉପ ଜିଲ୍ଲାପାଳ କିରଣ ଦାସ କୋଁର ସହୋଯାଗରେ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ପଣ୍ଡା, ସମ୍ପାଦକ ନିରଞ୍ଜନ ପାଢ଼ୀ, ଗାନ୍ଧୀ ଅନୁଷ୍ଠାନର ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ମଞ୍ଚାସୀନ ଥିଲେ । ଚଳିତ ରଥଯାତ୍ରା କିଭଳି ସୁଖଶାନ୍ତି ଓ ସୁରୁଖୁରୁରେ ହୋଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଉପଜିଲ୍ଲାପାଳ । ବୈଠକ ପ୍ରାରମ୍ଭରେ ରାଜପୁରୋହିତ ଦେବସ୍ନାନ ପୂର୍ଣ୍ଣିମା ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ହେବାକୁ ଥିବା ନିତିକାନ୍ତି କାର୍ଯ୍ୟନିର୍ଘଣ୍ଟ ନେଇ ସୂଚନା ଦେଇଥିଲେ । ଗତଦୁଇ ବର୍ଷଧରି ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ପୁଣି ନବଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ପାଇଁ ସ୍ଥିର କେବାସହ ଏଥିପାଇଁ କମିଟି ଗଠନ କରାଯାଇଥିଲା । ସେହିପରି ରଥ ନିର୍ମାଣ, ଗହଳି ନିୟନ୍ତ୍ରଣ, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ଲାଇଟ ବ୍ୟବସ୍ଥା, ପରିମଳ ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଥିଲା । ଜଗନ୍ନାଥ ମନ୍ଦିର ପରିଚାଳନା ଓ ବାର ମାସରେ ହେଉଥିବା ପର୍ବପର୍ବାଣି ପାଇଁ ଅର୍ଥର ଅଭାବ ରହୁଥିବାରୁ ମିନା ବଜାର ବାବଦରେ ଆଦାୟ ହେଉଥିବା ଅର୍ଥକୁ ଦେବୋତ୍ତର ବିଭାଗ ଆକାଉଣ୍ଟରେ ଡିପୋଜିଟ ନକରି ମନ୍ଦିର ପରିଚାଳନା କମିଟି ହାତକୁ ହସ୍ତାନ୍ତର ପାଇଁ ଅତିଟ୍ୟ ବାହିନୀ ସଂପାଦକ ତ୍ରିପାଠି ମହାନ୍ତି ଅନୁରୋଧ କରିଥିଲେ । ତେବେ ସରକାରଙ୍କ ନିତି ନିୟମ ଯାହାଅଛି ତାହାକୁ ଆଧାର କରି ପଦକ୍ଷେପ ନିଆଯିବ ବୋଲି ଉପଜିଲ୍ଲାପାଳ ଆଶ୍ୱାସନା ଦେଇଥିଲେ । ବିଧାୟକ ସତ୍ୟଜିତ ଗମାଙ୍ଗ ପୋଲିସ ଓ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ବୈଠକରେ ଅନୁପସ୍ଥିତକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ରେଞ୍ଜ ଅଧିକାରୀ ଗଙ୍ଗାଧର ମିଶ୍ର, ଫାୟାର ଅଧିକାରୀ, ପୂର୍ତ୍ତ ଯନ୍ତ୍ରୀ, ବୈଶ୍ୟସଂଘ ସଭାପତି ବାବା ପ୍ରସାଦ, ଗାୟତ୍ରୀ ଅନୁଷ୍ଠାନ ଅଧକ୍ଷ ଅକ୍ଷୟ ଦାସ, ରଥ ନିର୍ମାଣ ମହାରଣା ଗାଙ୍ଗରାଜୁ ଶବର, ରାଜ ପୁରୋହିତ ଦୁକୁନା ରଥ, ଗୁପ୍ତେଶ୍ୱର ରଥ, ସୁଦାମ ରଥ, ମନ୍ଦିର ପୂଜକ ଗଦା ପଣ୍ଡା, ସୁଦାମ ପଣ୍ଡା, ମନୋଜ ପାଢ଼ୀ, ପପି ପଣ୍ଡା, ଗୌରୀ ଶଙ୍କର ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା ସଂଯୋଜନା କରିଥିଲେ । ଦେବସ୍ନାନ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ କାର୍ଯ୍ୟ କ୍ରମ କିପରି ସୁରୁଖୁରୁରେ ହୋଇ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା । ରାଜସ୍ୱ ସହାୟକ ଗୁପେଶ୍ୱର ପାଣିଗ୍ରାହୀ, ରାଜସ୍ୱ ପରିଦର୍ଶକ ସରୋଜ ନିମାଲପୁରୀ, ରାଜସ୍ୱ ନିରୀକ୍ଷକ କେ. ଶ୍ରୀନୁ ପ୍ରମୁଖ ପରିଚାଳନା କରିଥିଲେ ।

## ୩ ମାସ ପରେ ନିର୍ଦ୍ଦୋଷରେ ଜେଲରୁ ମୁକୁଳିଲେ ଯୁବକ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ପୋଲିସ ପକ୍ଷରୁ ମାଥିଲି ଥାନା ୨୦୦୫ ମସିହାରେ କେସ ନମ୍ବର ୧୧୦/୦୫ ଏବଂ ଜିଆର ନମ୍ବର, ୩୧୯/୦୫ (ଏ) ରେ ହୋଇଥିବା ଅଭିଯୋଗ ଭିତ୍ତିରେ ପାଙ୍ଗମ ପଞ୍ଚାୟତ କୁପୁଲିଗୁଡ଼ା ଗ୍ରାମର ବଳରାମ ପୂଜାରୀ (୪୫) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଓ ଉପରୋକ୍ତ ମକଦ୍ଦମା ଅନୁଯାୟୀ ବଳରାମ ସମ୍ପୃକ୍ତ ନ ଥିବା, ନିଜେ ତଥା ପରିବାର ଏବଂ ଗ୍ରାମବାସୀଙ୍କ ସାକ୍ଷ୍ୟ ପ୍ରମାଣ ପରେ ମଧ୍ୟ ମାଥିଲି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ବରିଷ୍ଠ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଡ଼ା ଜିଲ୍ଲା ଆଇନ ସହାୟକ କେନ୍ଦ୍ର ପାଖରେ ଅଭିଯୋଗ ଦାଖଲ କରିବାରେ ଡିଏଲଏସଏ ସମ୍ପାଦକ ରାକେଶ କୁମାର ମୁଦୁଲିଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ ସହାୟକ କେନ୍ଦ୍ରର ଅବସ୍ଥାପିତ ମୁଖ୍ୟ ଆଇନ ସହାୟକ ଆଇନ ଜୀବୀ ଅଶୋକ କୁମାର ପଟ୍ଟନାୟକ, ଆଇନଜୀବୀ ରାକେଶ ପଟ୍ଟନାୟକ, ଆଇନଜୀବୀ ସାଗର ପାଣିଗ୍ରାହୀ ଏବଂ ଆଇନଜୀବୀ ସଂପୃକ୍ତା ଦତ୍ତ ଉପରୋକ୍ତ ମକଦ୍ଦମା ଲଢ଼ିଥିଲେ । ଜିଲ୍ଲା ଦୌରା ଜର୍ଜଙ୍କ କୋର୍ଟରେ ଆଇନଜୀବୀ ଯୁକ୍ତିରେ ବଳରାମ ପୂଜାରୀ ଏହି ମକଦ୍ଦମାରେ ସଂପୃକ୍ତି ନ ଥିବା ସଂକ୍ରାନ୍ତରେ ବିଭିନ୍ନ ନଥି ଉପଲବ୍ଧ ପତ୍ର ତଥା ପୋଲିସ ତଦନ୍ତ ସମୟରେ କିଛି ତ୍ରୁଟି ଏବଂ ଏତଲାକାରୀଙ୍କ ଶପଥ ପାଠ କରାଇ ଏହାର ପ୍ରମାଣ କରାଇଥିଲେ । ଏହିସବୁ ପ୍ରମାଣକୁ ଭିତ୍ତିକରି ଜିଲ୍ଲାଜର୍ଜ ଯୁବକକୁ ନିର୍ଦ୍ଦୋଷ ରେ ଖଲାସ କରିଥିଲେ ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅଭିଯୋଗର ଦସ୍ତଖତ ଯାଞ୍ଚ



ସଇଁତଲା (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ବୁଢାବାହାଲ ପଞ୍ଚାୟତରେ ସରପଞ୍ଚ ଲତା କୁମ୍ଭାରଙ୍କ ମନମାନି, ଉନ୍ନୟନ କାମରେ ବାଧା ସୃଷ୍ଟି, ବିଭିନ୍ନ ସଭା ସମିତିରେ ୱାର୍ଡ଼ ସଭ୍ୟମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଥିଲା । ଏନେଇ ପଞ୍ଚାୟତର ୯ ଜଣ ୱାର୍ଡ଼ ୱାର୍ଡ଼ସଭ୍ୟ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଗତ ୨୮ ତାରିଖରେ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ସଇଁତଲା ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା ବୁଢାବାହାଲ ପଞ୍ଚାୟତ କୁ ଯାଇ ୱାର୍ଡସଭ୍ୟମାନଙ୍କ ଅଭିଯୋଗର ଦସ୍ତଖତ ଯାଞ୍ଚ କରିବାକୁ ଯାଇଥିବାବେଳେ ୱାର୍ଡ଼ ସଭ୍ୟ ମାନେ ପଞ୍ଚାୟତରେ ଅଫିସରେ ନକରି ବ୍ଲକ ଅଫିସରେ ଯାଞ୍ଚ କରିବାକୁଅଡିବସିଥିଲେ । ଏହାପରେ ସମସ୍ତ ୱାର୍ଡ ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟ ଠାରେ ଏକତ୍ରିତ ହୋଇ ଥିବାବେଳେ ବିଡ଼ିଓଙ୍କ ଉପସ୍ଥିତରେ ସେମାନଙ୍କ ଦସ୍ତଖତ ଯାଞ୍ଚ କରାଯାଇଥିଲା ଅଭିଯୋଗ ଅନୁସାରେ, ପଞ୍ଚାୟତର ରାସ୍ତାଘାଟ, ବିଦ୍ୟୁତ୍ ସମସ୍ୟା, ଷ୍ଟ୍ରିଟ୍‌ଲାଇଟ, ଡ୍ରେନ ନିର୍ମାଣ, ପାନୀୟଜଳ ଯୋଗାଣ ଉପରେ ୱାର୍ଡ଼ ସଭ୍ୟମାନେ ବାରମ୍ବାର ଅଭିଯୋଗ କରିବା ପରେ ମଧ ସରପଞ୍ଚ ଉପରୋକ୍ତ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ ଦେଉନାହାଁନ୍ତି । ସେହିପରି ବିଭିନ୍ନ ସଭା ସମିତିରେ ୱାର୍ଡ଼ସଭ୍ୟଙ୍କୁ ଅଣଦେଖା କରିବା ସହ ବିଭିନ୍ନ କାର୍ଯ୍ୟରେ ତାଙ୍କ ସ୍ୱାମୀ ହସ୍ତକ୍ଷେପ କରୁଛନ୍ତି । ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ସହ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ଉପଜିଲ୍ଲାପାଳଙ୍କୁ ଲିଖିତ ଦାବି କରିଛନ୍ତି । ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପଜିଲ୍ଲାପାଳ ସମୀର କୁମାର ବିଲଙ୍ଗଙ୍କୁ ବୁଢାବାହାଲ ପଞ୍ଚାୟତର ନାଏବ ସରପଞ୍ଚ ବିଜୟ ସେଲମାଙ୍କ ସହ ୱାର୍ଡ଼ସଭ୍ୟ ତୁଳସୀ ସାହୁ, ବିଶ୍ୱମ୍ବର ମହାଡ଼ିକ, ପ୍ରକାଶ ସାହୁ, ମୋହନୀ ସାହୁ, ବନୀତା ଗହୀର, ମୋହନ ସୁନା, ସମାରୀ ଗହୀର, କାହ୍ନୁ ଚରଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳରେ ଗଡ଼ିଲା ନିଶା ଓ ମାଦକଦ୍ରବ୍ୟ ବିରୋଧି ସଚେତନତା ରଥ

କନ୍ଧମାଳ(ଭାସ୍କର ନ୍ୟୁଜ): ସରକାରଙ୍କ ନୀତି ନିୟମ କାଗଜ କଲମରେ ନରହୁ।ଏହାପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ। କନ୍ଧମାଳ ଜିଲ୍ଲାରୁ ଗଂଜେଇ ଚାଷ,ଚୋରା ଚାଲାଣ ବନ୍ଦ କରାଯାଉ। ପ୍ରତିଦିନ ଗଂଜେଇ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧରାଯାଉଛି ହେଲେବି ଶେଷ ହେଉନାହିଁ। ଏହାପ୍ରତି ଗୁରୁତ୍ୱ ନାହିଁ। କିନ୍ତୁ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ବ୍ୟାପକ ଜନସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ସଚେତନତା ରଥ ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ କୁଶଲ ଚନ୍ଦ୍ର ନାଏକ ସବୁଜ ପତାକା ପ୍ରଦର୍ଶନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥଟି ଜିଲ୍ଲା ପରିକ୍ରମା ପୂର୍ବକ ଗାଁରୁ ସହର- ସମ୍ପୂର୍ଣ୍ଣ ଜିଲ୍ଲା ସମେତ ଓଡିଶାକୁ ଘାତକ ନିଶା କବଳରୁ ମୁକ୍ତ କରିବା ପାଇଁ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ବେଆଇନ ମଦ କାରବାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଥିବା ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରାଇବା ସହିତ ଅତ୍ୟଧିକ ନିଶା ଓ ମଦ୍ୟପାନ ଦ୍ୱାରା ହେଉଥିବା ଗୁରୁତର ସ୍ୱାସ୍ଥ୍ୟ ଓ ମାନସିକ ସମସ୍ୟା, ବିଭିନ୍ନ ପାରିବାରିକ ସମସ୍ୟା ଏବଂ ଘରୋଇ ହିଂସା ସମ୍ପର୍କରେ ମଧ୍ୟରେ ସଚେତନତା ସୃଷ୍ଟି କରିବ । ଡ୍ରଗ୍ସ କାରବାର ସମ୍ପର୍କରେ କୌଣସି ଘଟଣା ନଜରକୁ ଆସିଲେ ଜାତୀୟ ନାର୍କୋଟିକ୍ସ ହେଲ୍ପଲାଇନ ଟୋଲ ଫ୍ରି ନମ୍ବର ୧୯୩୩ କଲ୍ କରିବା ପାଇଁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବକାରୀ ଅଧିକ୍ଷକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା, ଡିଏସ୍‌ଡବ୍ଲୁଓ, ଡିସିପିଓ ଜ୍ୟୋସ୍ନାମୟୀ ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବଡ଼ସେଠ, ଅବକାରୀ ବିଭାଗର କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଅଙ୍ଗନୱାଡ଼ି ସୁପର ଭାଇଜରମାନଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ସମବାୟବିତ୍‌ଙ୍କ ପରଲୋକ

ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଡାବରଧୁଆ ପଞ୍ଚାୟତର ବରିଷ୍ଠ ସମବାୟବିତ୍ ଗୟାଧର ମହାପାତ୍ରଙ୍କ(୭୦) ପରଲୋକ ଘଟିଛି । ସ୍ୱର୍ଗତ ମହାପାତ୍ର ସମବାୟ ଅଧିକାରୀ କାର୍ଯ୍ୟ ସମୟରେ ଚାଷୀମାନଙ୍କୁ ସହଯୋଗ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ଅଞ୍ଚଳର ବହୁ ସାଂସ୍କୃତିକ ଏବଂ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ରହି ଗ୍ରାମରେ ମୁଖ୍ୟ ପୁରୋଧା ସାଜିଥିଲେ। ସେ ମିଷ୍ଟଭାଷୀ, ସଂସ୍କୃତିପ୍ରେମୀ ଧର୍ମପରାୟଣ ବ୍ୟକ୍ତିତ୍ୱ ବହନ କରୁଥିବା ଜଣେ ଆଦର୍ଶ ବ୍ୟକ୍ତି ଥିଲେ। ସେ ବହୁଦିନ ଧରି ହୃଦରୋଗ ଜନିତ ସମସ୍ୟାରେ ପୀଡିତ ଥାଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ମଙ୍ଗଳବାର ସ୍ୱାସ୍ଥ୍ୟ ବିଗିଡିବାରୁ ସ୍ଥାନୀୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅ, ଜୋଇଁ ନାତି, ନାତୁଣୀ ସହିତ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କର ଏକମାତ୍ର ପୁତ୍ର ପପୁ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବେଆଇନ ଗଛ କଟା ମାମଲା: କାର୍ଯ୍ୟାନୁଷ୍ଠାନ ଶୂନ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ପାଟଣା ରେଞ୍ଜ କେନ୍ଦେଇପଶି ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲରୁ ଅନୁମତି ଠାରୁ ୩ ଗୁଣ ଅଧିକ ଗଛ କାଟି ନିଆଯାଇଛି । ଏହି ଘଟଣାରେ ପିସିସିଏଫ୍ ନିକଟରେ ଅଭିଯୋଗ ହେବା ପରେ କେନ୍ଦୁଝର ଡିଭିଜନ ପକ୍ଷରୁ ଏକ ଟିମ ଗଠନ କରାଯାଇ କଟାଯାଇଥିବା ଗଛର ମୂଳ ଗଣନା ହୋଇଥିଲା । ଏସିଏଫ୍ ସୁଦିପ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ଟିମରେ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର,ପାଟଣା ଫରେଷ୍ଟର ପିଅନ ନାଏକ,ଖିରେଇଟାଙ୍ଗିରୀ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତ,ସାହାରପଡା ଫରେଷ୍ଟର ଭୂପତି ସେଠୀ,ରାଜନଗର ବିଟ୍ ଫରେଷ୍ଟ ଗାର୍ଡ ଲକ୍ଷ୍ମୀପ୍ରିୟା ମହାନ୍ତ,କେନ୍ଦେଇପଶି ବିଟ୍ ଫରେଷ୍ଟ ଗାର୍ଡ ତପସ୍ୱିନୀ ନାଏକ, ଗୁରାଣ୍ଡିଯୋଡି ବିଟ୍ ଫରେଷ୍ଟ ଗାର୍ଡ ରଞ୍ଜିତା ମହାନ୍ତ ଏବଂ ସ୍କ୍ୱାର୍ଡ କର୍ମଚାରୀ ଗଣତି କରିଥିଲେ । ଅଭିଯୋଗ ପରେ ବନବିଭାଗ ଅଧିକ ଗଛ କଟାଯାଇଥିବା ନେଇ ସୂଚନା ପାଇ ଗଣତି କରିଥିଲେ । ୩୪୭ଟି ୟୁକାଲିପଟାସ ଗଛ କାଟିବାକୁ ଅନୁମତି ଥିବାବେଳେ ଅଧିକ ୯୭୩ ଟି ଗଛ କାଟି ଦିଆଯାଇଛି । ଟ୍ରିପ୍ ଟ୍ରିପ୍ କାଠ ବାହାର ରାଜ୍ୟକୁ ଚାଲାଣ ହୋଇଯାଇଥିବାବେଳେ ସେହି ସ୍ଥାନରେ ପଡିଥିବା ୩ ଟ୍ରାକ୍ଟର ଟ୍ରଲି ଭର୍ତ୍ତି କାଠ ଜବତ୍ କରାଯାଇଛି । ଗଛ କାଟିବା ସମୟରେ ବନ ବିଭାଗ କର୍ମଚାରୀ ଉପସ୍ଥିତ ରହୁନଥିବାରୁ ଧାର୍ଯ୍ୟଠାରୁ ବହୁ ଅଧିକ ଏବଂ ଶାଳ ଗଛ ଓ ଅନ୍ୟାନ୍ୟ କିସମର ଗଛ କଟାଯାଇଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅଦ୍ୟାବଧି ଏହି ଘଟଣାରେ କେନ୍ଦେଇପଶି ବନ ସୁରକ୍ଷା ସମିତିର ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇନଥିବାବେଳେ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା ପାଟଣା ଫରେଷ୍ଟର ପିଅନ ନାଏକ ଏବଂ କେନ୍ଦେଇପଶି ବିଟ୍ ଫରେଷ୍ଟ ଗାର୍ଡ ତପସ୍ୱିନୀ ନାଏକ ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏପରିକି ଗଛ କଟାଯିବା ପୂର୍ବରୁ ବନ ସୁରକ୍ଷା ସମିତି ଆକାଉଣ୍ଟରେ ଗଛ କଟା ବାବଦ ଅର୍ଥ ଜମା କରାଯାଇନଥିବା ଅଭିଯୋଗ ହୋଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ୟୁକାଲିପଟାସ ଗଛ ଗୁଡିକ ସୁରକ୍ଷିତ ଥିବାବେଳେ ବନ ବିଭାଗ କିପରି ଏତେ ସଂଖ୍ୟାରେ ଗଛ କାଟିବାକୁ ଅନୁମତି ଦେଲେ ତାହା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ପିସିସିଏଫ୍ ଙ୍କ ନିକଟରେ ଦାବୀ କରିଛନ୍ତି । ଏହା ପଛରେ ସଂଖ୍ୟାଲଘୁ କାଠ ମାଫିଆଙ୍କ ହାତ ରହୁଛି । ବନ ସୁରକ୍ଷା ସମିତି ଗଛ କାଟିବାକୁ ଅନୁମତି ପାଇବା ପରେ ସେମାନେ ଜଙ୍ଗଲରେ ବେଆଇନ ପ୍ରବେଶ କରି ଅନୁମତି ଠାରୁ ଢେର ଅଧିକ ଗଛ କାଟି ନେଇଛନ୍ତି । ଏହାପଛରେ ବନ ବିଭାଗର କେତେକ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ଥିବାରୁ ତଳିଆ କର୍ମଚାରୀମାନେ ଏଭଳି ବେଆଇନ କାମକୁ ନେଇ ଚୁପ ରହୁଛନ୍ତି । ଏହିପରି ଭାବେ ଖୋଦ ବନ ବିଭାଗ ଯଦି ରକ୍ଷକ ହୋଇ ଭକ୍ଷକ ହେବ ତେବେ ଖୁବ କମ ଦିନରେ ବିଭିନ୍ନ ଜଙ୍ଗଲରେ ଥିବା ୟୁକାଲିପଟାସ ଏବଂ ଆକାଶିଆ ଗଛ ଲୋପ ପାଇବ। ବନ ବିଭାଗ ମଧ ଏହି କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଅନୁମତି ପ୍ରଦାନ କରୁଛି । ବନବିଭାଗ ସଂରକ୍ଷିତ ଜଙ୍ଗଲ,ଗ୍ରାମ୍ୟ ଜଙ୍ଗଲରେ ୟୁକାଲିପଟାସ ଓ ଆକାଶିଆ ଗଛ କାଟିବାକୁ ଅନୁମତି ପ୍ରଦାନ କରୁଥିବାରୁ ବନ ବିଭାଗ, ସଂଖ୍ୟାଲଘୁ କାଠ ମାଫିଆ, ବନ ସୁରକ୍ଷା ସମିତି ସଦସ୍ୟଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ସନ୍ଦେହ କରାଯାଉଛି । ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବାକୁ ଅନୁମତି ଦିଆଯାଉଥିବାରୁ ଜଙ୍ଗଲର ଘନତ୍ୱ କମୁଛି ଏବଂ ବନ୍ୟପ୍ରାଣୀ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି ଓ ପରିବେଶ ଏବଂ ଜଳବାୟୁ ଉପରେ ଏହାର କୁପ୍ରଭାବ ପଡୁଛି । ଗଛ କଟାଯିବା ପୂର୍ବରୁ ନିୟମ ଅନୁସାରେ ବିକ୍ରୀ ବାବଦ ଅର୍ଥ ବନ ସୁରକ୍ଷା ସମିତିର ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ଏହାର ୪୦ ପ୍ରତିଶତ ଗାଁର ଉନ୍ନତିକରଣ,୪୦ ପ୍ରତିଶତ ଭିଏସ୍ଏସ୍ ସଦସ୍ୟ ଥିବା ଗ୍ରାମବାସୀମାନଙ୍କ ମଧ୍ୟରେ ବଣ୍ଟାଯିବ ଏବଂ ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ଗଛ କଟାଯାଇଥିବା ଜଙ୍ଗଲରେ ପୁନର୍ବାର ବୃକ୍ଷରୋପଣ ପାଇଁ ଜମା ରଖିବାର ବ୍ୟବସ୍ଥା ରହିଥିଲେ ମଧ ଏହି ନିୟମ ପାଳନ ହେଉନାହିଁ। ପାଟଣା ରେଞ୍ଜର ବନ ବିହାର ସର୍ଦ୍ଦାରଙ୍କ ସହ ଏ ନେଇ ଯୋଗାଯୋଗ କରିବାରୁ କେନ୍ଦେଇପଶି ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଗଛ କଟା ମାମଲାରେ ବନସୁରକ୍ଷା ସମିତିର ସଦସ୍ୟଙ୍କ ନାମରେ ମାମଲା ରୁଜୁ କରିବାକୁ କୁହାଯାଇଛି । ଏହି ମାମଲାର ତଦନ୍ତ ଚାଲିଛି ଯେଉଁ ବନ କର୍ମଚାରୀ ଦୋଷୀ ହେବେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



# ଦୁର୍ଘଟଣାରେ ଜଣେ ମୃତ, ୩ଗୁରୁତର



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ବଡବନ୍ଧ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବିଦ୍ୟୁତ୍ ବିଭାଗର ଏକ ବୋଲେରୋ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ମତେ ଟିପିଏସଓଡିଏଲ କମ୍ପାନୀର ଏକ ବୋଲେରୋ ଗାଡି ବୌଦ୍ଧରୁ ଚାରିଛକ ଫେରୁଥିବା ବେଳେ ପୁରୁଣାକଟକ ଥାନା ବଡବନ୍ଧ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ଗାଡ଼ି ଚାଳକ ଶିବ ନାଗଙ୍କ ମୃତ୍ୟୁ ହୋଇଥିଲା। ଗାଡ଼ିରେ ଥିବା ଚାରିଛକ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପାଣିଗ୍ରାହୀ ଓ ଅନ୍ୟ ୨ କର୍ମଚାରୀ ସମୀର ନାଏକ ଓ ସଂଗ୍ରାମ ସାହୁ ଗୁରୁତର ହୋଇଥିଲେ । ସମସ୍ତଙ୍କୁ ପ୍ରଥମେ ପୁରୁଣା କଟକ ଡାକ୍ତର ଖାନାରେ ଭର୍ତ୍ତି କରାଯାଇ ଥିଲା ଓ ପରେ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଘଟଣା ସ୍ଥଳରେ ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ବେଲପାହାଡ଼ ପୌର କାର୍ଯ୍ୟାଳୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ବେଲପାହାଡ଼ (ଭାସ୍କର ନ୍ୟୁଜ୍): ସରକାରଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌର କାର୍ଯ୍ୟାଳୟରେ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଗୌରବ ପ୍ରଧାନ ଯୋଗଦାନ କରିଛନ୍ତି। ଶ୍ରୀ ପ୍ରଧାନ ଏହା ପୂର୍ବରୁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ ଥିଲେ। ମଙ୍ଗଳବାର ଦିନ ପୌର କର୍ମଚାରୀଙ୍କ ପକ୍ଷରୁ ନୂତନ ଅଧିକାରୀ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ପୌର କର୍ମଚାରୀ ସହକାରୀ ଯନ୍ତ୍ରୀ ନୀଳକଣ୍ଠ କିଶାନ, ଶୈଳେଶ ବହିଦାର, ଗୁରୁଦେବ ପ୍ରଧାନ, ବୀରେନ ମିତ୍ର ବେହେରା, ବାସନ୍ତୀ ପ୍ରଧାନ, ସୁମିତ ମହାପାତ୍ର, ବିନୋଦ ଜେନା, ଅଶୋକ ସାହୁ, ତପନ ମିଶ୍ର, ଦୀପକ ଚୌଧୁରୀ ପ୍ରମୁଖ ସାମିଲ ରହିଥିଲେ। ଅନ୍ୟପକ୍ଷରେ ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂଙ୍କ ଅନ୍ୟତ୍ର ବଦଳି ହୋଇଛି। ପ୍ରକାଶ ଥାଉକି ଯେ, ସୁଶ୍ରୀ ସିଂ ବେଲପାହାଡ଼ ପୌର ପରିଷଦରେ ଗତ ତା:୪/୧୦/୨୦୨୩ ରେ ପ୍ରଥମ କରି ମହିଳା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟରେ ଯୋଗଦାନ କରିଥିଲେ। ସୁଶ୍ରୀ ସିଂ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକୁ ସଫଳ ରୂପାୟନ କରାଇବା ସହ ସୁଚାରୁ ରୂପେ ସମ୍ପାଦନା କରିଥିଲେ। ବିଶେଷ ଭାବେ ମହିଳାମାନଙ୍କୁ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳ ଦିଗରେ କାର୍ଯ୍ୟ କରିଥିଲେ। ବିଭିନ୍ନ ସୂତ୍ର ସହିତ ସ୍ଥାନୀୟ ଶିଳ୍ପ ସଂସ୍ଥା ଗୁଡ଼ିକରୁ ପରିଷଦର ଆୟ ବୃଦ୍ଧି କରିବା କ୍ଷେତ୍ରରେ ସୁଶ୍ରୀ ସିଂଙ୍କ ବିଶେଷ ଉଦ୍ୟମ ଥିଲା। ତେବେ ପରିଷଦର ପାଣ୍ଠି ଅପବ୍ୟବହାର ଉପରେ ଅଙ୍କୁଶ ଲଗାଇବା ସହ ଅସାଧୁ କର୍ମଚାରୀଙ୍କ ଉପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତାଙ୍କ କାର୍ଯ୍ୟଧାରାରେ ପରିଲକ୍ଷିତ ହେଉଥିଲା।


# ଗୋଟିପଡ଼ାକୁ ଏବେ ଗାଟୁ ଭରସା

ଝରୀଗାଁ (ଭାସ୍କର ନ୍ୟୁଜ): ଅପହଞ୍ଚ ରାସ୍ତା ଆଉ ଅପହଞ୍ଚ ବିକାଶ, ଗାଁକୁ ନାହିଁ ରାସ୍ତା। ଏହି କ୍ରମରେ ଗୋଟିପଡ଼ା ଗାଁକୁ ଏବେ ଗାଟୁ ଭରସା। ପାହାଡ଼ ପର୍ବତ ଘେରା ଏକ ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଗଣିତ ଇଚ୍ଛାପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁମୁନିଗୁଡା ଗ୍ରାମର ଗୋଟିପଡ଼ା ଗାଁ। ଦୀର୍ଘ ଚାଳିଶି ପଚାଶ ବର୍ଷର ଗାଁ ବୋଲି ଗ୍ରାମବାସୀ ଦାବି କରୁଥିବା ବେଳେ ଏ ପର୍ଯ୍ୟନ୍ତ ଗାଁକୁ ରାସ୍ତା ଟିଏ ନିର୍ମାଣ ହୋଇପାରିନାହିଁ। ଏହି ଗାଁ ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ସରକାରଙ୍କ ପ୍ରାୟ ସବୁ ସୁବିଧା ସୁଯୋଗରୁ ବଞ୍ଚିତ ହୋଇରହିଛି। ଏମାନଙ୍କ ପାଇଁ ସୁଖ ସାତ ସପନ ପାଲଟି ଯାଇଛି। ଗାଁ ଠାରୁ ପାଖାପାଖି ଦେଢ଼ କିଲୋମିଟର କେବଳ ମାଟି ରାସ୍ତା ରହିଥିବା ବେଳେ ଗାଁ ଠାରୁ ଅଧା କିଲୋମିଟରରୁ ଅଧିକ ଆଦୌ ରାସ୍ତା ହିଁ ନାହିଁ। ଯେଉଁଥି ପାଇଁ ଲୋକଙ୍କୁ ନିଜର ରାସନ ପେନସନ, ମେଡିକାଲ କିମ୍ବା ହାଟ ବଜାର ଏ ସବୁ ପାଇଁ ଏକମାତ୍ର ଭରସା ହୋଇପଡିଛି ଏହି ଜମିହିଡ଼। ଏହାକୁ ଆଞ୍ଚଳିକ ଭାଷାରେ ଗାଟୁ ବା ହିଡ଼ କୁହାଯାଇଥାଏ। ଗ୍ରାମବାସୀ ତ କୁହନ୍ତି ଏ ଗାଁର ଯେତେକ ଗର୍ଭବତୀ ସମସ୍ତେ ଖଟିଆରେ ହିଁ ବୁହାହୋଇଥାନ୍ତି। ବର୍ତ୍ତମାନ ଚାଷବାସ ସମୟ ଆସୁଥିବା ବେଳେ ଏହି ଜମିହିଡ଼ ମଧ ଯମଦଉଡି ପାଲଟି ଯିବ। କାରଣ ହିଡ଼ର ଉଭୟ ପାର୍ଶ୍ୱ ଗଛପତ୍ରରେ ଢାଙ୍କି ହୋଇଯିବ। ଜଙ୍ଗଲ ଏରିଆ ହୋଇଥିବା ବେଳେ ହଠାତ୍ ଭାଲୁ କିମ୍ବା ବିଷଧର ସର୍ପର ମଧ ପ୍ରାୟ ଭୟ ରହିଥାଏ। ଏଭଳି ଦୁଃଖକଷ୍ଟରେ ଜୀବନକୁ ପାଣି ଛଡେଇ ଏ ଗାଁର ଆବାଳ ବୃଦ୍ଧ ଜୀବନ ବିତାଉଥିବା କହିଛନ୍ତି। ବର୍ଷାଦିନ ହେଲେ ସେ ରାସ୍ତାରେ ଯିବା ଅତି କଷ୍ଟକର ହୋଇପଡିବ। ଏହି ରାସ୍ତା ପାଇଁ ଗତଦିନ ଏହି ଗାଁର ଚକ୍ରଧର ଯାନୀଙ୍କ ସ୍ତ୍ରୀ ବିମଳା ଯାନୀଙ୍କୁ ଏହି ଗାଁ ଗୋଟିଗୁଡା ଗାଁରୁ ଖଟିଆରେ ବୋହି ଦେଢ଼ କିଲୋମିଟର ଆମ୍ବୁଲାନ୍ସ ନିକଟରେ ପହଞ୍ଚେଇବା ଏବଂ ଆମ୍ବୁଲାନ୍ସରେ ପ୍ରସବ ଶିଶୁକୁ ଡାକ୍ତର ମୃତ ଘୋଷଣା କରିବା ଘଟଣାଟି ସର୍ବସାଧାରଣଙ୍କ ଦୃଷ୍ଟିକୁ ଆସିବା ପରେ ଏ ଗାଁର ସମସ୍ୟା କଥା ପଦାରେ ପଡିଛି। ତେବେ ଘଟଣା ଯେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଲା ବର୍ତ୍ତମାନର ବିଜେପି ବିଧାୟକ ନରସିଂହ ଭତ୍ରା ଗାଁରେ ପହଞ୍ଚି ଗ୍ରାମବାସୀଙ୍କୁ ତାଙ୍କ ସମସ୍ୟା ସମ୍ପର୍କରେ ବୁଝି ରାସ୍ତା ନିର୍ମାଣ ଲାଗି ଲୋକଙ୍କୁ ଆଶ୍ୱାସନା ଦେଇଥିବା କହିଛନ୍ତି ଗ୍ରାମବାସୀ। ଏହି ଗାଁରେ ପାଖାପାଖି ତିରିଶି ଶିଶୁ ରହୁଥିବା ବେଳେ ଏମାନଙ୍କୁ କୌଣସି ପ୍ରକାର ଅଙ୍ଗନୱାଡ଼ିରୁ ବି ସୁବିଧା ସୁଯୋଗ ମିଳୁନଥିବା ମଧ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ଅଙ୍ଗନବାଡି କର୍ମୀଙ୍କୁ ପଚରାଯିବାରୁ ସେ ଏହାକୁ ମିଥ୍ୟା ବୋଲି ଦର୍ଶାଇଛନ୍ତି। ତେବେ କିଏ ସତ କହୁଛି ତାହା ଅଧିକାରୀଙ୍କ ତଦନ୍ତ ପରେ ହିଁ ଜଣାପଡିବ। ଯାହା ସୂଚନା ରହିଛି ଝରୀଗାଁ ବ୍ଲକରେ ମୋଟ ତିନିଶହ ପାଞ୍ଚଟି ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ମାତ୍ର ଚାରିଜଣ ସୁପରଭାଇଜର ଏହାର ସୁପରଭିଜନ୍ ଦାୟିତ୍ୱରେ ରହିଛନ୍ତି। ତେବେ ଝରୀଗାଁ ପଞ୍ଚାୟତ ସମିତିରେ ଥିବା ଏହି ଅଙ୍ଗନବାଡି କେନ୍ଦ୍ର ଗୁଡିକର ପରିଚାଳନା କିଭଳି କରାଯାଉଥିବ ତାହା ଏବେ ପ୍ରଶ୍ନବାଚୀ। ଡୁମୁନିଗୁଡା ଏବଂ ଗୋଟିପଡ଼ାରେ ଏହି ତିରିଶିରୁ ଉର୍ଦ୍ଧ୍ୱ ଶିଶୁ ରହିଥିବା ବେଳେ ଏମାନେ କେବେ ବିଦ୍ୟାଳୟ ପିଣ୍ଡା ମାଡ଼ିନଥିବା କହିଛନ୍ତି ଗ୍ରାମବାସୀ। କିନ୍ତୁ ବର୍ତ୍ତମାନ ସରକାରରେ ଶିକ୍ଷାବିଭାଗ ଦ୍ୱାରା ହୋଇଥିବା ଖଡ଼ିଛୁଆଁ ଉତ୍ସବରେ ଗାଁକୁ ଆସି ଶିକ୍ଷକ ଗାଁର ସବୁ ଶିଶୁଙ୍କ ନାମ ବିଦ୍ୟାଳୟରେ ଲେଖାଇ ଥିବା ଜଣାପଡିଛି। ତେବେ ବିଧାୟକଙ୍କ ପ୍ରତିଶୃତି ନେଇଁ ଆଶାବାନ୍ଧି ରହିଛନ୍ତି ଗ୍ରାମବାସୀ। ଗାଁକୁ ରାସ୍ତାଟିଏ ହେଲେ ଏମାନଙ୍କ ଦୁଃଖ ଲାଘବ ହେବ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ


ବେଲପାହାଡ଼ (ଭାସ୍କର ନ୍ୟୁଜ୍): ଓଡ଼ିଶାର ସୀମାନ୍ତରେ ଥିବା ଛତିଶଗଡ଼ ରେଙ୍ଗାଲପାଲି ଠାରେ ଏକ ଟ୍ରକ୍ ଧକ୍କାରେ ଓଡ଼ିଶା ସୀମାନ୍ତ ଅଞ୍ଚଳର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ପିଥିଣ୍ଡା ଅମ୍ବାପାଲି ଗ୍ରାମର ଉଷତ ଦେହେରୀଙ୍କ ପୁଅ ଚନ୍ଦନ ଦେହେରୀ (୨୭)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସହିତ ଥିବା ସେହି ଗ୍ରାମର ସୁଧାଂଶୁ ଦେହେରୀ (୨୬) ଗୁରୁତର ଆହତ ହୋଇଛନ୍ତି। ମୃତ ଚନ୍ଦନ ଜିନ୍ଦଲ କମ୍ପାନୀର ହାସକୋ ନାମକ ଏକ ଠିକା କମ୍ପାନୀ ଅଧୀନରେ କାମ କରୁଥିଲେ। ସୂଚନାରୁ ପ୍ରକାଶ ଯେ, ଗତ ମଇ ୩୧ ତାରିଖରେ ଚନ୍ଦନ ତାଙ୍କ ବନ୍ଧୁ ସୁଧାଂଶୁଙ୍କ ସହିତ ଏକ ବାଇକ (ସିଜି-୧୧ଏଏନ-୫୯୨୭) ଯୋଗେ ରେଙ୍ଗାଲି ଗ୍ରାମସ୍ଥିତ ନିଜ ଏକ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଚଳିତ ଜୁନ ମାସ ୧ ତାରିଖ ରାତି ପ୍ରାୟ ୯ ଟା ୩୦ ମିନିଟ ସମୟରେ ଚନ୍ଦନ ଏବଂ ସୁଧାଂଶୁ ବିବାହ ଉତ୍ସବରୁ ଫେରିଥିବା ସମୟରେ ରେଙ୍ଗାଲପାଲି ଗେଟ୍ ନିକଟରେ ଏକ ଟ୍ରକ୍ (ସିଜି-୦୪-ଜେବି-୭୭୦୧) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣାରେ ଚନ୍ଦନଙ୍କ ମୁଣ୍ଡ ପଛ ପଟେ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ହୋଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ସୁଧାଂଶୁ ଗୁରୁତର ଆହତ ହୋଇଥିଲେ।

# ନିଶାମୁକ୍ତି ସଚେତନତା ରଥର ଶୁଭାରମ୍ଭ



ବାରିପଦା (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ବିଶ୍ୱ ତମାଖୁ ବର୍ଜନ ଦିବସରୁ ନିଶା ସେବନ ଓ ବେଆଇନ ମଦ କାରବାର ନିରୋଧ ସଚେତନତା ଅଭିଯାନ ଆରମ୍ଭ ହୋଇଛି ଏବଂ ଏହି ସଚେତନତା ଅଭିଯାନ (ଜୁନ ୨୬ ପର୍ଯ୍ୟନ୍ତ) ଚାଲିବ। ଏହି ଅବସରରେ ଗାଁ ଗାଁରେ ଗଡିବ ସଚେତନତା ରଥ। ଗଣମାଧ୍ୟମର ସହଯୋଗରେ ଏହି ଅଭିଯାନକୁ ବ୍ୟାପକ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ। ଏହି କ୍ରମରେ ଆଜି ଜିଲ୍ଲା ଅବକାରୀ ବିଭାଗ ତରଫରୁ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ସହର ପରିକ୍ରମା କରି ମାଦକ ଓ ନିଶା ଦ୍ରବ୍ୟ ବ୍ୟବହାରର କୁପରିଣାମ ଏବଂ ଅପମିଶ୍ରିତ ବିଷାକ୍ତ ଚୋରା ମଦ କାରବାର ବିରୋଧରେ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବ। ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଅବକାରୀ ଉପ-ଅଧିକ୍ଷକ ତପସ୍ୱିନୀ ନାଏକ, ଶ୍ରୀଧର ମହାନ୍ତି ଅବକାରୀ ନିରୀକ୍ଷକ, ବ୍ରଜମୋହନ ମଲ୍ଲିକ ବାରିପଦା ସଦର ଅବକାରୀ ଥାନା ଅଧିକାରୀ, ଜ୍ଞାନେଶ୍ୱରୀ ବିଶ୍ୱାଳ କୁଳିଅଣା ଅବକାରୀ ଥାନା ଅଧିକାରୀଣି, ପ୍ରଦୀପ ବେହେରା ଦେଉଳି ଅବକାରୀ ଥାନା ଅଧିକାରୀ, ପ୍ରକାଶ କୁମାର ସାହୁ ବେତନଟି ଅବକାରୀ ଥାନା ଅଧିକାରୀ,ମମତା ଦାଶ ଖୁଣ୍ଟା ଅବକାରୀ ଥାନା ଅଧିକାରୀଣି, ସୁଭଦର୍ଶନୀ ସାହୁ ଉଦଳା ଅବକାରୀ ଥାନା ଅଧିକାରୀଣି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ଏବିଭିପିର ୧୦ ହଜାର ସଦସ୍ୟତା ଗ୍ରହଣ ଲକ୍ଷ୍ୟ




ମାଲକାନଗିରି (ଭାସ୍କର ନ୍ୟୁଜ୍): ଏବିଭିପିର ସଦସ୍ୟତା ଅଭିଯାନ ଜୁନ୍‌ରୁ ଆରମ୍ଭ ହେବାକୁ ଯାଉଛି। ଏପ୍ରିଲ ୨୦ରୁ ୨୨ ତାରିଖରେ ଝାରସୁଗୁଡ଼ା ଠାରେ ହୋଇଥିବା ପ୍ରାନ୍ତ ଓ ସମୀକ୍ଷା ଯୋଜନା ବୈଠକ ୨୦୨୫-୨୬ ଶିକ୍ଷାବର୍ଷରେ ଓଡ଼ିଶା ପଶ୍ଚିମ ପ୍ରାନ୍ତ ତଥା ଓଡ଼ିଶା ପଶ୍ଚିମର ୧୪ଟି ସାଙ୍ଗଠାନିକ ଜିଲ୍ଲାରେ ୧ ଲକ୍ଷ ୪ ହଜାର ସଦସ୍ୟତା ଏବଂ ମାଲକାନଗିରି ଜିଲ୍ଲାରେ ୧୦ ହଜାର ସଦସ୍ୟତା ଗ୍ରହଣ ଲକ୍ଷ୍ୟ ରଖାଯାଇଥିବା ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସହସମ୍ପାଦକ ମୋହନ ହରିଜନ ସୂଚନା ଦେଇଛନ୍ତି। ଶିକ୍ଷା ବର୍ଷରେ ଏବିଭିପି ସମ୍ପୂର୍ଣ୍ଣ ଭାବେ ଛାତ୍ର ସଂସଦ ନିର୍ବାଚନ ଲଢିବା ପାଇଁ ମଧ ପ୍ରସ୍ତୁତ ଅଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ୩୩୧ଟି ମହାବିଦ୍ୟାଳୟ ଓ ୮ ବିଶ୍ୱବିଦ୍ୟାଳୟ ଶାଖା ପ୍ରତି ବ୍ଲକ୍ ମୁଖ୍ୟାଳୟରେ ତଥା ୧୧୮ଟି ସ୍ଥାନରେ ନଗର ଶାଖା ଘୋଷଣା କରିବାର ମଧ ଲକ୍ଷ୍ୟ ରଖିଥିବା ମାଲକାନଗିରି ସର୍କିଟ ହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହସମ୍ପାଦକ ମୋହନ ହରିଜନ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ଖେଳ ଭାରତ ପ୍ରମୁଖ ଦିବ୍ୟଜ୍ୟୋତି ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜା ପ୍ରଧାନ, ଜିଲ୍ଲା ସହ ସଂଯୋଜକ ମହେନ୍ଦ୍ର ଖରା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ଝରିଗାଁ (ଭାସ୍କର ନ୍ୟୁଜ୍) : ପୋଖରୀରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସୂଚନା ପ୍ରକାରେ ମୃତ ଯୁବକ ଜଣକ ହେଲେ ଝରିଗାଁ ଥାନା ଅଧୀନ ପୁପୁ ଗାଁ ପଞ୍ଚାୟତ ଅନ୍ତର୍ଗତ ନାଙ୍ଗା ଗୁଡ଼ା ଗ୍ରାମର ଯୁକ୍ତାଏ ଭତରାଙ୍କ ପୁଅ ଦୁର୍ଜନ ମାଝୀ (୩୦)। ଆଜି ସକାଳୁ ଦୁର୍ଜନ ଘରୁ ବାହାରି ଘର ଠାରୁ ୩ ଶହ ମିଟର ଦୂରରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦିନ ୧୨ ଘଣ୍ଟା ସମୟ ପର୍ଯ୍ୟନ୍ତ ଦୁର୍ଜନ ଘରକୁ ଫେରିନଥିଲେ। ପରେ ପରିବାର ଲୋକେ ଆଖ ପାଖ ସାହି ପୋଡ଼ଶି ଘରେ ପଚରାଉଚରା କରିବା ସହ ଖୋଜିବା ଆରମ୍ଭ କରିଥିଲେ। ପରେ ସ୍ଥାନୀୟ ଲୋକେ ପୋଖରୀରେ ଦୁର୍ଜନଙ୍କ ଶରୀର ଭାସୁଥିବାର ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ଜାଣିବା ପରେ ମୃତ ଯୁବକଙ୍କ ଭାଇ ଲକିଧର ମାଝୀ ଏନେଇ ଝରିଗାଁ ଥାନାରେ ଆଜି ଅପରାହ୍ନରେ ଏତଲା ଦେଇଥିଲେ। ଝରିଗାଁ ଥାନା ଅଧିକାରୀ ପ୍ରଦୀପ କୁମାର ଶବରଙ୍କ ନିର୍ଦ୍ଦେଶନା ପରେ ଏ ଏସ ଆଇ ରାଜେଶ୍ ବଞ୍ଜାରାଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ୟୁ ଡ଼ି କେସ ନଂ ୧୬/୨୫ ରେ କେସ ରୁଜୁ କରିଛି। ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବକର ମୃତ୍ୟୁ କୁ ନେଇ ପୋଲିସ ତଦନ୍ତ କରୁଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏ ଏସ ଆଇ ବଞ୍ଜାରା ସୂଚନା ଦେଇଛନ୍ତି। ମୃତ ଦୁର୍ଜନଙ୍କ ପାଞ୍ଚ ବର୍ଷର ପୁଅ ଓ ତିନି ବର୍ଷର ଝିଅ ଦୁଇଟି ସନ୍ତାନ ଅଛନ୍ତି। ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଚୈତି ମାଝୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶେଷ ଶଯ୍ୟାରେ ପୂର୍ବତନ ବ୍ଲକ ଅଧକ୍ଷ ମାୟାଧର

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ସମସ୍ତଙ୍କୁ ଜଣା, ସମସ୍ତଙ୍କୁ ଛୁଆଁ ଏଇ କଥାଟି ହେଲେ କେତେ ଜଣ ଭାଗ୍ୟରେ ଅବା ଏମିତି କଥା ଆସେ। କେତେ ଜଣ ଭାଗ୍ୟରେ ବା ଏମିତି ବିଦାୟ ମିଳେ। ବଂଚିଥିବା ମାୟାଧର ବାବୁ ବିଦାୟ ନେଲେ ଠିକ ଗୋଟିଏ ବାର୍ଣ୍ଣାଭଳି। ପରଲୋକରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ସ୍ୱର୍ଗତଃ ମାୟାଧର ମହାନ୍ତି। ୭୭ବର୍ଷ ବୟସରେ ନିଜ ବାସଭବନରେ ବୁଧବାର ସକାଳ ୫ଘଟିକାରେ ତାଙ୍କର ଦେହାନ୍ତ ହୋଇଛି। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ରାଜନୀତିରେ ଜଣେ ଲୋକପ୍ରିୟ ରାଜନେତା ଭାବେ ବେଶ ପରିଚିତ ଥିଲେ ମାୟାଧର। ଅସ୍ତରଙ୍ଗ ବ୍ଲକରେ ଜନତା ଦଳ ପରେ ବିଜୁ ଜନତା ଦଳରେ ଅନେକ ଥର ବ୍ଲକ ସଭାପତି ହୋଇଛନ୍ତି। ଏହା ସହ ୧୯୯୨ମସିହାରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଚେୟାରମ୍ୟାନ ଭାବେ ନିଜର ରାଜନୀତି କ୍ୟାରିୟର ପ୍ରଥମସୋପାନ ଆରମ୍ଭ କରି ଦୀର୍ଘ ଅଢେଇ ବର୍ଷ ରହିଥିଲେ। ପରେ ୧୯୯୭ରୁ ୨୦୦୨ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ ୧ନମ୍ବର ଜୋନ ଜିଲ୍ଲାପରିଷଦ, ୨୦୦୨ରୁ ୨୦୦୭ପର୍ଯ୍ୟନ୍ତ ପୁନର୍ବାର ଲୋକଙ୍କ ଆଶା ଭରସା ଜିତି ଦ୍ୱିତୀୟ ଥର ପାଇଁ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ହୋଇଥିଲେ। କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ରାଜନୀତିରେ ସେ ଥିଲେ ଟାଣୁଆ ରାଜନେତା। ତେବେ ୭୭ବର୍ଷ ବୟସରେ ନିଜ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି। ଏଭଳି ଜଣେ ଧୂରିଶ ରାଜନେତାଙ୍କୁ ହରାଇ ସାରା ଅସ୍ତରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଖବର ପାଇଁ ତାଙ୍କ ବାସଭବନରେ ସ୍ଥାନୀୟ ଅଞ୍ଚଳର ରାଜନେତା, ସମାଜସେବୀ, ବ୍ୟବସାୟୀ ବନ୍ଧୁ ଓ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇଙ୍କ ସହ ଅନେକ ବ୍ୟକ୍ତି ବିଶେଷ ଶ୍ରଦ୍ଧାଞ୍ଜଳି ଦେବା ପରେ ଶୋଭାଯାତ୍ରା ମାଧ୍ୟମରେ ଅସ୍ତରଙ୍ଗ ବଜାର ପରିକ୍ରମା କରି ନିଜ ଜନ୍ମମାଟି ଅସ୍ତରଙ୍ଗ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅମୂଲ୍ୟ ମୁଖାଗ୍ନି ଦେଇଥିଲେ। ଶେଷ କୃତ୍ୟ ସଂପୂର୍ଣ୍ଣ ସମୟରେ ବଡ଼ ବୋହୁ, ପୁଅ, ସାନ ପୁଅ ଇଂ ଅମୀୟ, ବୋହୁ, ନାତି, ନାତୁଣୀ, ଝିଅ, ଜ୍ୱାଇଁଙ୍କ ସମେତ ବନ୍ଧୁ ପରିଜନଙ୍କ ସହ ଶତାଧିକ ଲୋକ ଉପସ୍ଥିତ ଥିଲେ। ଅଶ୍ରୁଳ ଆଖିରେ ଅନ୍ତିମ ବିଦାୟ ଦେଲେ ବନ୍ଧୁ ପରିଜନ। ବାହୁନି କାନ୍ଦିଲେ ପରିବାର ଲୋକ, କୋହ ସମ୍ଭାଳି ପାରିଲେନି ନେତା, ଜନତା ଓ କର୍ମୀ। ପ୍ରିୟନେତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଲୋକାରଣ୍ୟ ହୋଇଥିଲା ଗାଁ ଶ୍ମଶାନ। ନେତା ଜନତା ସମସ୍ତେ ଅଶ୍ରୁର ଆଖିରେ ଦେଇଥିଲେ ଅନ୍ତିମ ବିଦାୟ।



## ଅଧୁରା ରହିଲା ଦେବୀ ଦର୍ଶନ
# ନଦୀରେ ବୁଡ଼ି ଚାଲିଗଲା ଜୀବନ

ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଓରାସହି ପଞ୍ଚାୟତ ନେଢୁଆଳି ଲକ୍ଷ୍ମୀପ୍ରସାଦଡିଆଁ ଠାରେ ବୈତରଣୀ ନଦୀ କୂଳରେ ଅଛି ମା' ମାଟିଆ ମଙ୍ଗଳାଙ୍କ ପୀଠ। ନେଢୁଆଳି ଗ୍ରାମରୁ ମା' ମାଟିଆ ମଙ୍ଗଳାଙ୍କ ପୀଠକୁ ସଂଯୋଗ କରୁଛି ନଦୀ ଉପରେ ଏକ ବାଉଁଶ ପୋଲ। ଏହି ବାଉଁଶ ପୋଲ ଦେଇ ନିତିଦିନ ଲୋକମାନଙ୍କ ମା'ଙ୍କ ପୀଠକୁ ଯାଇଥାନ୍ତି। ସବୁଦିନ ପରି ୮/୯ ବର୍ଷର ଦୁଇ ତିନିଜଣ ପିଲା ଦେବୀଙ୍କ ଦର୍ଶନ ତଥା ଭୋଗ କରିବା ପାଇଁ ଯାଉଥିବା ସମୟରେ ଜଣେ ପିଲାର ଗୋଡ଼ ଖସିଯିବାରୁ ପିଲାଟି ନଦୀରେ ଖସି ପଡ଼ିଥିଲା ଅନ୍ୟ ପିଲାମାନେ ଆସି ଖବର ଦେବାରୁ ପରିବାର ଏବଂ ସ୍ଥାନୀୟ ଲୋକମାନେ ଯାଇ ଖୋଜାଖୋଜି ଆରମ୍ଭ କରିଦେଲେ। ପ୍ରାୟ ୪୫ ମିନିଟ୍ ପରେ ଉଦ୍ଧାର କରିଲେ ପିଲାଟିକୁ। ଉଦ୍ଧାର କରାଯାଇ ତୁରନ୍ତ ପିଲାଟିକୁ ଚାନ୍ଦବାଲି ଡ଼ାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ମୃତ୍ୟୁବରଣ କରିଥିବା ପିଲାଟି ନେଢୁଆଳି ଗ୍ରାମର ମଦନ ରାଉତଙ୍କ ବଡପୁଅ ୮ ବର୍ଷିୟ ସୌମ୍ୟ ରଞ୍ଜନ ରାଉତ ବୋଲି ଜଣା ପଡିଛି। ଚାନ୍ଦବାଲି ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କେବେ ବନ୍ଦ ହେବ ବେଆଇନ ବାଲି ଉତ୍ତୋଳନ !



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଚୋରା ବାଲି ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥିବା ବେଳେ ସାରସକଣା ବ୍ଲକ ଅନ୍ତର୍ଗତ ପାଣ୍ଡରା ସ୍ଥିତ ଯମୁନା ପାଳ ଘାଟଟି ଲିଜ୍ ନେଇଥିବା ବ୍ୟକ୍ତିଙ୍କ ଦ୍ୱାରା ଟଙ୍କା ଜମା ହୋଇଥିଲା। ବେଆଇନ ବାଲି ଘାଟ ଉପରେ ଚଢ଼ାଉ। କାର୍ଯ୍ୟାନୁଷ୍ଠାନ ପୂର୍ବକ ଖଣି ବିଭାଗର ପଇତରା ପରେ ପରେ ସରକାରଙ୍କ ଖାତାରେ ଜମା ହୋଇଛି ଟଙ୍କା। ସରକାରଙ୍କୁ ରାଜସ୍ୱ ମିଳିଛି। ସରକାରୀ ପ୍ରକ୍ରିୟାରେ ବାଲି ବ୍ୟବସାୟୀଙ୍କୁ ଆଦେଶ ମିଳିଛି। କିନ୍ତୁ ଅନ୍ୟପଟେ ଏବେ ବି ବଙ୍ଗଳା, ରୁଗୁଡ଼ି ସାହି ଓ ଜାମଶଳାରେ ଥିବା କିଛି ବାଲି ଘାଟରେ ଚୋରା ବାଲି ଉପରେ ଲଗାମ କେବେ ? ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକର ପଡଶୀ ରାଜ୍ୟ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ଲାଗି ରହିଥିବା ବେଳେ ବାଲି ବ୍ୟବସାୟୀ ମାନେ କୋଟି କୋଟି ରାଜସ୍ୱ ଲୁଟ କରୁଛନ୍ତି। ଜିଲ୍ଲାର ସୀମାନ୍ତ ବର୍ତ୍ତୀ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀ ପ୍ରବାହିତ ହେଉଛି। ଓଡିଶା ସୀମାରେ ରହିଥିବା ଶୀର୍ଷା ବଙ୍ଗଳା ପାଣ୍ଡରା ଏବଂ ଜାମଶଳା ଭଳି ବିଭିନ୍ନ ଯାଗାରେ ବାଲିଘାଟ ରହିଛି। ଯେଉଁଠାରୁ ବାଲି ଉଠାଯାଇ ରାଜ୍ୟ ବାହାରକୁ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଚୋରାରେ ବିକ୍ରି କରାଯାଉଛି। ଶୀର୍ଷା ସ୍ଥିତ ରୁଗୁଡ଼ି ସାହି ଘାଟ, ବଙ୍ଗଳା ସ୍ଥିତ ବଙ୍ଗଳା ଘାଟ ଏବଂ ପାଣ୍ଡରା ସ୍ଥିତ ଯମୁନାପାଳ ଘାଟ ସରକାରୀ ନିୟମ ଅନୁଯାୟୀ ଚାଲୁଥିବା ବେଳେ ଜାମଶଳା ସ୍ଥିତ କୁଆଁର ଡ଼ିହି ଘାଟଟି ଆଜି ପର୍ଯ୍ୟନ୍ତ ସରକାରୀ ନିୟମ ଅନୁସାରେ ଚାଲିନାହିଁ। ପାଣ୍ଡରା ସ୍ଥିତ ଯମୁନା ପାଳ ଘାଟ ସରକାରୀ ନିୟମରେ ଲିଜ ହୋଇଥିବା ବେଳେ ଉକ୍ତ ଘାଟରୁ ବାଲି ନଉଠାଇ ନିକଟରେ ରହିଥିବା ରୁଗୁଡ଼ି ସାହି ଘାଟରୁ ଚୋରି ଆକାରରେ ବାଲି ଉଠାଯାଇ ବିକ୍ରି କରାଯାଉଥିଲା। ଜିଲ୍ଲାର ଖଣି ଅଧିକାରୀ କୌଣସି ଘାଟକୁ ନଯାଇ ଜାତୀୟ ରାଜପଥରେ ବାଲି ଗାଡିକୁ ଯାଞ୍ଚ କରିବା କେତେ ଯୁକ୍ତିଯୁକ୍ତ ? ଏହିସବୁ ଖବର ବାରମ୍ବାର ଆମ ଗଣମାଧ୍ୟମ ସହ ଅନ୍ୟାନ୍ୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏସ୍‌ଡ଼ିପିଓ ପ୍ରଭାତ ମଲ୍ଲିକଙ୍କ ତାଗିଦ୍ ପରେ ଖଣି ବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ବେଆଇନ ବାଲି ଚାଳନା ଉପରେ ଅଳ୍ପ ମାତ୍ରାରେ ରୋକ ଲାଗିଥିଲା। ଚଢ଼ାଉ ପରେ ବାଲି ବ୍ୟବସାୟୀମାନେ ଶୀର୍ଷା ସ୍ଥିତ ରୁଗୁଡ଼ିସାହି ଘାଟ ପାଇଁ ସରକାରୀ ନିୟମ ଅନୁସାରେ ଟଙ୍କା ଜମା କରି କ୍ରାନ୍ ଜିଟ ପାସ ନେଇଛନ୍ତି ବୋଲି ଖଣି ଅଧିକାରୀ ଉଦୟ ଭାନୁ ସାହୁ ପ୍ରକାଶ କରିଛନ୍ତି। କିନ୍ତୁ ଏବେ ବି ଜାମଶଳା ଠାରେ ଲକ୍ଷ୍ୟ ଲକ୍ଷ୍ୟ ଟ୍ରାକ୍ଟର ମାଧ୍ୟମରେ ବାଲି ଉତ୍ତୋଳନ କରି ବେଆଇନ ଭାବରେ ବିକ୍ରି ହେଉଛି। ସେହିପରି ବଙ୍ଗଳା ଘାଟରୁ ମଧ୍ୟ ହଜାର ହଜାର ଟ୍ରାକ୍ଟର ମାଧ୍ୟମରେ ବାଲି ଉତ୍ତୋଳନ କରି ଅନ୍ୟତ୍ର ଷ୍ଟକ କରି ପରେ ଏହାକୁ ୬-୧୨ ଚକିଆ ହାଇବା (ଟ୍ରକ)ରେ ବଝେଇ ହୋଇ ଜିଲ୍ଲାର ବିଭିନ୍ନ ସ୍ଥାନ ସହିତ ପଡ଼ୋଶୀ ରାଜ୍ୟକୁ ଚୋରା ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲାର ଖଣି ଅଧିକାରୀଙ୍କ ସହିତ ରାଜସ୍ୱ ବିଭାଗ ଏବଂ ପୋଲିସ ବିଭାଗ ଏହା ଉପରେ କେବେ ଦୃଢ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି।

# କୁଖ୍ୟାତ ଚୋର ଗିରଫ

ବଡ଼ଚଣା (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ଥାନାର ଚଣ୍ଡୀଖୋଲ ଛକ ଏକ ଜନଗହଳି ଅଞ୍ଚଳରେ ଗଣା। ଏହି ଜନଗହଳି ଦେଖି ସବୁଠାରୁ ବେଶୀ ଚୋରମାନେ ମୋଟର ସାଇକେଲ ଚୋରି କରିବାରେ ସକ୍ଷମ ହୋଇଥାନ୍ତି। ମାସରେ ପ୍ରାୟ ପାଞ୍ଚରୁ ଦଶଟି ବାଇକ ଚୋର ଚୋରି କରି ନିଅନ୍ତି। ଗତକାଲି ଜଣେ କୁଖ୍ୟାତ ପେଷାଦାର ଚୋରକୁ ବଡ଼ଚଣା ପୁଲିସ ଗିରଫ କରିବାରେ ସଫଳ ହୋଇଛି। ସୂଚନା ମୁତାବକ ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ଖୋସାଲିପୁର ଗ୍ରାମର ମହେନ୍ଦ୍ର ଜେନାଙ୍କ ପଲସର ବାଇକକୁ ଗତ ମାସ ୨୭ ତାରିଖରେ କେହି ଦୁର୍ବୃତ୍ତ ଚଣ୍ଡିଖୋଲ ଛକରୁ ଚୋରିକରି ନେଇଥିଲା। ଏହାକୁ ନେଇ ବାଇକ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏହାର ତଦନ୍ତ କରୁଥିଲା। ତେବେ ଗତ କାଲି ଜେନାପୁର ଥାନା ଅନ୍ତର୍ଗତ ଘାସିବର ଗାଁର ହିରା ବାରିକ(୩୬) ଉକ୍ତ ଚୋରି ବାଇକକୁ ନେଇ ଯାଉଥିବା ସମୟରେ ଖୋସାଲିପୁର ଗ୍ରାମର କିଛି ଯୁବକ ପଲସରକୁ ମାର୍କ କରିଥିଲେ ଏବଂ ଚୋର ହିରା ବାରିକ ପିଛା କରି ତାକୁ ଧରିଥିଲେ। ପରେ ଏହି ଖବର ଥାନାଧିକାରୀଙ୍କୁ ଅବଗତ କରିବା ପରେ ନିଜେ ଥାନାଧିକାରୀ ମଧୁସ୍ମିତା ବେହେରା ସଦଳବଳେ ଚଣ୍ଡିଖୋଲ ଛକରେ ପହଞ୍ଚି ହିରା ବାରିକକୁ କାବୁ କରିବା ସହିତ ପଲସର ବାଇକକୁ ଜବତ କରିଥିଲେ। ଏହାକୁ ନେଇ ବଡ଼ଚଣା ଥାନାରେ ୧୭୨/୨୫ରେ ଏକ ଚୋରି ମାମଲା କରିଥିଲେ ଏବଂ ଚୋର ହିରାକୁ ପଚରାପଚରି କରିବାରୁ ତା' ନାମରେ ଧର୍ମଶାଳା, ଜେନାପୁର, ଯାଜପୁର, କୁଆଖିଆ ଆଦି ଅନେକ ଥାନାରେ ଏକାଧିକ କେସ୍ ରହିଥିବା ହିରା ସ୍ୱୀକାର କରିଥିଲା। ଏହା ଏକ ପେଶାଦାର କୁଖ୍ୟାତ ଚୋର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଅଭିଯୁକ୍ତ ହିରାକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ମାନ୍ୟବର ଅଦାଲତ ତା'ର ଜାମିନ ନାମଞ୍ଜୁର କରିଥିବାରୁ ତାକୁ ରଗଡ଼ି ହାଜତକୁ ପଠାଇ ଦିଆଯାଇଛି।

# ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଲୋକାର୍ପିତ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ତରଫରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଲୋକାର୍ପିତ ହୋଇଯାଇଛି । ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ତଥା ଆରୋଗ୍ୟ ବାହିନୀ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏକ ଗାଡ଼ିରେ ଭ୍ରାମ୍ୟମାଣ ଚିକିତ୍ସାଳୟକୁ ମୁଖ୍ୟ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଯୋଗଦେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ କାର୍ଯ୍ୟାଳୟ ପରିସରରେ ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ଶ୍ରୀମତୀ ବାରିକ, ମୁଖ୍ୟବକ୍ତା ଭାବରେ ଟ୍ରଷ୍ଟର ପ୍ରକଳ୍ପ ପରିଚାଳକ କୃଷ୍ଣମୋହନ, ସମ୍ମାନିତ ଅତିଥି ଭାବରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ମହିମାନନ୍ଦ ସ୍ୱାଇଁ, ଦାନପୁର ରାଜସ୍ୱ ନିରୀକ୍ଷକ ବିଜୟଲକ୍ଷ୍ମୀ ପଲେଇ, ଇଣ୍ଡିଆନ ବ୍ୟାଙ୍କ ଦାନପୁର ଶାଖାର ପରିଚାଳକ ଡାଲଟନ ନାୟକ ଯୋଗଦେଇଥିଲେ । ମୁଖ୍ୟବକ୍ତା କୃଷ୍ଣମୋହନ ଟ୍ରଷ୍ଟର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇ ଏହି ସଂସ୍ଥା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସହିତ ଶିକ୍ଷା ଏବଂ ଛାତ୍ରଛାତ୍ରୀ ଓ ପ୍ରସୂତୀ ମହିଳାଙ୍କ ପୋଷଣ ପାଇଁ କାର୍ଯ୍ୟ କରିବ। ଏଥିନିମନ୍ତେ ପ୍ରାଥମିକ ଦାନପୁର, ମୁକୁନ୍ଦପୁର ଓ ଚାନ୍ଦୋଳ ପଞ୍ଚାୟତକୁ ପୋଷ୍ୟ ଭାବେ ଗ୍ରହଣ କରି ଘରକୁ ଘର ଯାଇ ଲୋକମାନଙ୍କର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ସହ ଚିକିତ୍ସାର ମଧ ବ୍ୟବସ୍ଥା କରିବେ। ଏହି ପୋଷ୍ୟ ପଞ୍ଚାୟତରୁ ଭ୍ରାମ୍ୟମାଣ ଚିକିତ୍ସା ସେବାକୁ ଧିରେ ଧିରେ ପରିବର୍ଦ୍ଧିତ କରିଯାଇ ପଡ଼ୋଶୀ ପଂଚାୟତ ଗୁଡ଼ିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏହି ଭ୍ରାମ୍ୟମାନଣ ଚିକିତ୍ସାଳୟରେ ରୋଗ ନିରୂପଣ ପାଇଁ ପରୀକ୍ଷା ସୁବିଧା ଓ ଡାକ୍ତରୀ ଟିମ୍ ମଧ ରହିବେ। ସୂଚନାଯୋଗ୍ୟ ଏହି ଟ୍ରଷ୍ଟ ପକ୍ଷରୁ ରଜାଙ୍ଗ ମୌଜାରେ ଖୁବ୍‌ଶୀଘ୍ର ଏକ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ଖୋଲାଯାଇ ସେଠାରେ ଲୋକମାନଙ୍କ ପାଇଁ ଉନ୍ନତ ମାନର ଚିକିତ୍ସା ଯୋଗାଇ ଦିଆଯିବ ବୋଲି କହିଥିଲେ। ଆଜିର ଏହି ସଭାରେ ଟ୍ରଷ୍ଟର କ୍ଷେତ୍ର ସଂଯୋଜକ ସଞ୍ଜୟ ଲାକାନ୍ଦ୍ରି ସଭା ସଂଯୋଜନା କରିଥିଲା ବେଳେ ସଂଯୋଜକ ରାହୁଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବସନ୍ତ କୁମାର ମଲ୍ଲିକ, ରବିନ୍ଦ୍ର ନାଥ ପଣ୍ଡା, ଅକ୍ଷୟ କୁମାର ପଣ୍ଡା, ରବିନ୍ଦ୍ର ବେହେରା, ଶିକ୍ଷକ ନର୍ମଳ କୁମାର ଜେନା, ରଶ୍ମିତା ମହାନ୍ତି, ପ୍ରିୟତମା ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସମିତିର ସମସ୍ତ ସଭ୍ୟସଭ୍ୟାଙ୍କ ସମେତ ଦାନପୁର, ମୁକୁନ୍ଦପୁର, ଚାନ୍ଦୋଳ ପଞ୍ଚାୟତ ଏମ୍‌ବିକେ, ସିଆର୍‌ପି, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ଶହଶହ ଜନସାଧାରଣ ଉପସ୍ଥିତ ଥିଲେ। ପରେ ଟ୍ରଷ୍ଟ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟରେ ଟ୍ରଷ୍ଟର ଚିକିତ୍ସକମାନଙ୍କ ଦ୍ୱାରା ମାଗଣା ଚିକିତ୍ସା ଔଷଧ ବଣ୍ଟନ କରାଯାଇଥିଲା।

## ଜେଇ ଆଡଭାନ୍ସ ପରୀକ୍ଷାରେ 'ଦେବ ଇଣ୍ଟର
# ନ୍ୟାସନାଲ ସ୍କୁଲ'ର ଛାତ୍ରୀ ନୀର୍ଲିପ୍ତାଙ୍କ ସଫଳତା



ବ୍ୟାସନଗର (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ କୁସୁନପୁର ସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ସଫଳତା ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି। ପ୍ରକାଶ ପାଇଛି ୨୦୨୫ ଜେଇ ଆଡଭାନ୍ସ ପରୀକ୍ଷା ଫଳ। ଏହି ପରୀକ୍ଷାରେ ୧୬୫୪ ରେଙ୍କ ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି 'ଦେବ ଇଣ୍ଟର ନ୍ୟାସନାଲ ସ୍କୁଲ'ର ଛାତ୍ରୀ ସ୍ୱୟମ ନୀର୍ଲିପ୍ତା ସାହୁ। ଏଭଳି ଅବିଶ୍ୱସନୀୟ ଫଳାଫଳ ହାସଲ କରିବା (AIR 1654) ତାଙ୍କର କଠିନ ପରିଶ୍ରମ, ନିଷ୍ଠା, ଏବଂ ସ୍ଥିରତା ର ଏକ ଉଦାହରଣ ବୋଲି କୁହାଯାଉଛି। କେନ୍ଦୁଝର ଜିଲ୍ଲାର ରାମଚନ୍ଦ୍ରପୁର ଥାନା ଆଳତି ଗ୍ରାମ ର ସୁଶାନ୍ତ କୁମାର ସାହୁ ଓ ସ୍ନିଗ୍ଧା ରାଣୀ ସାହୁଙ୍କ ପାଇଁ ଖୁସି ସାଉଁଟି ଆଣିଛନ୍ତି, ତାଙ୍କର ଅଲିଅଳି ଝିଅ ସ୍ୱୟମ ନୀର୍ଲିପ୍ତା ସାହୁ। ଝିଅର ସଫଳତା ପାଇଁ ମା'-ବାପାଙ୍କ ମୁହଁରେ ଖୁସିର ଲହରୀ ଦେଖିବାକୁ ମିଳିଛି। ଅଧକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଉପ ପ୍ରଧାନାଚାର୍ଯ୍ୟ ଆର୍ ଏନ୍ ରୟତ ସିଂ ଓ ଚକ୍ରଧର ପାଣି, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ବଲବୀର ସିଂ କୃତୀ ଛାତ୍ରୀକୁ ପୁଷ୍ପଗୁଚ୍ଛ ଓ ମେଡାଲ ସହ ସମ୍ବର୍ଦ୍ଧିତ କରିବା ସହ ଫିଜିକ୍ସ ବିଭାଗରେ ସନି ଶୁକ୍ଳା, କେମେଷ୍ଟ୍ରୀ ବିଭାଗରେ ଉମେଶ ମିଶ୍ର, ଶୁଭମ୍ ଶୁକ୍ଳା ଓ ସମସ୍ତ ଅଧାପକ ଅଧାପିକା ଅଭିନନ୍ଦନ ଜଣାଇବା ସହ ସ୍ୱୟମ ନୀର୍ଲିପ୍ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା କରିଛନ୍ତି।

# କଲଭର୍ଟ ନିର୍ମାଣ ପାଇଁ ଭୂମିପୂଜା



ବେଲପାହାଡ (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସ୍ଥିତ ଟିଆରଏଲ୍ କ୍ରୋସାକି କମ୍ପାନୀର ସିଏସଆର ବିଭାଗ ପକ୍ଷରୁ ବେଲପାହାଡ଼ ପୌରାଞ୍ଚଳର ଗୁମାଡେରା ବୀରଭୂମି ନିକଟରେ ଏକ କଲଭର୍ଟ ନିର୍ମାଣ କାର୍ଯ୍ୟ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ବୀରଭୂମି ନିକଟରେ ଏହି କଲଭର୍ଟ ନିର୍ମାଣ କାର୍ଯ୍ୟ ପାଇଁ ୩ ଲକ୍ଷରୁ ଅଧିକ ବ୍ୟୟ ଅଟକଳ ରାଶି ରଖାଯାଇଛି। ଦୀର୍ଘ ବର୍ଷରୁ ଗୁମାଡେରା ମାଉସୀ ମାଆ ମନ୍ଦିର ଦେଇ ଆସୁଥିବା ସହରର ସମସ୍ତ ନାଳ ନର୍ଦ୍ଦମା ପାଣି ପ୍ରତି ବର୍ଷ ବର୍ଷା ଦିନରେ ସିଧାସଳଖ ଭାବେ ଗୁମାଡେରା ମାଳିପଡ଼ା ୱାର୍ଡ଼ ନମ୍ବର ୬ ସ୍ଥିତ ବଡ଼କଟା (ପୋଖରୀ)ରେ ପଡ଼ି ବ୍ୟାପକ ପ୍ରଦୂଷିତ ହେଉଥିଲା। ବିନା ମାଷ୍ଟର ପ୍ଲାନ ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଥିଲା। ତେବେ ଏହି କଲଭର୍ଟ ନିର୍ମାଣ ହେଲେ ଆଗାମୀ ଦିନରେ ସହରର ନାଳ ନର୍ଦ୍ଦମା ପାଣି ସେହି ପୋଖରୀରେ ଆଉ ପଶିପାରିବ ନାହିଁ ବୋଲି ଆଶା କରାଯାଇଛି। ପ୍ରାୟ ୨୩ ଏକର ଜମି ଆବଦ୍ଧରେ ଥିବା ଏହି ପୋଖରୀ ଜିଲ୍ଲାର ଏକ ଅନ୍ୟତମ ବୃହତ ପୋଖରୀ। ଏହୋ ପୋଖରୀ ପାଣିରେ ଗାଧୋଇବା ସହ ବିଭିନ୍ନ ପୂଜା ପାର୍ବଣ ସମୟରେ ବିଶେଷ ଭାବେ ପୌରାଞ୍ଚଳର ୱାର୍ଡ଼ ନମ୍ବର ୬ ସମେତ ୭, ୮, ୯, ୧୦ ଆଦିର ଶତାଧିକ ଲୋକ ନିର୍ଭର କରଥାନ୍ତି। ଅତୀତରେ ଏହି ପୋଖରୀର ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ପାଇଁ ଜିଲା ଖଣିଜ ପାଣ୍ଠି, ପୌର ପରିଷଦ ପାଣ୍ଠି, ଟିଆରଏଲ୍ କ୍ରୋସାକି, ଏମସିଏଲ୍ ଆଦିର ସିଏସଆର ପାଣ୍ଠି ବିନିଯୋଗ କରାଯାଇଥିଲା। ଏହି ଭୂମି ପୂଜନ ସମୟରେ ମୁଖ୍ୟ ଅତିଥି ଭାବେ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର କହ୍ନେଇ ଚରଣ ସେଠଙ୍କ ସମେତ ସଚ୍ଚିଦାନନ୍ଦ ପଣ୍ଡା, ଜେନାମଣି ସେଠ, ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ରଥ, ଟିଆରଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସ୍ମୃତି ମହାନ୍ତି ପ୍ରମୁଖ ସାମିଲ ରହିଥିଲେ। ଏହି କାର୍ଯ୍ୟ ପାଇଁ ପୌର ନଗରପାଳ ଓ ସ୍ଥାନୀୟ କାଉନସିଲରଙ୍କ ଉପସ୍ଥାପିତ ଦାବି କ୍ରମେ ସମ୍ପାଦିତ ହୋଇପାରିଛି।

## ପରିବେଶ ଯୋଦ୍ଧା ବିଜୟ
# ପେଶା ସାମ୍ବାଦିକତା, ନିଶା ପରିବେଶ ସୁରକ୍ଷା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଆଜି ବିଶ୍ୱ ପରିବେଶ ଦିବସ। ପିଲାଦିନରୁ ପରିବେଶ ପ୍ରତି ତାଙ୍କର ଥିଲା ସ୍ୱତଃସ୍ଫୁର୍ତ୍ତ ଭଲପାଇବା। ବିଦ୍ୟାଳୟ ପଢିବା ସମୟରେ ତୁଳସୀ ଚାରା ଓ ଅନ୍ୟାନ୍ୟ ଫୁଲ ଗଛ ସଂଗ୍ରହ କରି ନିଜ ବାଡ଼ିରେ ଲଗାଇ ସେଗୁଡିକର ଯତ୍ନ ନେଉଥିଲେ। ନିଜ ପାଠ ପଢା ଜୀବନ ସରିବା ପରେ ଓଡିଶା ପୋଲିସରେ ସାମିଲ ହୋଇଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ପୋଲିସ ଚାକିରି ଯିବା ପରେ ବିଭିନ୍ନ



ପରିବେଶ ସେବା ମୂଳକ କାର୍ଯ୍ୟ କରିଆସୁଛନ୍ତି ଅସ୍ତରଙ୍ଗ ଅଞ୍ଚଳ ବିଜୟ କୁମାର ବେହେରା। ବୃତ୍ତିରେ ସେ ଜଣେ ଅଭିଜ୍ଞ ସାମ୍ବାଦିକ ଭାବେ ବେଶ ପରିଚିତ, ଆଉ ପ୍ରବୃତ୍ତିରେ ପରିବେଶ ପ୍ରେମୀ। ସମୟ ପାଇଲେ ସେ କୋଡ଼ି ଆଉ ଝୁଡି ଧରି ଗଛ ଲଗାନ୍ତି। ଏଭଳି ନିଆରା ପରିବେଶ ପ୍ରେମୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଗ୍ରାମର ଜଣେ ଦକ୍ଷ ସାମ୍ବାଦିକ ବିଜୟ କୁମାର ବେହେରା। କିଛିବର୍ଷ ପୂର୍ବେ ପରିବେଶ ସୁରକ୍ଷା କାମ ତାଙ୍କ ମନକୁ ଛୁଇଁଥିଲା। ପ୍ରାୟ ୫ହଜାରରୁ ଅଧିକ ଗଛ ଲଗାଇଲେଣି ବିଜୟ। ରାସ୍ତା ଘାଟ, ନଦୀପଠାକୁ ସଫା ସୁତୁରା ରଖିବା, ପ୍ଲାଷ୍ଟିକି ସଫା କରିବା ସହ ପ୍ରତ୍ୟେକ ମାସରେ କିଛି ନାଁ କିଛି ବୃକ୍ଷ ରୋପଣ କରୁଛନ୍ତି। ମୁଖ୍ୟତଃ ଅସ୍ତରଙ୍ଗ ଅଞ୍ଚଳରେ ନଦୀ ପଠାରେ ବହୁ ଗଛ ଲଗାଇଛନ୍ତି। ଦେବୀ ନଦୀବନ୍ଧ, ନଦୀପଠା, ଗାଁ ରାସ୍ତା, କିଛି ଲୋକଙ୍କ ବ୍ୟକ୍ତିଗତ ଜମି ଉପରେ ଲାଗିଥିବା ତାଳ, ଖଜୁରୀ, ଅଁଳା, କରଞ୍ଜ ଭଳି ଗଛ ସେ ଲଗାଇଛନ୍ତି। ସୁରକ୍ଷା ବାଡ଼ ବୁଝି ପାଣି ଦେଇଥାନ୍ତି। ପାଣି ପାଇଁ ତହଳ ବିକଳ ହେଉଥିବା ପକ୍ଷୀ ଓ ବୁଲା ଗାଇ ଗୋରୁଙ୍କ ପିଇବା ପାଣି ସମସ୍ୟା ଦୂର କରିବା ପାଇଁ ୨୦୨୦ମସିହାରୁ ମାଟି ପାତ୍ରେ ପାଣି ରଖିବା ଆରମ୍ଭ କରିଥିଲେ। ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସବୁବେଳେ ଚେଷ୍ଟିତ। ଏହି କାମରେ ଆତ୍ମସନ୍ତୋଷ ମିଳିଥାଏ ବୋଲି ସେ କୁହନ୍ତି।

## 'ଆପଣଙ୍କ ସାହାଯ୍ୟ ଆମକୁ ବଞ୍ଚାଇ ଦେବ'
# ମା'-ପୁଅଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ







ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଦୁଃଖ, ଦୁର୍ଦ୍ଦଶା, ଦୁର୍ଦ୍ଦିନ ଏକା ସାଙ୍ଗରେ ସାଙ୍ଗ ହୋଇ ଆସନ୍ତି, ଆଉ ହସ ଖୁସି ସବୁ ଛଡ଼ାଇ ନେଇ କେବଳ ଦୁଃଖ କଷ୍ଟ ଓ ଯନ୍ତ୍ରଣା ଦେଇଥାନ୍ତି। ହୁଏତ ତାହା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରି ହେବନାହିଁ। ସୂଚନା ଅନୁସାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ ସ୍ଥିତ କରୁଆ ଗ୍ରାମ ପଞ୍ଚାୟତର ବାଗପଞ୍ଚମୀ ଗ୍ରାମର ଉମାଶଙ୍କର ପରିଡାଙ୍କ ସ୍ତ୍ରୀ ଓ ପୁଅ ଦୁଇଜଣ ଯାକ ଦୁରାରୋଗ୍ୟ ରୋଗରେ ପୀଡ଼ିତ ହୋଇ ଯମ ଯନ୍ତ୍ରଣା ଭୋଗୁଛନ୍ତି। ମା' ସସ୍ମିତା ପରିଡ଼ା ପାକସ୍ଥଳୀ କ୍ୟାନ୍ସରରେ ପୀଡ଼ିତ ଥିବାବେଳେ ୨୨ ବର୍ଷୀୟ ପୁଅ ରାକେଶ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଉଭୟ ଶଯ୍ୟାଶାୟୀ ଥାଇ ଉନ୍ନତ ଚିକିତ୍ସାକୁ ଅନାଇ ବସିଛନ୍ତି। ତେବେ ଉମାଶଙ୍କର ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଅଭାବ ଅନାଟନ ଭିତରେ ଦୁଇଜଣ ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା କରାଇବାରେ ଅର୍ଥ ବାଧକ ସାଜିଛି। ଏତିକି ବେଳେ ଖବର ପାଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଭେଲୋରା ସମିତି ସଦସ୍ୟ ଅନାଦି ଦାସ ଉକ୍ତ ପରିବାର ପାଖରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ଯିବାକୁ ପରାମର୍ଶ ଦେଇଥିଲେ ଓ ସେମାନଙ୍କୁ ଆର୍ଥିକ ସହାୟତା ସହିତ ରାସନ୍ ସାମଗ୍ରୀ ପ୍ରଦାନ କରିଥିଲେ। ସେହିପରି କୈବଲ୍ୟ କ୍ଷେତ୍ର ଟ୍ରଷ୍ଟ ପରିବାର ଓ ସ୍ଥାନୀୟ ସରପଞ୍ଚ ଜୟନ୍ତ କୁମାର ରଣା ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଉନ୍ନତ ଚିକିତ୍ସା ସେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତି ସଦସ୍ୟା ସୁପ୍ରଭା ପରିଡ଼ା, ସମାଜସେବୀ ଧିରେନ ସାହୁଙ୍କ ସମେତ କୈବଲ୍ୟ କ୍ଷେତ୍ର ଟ୍ରଷ୍ଟ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ତେବେ ଆର୍ଥିକ ସହାୟତା ପାଇବା ପରେ ପୁଣି ଚିକିତ୍ସା ପାଇବେ ଜାଣି ରାକେଶ ଓ ସସ୍ମିତା ବଞ୍ଚିବାର ରାହା ଦେଖିଥିବା ବେଳେ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥା, ବଦାନ୍ୟ ବ୍ୟକ୍ତିଙ୍କୁ ସହାୟତା ପାଇଁ ଉମାଶଙ୍କର ନିବେଦନ କରିଚନ୍ତି। ତେବେ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ ମିଳିଲେ ଦୁଇ ଦୁଇଟି ଜୀବନ ବଞ୍ଚିବା ସହିତ ଉଜୁଡ଼ି ଯିବାକୁ ବସିଥିବା ପରିବାର ପୁଣି ସଜାଡି ହୋଇଯିବ। ଏଭଳି ପରିସ୍ଥିତିରେ ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ପରିବାରକୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ଚାହିଁବେ, ତେବେ ୯୭୭୭୮୪୨୪୦ ମୋବାଇଲ ନମ୍ବରରେ ଯୋଗାଯୋଗ କରି ସାହାଯ୍ୟ କରିପାରିବେ।

# ରାଶିଫଳ


ଗୁରୁବାର, ୦୫ ଜୁନ୍ ୨୦୨୫



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କ ଠାରୁ ସମର୍ଥନ ପାଇବ । ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ ।




**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । ବସଙ୍କ ସମର୍ଥିତ ହେବେ ନାହିଁ । କ୍ଲାନ୍ତ ହୋଇଯିବ । ବ୍ୟବସାୟ ଲାଭଦାୟକ ହେବ । ଖରାପ ଖବର ଗ୍ରହଣ କରାଯାଇପାରେ । କଠିନ ପରିଶ୍ରମ ଅଧିକ ହେବ । ଲାଭ ସୁଯୋଗକୁ ସ୍ଥଗିତ ରହିବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ। ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଶୁଭ ହେବ ।



**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ବିନିଯୋଗ ଶୁଭ ହେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଆୟ ବୃଦ୍ଧି ପାଇବ । ସମୟ ସୁସଙ୍ଗତତା ମିଳିବ । ଅଳସୁଆ ପ୍ରାଧାନ୍ୟ ଦେବ।



**ସିଂହ:** ଯୋଜନା ଫଳପ୍ରଦ ହେବ । ପଦ୍ଧତିରେ ଉନ୍ନତି ହେବ । ଏହି ସଫଳତାରେ ଖୁସି ହେବେ । କଠିନ ପରିଶ୍ରମ ସଫଳ ହେବ। ଲାଭ ସୁଯୋଗ ଆସିବ । ସମ୍ମାନ ପାଇବେ । ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ସେୟାର ବଜାରରେ ଶୀଘ୍ର ଏଡ଼ାନ୍ତୁ ।



**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ। ଭଲ ଖବର ଗ୍ରହଣ କରାଯିବ । ମୂଲ୍ୟ ବୃଦ୍ଧି ହେବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ । ଦୀର୍ଘ ଯାତ୍ରା ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ ।




**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ । ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ । ତତ୍ପରତା ନାହିଁ ।



**ମକର :** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ। କାର୍ଯ୍ୟ ସନ୍ତୁଷ୍ଟ ହେବେ । ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି



କୁମ୍ଭ: ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ । ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।



ମୀନ: କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କସ୍ତୁମୁଠା ଛତିଶ ଖଣ୍ଡ ଗ୍ରାମର ଗୋଣ୍ଡ ସାଂସ୍କୃତିକ ସମାଜ ପକ୍ଷରୁ ପାରମ୍ପରିକ ଗୁଡ଼ଖାଇ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁପୁ ଗାଁ ପଞ୍ଚାୟତ ଅନ୍ତର୍ଗତ ପୂଜାରୀ ଗୁଡ଼ା ଗ୍ରାମରେ ଆୟୋଜିତ ଚଳିତ ବର୍ଷର ୨୦୨୫ ଗୁଡ଼ଖାଇ ଉତ୍ସବ ଅବସରରେ ଗୋଣ୍ଡ ସାଂସ୍କୃତିକ ସମାଜର ଶତାଧିକ ଲୋକ ଏକାଠି ହୋଇଥିଲେ। କସ୍ତୁମୁଠା ଛତିଶଖଣ୍ଡ ଗ୍ରାମର ଗୋଣ୍ଡ ସମ୍ପ୍ରଦାୟର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଗୋଣ୍ଡ ସମାଜର ବ୍ଲକ ସଭାପତି ସାମାଞ୍ଜଳ ପୂଜାରୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସମରା ମାଝୀ, ପର୍ଶୁ ପାଇକ, ରାମ ପାଇକ, ଭରତ ମାଝୀ, ତ୍ରିଲୋଚନ ପୂଜାରୀ, ବୁଦୁରାମ ମାଝୀ, ବଳି ଗଣ୍ଡ, ରାମଚନ୍ଦ୍ର ଗଣ୍ଡ, ଚୈତନ୍ୟ ମାଝୀ, ରୀନା ମାଝୀ, ନାଡୀ ପାଇକ, ଅନ୍ତରାମ ଗଣ୍ଡ, ରାମଧର ଗଣ୍ଡ, ଶବର ଗଣ୍ଡ, ଜୟରାମ ମାଝୀ, ଚୈତନ୍ୟ ଗଣ୍ଡ, ଦଶରଥ ଗଣ୍ଡ, ମଣିରାମ ଗଣ୍ଡ, ପୁନିତରାମ ଗଣ୍ଡ, ସନ୍ତୋଷ କୁମାର ମାଝୀ, ପଦୁରାମ ଗଣ୍ଡ, ସାବିତ୍ରୀ ଗଣ୍ଡ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ବିଶେଷ ଉଦ୍‌ଯାପନୀ ସଭା ହୋଇଥିଲା। ମୁଖ୍ୟ ଅତିଥି ସହ ସମ୍ମାନିତ ଅତିଥିଙ୍କ ପରିଚୟ ପରେ ଗୋଣ୍ଡ ସମାଜକୁ ସମ୍ବୋଧନ କରି ଅତିଥିଗଣ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ୟକ୍ତିଗତ ସଂସ୍କାର, ଶିକ୍ଷା ଗ୍ରହଣ, ସାଂସ୍କୃତିକ ସୁରକ୍ଷା ଆର୍ଥିକ ପ୍ରଗତି ପୁଣି ସାମୁହିକ ଉନ୍ନତି ଦିଗରେ ପ୍ରୟାସ କଲେ ଏକ ଶୃଙ୍ଖଳିତ ସମୃଦ୍ଧ ସମାଜ ଗଠନ ହୋଇପାରିବ ବୋଲି ମୁଖ୍ୟ ଅତିଥି ସମେତ ମଞ୍ଚାସୀନ ଏବଂ ସମ୍ମାନିତ ଅତିଥି ନିଜ ନିଜ ଅଭିଭାଷଣରେ ଆଲୋକପାତ କରିଥିଲେ। ଆଞ୍ଚଳିକ ଯୁବ ଯୁବତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପସ୍ଥିତ ସମାଜ ଲୋକ ଏହି ଗୁଡ଼ଖାଇ ଉତ୍ସବକୁ ବେଶ ଆନନ୍ଦ ଓ ଉତ୍ସାହର ସହ ପାଳନ କରିଥିଲେ।



# ବିକଶିତ କୃଷି ସଂକଳ୍ପ ଅଭିଯାନ



ଉମରକୋଟ.(ଭାସ୍କର ନ୍ୟୁଜ୍): ଉମରକୋଟ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଉମରକୋଟ ବ୍ଲକ ଅନ୍ତର୍ଗତ ଛଅ ଗୋଟି ପଞ୍ଚାୟତ ତଥା ଅଂଚଳା, ବିରିଶାଡି , ଖୁଟୁଗୁଡା, ଭାମିନି, ମହୁଲି, ସାନ କୁମାରୀ, ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଚାଷୀ ମାନଙ୍କ ସହ ବହୁ ସ୍ୱାବଲମ୍ବୀ ମହିଳା ତଥା କ୍ଷୁଦ୍ର ଚାଷୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଆମ ରାଜ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଭିଡିଓ କନଫରେନ୍ସ ମାଧ୍ୟମରେ ସାକ୍ଷୀଗୋପାଳ ଠାରେ ଗତ ୨୯.୦୫.୨୦୨୫ ରେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟରେ ଜୁନ୍ ବାର ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀମାନଙ୍କ ସହ ନବରଙ୍ଗପୁର ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଶଶାଙ୍କ ଶେଖର ଲେଙ୍କା, ପୋକ ସମ୍ବନ୍ଧୀୟ କୃଷି ବୈଜ୍ଞାନିକ ରୁଦ୍ର ଲେଙ୍କା, ସ୍ୱାଗତିକା ଲେଙ୍କା,କୃଷି ଅଧିକାରୀ ରଶ୍ମିରଞ୍ଜନ ସାହୁ,ବିଶ୍ୱଜିତ ସାହୁ. ପୁଷ୍କରଣୀ ଦାସ,ଅନ୍ୟ କୃଷି ଅଧିକାରୀଙ୍କ ସହ ବୈଜ୍ଞାନିକମାନେ ବିକଶିତ କୃଷି ସମ୍ମିଳନୀରେ ଯୋଗ ଦେଇ କୃଷକ ମାନେ କୃଷି କ୍ଷେତ୍ରରେ କିପରି ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ତାର ଉତ୍ପାଦନକୁ ବଢାଇବା ସହ ଚାଷଜମିର ମାଟିକୁ ପରୀକ୍ଷା କରି ଉର୍ବରତା ସମ୍ବନ୍ଧରେ ଜାଣି ଚାଷ କରିବା ସହ ,ଅଧିକ ପରିମାଣରେ ୟୁରିଆ ସାର ଜମିରେ ବ୍ୟବହାର ନକରି ଜୈବ ସାର ତଥା, ଗୋବର ଖତ ଅଧିକ ପରିମାଣରେ ଜମିରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଦିନକୁ ଦିନ ଭୂତଳ ଜଳ ହ୍ରାସ ହେଉଥିବା ଯୋଗୁଁ ଚାଷୀମାନଙ୍କୁ ନିଜର ଜମିର ହିଡରେ ମୂଲ୍ୟବାନ ଟିକ୍ ବୃକ୍ଷ ରୋପଣ କରିବା ପାଇଁ ବୈଜ୍ଞାନିକମାନେ ପରାମର୍ଶ ଦେଇଥିଲେ। ଏଥିରେ ଯୋଗ ଦେଇଥିବା ମହିଳାମାନଙ୍କୁ ସ୍ୱାବଲମ୍ବୀ ନିମନ୍ତେ ମହୁ ଚାଷ, କୁକୁଡା ଚାଷ, ମାଛ ଚାଷ, କିପରି କରିବେ ଓ ସରକାରଙ୍କ ଦ୍ୱରା ରିହାତି ବ୍ୟବସ୍ଥାରେ ବିହନ, ଯୋଗାଇ ଦେବା ବ୍ୟବସ୍ଥା ରହିଥିବା କଥା କହିଥିଲେ। ଚାଷୀ ମାନଙ୍କୁ ଚାଷ କ୍ଷେତକୁ ସରକାରଙ୍କ ପଞ୍ଜୀକୃତ କରିବା ଏବଂ ଫସଲ ବୀମା କରିବାକୁ ପରାମର୍ଶ ଦେଇଥିଲେ। ଆଗକୁ ଖରିଫ ଋତୁ ଆସୁଥିବା ହେତୁ ସମସ୍ତ ଚାଷୀ କିପରି ଫସଲ ଉତ୍ପାଦନ ବୃଦ୍ଧି କରିବେ ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିକଶିତ କୃଷି ସଙ୍କଳ୍ପ ଅଭିଯାନ ସାରା ରାଜ୍ୟରେ ଚାଲୁ ରହିଅଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଦେଶର ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ବେଳକୁ ସମସ୍ତ କୃଷକ ଅର୍ଥନୈତିକ ଅଭିବୃଦ୍ଧି ଘଟି ସାରିଥିବ ଏହା ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ରେ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଶ୍ରୀରାମ ନାୟକ ଉପସ୍ଥିତ କୃଷକମାନଙ୍କୁ ତାଙ୍କ ଉଦବୋଧନରେ କହିଥିଲେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନା ଗୁଡିକର ଫାଇଦା ନେବା ସହ କୃଷି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଏମ୍‌ପି ପ୍ରତିନିଧି ବାସନ୍ତୀ ମାଝୀ, ଝରିଗାଁ ବିଧାୟକଙ୍କ ପ୍ରତିନିଧି ସୋନା ମାଝୀ, ଲବ ଦତ୍ତଙ୍କ ସହ ସ୍ଥାନୀୟ ଲୋକ ପ୍ରତିନିଧି ସରପଞ୍ଚ ଲମ୍ପା ନାୟକ, ସମିତି ସଭ୍ୟ ନମି ସନ୍ତା, ପୁରନ୍ ଭତ୍ରା,ବୁଦ୍ଧିଜୀବି ବାପି ମଲ୍ଲିକ, ଜୋଟି ପଟ୍ଟନାୟକ, ଯୁଧିଷ୍ଠିର ପାଣ୍ଡେ, ଡମ୍ବରୁଧର ପାଣ୍ଡେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମମାନଙ୍କରେ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱଚାଷୀ ଛଅଗୋଟି ପଞ୍ଚାୟତରେ ଯୋଗଦେଇଥିଲେ। ଶେଷରେ ଉପସ୍ଥିତ ଥିବା କୃଷି ବୈଜ୍ଞାନିକମାନେ କୃଷି ବିଷୟରେ ଅଧିକ ସୂଚନା ଜାଣିବା ପାଇଁ ଉପସ୍ଥିତ କୃଷକମାନଙ୍କୁ ନିଜ ଫୋନ୍ ନମ୍ବର ପ୍ରଦାନ କରିଥିଲେ ।

# ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଟ୍ରାନ୍ସଫର୍ମର

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଂଚାୟତ ଅନ୍ତର୍ଗତ ଜହ୍ନ ।ପଙ୍କ- କମିରା ରାସ୍ତାର ପୁରୁଣାମଦଭାଟି ନିକଟରେ ଏକ ମୁକୁଳା ବିଦ୍ୟୁତ ଟ୍ରାନ୍ସଫରମର ବିପଦକୁ ଆମନ୍ତ୍ରଣ କରୁଛି। ଗତ ବର୍ଷ ଅଗଷ୍ଟ ମାସରେ ବିଦ୍ୟୁତ ସର୍ଟ ଯୋଗୁଁ ନିକଟରେ ଯାଇଥିବା ଜଳ ଯୋଗାଣ ପାଇପ ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ଘଟିଥିବା ବେଳେ ଗତ ଶନିବାର ଏକ ଯୁବକ ଆଲୋକ ପ୍ରଧାନ ଅସାବଧାନତା ବଶତଃ ଆସିଯିବାରୁ ଲଟକି ଯାଇଥିଲେ। ଜଣେ ବ୍ୟକ୍ତି ଠେଙ୍ଗାରେ ପିଟି ଦେବାରୁ ସେ ଏକ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ। ମୁଖ୍ୟରାସ୍ତା କଡରେ ଏଭଳି ଏକ ବିପଦପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର ଥିବାରୁ ବିଦ୍ୟୁତ ବିଭାଗର ମୃତ୍ୟୁର ଫାଶ ବସାଇଥିବା ଆଲୋଚନା ହେଉଛି। ତୁରନ୍ତ ଏହାର ଚାରିପଟେ ସୁରକ୍ଷା ବାଡ଼ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ କାଞ୍ଚିଲତା

## ବାରମ୍ବାର ଆବେଦନ ପରେ ମଧ ଶୁଣୁନାହାନ୍ତି ଅଧିକାରୀ

ଉମରକୋଟ (ଭାସ୍କର ନ୍ୟୁଜ): ସରକାର ବୃଦ୍ଧବୃଦ୍ଧା, ବିଧବା ମହିଳା ଓ ବିକଳାଙ୍ଗ ତଥା ଭିନ୍ନକ୍ଷମମାନଙ୍କ ପାଇଁ ମଧୁବାବୁ ପେନସନ ଯୋଜନା କରିଛନ୍ତି । ହେଲେ କିଛି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ଚରମ ଅବହେଳା ଯୋଗୁଁ ଆଜି ବି ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି । ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଂଚାୟତ ଅନ୍ତର୍ଗତ ବଡ଼ନୀ ଗ୍ରାମର ସ୍ୱର୍ଗତ ଚୈତନ୍ୟ ମେହେରଙ୍କ ୧୫ ବର୍ଷୀୟା ଝିଅ କାଞ୍ଚିଲତା ମେହେର ଜନ୍ମରୁ ଭିନ୍ନକ୍ଷମ ହୋଇଥିଲେ ହେଁ ଆଜି ଯାଏ ସେ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି ।ପରିବାର ସଦସ୍ୟ ମାନଙ୍କ କହିବା ପ୍ରକାରେ, କାଞ୍ଚିଲତା ହେଉଛନ୍ତି ଜଣେ ମାନସିକ ବିକଳାଙ୍ଗ ଝିଅ ।ସେ ୭୫ ପ୍ରତିଶତ ଭିନ୍ନକ୍ଷମ ଥିବା ତାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ରରେ ମଧ ଦର୍ଶାଯାଇଛି । କାଞ୍ଚିଲତାକୁ ଭିନ୍ନକ୍ଷମ ଭତ୍ତା ଯୋଗେଇ ଦେବାକୁ ନିଜ ୱାର୍ଡର ୱାର୍ଡ ସଭ୍ୟ ଠାରୁ ଆରମ୍ଭ କରି ସରପଞ୍ଚ, ସମିତିସଭ୍ୟ, ପିଇଓ, ଏପରିକି ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଆବେଦନ କରିଥିଲେ ସୁଦ୍ଧା କାଞ୍ଚିଲତା ଏହି ଯୋଜନାରୁ ବଞ୍ଚିତ ରହିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।



ଅନ୍ୟପକ୍ଷେ ୪ ବର୍ଷ ତଳେ ବାପା କରୋନା ସଂକ୍ରମଣ ସମୟରେ ପର ପାରିକୁ ଚାଲିଯାଇଥିବା ବେଳେ ଭିନ୍ନକ୍ଷମ ଝିଅର ଚିନ୍ତାରେ ବିଧବା ମା । ଭିନ୍ନକ୍ଷମ ଝିଅ ପରିବାରରେ ସବୁଠୁ ବଡ ସନ୍ତାନ ତାପରେ ଅଛନ୍ତି ତିନି ପୁଅ। ମା ନିଜ ପେଟ ସହ ଚାରିଟି ପ୍ରାଣୀର ଭରଣପୋଷଣ ବୋଝ ମୁଣ୍ଡାଇଛନ୍ତି । ଆର୍ଥିକ ସ୍ଥିତି ଦୁର୍ବଳ। ଅଳ୍ପ କିଛି ଅଛି ଚାଷ ଜମି। ଜମିରୁ ଯାହା ମିଳେ ସମୁଦ୍ରକୁ ଶଙ୍ଖେ ପାଣି। ପ୍ରଶାସନ ପକ୍ଷରୁ କାଞ୍ଚିଲତାକୁ ଭିନ୍ନକ୍ଷମ ଭତ୍ତା ଯୋଗେଇ ଦେଲେ ସେ ତଥା ତାର ପରିବାର ଉପକୃତ ହୁଅନ୍ତେ ବୋଲି ପରିବାର ଲୋକ ଦାବୀ କରିଛନ୍ତି ।

# ଭଉଣୀ ଆକାଉଣ୍ଟରୁ ଟଙ୍କା ହଡପ୍ କରି ଭାଇ ଗିରଫ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଭଉଣୀର ଆକାଉଣ୍ଟରୁ ଟଙ୍କା ହଡପ କରି ଗିରଫ ହେବା ସହିତ ଚାକିରିରୁ ନିଲମ୍ବିତ ହୋଇଛି ଭାଇ। ଶଙ୍କରାଖୋଲ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଅଧୀନରେ କ୍ଲର୍କ ଚାକିରି କରି ଆସୁଥିଲେ ଭାଇ। ଏହାର ଫାଇଦା ଉଠାଇ ଲୁଟି ନେଇଛନ୍ତ ଲକ୍ଷାଧିକ ଟଙ୍କା । ଏହା ଦେଖାଯାଇଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ଆଦର୍ଶ ଟାଉନ ଥାନା ଅଞ୍ଚଳରେ। ଗିରଫ ସତ୍ୟଜିତ୍ ମଲ୍ଲିକ୍‌ଙ୍କ ପ୍ରକୃତ ଘର ଦଡକୀ ଅଞ୍ଚଳରେ ହୋଇଥିବା ବେଳେ ସେ କିନ୍ତୁ ରହୁଥିଲେ ବ୍ରାହ୍ମଣ ସାହିରେ। ସୂଚନା ଅନୁଯାୟୀ, ସତ୍ୟଜିତ ପୂର୍ବରୁ ଭାରତୀୟ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଶଙ୍କରାଖୋଲ ଶାଖାରେ କାମ କରି ଆସୁଥିଲେ । ୨୦୨୧ ମସିହାରେ ତାଙ୍କ ମାଉସୀ ଝିଅ ଭଉଣୀ ସୌଭାଗ୍ୟ ମଞ୍ଜରୀ କହଁରଙ୍କ ନିଜ ଷ୍ଟେଟବ୍ୟାଙ୍କ ଆକାଉଣ୍ଟ ଲାଇନପଡା ବ୍ରାଞ୍ଚରୁ ଫୁଲବାଣୀ ଟ୍ରାନ୍ସଫର କରିବା ପାଇଁ ସତ୍ୟଜିତଙ୍କୁ କହିଥିଲେ। ସତ୍ୟଜିତ ଯୋନୋ ଆପ ଜରିଆରେ ଏହା କରିବା ସମୟରେ ଆକାଉଣ୍ଟରେ ଭଉଣୀଙ୍କ ମୋବାଇଲ ନମ୍ବର ଜାଗାରେ ନିଜ ମୋବାଇଲ ନମ୍ବର ଲିଙ୍କ କରି ଦେଇଥିଲେ। ଏହାପରେ ସତ୍ୟଜିତ ମଲିକ ନିଜ ଭଉଣୀଙ୍କୁ ସୂଚନା ନଦେଇ କରୋନା ସମୟରେ ସଞ୍ଚୟ ଖାତା ରେ ଥିବା ୯ ଲକ୍ଷ ଟଙ୍କା ଚାଲାକ ଚତୁରତାର ସହ ନିଜ ମା'ଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଇଥିଲେ। ଏହା ଜାଣିବା ପରେ ଭଉଣୀ ବାରମ୍ବାର ଟଙ୍କା ମାଗିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ସତ୍ୟଜିତ ମଲ୍ଲିକ ଟଙ୍କା ଫେରାଇବା ପାଇଁ ବ୍ଲାଙ୍କ ଚେକ୍ ଓ ଚୁକ୍ତିପତ୍ର କରାଇଥିଲେ। ହେଲେବି ଟଙ୍କା ଫେରସ୍ତ ନ ମିଳିବାରୁ ସୌଭାଗ୍ୟ ମଞ୍ଜରୀ କହଁର ବାଧ ହୋଇ ଭାଇ ବିରୁଦ୍ଧରେ ଆଦର୍ଶ ଟାଉନ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ନେଇଟାଉନ ଥାନା ପୋଲିସ ୨୧୨/୨୫ରେ (୪୧୮/୪୨୦ଆଇ ପି ସି) ଏକ ମାମଲା ରୁଜୁ କରି ତଦନ୍ତ ପରେ ସତ୍ୟଜିତଙ୍କୁ ଗିରଫ କରିଛି। ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସବ ଇନ୍ସପେକ୍ଟର ମନୋରଞ୍ଜନ ଭୋଇ ସୂଚନା ଦେଇଛନ୍ତି।

# ରବିଧାନ କ୍ରୟ ପାଇଁ ସମିତି ସ୍ତରୀୟ କମିଟି ବୈଠକ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଠାରେ ବୌଦ୍ଧ ଏନଏସି ଅନ୍ତର୍ଗତ ଚାଷୀ ମାନଙ୍କ ରବି ଧାନ କ୍ରୟ ପାଇଁ ସମିତି ସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସତ୍ୟଜିତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧାନ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ନୋଡାଲ ଅଫିସର ସତ୍ୟବ୍ରତ ମେହେର ଯୋଗ ଦେଇଥିଲେ । ସମିତିର ସମ୍ପାଦକ ସତ୍ୟଜିତ କର ବୈଠକର ବିବରଣୀ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଆସନ୍ତା ଜୁନ ୬ ତାରିଖ ଠାରୁ ବୁଟୁପାଲି ନିକଟ ମାଉଲସିଙ୍ଗା ହାଇସ୍କୁଲ ନିକଟ ପଡିଆରେ ରବି ଧାନ ବୌଦ୍ଧ ଏନଏସି ଅନ୍ତର୍ଗତ ଚାଷୀ ମାନଙ୍କ ଠାରୁ କ୍ରୟ କରାଯିବାକୁ ବୈଠକରେ ନିର୍ଦ୍ଧାରଣ କରାଯାଇଥିଲା ।

# ଗୁହାରି ସତ୍ତ୍ୱେ ସୁଧୁରୁନି ପୌର ପରିଷଦ ସମସ୍ୟା

କନ୍ଧମାଳ(ଭାସ୍କର ନ୍ୟୁଜ୍): ଫୁଲବାଣୀ ପୌର ପରିଷଦରେ ମୋଟ ୧୩ଟି ୱାର୍ଡ ରହିଛି । ସବୁ ୱାର୍ଡ ଗୁଡିକରେ ଦୁଇରୁ ତିନିମାସ ହେବ କୌଣସି ଛୋଟ ବଡ଼ ନିର୍ମାଣ କାର୍ଯ୍ୟ ହୋଇପାରି ନାହିଁ। ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ବଦଳି ହେବା ପରେ ଫୁଲବାଣୀର ଉପ ଜିଲ୍ଲାପାଳ ଭିକାରୀ ସାହୁଙ୍କୁ ପୌର ପରିଷଦର ଅଧିକାରୀ ଭାବେ ସମସ୍ତ ଦାୟିତ୍ୱ ତୁଲାଇବା ପାଇଁ ଜିଲ୍ଲାପାଳଙ୍କ ଆଦେଶରେ କାର୍ଯ୍ୟ ନିର୍ବାହ କରିବାକୁ ଆଦେଶ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ ୱାର୍ଡର କାଉନସିଲରମାନେ ଉକ୍ତ ଉପଜିଲ୍ଲାପାଳଙ୍କୁ ଭେଟି ନିଜ ନିଜର ୱାର୍ଡର ଜନସାଧାରଣଙ୍କ ସମସ୍ୟାକୁ ସୁଧାରିବା ପାଇଁ ବାରମ୍ବାର ଅବଗତ କରାଇଥିଲେ । ଉପଜିଲ୍ଲାପାଳ ସମସ୍ତ ସମସ୍ୟାକୁ ଶୁଣିଲା ପରେ କାଉନସିଲର ମାନଙ୍କୁ କହିଥିଲେ କାମ କରାଯିବ । ତା ପରେ ଦୀର୍ଘ ମାସ ବିତି ଯାଇଥିଲେ ମଧ ପୌର ପରିଷଦର ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । ଏ ନେଇ କାଉନସିଲର ମାନେ ଦୁଃଖ ପ୍ରକାଶ କରିଥିବାର ଚର୍ଚ୍ଚା ହେଉଛି । ଗୋଟିଏ ପକ୍ଷରେ ପୌର ପରିଷଦରେ ବିଜେଡି କାଉନସିଲର ସଂଖ୍ୟା ଅଧିକ ଥିବା ବେଳେ ବିଜେପି କାଉନସିଲର ସଂଖ୍ୟା କମ ରହିଛି । ଫଳରେ ପୌର ପରିଷଦର ନିର୍ମାଣ କାର୍ଯ୍ୟ ବାଧା ସୃଷ୍ଟିର ଏହା ଏକ ଅଭିନୟ ଉପାୟ ନୁଁହେତ...? ଫୁଲବାଣୀ ପୌର ପରିଷଦର ନୂତନ ସ୍ଥାୟୀ ନିର୍ବାହୀ ଅଧିକାରୀ କେବେ ଦାୟିତ୍ୱ ଗ୍ରହଣ କରିବେ ଏବଂ ପୌର ପରିଷଦର ଅଧୁରା କାର୍ଯ୍ୟ କେବେ ପୂର୍ଣ୍ଣ ହେବ ଜନ ସାଧାରଣ ଚାହିଁ ବସିଛନ୍ତି ।

# ଶଗଡ଼େଶ୍ୱର ମହୋତ୍ସବ ସମ୍ପନ୍ନ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ, ବାମଣ୍ଡା ଗଡ଼ଜାତର ପ୍ରାଚୀନତମ ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ-୨୦୨୫ ବୈଦିକ ଓ ଲୋକ ପରମ୍ପରା ଅନୁସାରେ ଗତ ମଇ ୩୧ ଓ ଜୁନ୍ ୧ ତାରିଖ ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ପୂର୍ବାହ୍ନରେ ବାବା ଶଗଡେଶ୍ୱର ଓ ମାତା ପାର୍ବତୀଙ୍କ ତୈଳାଭିଷେକ, ହରିଦ୍ରା ଲେପନ ସମାପନ ହୋଇଥିଲା । ପରେ ମାତା ପାର୍ବତୀଙ୍କ ପିନ୍ଧାଣି ବା ପତରପେଣ୍ଡି କାର୍ଯ୍ୟ ନିଷ୍ପାଦନ କରାଯାଇଥିଲା। ଅପରାହ୍ନରେ ବାବା ଶଗଡେଶ୍ୱର ବିରାଟ ପଟୁଆରରେ ଆସି ଭକ୍ତ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଜୟଘୋଷର ଭକ୍ତିମୟ ପରିବେଶରେ ବିବାହ କାର୍ଯ ସମ୍ପନ୍ନ ହୋଇଥିଲା। ଅକ୍ଷୟ ପଟେଲ ଓ ଧର୍ମପତ୍ନୀ କନ୍ୟା କର୍ତ୍ତା ତଥା ରବୀନ୍ଦ୍ର ନାରାୟଣ ପରିଡ଼ା ଓ ଧର୍ମପତ୍ନୀ ବର କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, କୁଚିଣ୍ଡା ଉପଜିଲ୍ଲାପାଳ, ଜମନକିରା ବିଡ଼ିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ କମିଟି ପକ୍ଷରୁ ମନ୍ଦିରର ଉନ୍ନତିକରଣ ପାଇଁ ମନ୍ଦିରକୁ ନିୟମିତ ସରକାରୀ ଅନୁଦାନ ପ୍ରଦାନ, ଫରେଷ୍ଟ ପାର୍କ ନିର୍ମାଣ, ମନ୍ଦିର ସନ୍ନିକଟ ଶ୍ମଶାନ ଘାଟ ନିର୍ମାଣ ଓ ଡିମିରିମୁଣ୍ଡା ବସ୍ ଷ୍ଟାଣ୍ଡଠାରେ ଏକ ଭବ୍ୟ ସୁବିଧା କେନ୍ଦ୍ର ନିର୍ମାଣ ଆଦି ଦାବି ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନ ଦେବ ଦମ୍ପତି ଏକ ଭବ୍ୟ ପଟୁଆରରେ ବାହାରି ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସତ୍ୟ ନାରାୟଣ ପୂଜା ପରେ ଦେବ ଦମ୍ପତିଙ୍କ ଗୃହ ପ୍ରବେଶ କରିଥିଲେ । ପରେ ପରେ ଉପଖଣ୍ଡର ବୃହତ୍ତମ ମୁକ୍ତ ମଞ୍ଚରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଦର୍ଶକଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ମାନିତ ଅତିଥି ଟଙ୍କକିଆ କ୍ଲିନିକର ସଂସ୍ଥାପକ ଡାକ୍ତର ରାମଚନ୍ଦାନୀ ଓ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଶଶିଭୂଷଣ ବଡେଇଙ୍କୁ ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ବିଜୟ କୁମାର ମହାନ୍ତି ସମ୍ମାନୀତ କରିଥିଲେ ।କାର୍ଯ୍ୟକ୍ରମ ସଂଯୋଜକ ମଳୟ ବେହେରା ସଂଯୋଜନା କରିଥିଲେ ।ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ସଭାପତି ନୃପଲାଲ ପଳେଇ,ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ରନାରାୟଣ ବେହେରା ,ସମ୍ପାଦକ ସୁମନ୍ତ ବେହେରା, କୋଷାଧ୍ୟକ୍ଷ ରତନ ଲାଲ ସିଂ,ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ,ସଞ୍ଜୟ ମହାକୁଳ, ଗଣେଶ ଗୁପ୍ତା, ବାବଲୁ ପଳେଇ,ନରେନ୍ଦ୍ର ପଳେଇ ,ମିଳନ ପଳେଇ, ରାଜୀବ ଶର୍ମା, ଟିକନ୍ ଶର୍ମା ,ମିତ୍ର ରାୟ,କରୁଣାକର କିସାନ, ଜଗଦୀଶ, ଅଶୋକ ଠାକୁର, ଅଭିନାଶ ସାହୁ,ପୂଜକ ନିତ୍ୟାନନ୍ଦ ମିଶ୍ର,ମନୋଜ ମହାକୁଳ ତଥା ଡ୍ରାଇଭର ସଂଘ , ଏସ.ଏ.ଜି ସଂଘ ଓ ଅଞ୍ଚଳର ସମସ୍ତ ସହଯୋଗୀ ବ୍ୟକ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ତୁଳସୀ ପାହାଡ଼ର ଉନ୍ନୟନ କାର୍ଯ୍ୟ ସମୀକ୍ଷା

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଟେମୁରୁପାଲି ପଞ୍ଚାୟତ ଅନ୍ତର୍ଗତ ତୁଳସୀ ପାହାଡ଼ ଅଞ୍ଚଳରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ପରିଦର୍ଶନ କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଯେଉଁ ଅଞ୍ଚଳ ଥିଲା ଦିନେ ମାଓବାଦୀଙ୍କ ଗଡ଼ ଯେଉଁଠି ମାଓବାଦୀ ମାନେ ଏକତ୍ରିତ ହୁଅନ୍ତି ସେଠାରେ ରଣନୀତି ପ୍ରସ୍ତୁତ କରୁଥିଲେ, କିନ୍ତୁ ଆଜି ସେହି ସ୍ଥାନରେ ଜିଲ୍ଲାପାଳ, ଏସପିଙ୍କ ସମେତ ଅନେକ ଜିଲ୍ଲାର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ପହଞ୍ଚି ଥିଲେ। ଭାଙ୍ଗିଛି ମାଓଗଡ଼ ପହଞ୍ଚିଛି ସରକାରଙ୍କ ବିକାଶର ଗାଡି ।ଦ୍ରୁତ ଗତିରେ ଚାଲିଛି ବିକାଶ ଶାନ୍ତିରେ ଜୀବନ ଯାପନ କରୁଛନ୍ତି ଅଞ୍ଚଳବାସୀ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ତୁଳସୀ ପାହାଡ଼ ଉପରେ ଥିବା ତୁଳସୀ, କେରମେଟି, ମାରିଆ ବେଡା ଓ ଚେରୁ କଟଲା ଗ୍ରାମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏସପି ବିନୋଦ ପାଟିଲ ପହଞ୍ଚି ଛୋଟ ଛୋଟ ପିଲା ମାନଙ୍କ ସହିତ କିଛି ସମୟ କାଟିବା ସହିତ ପିଲା ମାନଙ୍କୁ ଚକ୍‌ଲେଟ ବାଣ୍ଟିଥିଲେ। ତାହା ସହିତ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ତୁଳସୀ ପାହାଡ଼ ଉପରେ ରହି ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେଉଥିବା ବିଏସଏଫ ଯବାନ ମାନଙ୍କ କ୍ୟାମ୍ପ ପରିଦର୍ଶନ କରିଥିଲେ ।ବିଶେଷ କରି ତୁଳସୀ ପାହାଡ଼କୁ ନିର୍ମାଣ ହେଉଥିବା ରାସ୍ତା ଦ୍ରୁତଗତିରେ ଚାଲୁଥିବା ବେଳେ ବାକି ପାହାଡ଼ ଉପରେ ଥିବା ଅଙ୍ଗନବାଡ଼ି, ବିଦ୍ୟାଳୟ ଗୃହ କିପରି ତୁରନ୍ତ ନିର୍ମାଣ କରାଯାଇ ପାରିବ ।ତାହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଙ୍କୁ ଘର ଯୋଗାଇବା, ଶୁଦ୍ଧ ପାନୀୟଜଳ ଯୋଗାଣ ସରକାରଙ୍କ ସମସ୍ତ ଯୋଜନା ଗୁଡିକ କିପରି ପହଞ୍ଚି ପାରିବ ଉପରେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର-୧ର ନିର୍ବାହୀଯନ୍ତ୍ରୀ କାର୍ତ୍ତିକ ନାୟକ, ମାଥିଲି ବିଡ଼ିଓ ପ୍ରମୋଦ କୁମାର ବେହେରା, ମାଥିଲି ବ୍ଲକ ନିର୍ବାହୀଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ଏପିଓ ଲିଙ୍ଗରାଜ କରକରିଆ ଓ ସରପଞ୍ଚ ତୁମ୍ଭେଶ୍ୱର ସମରଥ ସମେତ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ପ୍ରଥମଥର ରଜସୁନ୍ଦରୀ ପ୍ରତିଯୋଗିତା ପାଇଁ ଅଡିସନ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ ସଦର ମହକୁମାର ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ପ୍ରଥମ ଥର ରଜସୁନ୍ଦରୀ ପ୍ରତିଯୋଗିତା ପାଇଁ ଅଡିସନ ଅନୁଷ୍ଠିତ ହୋଇ ଯାଇଛି। ସମାଜସେବୀ ସଂଗୀତା ମିଶ୍ରଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଥିବା ରଜସୁନ୍ଦରୀ ଅଡିସନରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୪୭ ଜଣ ବରିଷ୍ଠ ଓ କନିଷ୍ଠ ବିଭାଗର ଝିଅମାନେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୧୫ ତାରିଖ ଦିନ ରଜ ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଥମ ଅଡିସନରେ ୩୦ ଜଣ ମନୋନୀତ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝିଅମାନେ ସୁନ୍ଦର ଭାବେ ପୋଷାକ ପିନ୍ଧି କଷ୍ଟ୍ୟୁମରେ ନିଜ ଅଭିଭାବକଙ୍କ ସହ ପହଞ୍ଚି ଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଆଇଆଇସି ସୁଜ୍ଞାନୀ ସାହୁ ରିବନ କାଟି ଶୁଭ ଉଦଘାଟନ କରିଥିଲେ। ବରିଷ୍ଠ ବିଭାଗ ରେ ୨୦ ଜଣ ଓ କନିଷ୍ଠ ବିଭାଗରେ ୨୭ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ବିଚାରକ ଭାବେ ଶିଶୁମନ୍ଦିରର ଗୁରୁମା ଆରତୀ ପ୍ରିୟଦର୍ଶିନୀ ସାହୁ, ଅନୁପମା ତୁରୁକ, ବରିଷ୍ଠ ନାଗରିକ ମହାଦେବ ଶତପଥି ରହିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀ,ଅରୁଣ କୁମାର ମିଶ୍ର, ଗୋପୀନାଥ ମହାପାତ୍ର ପରମେଶ୍ୱର ସାହୁ ସୌଭାଗ୍ୟ ରାଣୀ ନାୟକ, ଭବାନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ପାଇକ ସାହିର ଦୁରାବସ୍ଥା

# ରାସ୍ତାରେ ଭାସୁଛି ପାନୀୟ ଜଳ ସହ ନର୍ଦ୍ଦମା ପାଣି

ମୁନିଗୁଡ଼ା(ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲାର ମୁନିଗୁଡା ହେଉଛି ଅନ୍ୟତମ ଜନଗହଳି ପ୍ରମୁଖ ସହର। ଦୈନିକ ଶହଶହ ଟ୍ରକ୍ ବସ ଯାତାୟତ କରୁଥିବାବେଳେ ତହସିଲ, ବ୍ଲକ,ଥାନା, ମେଡିକାଲ, ଫରେଷ୍ଟ ଅଫିସ୍ ସମେତ ବିଭିନ୍ନ ଅଫିସକୁ ଲୋକମାନେ ଯାତାୟତ କରୁଛନ୍ତି। ଏପରିକି ରେଲଷ୍ଟେସନ ଥାଇ ଲୋକମାନଙ୍କର ଗହଳି ଲାଗି ରହିଥିବା ସହ ବଜାରରେ ମଧ ଜନଗହଳି ରହୁଛି। ଏହି ପରିସ୍ଥିତିରେ ମୁନିଗୁଡା ସଦର ମହକୁମାକୁ ପରିବେଶ ଓ ପରିଛନ୍ନତା କ୍ଷେତ୍ରରେ ବହୁ ପଛରେ ପଡିଥିବା ଦେଖା ଦେଇଛି। କିନ୍ତୁ ପରିବେଶ ପରିଛନ୍ନତା ଉପରେ ବିଭାଗୀୟଙ୍କ ଠାରୁ ସ୍ୱେଚ୍ଛାସେବୀ ପର୍ଯ୍ୟନ୍ତ ସରକାରୀ ଅର୍ଥକୁ ହଡ଼ପ କରି ଯେଉଁ ତିମିରକୁ ସେହି ତିମିରରେ ପରିଣତ ହୋଇଛି। ହେଲେ ନେତାଙ୍କ ଠାରୁ ଅଫିସରଙ୍କ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମରେ ରୋଡ଼ ସୋ'ରେ ବଜାର ପରିକ୍ରମା କରନ୍ତି। କ୍ୟାମେରା ଆଗରେ ଫଟୋ ଉଠାଇ ପତ୍ର ପତ୍ରିକାରେ ନିଜର ନାମ ଓ ଚେହେରା ବାହାରିଲେ ସ୍ୱଚ୍ଛ ମୁନିଗୁଡା ପରିଚ୍ଛନ୍ନ ହୋଇଗଲା ବୋଲି ଭାବିନେବାକୁ ହେଉଛି। ଯାହାଙ୍କୁ ସର୍ବସାଧାରଣରେ ପ୍ରମାଣ ଦର୍ଶାଉଛି ମୁନିଗୁଡା ବଜାର ହାଇସ୍କୁଲ ଗେଟ୍ ନିକଟ ମୁଖ୍ୟ ରାସ୍ତାରେ ଡ୍ରେନର ନର୍ଦ୍ଦମା ପାଣି ରାସ୍ତାରେ ଚାଲୁଛି ।ଏହିପରି ସାହିମାନଙ୍କରେ ମଧ ବର୍ଷ ବର୍ଷ ଧରି ଡ୍ରେନର ସଫା ହେବା ନାଁ ଧରୁନି ପଞ୍ଚାୟତ କି ପଞ୍ଚାୟତ ସମିତି। ଯାହାଫଳରେ ଡ୍ରେନ ଫୁଲ ହୋଇ କାଚଡା ପାଣି ସବୁ ସାହିମାନଙ୍କରେ ବୋହି ଦୁର୍ଗନ୍ଧ ସୃଷ୍ଟି କରି ମଶା ମାଛି ହୋଇ ମହାମାରୀ ରୋଗକୁ ନିମନ୍ତ୍ରଣ କରୁଛି ।କେବଳ ଏତିକିରେ ସୀମିତ ନାହିଁ। ପାଇକ ସାହିକୁ ମୁନିଗୁଡ଼ା ର ହୃଦୟ କହିଲେ ଅତ୍ୟୁକ୍ତି ହେବନାହିଁ,ସେହି ପାଇକ ସାହିରେ ବଡବଡ କଥା କୁହା ନେତା ମଧ ଅଛନ୍ତି। ହେଲେ ସେମାନେ ଏସବୁ ପାଇଁ ନିଘା ନାହିଁ। ପାଇକ ସାହିର ଗାନ୍ଧୀ ଘର ନିକଟରେ ଡ୍ରେନର ନର୍ଦ୍ଦମା ପାଣି ବୋହିବା ସହ ଆଗରୁ ଆର ଡବ୍ଲୁ ଏସ ଏସ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଆସୁଥିଲା। ମେଗା ପ୍ରକଳ୍ପର ପାଇପ୍ ବିଛାଇବା ପାଇ ଖାତ କରୁଥିବା ମେସିନ୍ ସେହି ପାଇପ୍‌କୁ ଫଟାଇ ଦେଇ ଆଜି ପର୍ଯ୍ୟନ୍ତ ନୂଆ ପାଇପ୍ ପକାଇ ପାରିନାହିଁ ଠିକାଦାର। ଯାହା ଫଳରେ ପାଇପ୍ ଫାଟି ପିଇବା ପାଣି ଲିକ୍ କରି ବୋହୁଥିବାବେଳେ ଡ୍ରେନର ନର୍ଦ୍ଦମା କାଚଡା ପାଣି ସେଇଥିରେ ମିଶିଯାଇ ଜଳ ଏକାକାର ହୋଇଛି। ସେହି ପାଣିରେ ଡ୍ରେନର ପାଣି ମଧ ମିଶି ଯାଇଛି ।ଏ ପରିସ୍ଥିତିରେ ସାହି ବାସିନ୍ଦା ପାଣି ପାଇଁ ତହଲ ବିକଳ ହେବାକୁ ପଡୁଛି ।ସେହି ବାଟ ଦେଇ ସରପଞ୍ଚ ନର୍ଦ୍ଦମା ପାଣିକୁ ଡେଇଁ ଯାଉଥିଲେ ମଧ ସାହିର ଏପରି ଅସ୍ୱାଭାବିକ ପରିସ୍ଥିତିରେ ସରପଞ୍ଚ କିମ୍ବା ପଞ୍ଚାୟତ ସମିତି କୌଣସି ପଦକ୍ଷେପ ନେବାକୁ ଆନ୍ତରିକତା ନଥିବା ପରିଲକ୍ଷିତ ହେଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଷା ପୂର୍ବରୁ ସମସ୍ତ ଡ୍ରେନ ସଫା ହେବାକୁ ଆଦେଶ ହୋଇଥିଲେ ବି ବର୍ଷ ବର୍ଷ ଧରି ଡ୍ରେନ ସଫା କରାଯାଉନି ।ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିଭିନ୍ନ ରୋଗରୁ ମୁକ୍ତି ପାଇବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ସଫା କରିବା ସହିତ ପାନୀୟ ଜଳର ପାଇପ୍ ଯୋଡ଼ି ପାଣି ଦେବା ବ୍ୟବସ୍ଥା କରାଗଲେ ଗ୍ରାମବାସୀ ବିଶେଷ ଉପକୃତ ହୋଇପାରିବେ। ଯଦି ଏହା କରାନଯାଏ, ତେବେ ମହାମାରୀ ବ୍ୟାପିବାକୁ ଅସ୍ୱୀକାର କରିବା ଠିକ୍ ହେବ ନାହିଁ।




# ପରିବହନ ବିଭାଗର ସ୍ୱୟଂଚାଳିତ ବ୍ୟବସ୍ଥା ଉଦ୍‌ଘାଟିତ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ାରେ ବାଣିଜ୍ୟ ଓ ପରିବହନ ବିଭାଗକୁ ସ୍ୱୟଂ ପରିଚାଳିତ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟିତ କରିଛନ୍ତି। ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ସ୍ଥାନୀୟ ଓସ୍ୱାନ୍ ହଲ୍‌ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବିଡିଓ ରୋହିତ ଭୋଇ, ଆଞ୍ଚଳିକ ପରିବହନ ଅଧିକାରୀ ମାନ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏମଭିଆଇ ଉପେନ୍ଦ୍ର କୁମାର ପୁସିକା, ପିଡବ୍ଲୁଡି ବିଭାଗ ସହ-ନିର୍ବାହୀଯନ୍ତ୍ରୀ ସୁକାନ୍ତ କୁମାର ଗର୍ଡିଆ, ଡି ଟି ଏମ୍ ଆକାଶ ମହାପାତ୍ର, ଟି ଏସ୍ ଆଇ ପ୍ରଜ୍ଞା ପାରମିତା ଭୋଇ, ଡି ଇ ଜି ଏମ୍ ବିରେନ୍ଦ୍ର ସିଂ ଦଣ୍ଡସେନା, କଦମ୍ ରୁ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ସ୍ୱେଚ୍ଛାସେବୀ ବିଜୟ କୁମାର ରାଉତରାୟ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାଣିଜ୍ୟ ଓ ପରିବହନ ବିଭାଗର ନୂତନ ପ୍ରକଳ୍ପ ଗୁଡିକର ଶୁଭ ଉଦ୍ଘାଟନ କରିଥିଲେ।



ଗୋପ (ଭାସ୍କର ନ୍ୟୁଜ୍) : ଗୋପ ବ୍ଲକ ଅଧିନ ବେଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମନାଭ ସେନାପତିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଉକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ମାଧ୍ୟମିକ ଶିକ୍ଷା ପରିଷଦର ଡେପୁଟି କଣ୍ଟ୍ରୋଲର ସୁଶିଳ କୁମାର ବ୍ରହ୍ମା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋପ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ବିଶିଷ୍ଟ ଅତିଥି ଭାବେ ବେଦପୁର ପଞ୍ଚାୟତ ସରପଞ୍ଚ ଜୟନ୍ତୀ ଜେନା, ସମିତି ସଭ୍ୟା ଲିପିକା ସେନାପତି, ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ଉପ-ସଭାପତି ସୁଶାନ୍ତ କୁମାର ନାୟକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିନୋଦିନୀ ମହାପାତ୍ର, ପୁଷ୍ପମିତ୍ରା ମିଶ୍ର, ଜିଲ୍ଲା ପ୍ରାଥମିକ ୟୁନିୟନ ସଭାପତି ପୁରୁଷୋତ୍ତମ ପ୍ରଧାନ, ସଂପାଦକ ଶିବଦତ୍ତ ନାୟକ, ଶିକ୍ଷାବିତ୍ ରବିନ୍ଦ୍ର ମିଶ୍ର, ବିଭୂତି ନାୟକ, ମହେନ୍ଦ୍ର କୁମାର ପାଢ଼ୀ, ନମିତା ତ୍ରିପାଠୀ, ବିରଞ୍ଚି ନାରାୟଣ ମିଶ୍ର, ଓଷ୍ଟା ଜିଲ୍ଲା ସଂପାଦକ ଗୀତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକ ଶ୍ରୀ ସେନାପତିଙ୍କ କାର୍ଯ୍ୟକାଳ ସମୟରେ କିଭଳି ଭାବେ ପିଲାମାନଙ୍କୁ ଆଧୁନିକ ଶୈଳୀରେ ସ୍ନେହ ଆଦର କରି ପାଠ ପଢାଉଥିଲେ ସେ ସଂପର୍କରେ ଆଲୋଚନା କରିବା ସହ ଶିକ୍ଷା ଦାନ କ୍ଷେତ୍ରରେ ତାଙ୍କ କାର୍ଯ୍ୟ ଅତୁଳନୀୟ ବୋଲି କହିଥିଲେ । ପରେ ସମସ୍ତ ଶିକ୍ଷକ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ଘରେ ଛାଡିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସୁରଜିତ ସାହୁ, ଦିବାକର ପରିଡା, ବିଶ୍ୱ ରଂଜନ ମିଶ୍ର, ଅଜୟ ରଥ, ସୁବାସିନୀ ମିଶ୍ର ପରିଚାଳନା କରିଥିଲେ।



ଜଙ୍ଗଲ ମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ବିଧାୟକମାନଙ୍କ ସହ ଶିମିଳିପାଳ ଅଭୟାରଣ୍ୟକୁ ପରିବେଶ ସଂରକ୍ଷିତ ଜଙ୍ଗଲର ଘୋଷଣା ନେଇ ଆଲୋଚନା କରୁଛନ୍ତି।

# ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପ୍ରାଚୀ ସାହିତ୍ୟ ସମ୍ମାନ

କଟକ(ଭାସ୍କର ନ୍ୟୁଜ୍): ପ୍ରାଚୀ ସାହିତ୍ୟ ସମାଜ ପକ୍ଷରୁ ଓଡିଆ ଭାଷାର ବିଶିଷ୍ଟ ଲେଖକ ପଦ୍ମଶ୍ରୀ ଡକ୍ଟର ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ 'ପ୍ରାଚୀ ସାହିତ୍ୟ' ସମ୍ମାନରେ ସମ୍ମାନିତ କରାଯାଇଛି । ପଣ୍ଡିତ ମିଶ୍ର ଓଡିଆ ଭାଷାର ପ୍ରାଚୀନତାକୁ ବଳିଷ୍ଠ ପ୍ରମାଣ ଓ ତଥ୍ୟ ବଳରେ ସିଦ୍ଧ କରିବା ସହ ଶାସ୍ତ୍ରୀୟ ମାନ୍ୟତା ପାଇଁ କଠିନ ପରିଶ୍ରମ କରିଛନ୍ତି । ସେ ଏକାଧିକ ପୁସ୍ତକ ଓଡିଆ ଭାଷାରେ ମୂଳ ରଚନା କରିଛନ୍ତି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ତାଙ୍କର ଓଡିଆ ସାହତ୍ୟିରେ ପଦ୍ମଶ୍ରୀ ମିଶ୍ରଙ୍କ ଅବଦାନ ସର୍ମ୍ପକରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର ଡକ୍ଟର ସୁବ୍ରତ ଆଚାର୍ଯ୍ୟ, ପ୍ରଫେସର ଡକ୍ଟର ଯୁଗଳ କିଶୋର ମିଶ୍ର, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଯୋଗଦାନ କରିଥିଲେ । ମାନସ ରାଉତ ମାନପତ୍ର ପାଠ କରିଥିଲେ ଓ ପ୍ରତାପ ସ୍ୱାଇଁ , ଅନୁପ ମାର୍ଥା ସହଯୋଗ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଓ ସଭାପତି ପ୍ରଫେସର ଡ. ମନ୍ଦାକିନୀ ଦାସ ଶୁଭେଚ୍ଛା ବାର୍ତା ଜଣାଇ ଥିଲେ । ଶେଷରେ ସମ୍ପାଦକ ଡକ୍ଟର ବିଭୁଦ ଖଣ୍ଡାୟତରାୟ ଧନ୍ୟବାଦ ଅର୍ପଣ କରଥିଲେ ।

# ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ଅନ୍ତର୍ଗତ ସମଲ ପଞ୍ଚାୟତରେ ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ କାର୍ଯକ୍ରମ ଆୟୋଜିତ ହେଇଥିଲା । ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ ବ୍ଲକ୍ କୃଷି ଅଧିକାରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯକ୍ରମ ହେଇଥିଲା । ମୁଖ୍ୟ ଅତିଥି ଭାବେ କଣିହାଁ ବ୍ଲକ୍ ଚେୟାରମେନ ରାମକୃଷ୍ଣ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ । ଅନ୍ୟାନ୍ୟ ଅଧିକାରୀଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡକ୍ଟର ତିର୍ଯ୍ୟକ୍ କୁମାର ସାମନ୍ତ, ଚେସ ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ଏ. ଭି.ଭି. କୌଣ୍ଡିଲ୍ୟ, ସହକାରୀ କୃଷି ଅଧିକାରୀ ଶ୍ରୀ ଅଭିନାଶ ନାହାକ ଓ ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ ବିଭାଗ ଅଧିକାରୀ ମାନେଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ମାନେ ଶସ୍ୟ,ଫଳ,ତୈଳବୀଜ,ଡାଲି ଏବଂ ପନିପରିବା ଜାତୀୟ ଫସଲର ଆଧୁନିକ ଚାଷ କୌଶଳ ଏବଂ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ ।ବିଭିନ୍ନ ବିଭାଗ ଅଧିକାରୀ ମାନେ ଯୋଜନା ମାନଙ୍କ ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ତାର ଲାଭାନ୍ୱିତ ହେବାକୁ ଆହ୍ୱାନ କରିଥିଲେ । ଯୋଗଦେଇଥିବା କୃଷକ ଓ କୃଷିଜୀବୀ ମହିଳା ମାନେ ସରକାରଙ୍କ ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ଏବଂ ଧନ୍ୟବାଦ୍ କରିଥିଲେ । କାର୍ଯ୍ୟକ୍ରମକୁ ସୁଶ୍ରୀ ଲକ୍ଷ୍ମୀ ଖାଲଖୋ ଓ ମାନଗୋବିନ୍ଦ ସାହୁ ସଂପାଦନ କରିଥିଲେ । ପରିଶେଷରେ ବ୍ଲକ୍ କୃଷି ଅଧିଦର୍ଶକ ସୁନିଲ କୁମାର ଶତପଥୀ ଚାଷୀଙ୍କୁ ସସକ୍ତ ହେବା ପାଇଁ ଆହ୍ୱାନ ଦେଇଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Khordha dated 02/06/2025, I Nrusingh Mahapatra, Address: Village-Goda, Po-Goda, PS-Begunia, Dist.-Khordha, Odisha, 752062, declare that I have changed my son's name from Sonu Kumar Mahapatra to Sonup Kumar Mahapatra. Henceforth, He shall be known as Sonup Kumar Mahapatra for all purposes.

Sd/-
Nrusingh Mahapatra

# ଏକ ନମ୍ବର ହାଟରେ ଚଢାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଏକ ନମ୍ବର ହାଟରେ ଚଢାଉ । ଡ୍ରଗ୍ସ ଇନ୍ସପେକ୍ଟର ଓ କ୍ରାଇମବ୍ରାଞ୍ଚ ଏସ୍‌ଟିଏ ପକ୍ଷରୁ ଚଢାଉ କରାଯାଇଛି । ଗୁଟଖା, ମାଦକ ଦ୍ରବ୍ୟ, ଚୋରା ନିଶା କାରବାର ନେଇ ଚଢାଉ କରାଯାଇଥିବା ସୂଚନା ମିଳିଛି । ୫ଟି ହୋଲସେଲ ଦୋକାନରୁ ବିପୁଳ ପରିମାଣର ଗୁଟ୍‌ଖା ଜବତ କରାଯାଇଛି । ଜବତ ଗୁଟଖା ଓ ଖଇନିର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ସବୁ ଗୁଟଖା ରାଜ୍ୟ ବାହାରୁ ଆସୁଥିବା ଅନୁମାନ କରାଯାଉଛି । ବିଲ୍ ଯାଞ୍ଚ ସହ ଦୋକାନୀଙ୍କୁ ପଚରାଉଚୁରା କରୁଛି ଏସଟିଏ ।

# ବିଏମ୍‌ସିରେ ସପ୍ତାହକୁ ଦୁଇ ଦିନ ଡ୍ରାଏ ଡେ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାଲିଠୁ ବିଏମସିରେ ସପ୍ତାହକୁ ଦୁଇ ଦିନ ଡ୍ରାଏ ଡେ' । ଡେଙ୍ଗୁ ମୁକାବିଲା ପାଇଁ ସପ୍ତାହକୁ ଦୁଇ ଦିନ ଡ୍ରାଏ ଡେ ପାଳନ କରିବାକୁ ନିଷ୍ପତ୍ତି ନେଇଛି ବିଏମସି । କାଲିଠାରୁ ସହରରେ ଟାୟାର ଲିଫ୍ଟି ଆରମ୍ଭ ହେବ । ମଶା ତେଲ ସିଂଚନ ପାଇଁ ଅତିରିକ୍ତ ୭୦ ଜଣ କର୍ମଚାରୀଙ୍କୁ ୬ ମାସ ପାଇଁ ନିଯୁକ୍ତ କରିଛି ବିଏମସି । ପ୍ରତ୍ୟେକ ସଫେଇ ଗାଡିରେ ସଚେତନତା ବାର୍ତ୍ତା ସହ ଟ୍ରାଫିକ ପୋଷ୍ଟରେ ବି ସଚେତନ କରାଯିବାକୁ କହିଛି ବିଏମସି । ଏହା ସହ କର୍ପୋରେଟର ମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦେବ ବିଏମସି । ଗତବର୍ଷ ଡେଙ୍ଗୁ ଚିହ୍ନଟ ହୋଇଥିବା ଅଞ୍ଚଳ ଗୁଡିକ ଉପରେ ସ୍ୱତନ୍ତ୍ର ନଜର ରଖିଛି ବିଏମସି ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି ।

# ଓଡ଼ିଆ କ୍ରୀଡ଼ାବିତ ସୁଚିତ୍ରା ପରିଡ଼ାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ୟାରିସରେ ହେଉଥିବା ପାରା ଆଥଲେଟିକ୍ସ ଗ୍ରାଣ୍ଡ ପିକ୍ସରେ ରୌପ୍ୟ ପଦକ ଜିତିଥିବା ଓଡ଼ିଆ କ୍ରୀଡ଼ାବିତ ସୁଚିତ୍ରା ପରିଡ଼ାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ପ୍ୟାରିସରେ ଆୟୋଜିତ ହେଉଥିବା ପାରା ଆଥଲେଟିକ୍ସ ଗ୍ରାଣ୍ଡ ପିକ୍ସ ୨୦୨୫ ରେ ଜାଭେଲିନ୍ ଥ୍ରୋ ଇଭେଂଟରେ ରୌପ୍ୟ ପଦକ ଜିତିଥିବା ଓଡ଼ିଆ କ୍ରୀଡ଼ାବିତ ସୁଚିତ୍ରା ପରିଡ଼ାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆପଣଙ୍କର ଏହି ଉପଲବ୍ଧି କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ । ଆପଣଙ୍କ ପରିଶ୍ରମ, ଅଦମ୍ୟ ଇଚ୍ଛାଶକ୍ତି ଏବଂ କ୍ରୀଡ଼ା ପ୍ରତି ଆଗ୍ରହ ଆଗାମୀ ପିଢ଼ିକୁ ପ୍ରେରଣା ଦେବ । ଆପଣଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 02/06/2025, I Kanak Durlia, Address At-Govindapalli, PS-Mathili, Dist.-Malkanagiri, Odisha, Pin-764044, declare that I have changed my name from Purnima Turlia to Kanak Durlia. Henceforth, I shall be known as Kanak Durlia for all purposes.

Sd/- Kanak Durlia

# ଶ୍ରୀଅଲାରନାଥଙ୍କ ଅନବସର ବେଶ ଦର୍ଶନ ପାଇଁ ପ୍ରସ୍ତୁତି ଯୋରଦାର

ପୁରୀ (ଭାସ୍କର ନ୍ୟୁଜ) : ଜୁନ ୧୧ ତାରିଖ ପବିତ୍ର ସ୍ନାନପୂର୍ଣ୍ଣିମା । ଚତୁର୍ଦ୍ଧାମୂର୍ତ୍ତି ସ୍ନାନମଣ୍ଡପରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରିବେ । ଏହି ସମୟରେ ଭକ୍ତ ଶ୍ରୀଜୀଉମାନଙ୍କୁ ଦର୍ଶନ କରିପାରିବେ ନାହିଁ । ଜୁନ ୧୨ ତାରିଖରୁ ବ୍ରହ୍ମଗିରି ସ୍ଥିତ ଶ୍ରୀଅଲାରନାଥଙ୍କ ପୀଠରେ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ ରୂପରେ ଭକ୍ତ ଦର୍ଶନ କରିବେ । କଥିତ ଅଛି ଅଣସର ସମୟରେ ଗୋଟିଏ ଦିନ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ କୋଟିପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ୧୪ ଦିନ ଅଣସର ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ଗହଳି ହେବ । ଏଥିପାଇଁ ଚଳଚଞ୍ଚଳ ହୋଇଛି ଶ୍ରୀଅଲାରନାଥଙ୍କ ପୀଠ । ଏବେ ମନ୍ଦିରକୁ ଧଳା ଚୂନରେ ରଙ୍ଗ କରାଯାଉଛି । ଭକ୍ତ ଦର୍ଶନ ପାଇଁ ବ୍ୟାରିକେଡ ନିର୍ମାଣ କରାଯିବ । ପ୍ରବଳ ଖରା ତାତି ଯୋଗୁ ଛାମୁଣ୍ଡିଆ କରାଯିବ ସହ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବ । ଭିନ୍ନକ୍ଷମ ଓ ବୟସ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେମାନଙ୍କୁ ସହଯୋଗ କରିବା ପାଇଁ ସ୍ୱେଚ୍ଛାସେବୀ ମାନେ ନିୟୋଜିତ ହେବେ । ମଝିରେ ମଝିରେ ବସିବା ପାଇଁ ସ୍ୱତନ୍ତ୍ର ବେଞ୍ଚ ବ୍ୟବସ୍ଥା କରାଯିବ । ମନ୍ଦିର ଭିତର ଓ ବାହାର ବିଦ୍ୟୁତ ଆଲୋକରେ ଝଲସିବ । ନୀତିକାନ୍ତି ସଠିକ କରିବା ପାଇଁ ପ୍ରସ୍ତୁତି ବୈଠକରେ ଚୁଡାନ୍ତ ହୋଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯିବ । ଏଥର ୫୦ଟି ସିସିଟିଭି କ୍ୟାମେରା ମନ୍ଦିର ବିଭିନ୍ନ ସ୍ଥାନରେ ଲଗାଯିବ । ସେବାୟତ ୩୦ ଘର ପାଇଁ ସ୍ୱତନ୍ତ୍ର ପାସ ବ୍ୟବସ୍ଥା କରାଯାଇଛି । ଗାଡି ପାର୍କିଂ ପାଇଁ ଚନ୍ଦନ ପୋଖରୀ ନିକଟରେ ବ୍ୟବସ୍ଥା କରାଯାଇଛି । ସେଠାରେ ଅଧିକ ଗାଡି ହେଲେ ଅନ୍ୟ ସ୍ଥାନରେ ପାର୍କିଂ ପାଇଁ ବ୍ୟବସ୍ଥା ହୋଇଛି । ମନ୍ଦିରରୁ ବାମ୍ଫ ନିଷ୍କାସନ ଓ ଥଣ୍ଡା ପାଇଁ ସ୍ୱତନ୍ତ୍ର କୁଲର ବ୍ୟବସ୍ଥା କରାଯିବ । ଆନନ୍ଦବଜାରରେ ଶୃଙ୍ଖଳିତ ଭାବେ ଖୀରି ପ୍ରସାଦ ନେଇପାରିବେ । ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,ଏସ୍‌ପି ବିନୀତ ଅଗ୍ରୱାଲ, ଉପଜିଲ୍ଲାପାଳ ରାଜକିଶୋର ଜେନା, ବ୍ରହ୍ମଗିରି ତହସିଲଦାର, ଥାନା ଆଇଆଇସି, ସେବାୟତ ନିଯୋଗ, ଅଲାର ଗ୍ରାମବାସୀ ଓ ଗୋପ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ପ୍ରତିଦିନ ସାଂସ୍କୃତିକ ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରସ୍ତୁତି ସମ୍ପର୍କରେ ନିଯୋଗ କମିଟିର ସଭାପତି ବିଜୟ କୁମାର ସୁଆର ଓ ଅଲାରନାଥ ଉନ୍ନୟନ କମିଟିର ସମ୍ପାଦକ ତଥା ସେବାୟତ ନୀଳମଣି ସୁଆର ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି ଉପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



**DECLARATION**

I Ratikanta Naik S/O Prabhakar Naik, Village-Boring P.O-Padiabeda, P.S-Thakurmunda Dist-Mayurbhanj, Odisha have changed my minor nephew from Nabin Naik to Karnna Naik and date of has been chanded from 05/05/2006 to 05/09/2007 for all future purpose.

**DECLARATION**

I Makhanlal Mohanta S/O Late Maheswar Mohanta, aged about 37yrs, Village-Kardia, Ward no-2 P.O-Rasamtal P.S-Karanjia, Dist-Mayurbhanj, Odisha have changed my minor daughter's name from Anshika Mohanta to Bisharupa Mohanta for all future purpose.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଳାଚକଟାରେ...

ବେଶ୍ ଖୁସି ରହିଥିବା ବେଳେ ଏହି ଦୁର୍ଘଟଣା ବିଜୟ ଉତ୍ସବକୁ ଏକରକମ ଫିକା ପକାଇ ଦେଇଛି । ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଆର୍‌ସିବି ପଞ୍ଜାବ କିଙ୍ଗ୍‌ସକୁ ୬ରନ୍‌ରେ ହରାଇ ଆଇପିଏଲ୍ ଟାଇଟଲ ହାସଲ କରିଥିଲା । ଏହି ବିଜୟ ପରେ କର୍ଣ୍ଣାଟକ ସମେତ ଅନେକ ସହରରେ ବିଜୟ ଉତ୍ସବ ପାଳନ ପାଇଁ ଆୟୋଜନ କରାଯାଇଥିଲା । ଆହତମାନଙ୍କୁ ହସ୍ପିଟାଲରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ।

### ତଦନ୍ତ...

ୱାର୍ଡରେ ଅଳ୍ପ ସମୟ ମଧ୍ୟରେ ୫ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ବୁଧବାର ସକାଳେ ମଧ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା । କୋରାପୁଟ, ବୋରିଗୁମା, କଳାହାଣ୍ଡି, ଶିମିଳିଗୁଡା ଇତ୍ୟାଦି ଅଞ୍ଚଳରୁ ଗୁରୁତର ରୋଗୀ ଏହି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତେବେ ମଙ୍ଗଳବାର ରାତିରେ ଅଧଘଣ୍ଟାଏ ମଧ୍ୟରେ ପ୍ରଥମେ ୩ଜଣଙ୍କର ଓ ପରେ ପରେ ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା । ସେହିପରି ବୁଧବାର ସକାଳେ ମଧ୍ୟ ଆଉ ଜଣେ ରୋଗୀଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ନର୍ସଙ୍କ ଭୁଲ ଇଞ୍ଜେକସନ ଯୋଗୁଁ ଏହି ମୃତ୍ୟୁ ଘଟିଥିବା ମୃତରୋଗୀଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । ପୋଲିସ ସମସ୍ତ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

### ତହସିଲଦାର...

ସାମାନ୍ୟତମ ବ୍ୟତିକ୍ରମ ହେବା ଉଚିତ ନୁହେଁ । ଯଦି ଜ୍ଞାତସାରରେ କିଛି ତ୍ରୁଟି ହୁଏ, ଏହାର ପରିଣାମ ସେହି ଅଧିକାରୀ ଭୋଗିବେ । ଏଥିରେ ସରକାରଙ୍କ 'ଶୂନ୍ୟ ସହନଶୀଳତା' ଅଛି । କିଛି ଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ । କିଛି କିଛି ଅଞ୍ଚଳରେ ଆରମ୍ଭ ହୋଇଗଲାଣି । ସେ ପୁଣି କହିଥିଲେଯେ, ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ । ଯଦି ସରକାର ଆପଣଙ୍କ ଅ□ଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ କରିବେ । ସରକାର ବର୍ତ୍ତମାନ ଧାନ କିଣିବା ପାଇଁ ଅଧିକ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି । କିନ୍ତୁ, କେଉଁ ଚାଷୀ କେତେ ଜମିରେ ପ୍ରକୃତ ଚାଷ କରିଛନ୍ତି ତାହାର ଜମିୱାରୀ ଭେରୀଫିକେଶନ ହେବା ଆବଶ୍ୟକ ଯାହା ରାଜସ୍ୱ, ସମବାୟ, କୃଷି ଏବଂ ଜଳସେଚନ ବିଭାଗ ଦ୍ୱାରା ମିଳିତ ଭାବେ ହୁଏ । ତେଣୁ, ସଠିକ ତଥ୍ୟ ଆସିବା ଦରକାର, ଯାହାଦ୍ୱାରା ଚାଷୀମାନେ ସେମାନଙ୍କ ପ୍ରକୃତ ଚାଷ କରିଥିବା ଫସଲ ପାଇଁ ସୁବିଧା ପାଇବେ । କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ । ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ । ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ । ପ୍ରତିଷ୍ଠା ନୁହେଁ, ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ । ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡିବ ଆପଣ ମାନେ ନିଜର ମାନସିକତା ବଦଳାନ୍ତୁ । ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି । ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି । ବର୍ତ୍ତମାନ ଲୋକଙ୍କ ସରକାରରେ ଜନସାଧାରଣ ହେଉଛନ୍ତି ଶ୍ରେଷ୍ଠ ବିଚାରକ ଆମକୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଡିବ । ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ । ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ପୂଜାରୀ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ଓ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ ।

### ଦୁଇଟି ପର୍ଯ୍ୟାୟରେ...

ମାସରେ କେନ୍ଦ୍ର ସରକାର ଜାତି ଜନଗଣନାକୁ ଅନୁମୋଦନ ଦେଇଥିଲେ । ୧୯୩୧ ପରେ ଦେଶରେ କୌଣସି ଜାତି ଜନଗଣନା କରାଯାଇନାହିଁ । ତେବେ ପ୍ରତ୍ୟେକ ୧୦ବର୍ଷରେ ଜନଗଣନା କରାଯିବାର ନିୟମ ରହିଛି । ତେବେ ୨୦୨୧ରେ ଏହା ହେବାର ଥିଲେ ମଧ୍ୟ ମହାମାରୀ କରୋନା ଯୋଗୁଁ ହୋଇପାରି ନଥିଲା ।

## ବୟାଳିଶ ମୌଜା ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

କଟକ (ଭାସ୍କର ନ୍ୟୁଜ୍) : ଆସନ୍ତା ରଜ ପର୍ବ ଉପଲକ୍ଷେ କଟକ ସଦର ୪୨ ମୌଜା ବେଣ୍ଟକାର ଖେଳ ପଡିଆରେ ରଜ ମହୋତ୍ସବ ଅନୁଷ୍ଠିତ ହେବ । ଏହି ପ୍ରରିପ୍ରେକ୍ଷୀରେ କଟକ ସଦର ବିଧାୟକ ଇଁ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ବାୟାଳିଶ ମୌଜା ସ୍ୱର୍ଣ୍ଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୪୨ ମୌଜା ମଣ୍ଡଳ ସଭାପତି ସୁଧାଂଶୁ ଦାସଙ୍କ ନେତୃତ୍ୱରେ ବହୁ ବିଜେପି କର୍ମୀ ଉକ୍ତ ବୈଠକରେ ଯୋଗୋଦାନ ଦେଇଥିଲେ । ରଜମହୋତ୍ସବରେ ସାଂସ୍କୃତିକ କାର୍ଯକ୍ରମ ଏବଂ ମହିଳା ମାନଙ୍କୁ ନେଇ ପ୍ରତିଯୋଗିତା ମୂଳକ କାର୍ଯକ୍ରମ କରାଯିବକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଓର୍ମସ ଷ୍ଟଲ ସହିତ ମୀନ ବଜାର, ସ୍ୱଦେଶୀ ଉତ୍ପାଦ ମଧ ଷ୍ଟଲରେ ଉପଲବ୍ଧ କରାଯିବାକୁ ସ୍ଥିର କରାଯାଇଥିଲା । ଏହି କାର୍ଯ୍ୟକ୍ରମ ତିନି ଦିନ ଧରି ଚାଲିବ ବୋଲି ବିଧାୟକ ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

**Notice**

By virtue of an affidavit sworn before Executive Magistrate, Bhubaneswar date: 05.06.2025 I Kishan Kumar, S/O- Sukanta Kumar Pattanaik residence of Village-Srinibaspur, PO/PS-Banapur, Dist- Khordha, Odisha declare as Kishan Kumar and Kishan Ray one an same person. Henceforth, I shall be known as Kishan Ray for all purpose.

(Kishan Ray)

O-241

OFFICE OF THE EXECUTIVE ENGINEER,
RWS&S DIVISION, KENDRAPARA.
At : Ichhapur, Post : Shree Baladevjew, Email: eerwsskendrapara@gmail.com

INVITATIONS FOR BIDS (IFB) [e-Procurement]
Bid Identification No. RWS/ 25 /2025-26
Letter No. 3518 / Dated. 02/06/2025

| | | |
|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in SINGLE cover system in ONLINE MODE from eligible Electrical contractors for External electrification works of different Rural Piped Water Supply Schemes in Kendrapara District. | |
| 2 | Name of the work | External electrification work of RWSS point of 70 LPCD PWS Scheme to Netua of Chhoti GP under Derabish Block in Kendrapara district. |
| 3 | No. of Work | 01 No. (One) only |
| 4 | Value of the Work | ₹ 11.04 Lakhs |
| 5 | Concerned tender inviting authority | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | ₹ 6000/- |
| 7 | Cost of EMD @ 1% (Online) | ₹ 11100/- |
| 8 | Class of Bidder | "HT" |
| 9 | Period of Completion | 30 days |
| 10 | Availability of bid documents in the website | From date. 06.06.2025 at 10.00 A.M to date. 16.06.2025 till 5.30 P.M |
| 11 | Last Date & Time of seeking tender clarification | Up to 09.06.2025 up to 5.30 P.M |
| 12 | Date of Opening of Bid | 17.06.2025 at 11.00 A.M onwards |

The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

CAD-617

BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail: bedaengineers@gmail.com
Phone No.0680 2292797
NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB)
No.317 /BeDA (Engg.), Dt.31.05.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1 | Repair, renovation & painting of passengers waiting hall, construction of new Bus Bay, Internal drain & exit gate culvert at New Bus Stand, Brahmapur. | EM-BeDA-15/2025-26 | 30.96 | "C" Class or Equivalent | 03 (Three) Calendar Months | 02.06.2025 10.00 Hours | 16.06.2025 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |
| 2 | Construction of Boundary wall at Ganjam Haat, Brahmapur. | EM-BeDA-16/2025-26 | 40.55 | "B" Class or Equivalent | 03 (Three) Calendar Months | 02.06.2025 10.00 Hours | 16.06.2025 17.30 Hours | |
| 3 | Construction of Drain near DAV Public School Road, Sadananda Vihar, Gosaninuagan, Brahmapur. | EM-BeDA-17/2025-26 | 15.85 | "D" Class Or Equivalent | 03 (Three) Calendar Months | 02.06.2025 10.00 Hours | 16.06.2025 17.30 Hours | |

- All corrigendum and addenda shall be published in official website only.
- The Bidder shall have to participate in ON LINE bidding only.
- Late date for seeking clarification – Dt.09.06.2025 up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on Dt.17.06.2025 at 11 Hours.

ENGINEER MEMBER
Brahmapur Development Authority,
Brahmapur

GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
E/M LIGHT MACHINERY TUBE WELL & GATE DIVISION SAKRI, BILASPUR (C.G.)
e-Procurement Tender Notice
eProcurement Portal: https://eproc.cgstate.gov.in
CORRIGENDEM No. 01
In NIT No. - 01/SAC/ 2025-26, Dated 19.05.2025 G No. 252601003 Dated 21.05.2025 & NIT No. 02/SAC/ 2025-26, Dated 20.05.2025 G No. 252601038 Dated 22.05.2025 following Amendments are made :-
G-252601366/8

i-141

OFFICE OF THE PANCHAYAT SAMITI:RASGOVINDPUR
At/P.O.-RASGOVINDPUR,Dist.-Mayurbhanj, Odisha
E-Mail-ori-rasgobindpur@nic.in
Tender Call Notice No 01/2025-26
1.Name of the Scheme- ACR under S&ME Deptt for F.Y.2025-26.
Total No of Works -1(one) no of individual work
3.Estimated Cost- Rs.1490898/
4.Period of Competition- 6(Six) Calendar Months
5.Other detail as follows-

| Sl No | Place of availability of Tender Document | Bid identificatio n No | Period of availability of Tender Paper | Period of submission of Tender Paper | Date and place of opening of Tender paper |
|---|---|---|---|---|---|
| 1 | Office of the Panchayat Samiti Rasgovindpur | 01/2025-26 | 03.06.2025 to 13.06.2025 from 8AM to 1 PM and from 16.06.2025 to 17.06.2025 from11AM to 5PM on working days | 13.06.2025 till 1PM and 16.06.2025 to 17.06.2025 till 5PM on working days | On 18.06.2025 at 11.30 AM at Conference Hall of Panchayat Samiti Rasgovindpur |

Bidder can participate in bidding through Register / Speed post or direct dropping.
Any addendum/ corrigendum/cancellation of the tender can be seen in the notice of the panchayat Samiti Rasgovindpur
For detail terms & Conditions, Please visit our website: mayurbhanj.odisha.gov.in

Sd/-
Block Development Officer,
Rasgovindpur

GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
E/M LIGHT MACHINERY TUBE WELL & GATE DIVISION SAKRI, BILASPUR (C.G.)
e-Procurement Tender Notice
eProcurement Portal: https://eproc.cgstate.gov.in
CORRIGENDEM No. 01

In NIT No. - 01/SAC/ 2025-26, Dated 19.05.2025 G No. 252601003 Dated 21.05.2025 & NIT No. 02/SAC/ 2025-26, Dated 20.05.2025 G No. 252601038 Dated 22.05.2025 following Amendments are made :-

| System No. | Amendment |
|---|---|
| 168688 | Additional document required for special item as per annexure I (solvent less coal tar epoxy paint of 2574 sqm) |
| 168694 | Additional document required for special item as per annexure I ( supply and erection of electrically operated rope drum hoist of 1 no (minimum capacity 10 MT)) |

All other terms and conditions of NIT will remain unchanged.

G-252601366/8

Executive Engineer
E/M L.M.T.W. & Gate Division
Sakri, Bilaspur (C.G.)

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
(ପୂର୍ବ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଏବଂ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରିତ)
ସିଆଇଏନ୍: ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ : କେଆର୍‌ଏମ୍ ଟାୱାର୍ସ, ୮ ଫ୍ଲୋର, ହାରିଂଟନ୍ ରୋଡ୍, ଚେଟ୍‌ପେଟ୍, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍: +୯୧ ୪୪ ୪୫୬୪ ୪୦୦୦ । ଫ୍ୟାକ୍ସ: +୯୧ ୪୪ ୪୫୬୪ ୪୦୨୨

IDFC FIRST Bank

ସାର୍ବଜନୀନ ନୋଟିସ୍
ସୁନା ନିଲାମ ସହିତ ନିମନ୍ତ୍ରଣ ନୋଟିସ୍

ନିମ୍ନରେ ଉଲ୍ଲେଖିତ ଋଣଗ୍ରହୀତାକୁ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ ଠାରୁ ତାଙ୍କ ଦ୍ୱାରା ପ୍ରାପ୍ତ ସୁନା ସୂତ୍ର ବିରୁଦ୍ଧରେ କ୍ରେଡିଟ୍ ସୁବିଧା ପାଇଁ ବକେୟା ରାଶି ପୈଠ କରିବାକୁ ନୋଟିସ୍ ଜାରି କରାଯାଇଛି । ଯେହେତୁ ଋଣଗ୍ରହୀତାଙ୍କ ସୁବିଧା ଅଧୀନରେ ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି । ଆମେ ୧୩/୦୬/୨୦୨୫ ରେ ପ୍ରତିବଦ୍ଧ ସୁନା ଅଳଙ୍କାରର ନିଲାମ କରିବାକୁ ବାଧ୍ୟ । ଯଦି ଏହି ନିଲାମରୁ କୌଣସି ଅତିରିକ୍ତ ପରିମାଣ ଆଦାୟ ହୁଏ, ତେବେ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଫେରସ୍ତ କରାଯିବ ଏବଂ ନିଲାମ ପରେ ଯଦି କୌଣସି କ୍ଷତି ହୁଏ, ତେବେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଋଣଗ୍ରହୀତାଙ୍କଠାରୁ ବଳକା ପରିମାଣ ଆଦାୟ କରାଯିବ । ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ପୂର୍ବ ସୂଚନା ବିନା ନିଲାମରୁ ନିମ୍ନଲିଖିତ ଆକାଉଣ୍ଟକୁ ହଟାଇବାର ଅଧିକାର ଅଛି । ଏହା ବ୍ୟତୀତ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ କୌଣସି ପୂର୍ବ ସୂଚନା ବିନା ନିଲାମ ତାରିଖ ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷଣ କରେ ।

| ଋଣ ଆକାଉଣ୍ଟ ନଂ | ଗ୍ରାହକଙ୍କ ନାମ | ଶାଖାର ନାମ |
|---|---|---|
| ୧୪୭୨୫୫୨୮୦ | ରବି ନାରାୟଣ ବିଶ୍ୱାଳ | ତୁରଙ୍ଗ ରୁରାଲ |
| ୧୪୭୬୫୨୭୮୬ | ସୁଦର୍ଶନ ବିଶୋଇ | ଭଞ୍ଜନଗର ରୁରାଲ |
| ୧୫୫୭୮୪୨୩୮ | କାଶୀନାଥ ସାହୁ | ପୁରୀ ଶାଖା |
| ୧୫୬୯୪୪୭୩୬ | ପ୍ରତୀମା ସାହୁ | ପୁରୀ ଶାଖା |
| ୧୬୬୨୦୧୩୧୦ | ମନୋରଞ୍ଜନ ସାହୁ | ବରମୁଣ୍ଡା ଶାଖା |
| ୧୬୬୪୬୭୫୮୦ | ତ୍ରିନାଥ ସ୍ୱାଇଁ | ପୁରୀ ଶାଖା |

ନିଲାମ https://idfcegold.auctiontiger.net ମାଧ୍ୟମରେ ଅନଲାଇନରେ ୧୩/୦୬/୨୦୨୫ ଦିନ ୧୨:୦୦ରୁ ୨:୦୦ପର୍ଯ୍ୟନ୍ତ କରାଯିବ ଏବଂ http://gold.samil.in ମାଧ୍ୟମରେ ୧୩/୦୬/୨୦୨୫ ଦିନ ୩:୦୦ ରୁ ୫:୦୦ ପର୍ଯ୍ୟନ୍ତ । ଏହି ପ୍ରକାଶନ ମାଧ୍ୟମରେ ସମ୍ପୃକ୍ତ ଋଣଗ୍ରହୀତାକୁ ଏତଦ୍ୱାରା ଶେଷ ସୂଚନା ଏବଂ ସମସ୍ତ ସୁଧ ଏବଂ ଶୁଳ୍କ ସହିତ ସୁବିଧା ପ୍ରତ୍ୟାହାର କରାଯାଇଥିବା ପରିମାଣ, ସୂଚୀ ନିଲାମ ତାରିଖ ପୂର୍ବରୁ ପୈଠ କରିବାର ଶେଷ ସୁଯୋଗ ଦିଆଯାଇଛି, ଯାହା ବିଫଳ ହେଲେ ଅଳଙ୍କାର ନିଲାମ କରାଯିବ । ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯଦି ସମୟ ସୀମା ଯୋଗୁଁ ସେହି ଦିନ ନିଲାମ ସମାପ୍ତ ନହୁଏ, ତେବେ ବ୍ୟାଙ୍କ ସମାନ ସର୍ତ୍ତାବଳୀରେ ପରବର୍ତ୍ତୀ ୭ ଦିନ ମଧ୍ୟରେ ବନ୍ଧକ ସୁନା ଅଳଙ୍କାର ପୁନଃ ନିଲାମ କରିବ । ଯଦି ଗ୍ରାହକଙ୍କ ମୃତ୍ୟୁ ହୋଇଯାଏ, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।

ତାରିଖ: ୦୫.୦୬.୨୦୨୫ ସ୍ଥାନ : ଓଡ଼ିଶା



ଅଯୋଧ୍ୟା: ରାମ ମନ୍ଦିରର ଭୂତଳ ମହଲାରେ ରାମଲଲାଙ୍କ ରୂପେ ବାଳକ ରାମଙ୍କ ପ୍ରାଣ ପ୍ରତିଷ୍ଠା ୨୨ ଜାନୁଆରୀ ୨୦୨୪ରେ ହୋଇ ସାରିଛି। ଏବେ ପ୍ରଥମ ମହଲାରେ ରାଜା ରାମ ଭାବେ ତାଙ୍କର ଦରବାରର ପ୍ରତିଷ୍ଠା ହେଉଛି। ପ୍ରାଣ-ପ୍ରତିଷ୍ଠାର ମୁଖ୍ୟ ଉତ୍ସବ ଗଙ୍ଗା ଦଶହରା ୫ଜୁନ ୨୦୨୫ରେ ହେଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭଗବାନଙ୍କ ବିଗ୍ରହର ନେତ୍ର ଉନ୍ମିଳନ କରି ଆଳତୀ କରିବେ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରର କୋଷାଧକ୍ଷ ମହନ୍ତ ଗୋବିନ୍ଦ ଦେବ ଗିରିଙ୍କର କହିବାନୁସାରେ, ବିଶ୍ୱରେ ମୋଗଲ ଆକ୍ରମଣ ଦ୍ୱାରା ଧ୍ୱଂସ ହୋଇ ଯାଇଥିବା ପ୍ରଥମ ମନ୍ଦିର ଭାବେ ରାମ ମନ୍ଦିରର ପୁନର୍ନିର୍ମାଣ ହୋଇଛି। ଏହା ସନାତନ ଧର୍ମାବଲମ୍ବୀଙ୍କ ପାଇଁ ଗୌରବର ବିଷୟ। ସେ କହିଛନ୍ତି ୫ରେ ଅଭିଜିତ ମୁହୂର୍ତ୍ତରେ ପୂର୍ବାହ୍ନ ୧ରୁ ୧୨ଟା ମଧ୍ୟରେ ପ୍ରାଣ ପ୍ରତିଷ୍ଠା କରାଯିବ। ତୀର୍ଥ କ୍ଷେତ୍ର କୋଷାଧକ୍ଷ ମହନ୍ତ କହିଛନ୍ତି ଏହି ମୁହୂର୍ତ୍ତ ବହୁତ ହିଁ ଶୁଭ। ୫ରେ ରାମଙ୍କ ଦରବାର ସହ ଭଗବାନ ଶିବ, ସୂର୍ଯ୍ୟ ନାରାୟଣ ଦେବ, ଗଣପତି, ମାତା ଭଗବତୀ, ମାଆ ଅନ୍ନପୂର୍ଣ୍ଣା ଓ ହନୁମାନଙ୍କ ବିଗ୍ରହ ବ୍ୟତୀତ ଶେଷାବତାର ମନ୍ଦିରର ମଧ୍ୟ ପ୍ରାଣ ପ୍ରତିଷ୍ଠା ହେବ।

# 'ରାତି ଅନିଦ୍ରା ହୋଇ ଅପରେସନ୍ ସିନ୍ଦୂର ଟ୍ରାକ୍ କରୁଥିଲେ ପ୍ରଧାନମନ୍ତ୍ରୀ'



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପରେଶନ ସିନ୍ଦୁର ବିମାନ ଆକ୍ରମଣକୁ ରାତିସାରା ନୀରିକ୍ଷଣ କରୁଥିଲେ। ଏଥିସହିତ ପାକିସ୍ତାନର ପରମାଣୁ ବ୍ଲାକମେଲକୁ ଖାତିର ନ କରି କିପରି ଆତଙ୍କବାଦୀ ଆଡ୍ଡା ଉପରେ ଭାରତ ଆକ୍ରମଣ କଲା, ତାହାକୁ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରମନ୍ତ୍ରୀ ସିଂହ, ମେ ୭ ତାରିଖ ରାତିରେ ଘଟଣା ବିଷୟରେ କହିଥିଲେ, ଯେତେବେଳେ ଭାରତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ନଅଟି ସ୍ଥାନରେ ଆକ୍ରମଣ କରି ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଇବାର ଆତଙ୍କବାଦୀ ଘାଟିକୁ ଟାର୍ଗେଟ କରିଥିଲା। ଯେତେବେଳେ ଏହି ପରିସ୍ଥିତି ଘଟିଲା, ଆପଣ ଜାଣନ୍ତି, ସେ ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ବାତିଲ କରି ରାତିସାରା, ମିନିଟ୍ ମିନିଟ୍ ନୀରିକ୍ଷଣ କରୁଥିଲେ। ମୁ ଭାବୁନି ସେ କେବେ ହଡ଼ବଡ଼େଇ ଯାଉଥିବେ, କାରଣ ତାଙ୍କର ଅତି ସୁନ୍ଦର ଆତ୍ମସଂଯମ ଅଛି ବୋଲି ସିଂହ କହିଥିଲେ। ମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଅଧିକାଂଶ ରାତି କାମ କରନ୍ତି। କିନ୍ତୁ ଏହା ଏପରି କିଛି ଥିଲା ଯାହାକୁ ସେ ସମ୍ପୂର୍ଣ୍ଣ ନୀରିକ୍ଷଣ କରୁଥିଲେ। ପରିସ୍ଥିତି ବିକଶିତ ହେବା ଏବଂ ସଂଘର୍ଷ ଉତ୍ତେଜନା ବୃଦ୍ଧି ପାଇବା ସମୟରେ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ନେବା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହ କହିଛନ୍ତି, ତାଙ୍କ କାରଣରୁ ବର୍ଣ୍ଣନା ବଦଳିଛି କାରଣ ପ୍ରଥମ ଥର ପାଇଁ ପ୍ରତିରକ୍ଷା ବାହିନୀଙ୍କୁ ସେମାନଙ୍କ ବ୍ୟକ୍ତିଗତ ଜ୍ଞାନ ଏବଂ ବିବେକ ଆଧାରରେ ନିଷ୍ପତ୍ତି ନେବାର ସ୍ୱାଧୀନତା ମିଳିଛି, ଯାହା ପୂର୍ବରୁ କେବେ ହୋଇନଥିଲା। ଓପରେସନ୍ ସିନ୍ଦୁର, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ପ୍ରତିଆକ୍ରମଣ, ସଠିକ ଏବଂ ସଂଯମୀ ଥିଲା। କେବଳ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଥିଲା ଏବଂ ଭାରତ ସ୍ପଷ୍ଟ କରିଥିଲା ଯେ ନାଗରିକ ଏବଂ ସାମରିକ ସ୍ଥାପନା ଟାର୍ଗେଟରେ ନାହିଁ। ତଥାପି, ପାକିସ୍ତାନ ଭାରତର ପଶ୍ଚିମ ସୀମାକୁ ଶତାଧିକ ଡ୍ରୋନ ନିକ୍ଷେପ କରି ନାଗରିକ ଏବଂ ସାମରିକ ଅଞ୍ଚଳକୁ ଟାର୍ଗେଟ କରି ପ୍ରତିକ୍ରିୟା ଜଣାଇଥିଲା। ଭାରତ ପାକିସ୍ତାନର ମୁଖ୍ୟ ସାମରିକ ସ୍ଥାପନା, ବିମାନଘାଟି ସମେତ, ଆଘାତ କରି ପ୍ରତିଶୋଧ ନେଇଥିଲା। ଏହି ପ୍ରତିକ୍ରିୟା ମଧ୍ୟ ମାପାଯାଇଥିଲା, ଭାରୀ କ୍ଷତି କରିବା ବଦଳରେ ଏକ ବାର୍ତ୍ତା ପଠାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଅନ୍ତିମରେ, ଇସଲାମାବାଦ ଭାରୀ କ୍ଷତି ଭୋଗିବା ପରେ ଯୋଗାଯୋଗ କରିବା ପରେ ଏକ ଯୁଦ୍ଧବିରାମ ଉପରେ ସହମତି ହୋଇଥିଲା।

# ବିପର୍ଯ୍ୟୟ ପ୍ରଶମନ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ: ପି.କେ. ମିଶ୍ର



ଜେନେଭା: ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ଜାତିସଂଘ ପକ୍ଷରୁ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଅଷ୍ଟମ ବୈଶ୍ୱିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ବିପର୍ଯ୍ୟୟ ପ୍ରଶମନ ପ୍ରତି ଭାରତର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ ନରୱେର ଅନ୍ତର୍ଜାତୀୟ ବିକାଶ ଉପମନ୍ତ୍ରୀ ସୁଶ୍ରୀ ଷ୍ଟାଇନ ରେନେଟ ହେହିମଙ୍କ ସହ ଫଳପ୍ରଦ ଆଲୋଚନା କରିଥିଲେ। ଡଃ ମିଶ୍ର ଏହି ମଞ୍ଚର ଉଦ୍‌ଘାଟନୀ ସମାରୋହରେ ମଧ୍ୟ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ସେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସ୍ଥିତିସ୍ଥାପକତା-ନିର୍ମାଣ ପ୍ରତି ଭାରତର ସକ୍ରିୟ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହା ଏକ ସୁରକ୍ଷିତ ଏବଂ ଭବିଷ୍ୟତ ପାଇଁ ଭାରତର ଯୋଗଦାନକୁ ସୁଦୃଢ଼ କରିଥିଲା।

# ୬ରେ ଚେନାବ ସେତୁ ଉଦ୍‌ଘାଟନ

ନୂଆଦିଲ୍ଲୀ: ଜାମ୍ମୁ-କାଶ୍ମୀରର ଚେନାବ ନଦୀ ଉପରେ ନିର୍ମିତ ବିଶ୍ୱର ସର୍ବୋଚ୍ଚ ରେଳ ସେତୁକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖରେ ଉଦ୍‌ଘାଟନ କରିବେ। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ମଙ୍ଗଳବାର ସୂଚନା ଦେଇଛନ୍ତି। ଉଦ୍ଧାମପୁର-ଶ୍ରୀନଗର-ବାରମୂଲା ରେଲୱେ ଲିଙ୍କ୍ (ୟୁଏସ୍‌ବିଆରଏଲ୍) ପ୍ରକଳ୍ପ ଅଧୀନ ଏହି ସେତୁଟି ନଦୀ ଶଯ୍ୟାଠାରୁ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ। ଯାନ୍ତ୍ରିକ କଳାନିପୂଣର ଏହା ଏକ ବଡ଼ ନିଦର୍ଶନ ହୋଇଥିବା ବେଳେ କାଶ୍ମୀର ଉପତ୍ୟକାର ଆର୍ଥିକ ବିକାଶରେ ଅଗ୍ରଣୀ ଭୂମିକା ନିର୍ବାହ କରିବ। ଏହି ସେତୁ ନୂଆ ଭାରତର ସଂକଳ୍ପ ଓ ଦକ୍ଷତାକୁ ପ୍ରତିପାଦିତ କରୁଛି। ଏହା ସହିତ ଦେଶର ସାମଗ୍ରିକ ବିକାଶ ଲାଗି ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସୂଚିତ କରୁଛି। ଏହା ନୂଆଦିଲ୍ଲୀକୁ ଭାୟା କଟ୍‌ରା ଦେଇ ଜାମ୍ମୁ-କାଶ୍ମୀରକୁ ସିଧାସଳଖ ସଂଯୋଗ କରିବ। ଏହି ସେତୁ ନିର୍ମାଣରେ ୩୦,୦୦୦ ମେଟ୍ରିକ ଟନ୍ ଇସ୍ପାତ ବ୍ୟବହୃତ ହୋଇଛି। ଏହି ସେତୁଟି ଘଣ୍ଟା ପ୍ରତି ୨୫୦ କିମି ବେଗର ପବନକୁ ସହ୍ୟ କରିବାର ଦକ୍ଷତା ରଖିଛି। ୟୁଏସ୍‌ବିଆରଏଲ୍‌ର ୨୭୨ କି.ମି. ରେଳପଥ ମଧ୍ୟରେ ୩୬ଟି ଟନେଲ ରହିଛି। ଏହାର ଲମ୍ବ ୧୧୯ କି.ମି। ଏହା ମଧ୍ୟରେ ପ୍ରାୟ ୧୦୦୦ଟି ସେତୁ ରହିଛି। ଏଥିରୁ ଅନେକ ସେତୁ ତିଆରି କରିବା ଲାଗି ବର୍ଷ ବର୍ଷ ସମୟ ବିତିଯାଇଛି।

# ନାଟୋର ପ୍ରସ୍ତୁତି ତୃତୀୟ ବିଶ୍ୱଯୁଦ୍ଧର ସତର୍କ ଘଣ୍ଟି

ବ୍ରସେଲ୍ସ: ୟୁକ୍ରେନ ସହିତ ରୁଷିଆ ସମଗ୍ର ୟୁରୋପ ପାଇଁ ବିପଦ ପାଲଟିଛି। ୟୁକ୍ରେନର ଡ୍ରୋନ୍ ଆକ୍ରମଣ ପରେ, ରୁଷିଆ ପ୍ରତିଶୋଧର ନିଆଁରେ ଜଳୁଛି ଏବଂ ଯେକୌଣସି ସମୟରେ ଏକ ବଡ଼ଧରଣର ଆକ୍ରମଣ କରିପାରେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ତାଙ୍କର ଟାର୍ଗେଟ ୟୁକ୍ରେନକୁ ସାହାଯ୍ୟ କରୁଥିବା ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ହୋଇପାରେ। ରୁଷିଆ ପକ୍ଷରୁ ବିପଦ ଦେଖି ୟୁରୋପୀୟ ଦେଶଗୁଡ଼ିକ ଚିନ୍ତିତ ଏବଂ ଏବେ ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ (ନାଟୋ) ୟୁରୋପୀୟ ସଦସ୍ୟ ଦେଶଗୁଡ଼ିକୁ ସମ୍ଭାବ୍ୟ ରୁଷିଆ ଆକ୍ରମଣର କଡ଼ା ଜବାବ ଦେବା ପାଇଁ ବାୟୁ ପ୍ରତିରକ୍ଷା କ୍ଷମତାକୁ ପାଞ୍ଚଗୁଣା ବୃଦ୍ଧି କରିବାକୁ ଅନୁରୋଧ କରିଛି। ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ରୁଷିଆ ସହ ବଢୁଥିବା ଉତ୍ତେଜନା ଏବଂ ୟୁରୋପର ପ୍ରତିରକ୍ଷା ସମ୍ପର୍କରେ ଆମେରିକାର ଅନିଶ୍ଚିତତା ବୃଦ୍ଧି ପାଉଥିବାରୁ ୟୁରୋପୀୟ ସୁରକ୍ଷାକୁ ସୁଦୃଢ଼ ପାଇଁ ଏହି ଅନୁରୋଧ ନାଟୋର ନୂତନ ପ୍ରୟାସ। ଏହାସହ ନାଟୋ ସଚିବ ଅନେକ ସୁରକ୍ଷା ପଦକ୍ଷେପ ନେଇ ପରାମର୍ଶ ଦେଇଛନ୍ତି ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। ନାଟୋର ଏଭଳି ପ୍ରସ୍ତୁତି ଦେଖି ତୃତୀୟ ବିଶ୍ୱଯୁଦ୍ଧର ସତର୍କ ଘଣ୍ଟି ଯେକୌଣସି ସମୟରେ ବାଜିପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ରୁଷିଆ ନାଟୋର ବର୍ଦ୍ଧିତ ଶକ୍ତିକୁ ନିଜ ପାଇଁ ବିପଦ ବୋଲି ଭାବୁଛି। ରୁଷିଆ ସହିତ ଯୁଦ୍ଧ ଆରମ୍ଭ ହେବା ପଛରେ ୟୁକ୍ରେନ୍ ନାଟୋରେ ଯୋଗଦେବାର କାରଣ ଥିଲା। ୟୁରୋପ ପ୍ରତି ରୁଷିଆର ବଢୁଥିବା ବିପଦକୁ ନେଇ ନାଟୋ ଚିନ୍ତିତ। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ୟୁରୋପକୁ ସୁରକ୍ଷା ଗ୍ୟାରେଣ୍ଟି ଦେବାକୁ ପ୍ରସ୍ତୁତ ନୁହନ୍ତି। ରୁଷିଆ ସହ ଏହାର ଆଲୋଚନା ମଧ୍ୟ ଚାଲିଛି। ବ୍ଲୁମବର୍ଗ ରିପୋର୍ଟ ଅନୁସାରେ ନାଟୋ ପ୍ରତିରକ୍ଷା ମନ୍ତ୍ରୀ ଜୁନ୍ ୫ରେ ବ୍ରୁସେଲ୍ସରେ ହେବାକୁ ଥିବା ବୈଠକରେ ବାୟୁ ପ୍ରତିରକ୍ଷା ବୃଦ୍ଧି କରିବା ବିଷୟରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଏଜେଣ୍ଡାରେ ଅନେକ ପ୍ରସ୍ତାବିତ ପ୍ରତିରକ୍ଷା ପରାମର୍ଶ ଅନ୍ତର୍ଭୁକ୍ତ ହେବ। ଯାହା ଜୁନ୍ ୨୪-୨୫ରେ ହେଗ୍‌ରେ ହେବାକୁ ଥିବା ନାଟୋ ସମ୍ମିଳନୀ ପାଇଁ ମୌଳିକ ପଦକ୍ଷେପ ଗ୍ରହଣ କରିବ। ରିପୋର୍ଟ ଅନୁଯାୟୀ, ନାଟୋ ସଦସ୍ୟମାନେ ସେମାନଙ୍କ ବାୟୁ ପ୍ରତିରକ୍ଷା ୫ ଗୁଣା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ଜଣେ ବରିଷ୍ଠ ୟୁରୋପୀୟ ସାମରିକ ଅଧିକାରୀଙ୍କ ଅନୁଯାୟୀ, ନାଟୋ ସଦସ୍ୟମାନେ ଡ୍ରୋନ୍, କ୍ଷେପଣାସ୍ତ୍ର ଏବଂ ଯୁଦ୍ଧ ବିମାନ ବିରୁଦ୍ଧରେ ସୁରକ୍ଷା ପାଇଁ ଭୂମି ବାୟୁ ପ୍ରତିରକ୍ଷା ପ୍ରଣାଳୀର ଅଭାବର ସମ୍ମୁଖୀନ ହେଉଛନ୍ତି। କାରଣ ଶୀତଳ ଯୁଦ୍ଧ ଶେଷ ହେବା ପରେ ସେମାନେ ଏଥିପ୍ରତି ଧ୍ୟାନ ଦେବା ବନ୍ଦ କରିଦେଇଥିଲେ। ଆମେ ଯୁଦ୍ଧରେ ନାହୁଁ, କିନ୍ତୁ ଆମେ ଶାନ୍ତିରେ ମଧ୍ୟ ନାହୁଁ ବୋଲି ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟ୍ ଜୁନ୍ ୨ରେ ନର୍ଡିକ ଦେଶଗୁଡ଼ିକର ବୁଖାରେଷ୍ଟ ନାଇନ୍ (ବି-୯) ଏବଂ ଭିଲନିୟସ୍ ଶିଖର ସମ୍ମିଳନୀରେ କହିଥିଲେ। ସେ କହିଥିଲେ ଯେ, ଆମକୁ ଆମର ପ୍ରତିରକ୍ଷା ଏବଂ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଯୁଦ୍ଧ ଲଢ଼ିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପଡିବ।

# ଜାତୀୟ ଶିକ୍ଷାନୀତିକୁ ଅଧିକ ସୁଦୃଢ଼ କରାଯିବ: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶିକ୍ଷାର ଗୁଣବତ୍ତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ପ୍ରତ୍ୟେକ ଛାତ୍ର ଯେପରି ଉଚ୍ଚତର ଶିକ୍ଷା ଗ୍ରହଣ କରିପାରିବେ ସେଥିପାଇଁ ଜାତୀୟ ଶିକ୍ଷାନୀତି-୨୦୨୦କୁ ଅଧିକ ସୁଦୃଢ଼ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ କହିଥିଲେ । ସେ ଆହୁରି କହିଥିଲେ ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ ଶିକ୍ଷକଙ୍କ ଯୁକ୍ତିଯୁକ୍ତକରଣକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାଥମିକ ସ୍ତରରେ ଗରିବ, ଆଦିବାସୀ ତଥା ଗ୍ରାମାଞ୍ଚଳରେ ରହୁଥିବା ଶିକ୍ଷକମାନଙ୍କ ବିଦ୍ୟାଳୟଗୁଡିକରେ ଅଧିକ ଗୁଣବତ୍ତା ଶିକ୍ଷା ପ୍ରଦାନ ସହ ସହରୀ ଶିକ୍ଷା ସହ ସମତୁଲ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ଶ୍ରୀ ସାଏ ଆହୁରି କହିଥିଲେ ଯେ, ସହର ଓ ଗ୍ରାମାଞ୍ଚଳ ଶିକ୍ଷା ମଧ୍ୟରେ ସମାନ ଅଣାଯିବା ଆବଶ୍ୟକ । ଏହାକୁ ଧ୍ୟାନରେ ରଖି ଶିକ୍ଷକମାନଙ୍କ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଛି । ସେଠାରୁ ତାଲିମ ନେଇଥିବା ଶିକ୍ଷକମାନେ ଶିକ୍ଷାର ଗୁଣବତ୍ତା ଉପରେ ସଠିକ୍ ନଜର ଦେବେ ଓ ସମୟୋଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ସାଏ କହିଥିଲେ । କୋରବା ଜିଲ୍ଲାର ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲଗୁଡିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଯିବ । ୨୮୭ ସହାୟକ ଶିକ୍ଷକ, ୧୪୭ ମାଧ୍ୟମିକ ଶିକ୍ଷକ ଏବଂ ୭୫ ଶିକ୍ଷା କାଉନସିଲରଙ୍କ ମାଧ୍ୟମରେ ଶିକ୍ଷାର ଗୁଣବତ୍ତା ଉପରେ ନଜର ରଖାଯିବ । ରାୟପୁରର ଧରସୀମା ବିକାଶ ଖଣ୍ଡରେ ଥିବା ସ୍କୁଲଗୁଡିକର ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବାରୁ ଯେଉଁମାନେ ପାଠ ଅଧାରୁ ଛାଡ଼ିଛନ୍ତି ସେମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ପ୍ରୟାସ କରାଯାଉଥିବା ସେ କହିଥିଲେ ।

# ଦୁର୍ଘଟଣାରେ ଗଲା ୯ ଜୀବନ

ଝାବୁଆ: ମଧ୍ୟପ୍ରଦେଶର ଝାବୁଆ ଜିଲ୍ଲାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି। ସିମେଣ୍ଟରେ ଭର୍ତ୍ତି ହୋଇଥିବା ଏକ ଟ୍ରକ୍‌ଟି ଏକ କାର ଉପରେ ଓଲଟି ପଡ଼ିବାକୁ ୯ ଜଣଙ୍କର ମୃତ୍ୟୁ ଘଟିଛି। ୯ ଜଣ ମୃତଙ୍କ ବ୍ୟତୀତ ଆହୁରି ଦୁଇ ଜଣ ଗୁରୁତର ଆଘାତ ପାଇଁ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏହି ଘଟଣା ଜିଲ୍ଲାର ମେଘନଗରଠାରେ ହୋଇଛି। ସୂଚନା ପାଇବା ପରେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ୍‌କୁ ପଠାଇଛି। ରାତି ୩ଟାରୁ ୪ଟା ମଧ୍ୟରେ ଘଟିଲା ଭୟଙ୍କର ଦୁର୍ଘଟଣା। ସୂଚନା ଅନୁଯାୟୀ, ରାଜ୍ୟର ଝାବୁଆ ଜିଲ୍ଲାର ମେଘନଗର ଅଞ୍ଚଳରେ ବିଳମ୍ବିତ ରାତିରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ରାଜସ୍ଥାନରୁ ସିମେଣ୍ଟ ବୋଝେଇ ଏକ ଟ୍ରକ୍ ଏକ ଇକୋ ଭ୍ୟାନ୍ ଉପରେ ଓଲଟି ପଡ଼ିଲା। ଦୁର୍ଘଟଣାରେ ଇକୋରେ ଯାତ୍ରା କରୁଥିବା ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇବା ସହିତ କାରରେ ଫସି ରହିଥିବା ଲୋକଙ୍କୁ ବାହାର କରି ଡାକ୍ତରଖାନା ନେଇଥିଲା। ତଦନ୍ତ ପରେ ଡାକ୍ତରମାନେ ନଅ ଜଣଙ୍କୁ ମୃତ ଘୋଷଣା କରିଥିଲେ, ଯେତେବେଳେ କି ଦୁଇ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।



ମୁମ୍ବାଇ: ଭାରତର ଏକ ନମ୍ବର ଆୟୋଡାଇଜଡ୍ ଲୁଣ ବ୍ରାଣ୍ଡ ଟାଟା ସଲ୍ଟ ପକ୍ଷରୁ ଗତବର୍ଷର ଚର୍ଚ୍ଚିତ ଅଭିଯାନ 'ନମକ୍ ହୋ ଟାଟା-ଟାଟା ନମକ୍'ର ୨.୦ ସଂସ୍କରଣକୁ ଉନ୍ମୋଚନ କରାଯାଇଛି। ସାରା ଦେଶରେ ଲୋକମାନଙ୍କ ଭାବାବେଗ ସହ ଥିବା ସମ୍ପର୍କ ଆଧାରରେ ଏହି ସଂସ୍କରଣକୁ ପ୍ରସ୍ତୁତ କରାଯାଇଛି। ଏହି ନୂତନ ଜିଙ୍ଗଲ ଲୋକଙ୍କ ଭିତରେ ଭଲ ପାଇବାକୁ ବଢ଼ାଇବା ସହ ସହ ସମ୍ପର୍କ ଓ ଉଦ୍ଦେଶ୍ୟକୁ ସୁଦୃଢ଼ କରିବ। ଏହି ନୂତନ ଅଭିଯାନରେ ଆଠଟି ହୃଦୟସ୍ପର୍ଶୀ ବ୍ରାଣ୍ଡ ସିନେମା ରହିଛି ଯାହା ସ୍ମରଣୀୟ ମେଲୋଡିରେ ଉନ୍ନତି ଆଣିବା ସହ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରୁଛି। ଦେଶର ଲୁଣ ଭାବେ ନିଜକୁ ଉପସ୍ଥାପନ କରି ଏହି ଅଭିଯାନ ଟାଟା ସଲ୍ଟର ଅତୁଳନୀୟ ଉତ୍ପାଦ ବିଶ୍ୱସନୀୟତାକୁ ମନୋରଂଜନ ଓ ସଙ୍ଗୀତ ଜରିଆରେ ପାଳନ କରୁଛି। ଏ ସମ୍ପର୍କରେ ଟାଟା କ୍ୟୁମର୍ ପ୍ରଡକ୍ଟସ୍ ଲିମିଟେଡ୍‌ର ପ୍ୟାକେଜଡ୍ ଫୁଡ୍ସ ସଭାପତି ଦୀପିକା ଭାନ୍ କହିଛନ୍ତି ଯେ, ଏହା ଆମର ଗତ ବର୍ଷର ଅଭିଯାନର ଏକ ସୁନ୍ଦର, ପ୍ରାକୃତିକ ଅନୁସରଣ ଯାହା ଆମର ପ୍ରତୀକାତ୍ମକ ଜିଙ୍ଗଲ୍‌କୁ ଏକ ସତେଜ ଉପାୟରେ ପୁନର୍ବାର ପ୍ରଦର୍ଶନ କରୁଛି। ଓଗିଲ୍‌ଭିର ମୁଖ୍ୟ କ୍ରିଏଟିଭ୍ ଅଧିକାରୀ (ମୁମ୍ବାଇ ଏବଂ କୋଲକାତା) ଅନୁରାଗ ଅଗ୍ନିହୋତ୍ରୀ କହିଛନ୍ତି ଯେ, ଟାଟା ସଲ୍ଟ ଲୋକଙ୍କୁ ଆୟୋଡିନ୍ ପ୍ରଦାନ କରି ଚତୁର ମନ ସୃଷ୍ଟି କରିବା ବିଷୟରେ ଜଣାଇବାକୁ ଚାହୁଁଥିଲା।

# ବେଦାନ୍ତ ଆଲୁମିନିୟମ୍ ସ୍ଥାୟୀ ପରିବର୍ତ୍ତନର ନେତୃତ୍ୱ ନେଇଛି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଡିକାର୍ବୋନାଇଜେସନ୍ ପଦକ୍ଷେପର ଏକ ବ୍ୟାପକ ସିରିଜ୍ ସହିତ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏକ ସାହସିକ ପଥ ପ୍ରସ୍ତୁତ କରୁଛି ଯାହା ମହତ୍ୱାକାଂକ୍ଷା ଏବଂ ନବସୃଜନ ଉଭୟକୁ ପ୍ରତିଫଳିତ କରେ। ବିଶ୍ୱ ଜଳବାୟୁ କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ତୀବ୍ର କରୁଥିବାରୁ, ବେଦାନ୍ତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥାୟୀତ୍ୱରେ ଏକ ନେତା ଭାବରେ ଉଭା ହେଉଛି, ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟର ଅନେକ ଦିଗକୁ ଏକତ୍ରିତ କରୁଛି। ଏହି ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି ସେରେଂଟିକା ରିନ୍ୟୁଏବଲ୍ସ ସହିତ ଏକ ଦୀର୍ଘକାଳୀନ ସହଭାଗୀତା ଦ୍ୱାରା କମ୍ପାନୀର ତ୍ୱରାନ୍ୱିତ ଶକ୍ତି ପରିବର୍ତନ। ଏହି ସହଯୋଗ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର ମେଗା କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ୧୩୧୫ ଏମଡବ୍ଲୁ ନବୀକରଣୀୟ ଶକ୍ତି ଉତ୍ସ ପ୍ରଦାନ କରୁଛି। ଏହି ପଦକ୍ଷେପ ୨୦୩୦ ସୁଦ୍ଧା ନବୀକରଣ ଶକ୍ତିକୁ ଏହାର ଶକ୍ତି ବ୍ୟବହାରର ୩୦% କରିବା ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ, ଯାହା ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପଥରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଓଡ଼ିଶାର ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ଏବଂ ଛତିଶଗଡ଼ର ବାଲକୋ ସ୍ମେଲଟରରେ, କମ୍ପାନୀ ସହ-ଫାୟାରିଂ ପ୍ରୟୋଗ ପାଇଁ କୃଷି ଅବଶିଷ୍ଟାଂଶରୁ ତିଆରି ବାୟୋମାସ ବ୍ରିକେଟ ବ୍ୟବହାର କରିବା ଆରମ୍ଭ କରିଛି। କେବଳ ଲାଞ୍ଜିଗଡ଼ରେ, ପ୍ରତିଦିନ ୨୦ ଟନ୍ ବାୟୋମାସ ସହ-ଫାୟାର କରାଯାଏ, ଯାହା ବାର୍ଷିକ ୧୦,୦୦୦ ଟନ୍ ରୁ ଅଧିକ ସିଓ୨ ସମତୁଲ୍ୟ ନିର୍ଗମନ ହ୍ରାସ କରେ। ଏହି ପଦକ୍ଷେପ କେବଳ ପରିବେଶକୁ ସମର୍ଥନ କରେ ନାହିଁ ବରଂ କୃଷି ବର୍ଜ୍ୟବସ୍ତୁ ପାଇଁ ଏକ ବଜାର ସୃଷ୍ଟି କରି ସ୍ଥାନୀୟ ଚାଷୀମାନଙ୍କୁ ଉନ୍ନତ କରିଥାଏ, ପ୍ରଦୂଷଣ ସମସ୍ୟାକୁ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏକ ସ୍ଥାୟୀ ଜୀବିକା ସୁଯୋଗରେ ପରିଣତ କରିଥାଏ। ବେଦାନ୍ତ ଆଲୁମିନିୟମର ସ୍ଥାୟୀତ୍ୱ ପ୍ରୟାସକୁ ସ୍ୱୀକୃତି ଦିଆଯାଇଛି ଏବଂ ବିଶ୍ୱ ଆଲୁମିନିୟମ କମ୍ପାନୀଗୁଡ଼ିକ ମଧ୍ୟରେ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ରେ କମ୍ପାନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସ୍ଥାୟୀ କାର୍ଯ୍ୟ ପ୍ରଦର୍ଶନ ପାଇଁ ଏହାର ଆଲୁମିନିୟମ ସ୍ମେଲ୍ଟରଗୁଡ଼ିକୁ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ ର କାର୍ଯ୍ୟଦକ୍ଷତା ମାନକ ଦ୍ୱାରା ପ୍ରମାଣିତ କରାଯାଇଛି। ନବୀକରଣୀୟ ଶକ୍ତି, ସ୍ୱଚ୍ଛ ଇନ୍ଧନ, ବୈଦ୍ୟୁତିକ ଗତିଶୀଳତା ଏବଂ ସମ୍ପ୍ରଦାୟ-ଚାଳିତ ପଦକ୍ଷେପ ଭଳି ଅନେକ ପଦକ୍ଷପକୁ ଗ୍ରହଣ କରି, କମ୍ପାନୀ କେବଳ ଏହାର ପରିବେଶଗତ ପ୍ରଭାବକୁ ହ୍ରାସ କରୁନାହିଁ ବରଂ ଭାରତରେ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ମାନଦଣ୍ଡ ମଧ୍ୟ ସ୍ଥାପନ କରୁଛି।

# ଖିମଜୀ ଜୁଏଲର୍ସଙ୍କୁ 'ମୋଷ୍ଟ ଟ୍ରଷ୍ଟେଡ୍ ଜୁଏଲାରି ଚେନ୍ ଅଫ୍ ଦି ଇୟର ସମ୍ମାନ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବ ଭାରତର ଗହଣା ଜଗତର ପ୍ରିୟ ନାମ ଖିମଜୀ ଜୁଏଲର୍ସ ଏହାର ମୁକୁଟରେ ସଫଳତାର ଆଉ ଏକ ଉଜ୍ଜ୍ୱଳ ପର ଯୋଡ଼ିଛି । ପ୍ରତିଷ୍ଠିତ ଟାଇମ୍ସ ନାଓ ବିଜନେସ୍ ଏକ୍ସିଲେନ୍ସ ଆୱାର୍ଡସ୍-ଇଷ୍ଟ ୨୦୨୫ରେ ଏହି ଆଇକନିକ୍ ବ୍ରାଣ୍ଡକୁ 'ମୋଷ୍ଟ ଟ୍ରଷ୍ଟେଡ ଜୁଏଲାରି ଚେନ୍ ଅଫ୍ ଦି ଇୟର' ଭାବେ ସମ୍ମାନିତ କରାଯାଇଛି । ଏହି ଉଜ୍ଜ୍ୱଳ ପୁରସ୍କାର ସମାରୋହରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ସନ୍ତୋଷଜନକ ସ୍ୱୀକୃତି ଖିମଜୀର ନବୀନତା, ଉତ୍କୃଷ୍ଟ ଗୁଣବତା ଏବଂ ଅତୁଳନୀୟ ଗ୍ରାହକ ସେବା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପାଳନ କରୁଛି । ୧୯୩୬ ମସିହାରେ ଦୟାଭାଇ ଖିମଜୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଖିମଜୀ ଜୁଏଲର୍ସ ପ୍ରାୟ ନଅ ଦଶକ ଧରି ବିଶ୍ୱାସ ଏବଂ କାରିଗରୀରର ପରିପୂରକ ଭାବେ ପରିଚିତ ରହିଛି । ଏହାର ପାରମ୍ପରିକ, ସମସାମୟିକ ଓ ଗ୍ରହକଙ୍କ ପସନ୍ଦ ଅନୁଯାଇ ଗହଣାଗୁଡ଼ିକ ସାରା ଓଡ଼ିଶାରେ ସୁନ୍ଦରତା ଓ ବିଳାସର ନୂତନ ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି । ଟାଇମ୍ସ ନାଓର ଏହି ସ୍ୱୀକୃତି ପ୍ରତି କୃତଜ୍ଞତା ପ୍ରକାଶ କରି ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି ଯେ, ଟାଇମ୍ସ ନାଓର ଏହି ସ୍ୱୀକୃତି ଆମକୁ ଗର୍ବିତ କରିଛି । ଏହି ପୁରସ୍କାର ଆମର ଦୂରଦର୍ଶୀ ନେତୃତ୍ୱ, ଆମ ଟିମ୍ ପ୍ରତି ଅସୀମ ଆଗ୍ରହ ଏବଂ ଆମ ଗ୍ରାହକମାନଙ୍କ ବିଶ୍ୱାସର ଫଳ । ଖିମଜୀ ଜୁଏଲର୍ସରେ ଆମେ କେବଳ ଅଳଙ୍କାର ତିଆରି କରୁନାହୁଁ, ବରଂ ଆମେ ଜୀବନର ସୁନ୍ଦର ସ୍ମୃତିଗୁଡିକୁ ସଜାଇଥାଉ । ଏହି ସମ୍ମାନ ଆମକୁ ନିରନ୍ତର ନବସୃଜନ ଏବଂ ଉତ୍କୃଷ୍ଟତା ପ୍ରଦାନ କରିବାକୁ ପ୍ରେରଣା ଦେଇଛି ।

# କ୍ରମ୍ପଟନ୍ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି

ମୁମ୍ବାଇ: ବିଶ୍ୱ ଇଣ୍ଟେରିୟର ଦିବସ ଅବସରରେ ଭାରତର ନମ୍ବର ୧ ଫ୍ୟାନ୍ ବ୍ରାଣ୍ଡ, କ୍ରମ୍ପଟନ୍ ଗ୍ରିଭ୍ସ କ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍, ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ୱେଭ୍ ଶୁଭାରମ୍ଭ କରିଛି । ଏହାର ନୂତନ ଉଦ୍ଭାବନ ଯାହା ଭବିଷ୍ୟତ ଉପଯୋଗୀ ଡିଜାଇନ୍ ସହିତ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରେ। ଏହି ଶୁଭାରମ୍ଭ ସହିତ କ୍ରମ୍ପଟନ୍ ସିଲିଂ ଫ୍ୟାନ ଏକ ନୂତନ ଯୁଗକୁ ଚିହ୍ନିତ କରିଛି ଯେଉଁଠାରେ ଫର୍ମ କାର୍ଯ୍ୟଦକ୍ଷତା ସହିତ ମେଳ ଖାଏ, ଏବଂ ଡିଜାଇନ୍ କାର୍ଯ୍ୟଦକ୍ଷତା ସହିତ ସମନ୍ୱିତ ହୁଏ। କ୍ରମ୍ପଟନ୍ ଏକ କାର୍ଯ୍ୟକ୍ଷମ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି। ଏହାକୁ ଏକ ଡିଜାଇନ୍ ମାଷ୍ଟରପିସରେ ପରିଣତ କରି ଘର ଡିଜାଇନ୍ ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକୁ ପୁନଃପରିଭାଷିତ କରୁଛି। ଆଜିର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଥିବା ଘର ଡିଜାଇନ୍ କରିବାରେ ଗଭୀର ଭାବରେ ନିବେଶ କରିବାକୁ ଚାହାଁନ୍ତି, ପ୍ରାୟତଃ ସର୍ବନିମ୍ନ ଏବଂ ସମସାମୟିକ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି। କ୍ରମ୍ପଟନ୍ ସ୍ୱୀକାର କରନ୍ତି ଯେ, ନବସୃଜନ ଆଉ ଇଚ୍ଛାଧୀନ ନୁହେଁ- ଏହା ଅତ୍ୟାବଶ୍ୟକ। ଘରଗୁଡ଼ିକ ବ୍ୟକ୍ତିତ୍ୱର କ୍ୟୁରେଟେଡ୍ ଅଭିବ୍ୟକ୍ତିରେ ବିକଶିତ ହେବା ସହିତ, କ୍ରମ୍ପଟନ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ୱେଭ୍ ମାଧ୍ୟମରେ ବର୍ଗର ପରିବର୍ତ୍ତନର ନେତୃତ୍ୱ ନେଇଥାଏ। କମ୍ପାନୀର ନୂତନ ଭାବରେ ଶୁଭାରମ୍ଭ ହୋଇଥିବା ଉତ୍ପାଦ ବିଷୟରେ ସୂଚନା ପ୍ରଦାନ କରି, ଶ୍ରୀଯୁକ୍ତ ରଜତ ଚୋପ୍ରା, ବିଜନେସ୍ ହେଡ୍- ହୋମ୍ ଇଲେକ୍ଟ୍ରିକାଲ୍ସ ଏବଂ ପମ୍ପସ୍, କ୍ରମ୍ପଟନ୍ ଗ୍ରୀଭ୍ସ କ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ କହିଛନ୍ତି, 'ଡିଜାଇନ୍ ଭାବନା, ସୌନ୍ଦର୍ଯ୍ୟ ଏବଂ ଏହାର ଅର୍ଥ ଯୋଡ଼ିବାର ଶକ୍ତି ରଖିଛି। ଆମେ କିପରି ଦୈନନ୍ଦିନ ଉତ୍ପାଦଗୁଡ଼ିକୁ ଅନୁଭବ କରୁ ସେଥିରେ ପରିବର୍ତ୍ତନ ଆସିଛି।

# ଅଭିଭା ଇଣ୍ଡିଆ ପକ୍ଷରୁ ୨୦୨୪-୨୫ର ଆର୍ଥିକ ଫଳାଫଳ ଘୋଷଣା

ନୂଆଦିଲ୍ଲୀ: ଅଭିଭା ଇଣ୍ଡିଆ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହାର ଫଳାଫଳ ଘୋଷଣା କରିଛି ଯାହା ସ୍ଥିର ପ୍ରଗତି ଏବଂ ସ୍ଥାୟୀ ଅଭିବୃଦ୍ଧି ଉପରେ ଏକ ସ୍ପଷ୍ଟ ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି। ୨୦୨୪-୨୫ରେ ଗ୍ରସ ରିଟେନ ପ୍ରିମିୟମ ୧୩୦୭ କୋଟି ଟଙ୍କାରେ ସ୍ଥିର ରହିଥିବା ବେଳେ ଅଭିଭା ଏକ ବିତରଣ-ଆଧାରିତ ମଡେଲରୁ ଏକ ଅଧିକ ଉତ୍ପାଦ-ପରିଚାଳିତ ଓ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସ୍ଥାନା'ରିତ ହୋଇଛି ଯାହା ସ୍ଥିରତା, ପ୍ରତିରୋଧ-ଭିତିକ ଅଭିବୃଦ୍ଧି ଓ ପରିଚାଳନାଗତ ଦକ୍ଷତା କ୍ଷେତ୍ରରେ ସଫଳ ହୋଇଛି। ଏହି ରୂପାନ୍ତରଣ ଉନ୍ନତ କ୍ଲେମ ସେଟେଲମେଣ୍ଟ ଏକ୍ସପେରିଏନ୍ସ, ପ୍ରତି ୧୦ହଜାର ବୀମା ପିଛା ଅଭିଯୋଗରେ ହ୍ରାସ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ପଦକ୍ଷେପର ବର୍ଦ୍ଧିତ ପ୍ରଭାବରେ ପ୍ରତିଫଳିତ ହେଉଛି। ଅଭିଭା ଇଣ୍ଡିଆ ୩୦ ଦିନ ମଧ୍ୟରେ ୧୦୦% କ୍ଲେମ ସେଟେଲମେଂଟ ସହିତ ଅନ୍ୟତମ ସର୍ବୋତ୍ତମ ଟର୍ଣ୍ଣଆରାଉଣ୍ଡ ଟାଇମ ହାସଲ କରିଛି। ଏହା ପେଡ୍ କ୍ଲେମର ୯୯.୨୫% ସହିତ ଶିଳ୍ପରେ ସର୍ବୋତ୍ତମ ରହିଛି। ଅଭିଭା ଏହାର ଉତ୍ପାଦଗୁଡିକରେ ସୁସ୍ଥତାକୁ ଏକୀକୃତ କରି ଜୀବନ ବୀମାକୁ ନୂଆ ରୂପ ଦେଉଛି। ଶରୀରିକ ସୁସ୍ଥତା, ମାନସିକ ସୁସ୍ଥତା, ସକ୍ରିୟ ସ୍ୱାସ୍ଥ୍ୟ ଯାଞ୍ଚ, ନ୍ୟୁଟ୍ରିସନ ଓ ଆର୍ଥିକ ସୁରକ୍ଷା ଉପରେ ଗୁରୁତ୍ୱ ସହିତ ଅଭିଭା ସାମଗ୍ରିକ ଜୀବନଯାପନକୁ ପ୍ରୋତ୍ସାହିତ କରୁଛି। ସିଗ୍ନେଚର ୩ଡି ଟର୍ମ ପ୍ଲାନ- ପ୍ଲାଟିନମ ସହିତ ପ୍ରଦାନ କରାଯାଉଥିବା ଏହାର ପ୍ରିଭେଂଟିଭ ୱେଲନେସ୍ ପ୍ୟାକେଜରେ ୱେଲନେସ୍ କିଟ୍ ସାମିଲ ରହିଛି। ଏହି କିଟ୍‌ରେ ଏକ ସ୍ମାର୍ଟୱାଚ, ସ୍ମାର୍ଟ ସ୍କେଲ, ବିପି ମନିଟର, ଏଆଇ-ଚାଳିତ ନ୍ୟୁଟ୍ରିସନ ପରାମର୍ଶ, ଜେନେଟିକ ଟେଷ୍ଟିଙ୍ଗ ଆଦି ଅନ୍ତର୍ଭୁକ୍ତ ରହିଛି ଯାହା ଗ୍ରାହକଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସଶକ୍ତ କରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଆର୍ଥିକ ସଫଳତା ଓ ବ୍ୟବସାୟିକ ପ୍ରଦର୍ଶନ ସମ୍ପର୍କରେ ମତବ୍ୟକ୍ତ କରି କମ୍ପାନୀର ଏମ୍‌ଡି ଓ ସିଇଓ ଅସିତ ରଥ କହିଛନ୍ତି, '୨୦୨୪-୨୫ ଆର୍ଥିକ ବର୍ଷ ଏକ ସାର୍ଥକ ପ୍ରଗତି ଓ ଉଦ୍ଦେଶ୍ୟରେ ସ୍ୱଷ୍ଟତାର ବର୍ଷ ଥିଲା। ଅଭିଭାର ଆଗାମୀ ପ୍ରଡକ୍ଟ ଲଞ୍ଚଗୁଡ଼ିକୁ ଦୈନନ୍ଦିନ ଜୀବନ ପାଇଁ ପରିକଳ୍ପନା କରାଯାଇଛି ଯାହା ସୁଲଭ, ପହଞ୍ଚଯୋଗ୍ୟ ହେବା ସହ ଭାରତରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ବାସ୍ତବତା ସହ ଜଡିତ ଅଟେ।

# ଅତୁଳନୀୟ ଫ୍ୟାଶନ୍‌ର ପ୍ରତିଶ୍ରୁତି ଦେଉଛି ଫ୍ଲିପ୍‌କାର୍ଟର ଇଓଏସ୍‌ଏସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ ମଇ ୩୦ ତାରିଖ ୨୦୨୫ରୁ ଆରମ୍ଭ ହୋଇଥିବା ଏହାର ବହୁପ୍ରତିକ୍ଷୀତ ଫ୍ୟାଶନ ଏଣ୍ଡ ଅଫ ସିଜନ ସେଲ (ଇଓଏସଏସ)ର ଲଂଚ୍ ଘୋଷଣା କରିଛି। ଏହି ଫ୍ୟାଶନ ଇଭେଣ୍ଟରେ ୭୦,୦୦୦ରୁ ଅଧିକ ବ୍ରାଣ୍ଡ ଓ ସେଲର ସାମିଲ ରହିବେ ଯିଏକି ଭାରତର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ପ୍ରଡକ୍ଟଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିବେ। ଏହି ଇଓଏସଏସ ବିସ୍ତୃତ ଉତ୍ପାଦ ସଂଗ୍ରହ ଓ ଉତ୍ସାହଜନକ ଅଫରଗୁଡିକର ଏକ ଶୃଙ୍ଖଳା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଉଛି ଯାହା ଏହାକୁ ଭାରତର ଅନ୍ୟତମ ସର୍ବବୃହତ ଫ୍ୟାଶନ ଉତ୍ସବରେ ପରିଣତ କରୁଛି। ସମସ୍ତ ସର୍ଭିସ୍‌ଯୋଗ୍ୟ ପିନକୋଡ୍‌ରୁ ଗ୍ରାହକମାନେ ବ୍ୟାଗି ବଟମ୍, ରେଟ୍ରୋ ରନର, ୟୁଟିଲିଟି ଫିଟ୍, ରିଲାକ୍ସଡ ସିଲହୌଟେ, ଥ୍ରେଡଓ୍ୱର୍କ ଓ ସଫ୍ଟ ବ୍ଲୁମ ପ୍ରିଣ୍ଟ ଭଳି ଲୋକପ୍ରିୟ ଷ୍ଟାଇଲଗୁଡିକ ସମେତ ୧୦୦୦ରୁ ଅଧିକ ଟ୍ରେଣ୍ଡରୁ ସ୍ୱତନ୍ତ୍ର କଲେକ୍ସନଗୁଡିକ ପାଇଁ ଆକ୍‌ସେସ ପାଇବେ। ଉପଲବ୍ଧତା, ବିବିଧତା ଓ ଉଦ୍ଭାବନ ଉପରେ ଗୁରୁତ୍ୱ ଦେଇ ଏଣ୍ଡ ଅଫ ସିଜନ ସେଲ ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଫ୍ୟାଶନ ସପିଙ୍ଗ ଅନୁଭୂତିକୁ ନୂଆ ରୂପ ଦେବା ପାଇଁ ପ୍ରସ୍ତୁତ ରହିଛି। ବିକଶିତ ଗ୍ରାହକ ପସନ୍ଦଗୁଡିକ ସହ ସମନ୍ୱୟରେ ଫ୍ଲିପକାର୍ଟ ପ୍ରିମିୟମ ଉତ୍ପାଦଗୁଡିକର ଗ୍ରହଣୀୟତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରିଲକ୍ଷିତ କରିଛି। ବ୍ରାଣ୍ଡେଡ ଆକ୍‌ସେସରିରେ ଏକ ଉନ୍ନତ ବାର୍ଷିକ ବୃଦ୍ଧି ଦେଖାଯାଇଥିବା ବେଳେ ପ୍ରିମିୟମ କ୍ଲୋଥିଙ୍ଗ ସେଗମେଂଟ ମଧ୍ୟ ଚଳିତ ବର୍ଷ ବୃଦ୍ଧି ହାସଲ କରିଛି। ଗତବର୍ଷର ୬୦% ବୃଦ୍ଧି ସହିତ ଡି୨ସି ବ୍ରାଣ୍ଡ କଲେକ୍ସନ ୩ ଗୁଣ ବିସ୍ତାରିତ ହୋଇଛି। ଏହି ସପିଙ୍ଗ୍ ଇଭେଣ୍ଟ ସମ୍ପର୍କରେ ଫ୍ଲିପକାର୍ଟ ଫ୍ୟାଶନର ଉପାଧକ୍ଷ କୁନାଲ ଗୁପ୍ତା କହିଛନ୍ତି, 'ଫ୍ଲିପକାର୍ଟରେ ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଭାରତୀୟ ସପରଙ୍କ ପାଇଁ ଫ୍ୟାଶନକୁ ଗଣତାନ୍ତ୍ରିକ କରିବା ଏବଂ ଏଣ୍ଡ ଅଫ ସିଜନ ସେଲ ହେଉଛି ଉକ୍ତ ପ୍ରତିଶ୍ରୁତିର ଏକ ସେଲିବ୍ରେଶନ। ଚଳିତ ବର୍ଷର ଇଓଏସଏସ ଆଫିଲିଏଟ ଇନ୍‌ଫ୍ଲୁଏନ୍ସର ପ୍ରୋଗ୍ରାମ, ବ୍ରାଣ୍ଡେଡ ଇନ୍‌ଫ୍ଲୁଏନ୍ସର ହୌଲ ଓ ମେଟ୍ରୋ ସହରଗୁଡିକରେ ଅନ୍-ଗ୍ରାଉଣ୍ଡ ଇଓଏସଏସ ପପ୍ ଅପ ଇଭେଣ୍ଟଗୁଡିକ ସହିତ କ୍ରିଏଟର ଇକୋସିଷ୍ଟମରେ ସବୁଠାରୁ ବଡ ଯୋଗଦାନର ସାକ୍ଷୀ ହେବ।



ନୂଆଦିଲ୍ଲୀ: ଗୋଟିଏ ପଟେ, ଆରସିବି ପ୍ରଥମ ଥର ପାଇଁ ଆଇପିଏଲ ଚାମ୍ପିୟନ ହେବାର ଉତ୍ସବ ପାଳନ କରୁଛି। ଅନ୍ୟପଟେ, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ଅବସର ନେଇଛନ୍ତି। ପଟେଲ କହିଛନ୍ତି ଯେ ସେ କ୍ରିକେଟକୁ ଅଲବିଦା କହିବାକୁ ନିଷ୍ପତ୍ତି ନେଇଛନ୍ତି। ହଁ, ଆଇପିଏଲ ୨୦୨୫ ସମାପ୍ତ ହେବା ପରେ, ଏକ ଭିଡିଓ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଏହି ଭାଇରାଲ ଭିଡିଓରେ, ଅକ୍ଷର ପଟେଲ କହୁଥିବାର ଦେଖାଯାଉଛି ଯେ ତାଙ୍କର ଏବଂ କ୍ରିକେଟର ଯାତ୍ରା କେବଳ ଏହି ପର୍ଯ୍ୟନ୍ତ ଥିଲା। ଏହି ଭିଡିଓରେ, ଅକ୍ଷର ପଟେଲ ଏକ ଅବସର ଭାଷଣ ଦେଇ କହିଛନ୍ତି, 'ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଘୋଷଣା। ଏହା ଘୋଷଣା କରିବା ମୋ ପାଇଁ ସହଜ ନୁହେଁ। କ୍ରିକେଟ ମୋତେ ସବୁକିଛି ଦେଇଛି, ମୋର ପରିଚୟ ଏବଂ ତୁମର ପ୍ରେମ, କିନ୍ତୁ ପ୍ରତ୍ୟେକ ଯାତ୍ରାର ଏକ ଅନ୍ତ ଅଛି। ହୁଏତ ମୋର ଏବଂ କ୍ରିକେଟର ଯାତ୍ରା ଏହି ପର୍ଯ୍ୟନ୍ତ ଥିଲା।' ଅକ୍ଷର ପଟେଲ ଭାରତର ସର୍ବୋତ୍ତମ ଅଲରାଉଣ୍ଡର ଖେଳାଳିଙ୍କ ମଧ୍ୟରୁ ଜଣେ। ଯେତେବେଳେ ଲାଇଭ ଏହି ଭିଡିଓର ତଦନ୍ତ କଲା, ସେତେବେଳେ ଜଣାପଡିଲା ଯେ ଅକ୍ଷର ପଟେଲ କ୍ରିକେଟରୁ ଅବସର ନେଇ ନାହାଁନ୍ତି କାରଣ ଏହି ଭାଇରାଲ ଭିଡିଓ ଏଆଇ ସହିତ ତିଆରି ହୋଇଛି। ଅକ୍ଷର ପଟେଲ ନିଜେ ତାଙ୍କ ଅବସର ଉପରେ କୌଣସି ବୟାନ ଦେଇନାହାଁନ୍ତି କିମ୍ବା କୌଣସି ପୋଷ୍ଟ ଶେୟାର କରିନାହାଁନ୍ତି। ସେହିପରି, ବିସିସିଆଇ ମଧ୍ୟ ଏପରି କିଛି ନିଶ୍ଚିତ କରିନାହିଁ। ଅକ୍ଷର ପଟେଲ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଥିଲେ। ଦିଲ୍ଲୀ ଦଳକୁ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ପଟେଲ ବର୍ତ୍ତମାନ ଭାରତୀୟ ଟି୨୦ ଦଳର ଉପ-ଅଧିନାୟକ ମଧ୍ୟ।

## ଏହି ବିଜୟ ଅନୁଷ୍କାଙ୍କ ପାଇଁ ଅଧିକ ସ୍ୱତନ୍ତ୍ର: ବିରାଟ

# ପତ୍ନୀଙ୍କୁ ଧରି କାନ୍ଦିଲେ, ଦେଲେ ଟ୍ରଫି




ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ଟାଇଟଲ ହାତେଇଛି । ୧୮ ବର୍ଷର ସ୍ୱପ୍ନ ପୂରଣ ହୋଇଛି। ଜଉଇ ଏବଂ ବିରାଟ କୋହଲି ପ୍ରଶଂସକମାନେ ବହୁତ ଦିନ ଧରି ଓଟଖ ଟ୍ରଫି ପାଇଁ ଅପେକ୍ଷା କରିଥିଲେ। ଏହି ଟ୍ରଫି ବିରାଟ କୋହଲିଙ୍କ ପାଇଁ ବହୁତ କିଛି ରଖେ। କାହିଁକି ନା କିଙ୍ଗ କୋହଲି ତାଙ୍କ ଲୁହକୁ ରୋକିପାରି ନଥିଲେ ପଡ଼ିଆରେ କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ଏତିକି ହିଁ ନୁହେଁ, ବିଜୟ ପରେ, 'ବିରୁଷ୍କା ମୁମେଣ୍ଟ' ସବୁଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରିଥିଲା। ଅନୁଷ୍କା ଶର୍ମା ପ୍ରତି ମ୍ୟାଚ୍‌ରେ ବିରାଟ କୋହଲି ସମର୍ଥନ କରିବାକୁ ଆସନ୍ତି। ସେ ବିବାହ ପୂର୍ବରୁ ହେଉ କିମ୍ବା ବିବାହ ପରେ ସେହି ସମୟରେ ଅଭିନେତ୍ରୀଙ୍କୁ ମଧ୍ୟ ବହୁତ ଟ୍ରୋଲିଂର ସମ୍ମୁଖୀନ ହେବାକୁ ପଡିଥିଲା। ସବୁବେଳ ପରି ଫାଇନାଲ ମ୍ୟାଚ୍ ରେ ବିରାଟ କୋହଲିଙ୍କ 'ଲେଡି ଲକ୍' ଅନୁଷ୍କା ଶର୍ମା ଚିଅର କରୁଥିବାର ଦେଖିବାକୁ ମିଳିଥିଲା। ବିଜୟ ପରେ, ଅନୁଷ୍କା ଶର୍ମା ବିରାଟ କୋହଲିଙ୍କୁ ଭେଟିବା ପାଇଁ ଷ୍ଟାଣ୍ଡରୁ ଓହ୍ଲାଇ ଦୌଡ଼ି ଯାଇଥିଲେ । ସେଠାରେ କୋହଲି ତାଙ୍କୁ ଆଲିଙ୍ଗନ କରି କାନ୍ଦିବାକୁ ଲାଗିଲେ। ଅଭିନେତ୍ରୀ ତାଙ୍କ ସ୍ୱାମୀଙ୍କୁ ଆଲିଙ୍ଗନ କରି ଅଭିନନ୍ଦନ ଜଣାଇଥିଲେ। ଏହି ସମୟରେ ଅନୁଷ୍କା ଶର୍ମାଙ୍କ ମଥାରେ ବିରାଟ କିସ୍ ଦେଉଥିବାର ନଜର ଆସିଥିଲେ । ଏହି ବିରୁଷ୍କା ମୁମେଣ୍ଟଟି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଅନୁଷ୍କା ଶର୍ମା ମଧ୍ୟ ଟିମ୍‌ର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅନୁଷ୍କା ଶର୍ମା ତାଙ୍କ ସ୍ୱାମୀଙ୍କ ପ୍ରଥମ ଓଟଖ ଟ୍ରଫି ସହ ବହୁତ ପୋଜ ଦେଉଥିବାର ନଜର ଆସିଥିଲେ। ଏହି ସମୟରେ ବିରାଟ କୋହଲି ତାଙ୍କ ପତ୍ନୀଙ୍କୁ ଟ୍ରଫି ମଧ୍ୟ ପ୍ରଦାନ କରିଥିଲେ। ଦୁହିଁଙ୍କ ଖୁସି କହିଲେ ନସରେ । ପ୍ରକୃତରେ ଅନୁଷ୍କା ଶର୍ମା ବିରାଟ କୋହଲିଙ୍କ ସବୁଠାରୁ ବଡ଼ ସମର୍ଥନ । ପତ୍ନୀ ହେବା ପୂର୍ବରୁ ମଧ୍ୟ ସେ ପ୍ରେମିକା ଭାବରେ ମ୍ୟାଚ୍ ଦେଖିବାକୁ ଆସୁଥିଲେ। ଏହା ସହିତ, ଏହି ଅଭିନେତ୍ରୀଙ୍କୁ ଦୀର୍ଘ ସମୟ ଧରି କୋହଲିଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନର କାରଣ ବୋଲି କୁହାଯାଏ। ବିଜୟ ପରେ, ଅଭିନେତ୍ରୀ ଷ୍ଟାଣ୍ଡରେ ଖୁସିରେ ଡେଉଁଥିବାର ନଜର ଆସିଥିଲେ । ତାଙ୍କର ପିଲା ଜନ୍ମ ହେବା ପରଠାରୁ ଅନୁଷ୍କା ଶର୍ମା ଅଭିନୟରୁ ଦୂରେଇ ଅଛନ୍ତି। କିନ୍ତୁ ସେ ସର୍ବଦା ବିରାଟ କୋହଲିଙ୍କ ସହିତ ଠିଆ ହୋଇଛନ୍ତି। ବିଜୟ ହେଉ କି ପରାଜୟ ଅନୁଷ୍କା ଶର୍ମାଙ୍କୁ ଅନେକ ଥର ତାଙ୍କ ସ୍ୱାମୀଙ୍କ ଲୁହ ପୋଛିବାର ଦେଖାଯାଇଛି। ହେଲେ ଏହି ବିଜୟ ମୁହୂର୍ତ୍ତରେ, ପ୍ରଶଂସକମାନେ ସେମାନଙ୍କ ଝିଅ ଭାମିକା ଏବଂ ଅକାୟଙ୍କୁ ବହୁତ ମିସ୍ କରିଥିଲେ।

## ଅନ୍ତର୍ଜାତୀୟ ମୂକବଧିର କ୍ରିକେଟ୍‌ରେ ଶିବୁନଙ୍କ ସଫଳତା, ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗେଟ ବଜାରର ଶିବୁନ ନନ୍ଦ ପୁଣି ଥରେ ଗର୍ବ ଆଣିଛନ୍ତି । ସେ ଦ୍ୱିତୀୟ ଥର ପାଇଁ ଭାରତୀୟ ମୂକବଧିର କ୍ରିକେଟ ଦଳରେ ସାମିଲ ହୋଇ ସଫଳତା ପାଇଛନ୍ତି । ସେ ମେ ମାସ ୨୩ ରୁ ୨୯ ତାରିଖ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ୍‌ର ତ୍ରିନିଡାଡ଼ ଓ ଟୋବାଗୋରେ ହୋଇଥିବା ଆନ୍ତର୍ଜାତୀୟ ମୁକବଧିର କ୍ରିକେଟ ମ୍ୟାଚରେ ଖେଳିଥିଲେ । ସେଠାରେ ଶିବୁନ ୩ ଟି ଟେଷ୍ଟ ମ୍ୟାଚ ଓ ୩ ଟି ଟି-୨୦ ମ୍ୟାଚ୍ ଖେଳିଥିଲେ । ସେ ଫେରିବା ପରେ ଛତ୍ରପୁର ଠାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଓ ସୁବିଧା ପ୍ରଶାସନ କରିବ ବୋଲି ଜିଲ୍ଲାପାଳ କହିଥିଲେ । ଶିବୁନ ପିଲାଟି ଦିନରୁ କଥା କହିପାରୁନଥିଲେ ମଧ୍ୟ କ୍ରିକେଟକୁ ନେଇ ତାଙ୍କର ଏଭଳି ଗୋଟିଏ ପରେ ଗୋଟିଏ ସଫଳତାକୁ ନେଇ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି । ଗତ ମାର୍ଚ୍ଚ ମାସରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ମୂକବଧିର ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସହ ଖେଳି ଭଲ ରନ ସଂଗ୍ରହ କରିଥିଲେ । ଯାହାଫଳରେ ବର୍ତ୍ତମାନ ପୁଣି ଥରେ ସେ ଭାରତୀୟ ମୂକବଧିର କ୍ରିକେଟ ଟିମ୍‌ରେ ସାମିଲ ହୋଇପାରିଥିଲେ । ସେପଟେ ଶିବୁନ ପିଲାଟି ଦିନରୁ କଥା କହିପାରୁନଥିବା ଯୋଗୁଁ ପରିବାର ଲୋକେ ବେଶ ଚିନ୍ତାରେ ଥିଲେ । ହେଲେ ପିଲାଟି ଦିନରୁ ହିଁ ଶିବୁନ କ୍ରିକେଟ ପ୍ରତି ବେଶ ଆଗ୍ରହ ଥିଲା । ପାଠପଢାରୁ ସମୟ ବାହାର କରି କ୍ରିକେଟ ଖେଳରେ ଲାଗିପଡୁଥିଲେ ଶିବୁନ । ଘର ନିକଟରେ ଥିବା ପଡ଼ିଆରେ ଖେଳୁ ଖେଳୁ ଭଲ ଖେଳ ହେଉଥିବା ନେଇ ଜାଣିବାକୁ ପାଇଥିଲେ ତାଙ୍କ ବାପା । ଏହାପରେ ଶିବୁନର ଖେଳକୁ ଗୁରୁତ୍ୱ ଦେଇ ବ୍ରହ୍ମପୁରର ଅମିତ କୁମାର ଦାସ ନାମକ ଜଣେ କ୍ରିକେଟ କୋଚଙ୍କ ନିକଟରେ ଶିବୁନଙ୍କୁ କ୍ରିକେଟ କେଷଚିଂ ପାଇଁ ଛାଡିଥିଲେ ତାଙ୍କ ବାପା । ସେତେବେଳକୁ ଶିବୁନର ବୟସ ମାତ୍ର ୯ ବର୍ଷ ହୋଇଥିଲା । ଏହାପରେ ଶିବୁନ କ୍ରିକେଟ ଜଗତରୁ ଆଉ ପଛକୁ ଫେରିନଥିଲେ । ପ୍ରଥମେ ଶିବୁନ କଟକରେ ହୋଇଥିବା ଅଣ୍ଡର ୧୬ରେ ଚୟନ ହୋଇ ଭଲ ଖେଳିଥିଲେ । ଏହାପରେ ପୁଣି କଟକରେ ହିଁ ଅଣ୍ଡର ୧୯ରେ ଖେଳିଥିଲେ । ୨୦୨୪ରେ କଟକରେ ହୋଇଥିବା କଳାହାଣ୍ଡି କପରେ ଖେଳିଥିଲେ ଶିବୁନ । ସେହିପରି ଭୁବନେଶ୍ୱରରେ ହୋଇଥିବା ସର୍ବଭାରତୀୟ ମୂକବଧିର କ୍ରିକେଟ ମ୍ୟାଚରେ ୨ଟି ମ୍ୟାଚରେ ୫ ୱିକେଟ ନେଇଥିଲେ । ରାଉରକେଲାରେ ହୋଇଥିବା ଆନ୍ତଃରାଜ୍ୟ ମୂକବଧିର କ୍ରିକେଟ ମ୍ୟାଚରେ ୩ଟି ମ୍ୟାଚରେ ୬ଟି ୱିକେଟ୍ ନେଇଥିଲେ ଶିବୁନ । ନିକଟରେ ଜାମ୍ମୁ କାଶ୍ମୀରରେ ହୋଇଥିବା ପୂର୍ବାଞ୍ଚଳ ମୂକ ବଧିର ମ୍ୟାଚରେ ଶିବୁନ ୪ଟି ମ୍ୟାଚରେ ୧୦ଟି ୱିକେଟ ନେଇ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ହୋଇପାରିଥିଲେ ଶିବୁନ ।

## ନିର୍ବନ୍ଧ କରି ଚର୍ଚ୍ଚାରେ କୁଲଦୀପ ଯାଦବ

ନୂଆଦିଲ୍ଲୀ: ଚର୍ଚ୍ଚାରେ ଭାରତୀୟ ଦଳର ଅଭିଜ୍ଞ ସ୍ପିନର କୁଲଦୀପ ଯାଦବ। ନିକଟରେ ଶେଷ ହୋଇଥିବା ଆଇପିଏଲ ୨୦୨୫ରେ ଆଖିଦୃଶିଆ ପ୍ରଦର୍ଶନ କରି ନ ଥିବା କୁଲଦୀପ ବ୍ୟକ୍ତିଗତ ଜୀବନରେ ଆଉ ପାଦେ ଆଗକୁ ବଢ଼ିଛନ୍ତି। ଟିମ ଇଣ୍ଡିଆର ଏହି ଷ୍ଟାର ଖେଳାଳିଙ୍କ ନିର୍ବନ୍ଧ ଶେଷ ହୋଇଛି। କୁଲଦୀପ ନିଜର ପିଲାଦିନର ବନ୍ଧୁ ବଂଶିକାଙ୍କୁ ବିବାହ କରିବାକୁ ଯାଉଛନ୍ତି। କୁଲଦୀପ ଲକ୍ଷ୍ନୌରେ ବଂଶିକାଙ୍କ ସହିତ ନିର୍ବନ୍ଧ କରିଛନ୍ତି। ବଂଶିକା ବର୍ତ୍ତମାନ ଖଓଉରେ କାର୍ଯ୍ୟରତ। ବଂଶିକା କୁଲଦୀପ ଯାଦବଙ୍କ ପିଲାଦିନର ବନ୍ଧୁ। ବଂଶିକା କାନପୁରର ବାସିନ୍ଦା। ରିଙ୍କୁ ସିଂହ ସମେତ ଅନେକ ଭାରତୀୟ ଖେଳାଳି ମଧ୍ୟ କୁଲଦୀପ ଯାଦବଙ୍କ ନିର୍ବନ୍ଧରେ ଯୋଗ ଦେଇଥିଲେ। କୁଲଦୀପ ଯାଦବଙ୍କ ବିଷୟରେ କହିବାକୁ ଗଲେ, ତାଙ୍କର ଜନ୍ମ ୧୪ ଡିସେମ୍ବର ୧୯୯୪ରେ ଉତ୍ତର ପ୍ରଦେଶର ଉନ୍ନାଓ ଜିଲାରେ ହୋଇଥିଲା। ଏହି ଉତ୍କୃଷ୍ଟ ସ୍ପିନର ଟିମ ଇଣ୍ଡିଆ ପକ୍ଷରୁ ବହୁତ ଭଲ ପ୍ରଦର୍ଶନ କରିଛନ୍ତି। ଆଗାମୀ ଦିନରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରିବ। ଏହି ଦୁଇ ଦଳ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ ଏବଂ କୁଲଦୀପ ଯାଦବଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି।

## ଆସିକା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ବ୍ୟାଡ୍‌ମିଣ୍ଟନ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ଆସିକା(ଭାସ୍କର ନ୍ୟୁଜ): ଆସିକା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଦୀର୍ଘ ଏକମାସ ଧରି ଚାଲିଥିବା ବ୍ୟାଡ୍ ମିଣ୍ଟନ ଗ୍ରୀଷ୍ମକାଳୀନ ଶିବିର ବୁଧବାରଦିନ ଉଦଯାପିତ ହୋଇଯାଇଛି।ଏହି ଗ୍ରୀଷ୍ମକାଳୀନ ଶିବିର ଶିବିରରେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ସରକାରୀ ଓ ବେସରକାରୀ ସ୍କୁଲରୁ ଯୋଗ ଦେଇଥିଲେ। ମୂଖ୍ୟ ପ୍ରଶିକ୍ଷକ ଚନ୍ଦନ ବେହେରା ନେତୃତ୍ୱରେ ଏକମାସ ଧରି ଏହି ବ୍ୟାଡ଼ମିଣ୍ଟନ ଗ୍ରୀଷ୍ମକାଳୀନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଥିଲା ଉକ୍ତ ଶିବିରରେ ଷ୍ଟାଡିୟମର ଭାରତୋଳନ ପ୍ରଶିକ୍ଷକ ବାବୁ ଗୌଡ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल,**
**पथ निर्माण विभाग, देवघर, झारखण्ड**

**ई–प्रोक्योरमेंट सूचना**

ई–निविदा प्रसंग संख्या :– NH/Deoghar/JHR/F2 /08/2025-26(2nd Call) दिनांक : 04.06.2025

| | | |
|---|---|---|
| 1 | कार्य का नाम | Ordinary Repair in Km 177(P) & Km 178(P) of NH-114A under NH Division Deoghar for the Sharawani Mela 2025-26. |
| 2 | प्राक्कलित राशि (लाख में) | 99.996 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 05.06.2025 (10.30 बजे पूर्वाह्न) |
| 5 | निविदा प्राप्ति की अंतिम तिथि एवं समय | 12.06.2025 (12.00 बजे दिन तक) |
| 6 | निविदा खोलने की तिथि एवं समय | 13.06.2025 (12.30 बजे अपराह्न) |
| 7 | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, राष्ट्रीय उच्च पथ प्रमण्डल, देवघर। |
| 8 | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9 | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट : http://Jharkhandtenders.gov.in पर देखें । ह0/–
कार्यपालक अभियंता
राष्ट्रीय उच्च पथ प्रमंडल, देवघर
PR 354265 (Deoghar)25-26*D

**Govt. of Jharkhand**
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail— eercdapfsdran-jhr@nic.in
**e-Procurement very Short Notice**
e-Tender Reference No .-RCD/FSD /AP/ RAN/05/25-26 Dated 03.06.2025

| | | |
|---|---|---|
| 1- | Name of Work | Consultancy services for preparation of complete Land Acquisition Proposal with ownership details and computation of cost of acquired land, Resettlement and Rehabilitation Proposal & Forest Diversion Proposal including clearance of all stages as required as per latest guidelines for Ghaghri (on Hunterganj-Chatra, NH-99) to Kauleshwari Mandir (on RCD Road) via Dantar road at Chatra in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 10.935 KM |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | Cost of Tender Document Rs 5,000/- (Rupees Five Thousand) (Non-Refundable) through online mode only. EMD :- Rs 20,000/- (Rupees Twenty Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 06.06.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 16.06.2025, 12.30 PM |
| 7- | Date and Timing of Bid opening | 17.06.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in
Executive Engineer
Field Survey Division,A.P
Road Construction Department,Ranchi
PR 354253 Road(25-26)D

**कार्यपालक अभियंता का कार्यालय,**
**ग्रामीण विकास विशेष प्रमंडल,**
**पश्चिमी सिंहभूम चाईबासा**

**:: शुद्धि –पत्र ::**

इस कार्यालय के पत्रांक 989 दिनांक 29.05.2025 द्वारा प्रकाशित अति अल्पकालीन ई– निविदा सूचना सं० **RDD/SD /CHAIBASA/02/2024-25(2nd Call)** में निम्न प्रकार संशोधित किया जाता है। जिसका **PR No. 353828 West Singhbhum25-26(D)** है।

1. ई–निविदा प्राप्ति की तिथि एवं समय – दिनांक 04.06.2025 से दिनांक 25.06.2025 को अपराह्न 5:00 बजे तक
2. ई–निविदा खोलने की तिथि एवं समय –28.06.2025 अपराह्न 02:00 बजे

ह०/–
कार्यपालक अभियंता, ग्रामीण विकास विशेष प्रमंडल, प० सिंहभूम चाईबासा
PR 354228 West Singhbhum(25-26)#D

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड**

**ई-प्रोक्योरमेंट सूचना**

ई–निविदा प्रसंग संख्या :– NH/Deoghar/JHR/F2/04/2025-26 (2nd Call)
दिनांक : 04.06.2025

| | | |
|---|---|---|
| 1 | कार्य का नाम | Ordinary repair from Km 65.500 to Km 78.00 and drain, sockpit & paver block in Km 67(P) of NH-114A for the Sharawani Mela for the year 2025-26. |
| 2 | प्राक्कलित राशि (लाख में) | 94.579 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 05.06.2025 (10.30 बजे पूर्वाह्न) |
| 5 | निविदा प्राप्ति की अंतिम तिथि एवं समय | 12.06.2025 (12.00 बजे दिन तक) |
| 6 | निविदा खोलने की तिथि एवं समय | 13.06.2025 (12.30 बजे अपराह्न) |
| 7 | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, राष्ट्रीय उच्च पथ प्रमण्डल, देवघर। |
| 8 | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9 | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट : http://Jharkhandtenders.gov.in पर देखें ।
ह0/–
कार्यपालक अभियंता
राष्ट्रीय उच्च पथ प्रमंडल, देवघर
PR 354264 Deoghar (25-26)_D

**कार्यालय-अधीक्षक, एम० जी० एम० मेडिकल कॉलेज अस्पताल, जमशेदपुर**
**Email ID : superintendentmgmmch@gmail.com**

पत्रांक – 2387/2025 दिनांक – 03/06/2025

**– : ई–निविदा : –**

एम0 जी0 एम0 मेडिकल कॉलेज अस्पताल, जमशेदपुर के लिए वित्तीय वर्ष 2025–26 में औषधि–रसायन/विविध शल्य सामग्री की आपूर्ति हेतु निर्माता/आपूर्तिकर्त्ता से ई–निविदा दिनांक 26/06/2025 को संध्या 05:00 बजे तक आमंत्रित किया जाता है।

| | | |
|---|---|---|
| 1 | कार्य का नाम | औषधि–रसायन/विविध शल्य सामग्री की आपूर्ति हेतु दर अनुमोदन |
| 2 | बेवसाइट पर निविदा प्रकाशित होने की तिथि/समय | दिनांक 05/06/2025 के अपराह्न 1:00 बजे से |
| 3 | बेवसाइट पर ई–निविदा अपलोड/प्रविष्टि प्रारंभ करने की तिथि/समय | दिनांक 06/06/2025 के पूर्वाह्न 10:00 बजे से |
| 4 | बेवसाइट पर ई–निविदा अपलोड/प्रविष्टी करने की अन्तिम तिथि/समय | दिनांक 26/06/2025 के संध्या 05:00 बजे तक |
| 5 | ई–निविदा से संबंधित हार्ड कॉपी स्पीड पोस्ट/निबंधित डाक द्वारा कार्यालय में प्राप्ति की तिथि/समय | दिनांक 28/06/2025 के संध्या 05:00 बजे तक |
| 6 | ई निविदा खोलने की तिथि/समय | दिनांक 01/07/2025 के अपराह्न 12:30 बजे |
| 7 | Online EMD (Refundable) & Tender Fees (Non Refundable) Note : - EMD & Tender Fee only online accepted through Jharkhand e- procurement portal. | झारखण्ड राज्य के लघु–उद्योग एवं भारत सरकार के प्रतिष्ठानों को छोड़कर अन्य निविदादाता प्रतिभूति राशि (Refundable) रूपये 3,00,000.00 (रूपये तीन लाख मात्र) एवं निविदा शुल्क (Non Refundable) रूपये 5,000.00 (रूपये पाँच हजार मात्र) |
| 8 | निविदा आमंत्रित करने वाले का नाम एवं पता | अधीक्षक, एम0 जी0 एम0 मेडिकल कॉलेज अस्पताल, जमशेदपुर, डिमना – 831020 |

ई–निविदा संबंधित विस्तृत विवरणी की सूची एवं शर्तें झारखण्ड सरकार के वेबसाइटः www.jharkhandtender.gov.in पर देखा जा सकता है। साथ ही निविदा से संबंधित किसी भी प्रकार के सूचना/शुद्धि पत्र केवल वेबसाइटः ही दी जायेगी।

अधीक्षक
एम0 जी0 एम0 मेडिकल कॉलेज अस्पताल, जमशेदपुर
PR 354230 Health Med Edu and Family Welfare(25-26).D


# ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପାରାଦୀପ(ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ଗୋପବନ୍ଧୁ କ୍ରୀଡା ସଂସଦ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ୨୦୨୫ ବର୍ଷ ମେ ମାସ ୧୫ ତାରିଖଠାରୁ ଜୁନ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଏହି ଗ୍ରୀଷ୍ମ କାଳୀନ ଖେଳ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଫୁଟବଲ, ଭଲିବଲ, କ୍ରିକେଟ, ହକି, ସନ୍ତରଣ ଇତ୍ୟାଦି ଖେଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ୬ ବର୍ଷରୁ ୧୬ ବର୍ଷ ପର୍ଯ୍ୟନ୍ତ ବାଳକ ଓ ବାଳିକା ସର୍ବମୋଟ ୧୭କ୍ଷ ଜଣ ଅଂଶଗ୍ରହଣ କରିଥିଲେ । ଫୁଟବଲ ଖେଳ ପାଇଁ ପ୍ରଶିକ୍ଷକ ରବିନ୍ଦ୍ର କୁମାର ଦାସ ଓ ସଞ୍ଜିତ ଜେନା, ଭଲିବଲ ଖେଳ ପାଇଁ ସଞ୍ଜୟ କୁମାର ଦାସ ଓ ରାଜକିଶୋର ମଣ୍ଡଳ, କ୍ରିକେଟ ପାଇଁ ସୂର୍ଯ୍ୟକାନ୍ତ ଜେନା, ଅଜିତ କୁମାର ଦାସ ଓ ବିଭୁତି ବରାଳ, ସନ୍ତରଣ ପାଇଁ ସଞ୍ଜୟ କୁମାର ନାୟକ, ହକି ପାଇଁ ବିଜୟ କୁମାର ଦାସ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତେବେ ବୁଧବାର ଦିନ ଏହି ଶିବିରର ଉଦଯାପନୀ ଅବସରରେ ଗୋପବନ୍ଧୁ କ୍ରୀଡା ସଂସଦର ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧୀ ମୁଖ୍ୟ ଅତିଥି ଏବଂ କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦରର କ୍ରୀଡା ଉପଦେଷ୍ଟା ରବି ଦାସ, କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ସହ ସମ୍ପାଦକ ଧୁନ ଚନ୍ଦ୍ର ତରାଇ, ବରିଷ୍ଠ ଭଲିବଲ କୋଚ ସଞ୍ଜୟ କୁମାର ଦାସ ଓ କ୍ରୀଡା ସଂସଦ ର ସଦସ୍ୟ ବିପ୍ଳବକୁମାର ଜେନା, ବିଶ୍ୱରଞ୍ଜନ ଦାସ, ଲିତାରାମ ହାବ୍ରୁ, ଶିଶିର କୁମାର ପତି ପ୍ରମୁଖ ଏହି ଉଦଯାପନୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ କ୍ଷ ସର୍ବଶେଷରେ କ୍ରୀଡା ଉପଦେଷ୍ଟା ରବି ଦାସ ସମସ୍ତ ପ୍ରଶିକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କ ସମେତ ଏହି ପ୍ରଶିକ୍ଷଣ ରେ ସକ୍ରିୟା ସହଯୋଗ ଓ ଏହାର ସଫଳତା ପାଇଁ ବନ୍ଦର ଅଧକ୍ଷ, ଉପାଧକ୍ଷ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

### ଅନ୍ତର୍ଜାତୀୟ ଓପନ ମାଷ୍ଟର୍ସ ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍

## ସ୍ୱର୍ଣ୍ଣ ଜିତିଲେ ଦାରା ସିଂହ



କେନ୍ଦୁଝର(ଭାସ୍କର ନ୍ୟୁଜ): ଗତମାସ ୨୪ ଏବଂ ୨୫ ତାରିଖ ଦୁଇଦିନ ଧରି ଶ୍ରୀଲଙ୍କାର ସୁଗଥାଦାସ ଷ୍ଟାଡିୟମ କଲମ୍ବୋ ଠାରେ ଭେଟେରାନ କ୍ରୀଡ଼ାବିତ ମାନଙ୍କ ନିମନ୍ତେ ଏକାଦଶ ଅନ୍ତର୍ଜାତୀୟ ଓପନ ଅଥଲେଟିକ ଚାମ୍ପିଆନସିପ ଅନୁଷ୍ଠିତ ହୋଇଯାଇଛି । ୫୫ ବର୍ଷରୁ ଉର୍ଦ୍ଧ୍ୱ ଏହି ଅଥଲେଟିକ ଚାମ୍ପିଆନସିପରେ ଭାରତରୁ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଭାରତୀୟ ଦଳରେ କେନ୍ଦୁଝରର ଉପାନ୍ତ ଅଞ୍ଚଳ ବୋଲାଣିସ୍ଥିତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆରେ ମାଇନିଂ ଫୋରମ୍ୟାନ ଭାବେ କାର୍ଯ୍ୟରତ ଦାରା ସିଂହ ୩୪.୪୦ ମିଟର ଦୂରତ୍ୱକୁ ଜାଭେଲିନ ଫିଙ୍ଗି ଏହି ପ୍ରତିଯୋଗିତାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ସମଗ୍ର କେନ୍ଦୁଝର ଜିଲ୍ଲାର ନାମ ଅନ୍ତର୍ଜାତୀୟ କ୍ରୀଡା ମାନଚିତ୍ରରେ ସ୍ଥାନିତ କରି ଜିଲ୍ଲାକୁ ସମଗ୍ର ରାଜ୍ୟ ତଥା ଦେଶରେ ଗୌରବାନ୍ୱିତ କରିବା ସହ ଜିଲ୍ଲାର ଟେକ ରଖିବାରେ ସଫଳ ହୋଇଛନ୍ତି । ପ୍ରତିଯୋଗିତାଟି ବର୍ଷାରେ ବାଧାପ୍ରାପ୍ତ ହେବାରୁ ଶ୍ରୀ ସିଂହ ତାଙ୍କର ଅନ୍ୟ ଦୁଇ ଇଭେଣ୍ଟ ଲଙ୍ଗ ଜମ୍ପ ଏବଂ ଶଟପୁଟ ଥ୍ରୋରେ ଆଶାନୁରୂପ ଫଳ ପାଇ ପାରିନଥିଲେ । ତାଙ୍କର ଏହି ବିରାଟ ସଫଳତାରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ନିଜର ଯୁବାବସ୍ଥାରେ ଜଣେ ଆଦର୍ଶ କ୍ରିକେଟର ଭାବେ ଖ୍ୟାତି ଅର୍ଜନ କରିଥିବା ଦାରା ସିଂହ ଆଜି ଜୀବନର ଅପରାହ୍ନରେ ତାଙ୍କର ଏହି ବିରାଟ ସଫଳତାରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି ।


**OFFICE OF THE PRINCIPAL**
**+3 DEGREE COLLEGE KARLAPADA, KALAHANDI**
**AT/PO-KARLAPADA, VIA-UTKELA, DIST-KALAHANDI(ODISHA) 766011**
Office contact No-9437362667 E-mail: deg13kpd@gmail.com
Date: 02-06-2025

Letter No: DCK/294/2025

Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.

STANDARD SPECIFICATION FOR ITEMS

| SL NO | ITEM NAME | SPECIFICATION | MAKE & MODEL | QUANTITY | | | |
|---|---|---|---|---|---|---|---|
| 01 | Desktop Computer | Core i3 Processor, 13th generation, 8gb RAM, 512 GB SSD, Windows 11 Home, 19.5" LED Display moniter with mouse and keyboard | HP/DELL/LENOVO/ACER/HCL | 05 | | | |
| 02 | | Core i7 Processor, 13th generation, 8gb RAM, 512 GB SSD, Windows 11 Home, 24 " or more LED Display moniter with mouse and keyboard | HP/DELL/LENOVO/ACER/HCL | 01 | | | |
| 02 | UPS | 600 VA/300W, Working Range : 140-300 VAC Micro controller based PWM – MOSFET technology, Built in Automatic Voltage Regulator, Off mode Battery Charging with High Voltage Protection, In built ZPD Technology, Intelligent No Load Shutdown Facility, Generator Compatibility, Cold Start Facility, Battery Over Charge/ Deep Discharge Protection.(file attached) | Microtek/Eaton/Luminous/ Vguard/Zebronics | 06 | | | |
| 03 | PRINTER | Multifunction machine printer. | HP, CANON, EPSON | 01 | | | |
| 04 | LED TV | 65" LED SMART TV (file attached) | Samsung, Lloyd, LG, Sony | 01 | | | |
| | Wireless Mic & Camera | Wireless Mic & Camera with Mic for Virtual Meeting (file attached) | HP, Logitech, Lenovo | 01 | | | |
| TOTAL - | | | | | | | |

Sd/-Principal
+3 Degree College Karlapada, Kalahandi



କଦଳୀ ଏକ ସ୍ୱାସ୍ୟଉପଯୋଗୀ ଫଳ। ଏଥିରେ ୨୫ ପ୍ରତିଶତ ସୁଗାର ରହିଥାଏ, ଯାହା ଶରୀରର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ। ଦିନ ତମାମ ପରିଶ୍ରମ ପରେ ଶରୀରକୁ ଆବଶ୍ୟକ ଶକ୍ତି କଦଳୀରୁ ମିଳିଥାଏ। ଏଥିରେ ଆଇରନ ମାତ୍ରା ଭରପୂର ରହିଥାଏ। ଏହା ଶରୀରରେ ହିମୋଗ୍ଲୋବିନ୍ ମାତ୍ରାକୁ ବଢ଼ାଇଥାଏ। କଦଳୀରେ ଭିଟାମିନ୍-ବି ମଧ୍ୟ ପ୍ରଚୁର ପରିମାଣରେ ରହିଥାଏ। ଏହା ଦେହ ପାଇଁ ଲାଭଦାୟକ । ତେବେ ରାତିରେ କଦଳୀ ଖାଇବାକୁ ଅନେକେ ମନା କରିଥାନ୍ତି। ଅବଶ୍ୟ ଏହା ପଛରେ ରହିଛି ବିଶେଷ କାରଣ....। ରାତିରେ କଦଳୀ ଖାଇବା ଦ୍ୱାରା କାଶ, ଥଣ୍ଡା ଓ କଫ ସମସ୍ୟା ବଢ଼ିଥାଏ। ଏଥିସହ ଖାଦ୍ୟ ହଜମରେ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିଥାଏ। ଏହାକୁ ଖାଇବା ପରେ ଆଳସ୍ୟ ମଧ୍ୟ ଅନୁଭୂତ ହୋଇଥାଏ। ଥଣ୍ଡାଜନିତ ସମସ୍ୟାରେ ଆକ୍ରାନ୍ତ ବ୍ୟକ୍ତି କଦଳୀ ଖାଇବା ଅନୁଚିତ ବୋଲି ଆୟୁର୍ବେଦରେ କୁହାଯାଇଛି।

# ‘ତୁ ମେରୀ ମେଁ ତେରା, ମେଁ ତେରୀ ତୁ ମେରା’ ରେ ନଜର ଆସିବେ କାର୍ତ୍ତିକ-ଆନନ୍ୟା





ଫିଲ୍ମ ‘ଭୂଲ୍ ଭୂଲୈୟା-୩’ ପରେ ଅପକମିଙ୍ଗ୍ ରୋମାଣ୍ଟିକ୍ କମେଡି ଫିଲ୍ମ ‘ତୁ ମେରୀ ମେଁ ତେରା, ମେଁ ତେରୀ ତୁ ମେରା’ ରେ ନଜର ଆସିବେ କାର୍ତ୍ତିକ ଆନନ୍ୟା । ଫିଲ୍ମର ଟିଜର ରିଲିଜ୍ ହୋଇଥିଲା । ଏବେ ପ୍ରଯୋଜକ କରନ ଜୋହର ଏହାର ରିଲିଜ୍ ତାରିଖ ମଧ୍ୟ କନଫର୍ମ କରିଛନ୍ତି । ଏଥିସହିତ ସେ ଫିଲ୍ମର ଫାର୍ଷ୍ଟ ଲୁକ୍ ଜାରି କରିଛନ୍ତି । ଫିଲ୍ମରେ କାର୍ତ୍ତିକଙ୍କ ସହ ଅନନ୍ୟା ପାଣ୍ଡେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଆସନ୍ତା ବର୍ଷ ଫେବ୍ରୁଆରୀ ୧୩ ଅର୍ଥାତ୍ ଭାଲେଣ୍ଟାଇନ୍ ସପ୍ତାହରେ ସିନେମାଘରକୁ ଆସିବ । ଫାର୍ଷ୍ଟ ଲୁକ୍ ସେୟାର କରି କରନ ଲେଖିଛନ୍ତି ‘ପ୍ରେମରେ ବୁଡ଼ିଯାଇଛନ୍ତି ! ଅମରରେ (କାର୍ତ୍ତିକ)ଙ୍କୁ ଭେଟନ୍ତୁ ଏବଂ ତାଙ୍କ ରୁମି (ଅନନ୍ୟା) ସହ ପରିଚୟ କରାଉଛୁ !’ କରନ ସେୟାର କରିଥିବା ଫଟୋରେ କାର୍ତ୍ତିକ-ଅନନ୍ୟା ପରସ୍ପରକୁ କିସ୍ ଦେଉଛନ୍ତି । ପାସ୍‌ପୋର୍ଟକୁ ଆଗକୁ ରଖି ଉଭୟ ମୁହଁକୁ ଅଧା ଲୁଚାଇଛନ୍ତି । ଫିଲ୍ମରେ ରୋମାନ୍ସର ଭରପୂର ଖୋରାକ ରହିବ ବୋଲି ଫାର୍ଷ୍ଟ ଲୁକ୍‌ରୁ ଜଣାପଡୁଛି । ଏହି ଫିଲ୍ମ ଜରିଆରେ ଦ୍ୱିତୀୟ ଥର କାର୍ତ୍ତିକ-ଅନନ୍ୟାଙ୍କ ଅନ୍‌ସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିବ । ‘ପତି-ପତ୍ନୀ ଔର ୱ’ରେ ଉଭୟ ଏକାଠି କାମ କରିଥିଲେ। ସୂଚନାଯୋଗ୍ୟ, କାର୍ତ୍ତିକ ଓ କରନଙ୍କ ମଧ୍ୟରେ ୨୦୨୧ରେ ଟିକିଏ ମନୋମାଳିନ୍ୟ ହୋଇଥିଲା। ସେଥିପାଇଁ କରନଙ୍କ ‘ଦୋସ୍ତାନା-୨’ରୁ କାର୍ତ୍ତିକଙ୍କୁ ବାହାର କରି ଦିଆଯାଇଥିଲା । ଫିଲ୍ମରେ କାର୍ତ୍ତିକଙ୍କ ସହ ଜାହ୍ନବୀ କପୁର, ଲକ୍ଷ୍ୟ ଲଲୱାନୀ ମୁଖ୍ୟ ଭୂମିକାରେ ଅଭିନୟ କରିଥାନ୍ତେ। ତେବେ, ପରେ ଉଭୟଙ୍କ ମଧ୍ୟରେ ମାମଲାର ସମାଧାନ ହୋଇଗଲା। କାର୍ତ୍ତିକଙ୍କ ୩୩ତମ ଜନ୍ମଦିନ ଅବସରରେ କରନ ତାଙ୍କ ସହ ଏକ ନୂଆ ଫିଲ୍ମ (ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ) କନଫର୍ମ କରିଥିଲେ ।

## ବାଦୁଡ଼ିଙ୍କୁ ପୂଜା କରନ୍ତି ଗ୍ରାମବାସୀ

ଦେଶର ବିଭିନ୍ନ ସ୍ଥାନରେ ବାଦୁଡ଼ି ରହିଛନ୍ତି। କେତେକ ସ୍ଥାନରେ ବାଦୁଡ଼ିଙ୍କୁ ଅଶୁଭ ବୋଲି ବିବେଚନା କରାଯାଏ। ତେବେ ବିହାର ମୁଜାଫରପୁର ଜିଲା ଅନ୍ତର୍ଗତ ଛପରା ଗାଁର ବାସିନ୍ଦା ବାଦୁଡ଼ିଙ୍କୁ ପୂଜା କରିଥାନ୍ତି। ଏହି ଗାଁ ନିକଟରେ ଥିବା ଗଛରେ ବହୁସଂଖ୍ୟକ ବାଦୁଡ଼ି ରହିଛନ୍ତି। ଗ୍ରାମବାସୀଙ୍କ ଅନୁଯାୟୀ ବାଦୁଡ଼ି ହେଉଛନ୍ତି ଏହି ଗାଁର ରକ୍ଷକ। ଯଦି କୌଣସି ବ୍ୟକ୍ତି ବାଦୁଡ଼ିଙ୍କୁ ମାରିଥାଏ କିମ୍ବା ହଇରାଣ କରେ ତେବେ ସମଗ୍ର ଗାଁକୁ ବିପତ୍ତି ପଡ଼ିଥାଏ। ଏପରି କରିଥିବା ବ୍ୟକ୍ତିର ଘରେ ବେମାରୀ, କଳିଝଗଡ଼ା ଓ ଆର୍ଥିକ କ୍ଷତି ହୋଇଥାଏ। ଏହି ଗାଁର ବୟସ୍କବ୍ୟକ୍ତିଙ୍କ କହିବାନୁଯାୟୀ ପ୍ରାୟ ଛଅଶହ ବର୍ଷ ପୂର୍ବେ ମେଘ ରାୟ ନାମକ ଜଣେ ବ୍ୟକ୍ତି ଏହି ଗାଁର ସ୍ଥାପନା କରିଥିଲେ। ତାଙ୍କର ୪ ପୁଅ ଥିଲେ। ଧୀରେଧୀରେ ତାଙ୍କ ବଂଶ ବିସ୍ତାର ହୋଇଥିଲା। ସେହି ସମୟରୁ ଗାଁ ନିକଟରେ ଥିବା ଗଛରେ ବାଦୁଡ଼ି ରହି ଆସୁଥିଲେ। ତେବେ ପ୍ରାୟ ଅଢ଼େଇଶହ ବର୍ଷ ତଳେ ଜଣେ ବ୍ୟକ୍ତି ବାଦୁଡ଼ିଙ୍କୁ ଗାଁରୁ ଅନ୍ୟତ୍ର ଘଉଡାଇ ଦେଇଥିଲା।ବାଦୁଡ଼ିମାନେ ଅନ୍ୟତ୍ର ଚାଲିଯିବା ପରେ ଗାଁରେ ଅକାଳ ପଡ଼ିଥିଲା, ଗ୍ରାମବାସୀ ନାନା ରୋଗରେ ପଡ଼ିଥିଲେ ଏବଂ ଚାରିଆଡ଼େ ସଙ୍କଟ ସୃଷ୍ଟି ହୋଇଥିଲା। ସଙ୍କଟ ଦୂର କରିବାକୁ ଗ୍ରାମବାସୀ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଇଥିଲେ। ଏହାବ୍ୟତୀତ ଯେଉଁ ଅଞ୍ଚଳକୁ ବାଦୁଡ଼ିମାନେ ଚାଲି ଯାଇଥିଲେ ସେଠାକୁ ଯାଇ ପୂଜା କରିବା ସହ ପୁନର୍ବାର ଗାଁକୁ ଫେରି ଆସିବାକୁ ବାଦୁଡ଼ିଙ୍କୁ ପ୍ରାର୍ଥନା କରିଥିଲେ। କିଛିସମୟ ପରେ ବାଦୁଡ଼ିମାନେ ଛପରା ଗାଁକୁ ଫେରି ଆସିଥିଲେ। ସେବେଠାରୁ ଏହି ଗାଁରେ ବାଦୁଡ଼ିଙ୍କୁ ଦେବତା ମାନ୍ୟତା ପ୍ରଦାନ କରାଯିବା ସହ ପୂଜାର୍ଚ୍ଚନା ହେଉଛି। ଏହି ଗାଁ ନିକଟ ଗଛରେ ପାଖାପାଖି ୫୦ ହଜାର ବାଦୁଡ଼ି ଅଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ବାଦୁଡ଼ିଙ୍କୁ ପୂଜାର୍ଚ୍ଚନା କରାଯିବା ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି।



## ରୋଗନାଶକ ସିଝା ଅଁଳା

ଆୟୁର୍ବେଦ ଚିକିତ୍ସାରେ ଅଁଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥରେ ଭିଟାମିନ୍-ସି, ବିଭିନ୍ନ ପୋଷକତତ୍ତ୍ୱ ସହିତ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି। ସେଥିପାଇଁ ଶରୀରକୁ ରୋଗମୁକ୍ତ ଓ ରଖିବାକୁ ପ୍ରତିଦିନ ଅଁଳା ଖାଇବା ଦରକାର। ହେଲେ କଞ୍ଚା ଅଁଳା ବଦଳରେ ସିଝା ଅଁଳା ଖାଇବା ଦ୍ୱାରା ଗମ୍ଭୀର ରୋଗ ଦୂର ହୋଇଥାଏ। ୧୦୦ ଗ୍ରାମ ସିଝା ଅଁଳାରୁ ୩୦୦ ମିଲିଗ୍ରାମ ଭିଟାମିନ୍-ସି ମିଳୁଥିବାରୁ ଏହା ଚିନ୍ତା ଦୂର କରିବାରେ ସହାୟକ ହୁଏ । ସିଝା ଅଁଳାରେ ଆଣ୍ଟି-ହାଇପରଗ୍ଲିସେମିକ୍ ଯୋଗୁଁ ଏହାକୁ ଖାଇବା ଦ୍ୱାରା ରକ୍ତଶର୍କରା ନିୟନ୍ତ୍ରଣରେ ରହିଥାଏ । କର୍କଟ, ହୃଦ୍‌ରୋଗ ଏବଂ ମଧୁମେହ ଆଦି ଗମ୍ଭୀର ରୋଗ ଆଶଙ୍କାକୁ ହ୍ରାସ କରିଥାଏ ।

ସିଝା ଅଁଳାରେ ବିଭିନ୍ନ ପ୍ରକାର ଆଣ୍ଟି – ଅକ୍ସିଡାଣ୍ଟ ଥିବାରୁ ହଜମଜନିତ ସମସ୍ୟା ହୁଏ ନାହିଁ। ସେହିପରି ଏଥିରେ ଥିବା ଆଣ୍ଟି- ମାଇକ୍ରୋବିଆଲ ଗୁଣ ଯୋଗୁଁ ପାଚନଜନିତ ସମସ୍ୟା ଯଥା- ପେଟ କୋଷ୍ଠକାଠିନ୍ୟ ଆଦି ଦୂର ହୋଇଥାଏ। କେଶ ଓ ତ୍ୱଚାର ଚମକ ବୃଦ୍ଧି ପାଇଁ ସିଝା ଅଁଳା ସ୍ୱାସ୍ଥ୍ୟପ୍ରଦ।



## ଫିଟ୍ ପାଇଁ ୩୦ କିଲୋ କମାଇଦେଇଥିଲେ ସୋନାକ୍ଷୀ



ସୋନାକ୍ଷୀ ସିହ୍ନା ଆଜି ସମ୍ପୂର୍ଣ୍ଣ ଫିଟ୍ ଏବଂ ଗ୍ଲାମରସ୍ ଦେଖାଯାଉଛନ୍ତି। ଯେତେବେଳେ ଅଭିନେତ୍ରୀ ଫିଲ୍ମରେ ପ୍ରବେଶ କରିଥିଲେ, ତାଙ୍କ ଓଜନ ବହୁତ ଅଧିକ ଥିଲା। ଏପରି ପରିସ୍ଥିତିରେ, ଅଭିନେତ୍ରୀ ତାଙ୍କର ଡେବ୍ୟୁ ପୂର୍ବରୁ ନିଜ ଉପରେ କଠିନ ପରିଶ୍ରମ କରିଥିଲେ। ସେ ୩୦ କିଲୋଗ୍ରାମ ଓଜନ କମେଇଥିଲେ ଏବଂ ଏକ କର୍ଭି ଫିଗର ପାଇଥିଲେ। ଏହା ପରେ ତାଙ୍କୁ ଫିଲ୍ମ ‘ଦବଙ୍ଗ’ ମିଳିଥିଲା। ଆପଣ ଯଦି ଅଭିନେତ୍ରୀଙ୍କ ପରି ପତଳା ହେବାକୁ ଚାହୁଁଛନ୍ତି, ତେବେ ଆମେ ଆପଣଙ୍କୁ ତାଙ୍କର ୱାର୍କଆଉଟ୍ ରହସ୍ୟ କହିବାକୁ ଯାଉଛୁ। ସୋନାକ୍ଷୀ ସିହ୍ନା ୩୦ କିଲୋଗ୍ରାମ ଓଜନ ହ୍ରାସ କରିବା ପାଇଁ ଦିନ ରାତି କଠିନ ପରିଶ୍ରମ କରିଥିଲେ। ଏଥିପାଇଁ, ଅଭିନେତ୍ରୀ କମ୍ ଖାଦ୍ୟ ଏବଂ ପ୍ରଚୁର ତରଳ ପଦାର୍ଥ ଗ୍ରହଣ କରୁଥିଲେ। ନିଜ ଖାଦ୍ୟ ପ୍ରତି ଧ୍ୟାନ ଦେବା ବ୍ୟତୀତ, ସୋନାକ୍ଷୀ ତାଙ୍କ ବ୍ୟାୟାମରେ ଯୋଗ ଏବଂ ସ୍କିନିଙ୍ଗ ସାମିଲ କରିଥିଲେ। ଏହି କାରଣରୁ ତାଙ୍କର ଓଜନ ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଇଥିଲା। ନିଜକୁ ଫିଟ୍ ରଖିବା ପାଇଁ, ସୋନାକ୍ଷୀ ସିହ୍ନା ତାଙ୍କ ଦିନର ଆରମ୍ଭ ହାଇ ପ୍ରୋଟିନ ଏବଂ କମ କାର୍ବସ୍ ଡାଏଟ୍ ସହିତ କରୁଥିଲେ। ସୋନାକ୍ଷୀ ତାଙ୍କ ମଧ୍ୟାହ୍ନ ଭୋଜନକୁ ହେଭି ରଖୁଥିଲେ। ଏହା ସହିତ, ସେ ପ୍ରତି ଦୁଇ ଘଣ୍ଟାରେ ଅଳ୍ପ ଅଳ୍ପ ଖାଦ୍ୟ ଖାଉଥିଲେ। ଏହା ତାଙ୍କୁ ଶକ୍ତି ଦେଉଥିଲା। ଏହାକୁ ଓଜନ ହ୍ରାସ କରିବାର ସର୍ବୋତ୍ତମ ଉପାୟ ବୋଲି ବିବେଚନା କରାଯାଏ।ସୋନାକ୍ଷୀ ତାଙ୍କ ଓଜନ ହ୍ରାସ ଯାତ୍ରା ନିଶ୍ଚିତ ଭାବରେ କାର୍ଡିଓ ଏବଂ ଦ୍ରୁତ ଚାଲି କରୁଥିଲେ। ଏହା ବ୍ୟତୀତ ସେ ୱାର୍କଆଉଟ୍ ସମୟରେ ବହୁତ ନାଚୁଥିଲେ। ଏହା ତାଙ୍କୁ ଖୁସି ଦେଉଥିଲା ଏବଂ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରୁଥିଲା। ସୋନାକ୍ଷୀ ସିହ୍ନା ଶେଷ ଥର ପାଇଁ ଫିଲ୍ମ ‘କାକୁଡା’ରେ ନଜର ଆସିଥିଲେ। ଏଥିରେ ତାଙ୍କ ସହିତ ରିତେଶ ଦେଶମୁଖ ଏବଂ ସାକିବ ସଲିମ ଥିଲେ।ଏବେ ଏହି ଅଭିନେତ୍ରୀ ଖୁବ୍‌ଶୀଘ୍ର ‘ନିକିତା ରୟ’ ଫିଲ୍ମରେ ନଜର ଆସିବେ। ଏହି ଫିଲ୍ମ ୨୭ ଜୁନରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଫିଲ୍ମଟି ଅଭିନେତ୍ରୀଙ୍କ ଭାଇ କୁଶ ସିହ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ।

## ଓଟ୍ସ ଚକୁଳି

**ଆବଶ୍ୟକ ସାମଗ୍ରୀ:** ଓଟ୍ସ- ୧ କପ୍, କଟା ପିଆଜ- ଅଧା କପ୍, ଭଜା ମୁଗଡାଲି- ଏକ କପ୍, କଟା- କଞ୍ଚାଲଙ୍କା ୨ଟା, ଗ୍ରେଟେଡ୍ ଅଦା- ଅଧାଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତ ପ୍ରଣାଳୀ:** ଗ୍ୟାସ୍ ଲଗାଇ କଡେଇ ବସାନ୍ତୁ। ସେଥିରେ ଏକ କପ୍ ମୁଗ୍ ପକାଇ ହାଲୁକା ଭାଜି ଗ୍ରାଇଣ୍ଡିଂ କରନ୍ତୁ। ଏହା ପରେ ଏକ ପାତ୍ର ନେଇ ସେଥିରେ ଓଟ୍ସକୁ ଧୋଇ ଛାଣନ୍ତୁ। ଛାଣି ରଖିଥିବା ଓଟ୍ସକୁ ଗ୍ରାଇଣ୍ଡିଂ ଜାରରେ ପୂରାଇ କଟା ପିଆଜ, କଞ୍ଚାଲଙ୍କା ଓ ଅଦା ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରସ୍ତୁତ କରି ରଖିଥିବା ଓଟ୍ସ ପେଷ୍ଟରେ ପୂର୍ବରୁ ରଖିଥିବା ମୁଗ ଚୂନାକୁ ଦେଇ ଲୁଣ ପକାଇ ଭଲଭାବେ ଘାଣ୍ଟନ୍ତୁ। ଏହା ପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ। ସେଥିରେ ସାମାନ୍ୟ ତେଲ କିମ୍ବା ବଟର ଲଗାନ୍ତୁ। ସେଥିରେ ଓଟ୍ସ ଆଣକୁ ଦିଅନ୍ତୁ। ଦୁଇ ପାର୍ଶ୍ୱ ହାଲୁକା ନାଲି ପଡିବା ପରେ ପ୍ଲେଟକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅଟ୍ସ ଚକୁଳି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ରଘୁନାଥପୁର, (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର ଆଡିସିନାଲ ସେକ୍ରେଟାରୀ ଡ. ଅବିନାଶ ରାଉତ ବୁଧବାର ରଘୁନାଥପୁର ବ୍ଲକ ପରିଦର୍ଶନରେ ଆସି ମହିଳା ଉତ୍ପାଦକ ଗୋଷ୍ଠୀଙ୍କ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ବୁଲି ଦେଖିବା ସହ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଡ. ରାଉତ କୁଆମଙ୍ଗା ଅଗରବତୀ ମହିଳା ଉତ୍ପାଦକ ଗୋଷ୍ଠୀ, ପୁରୁଣାଗଡ଼ପଡ଼ା ସ୍ଥିତ ଅମୃତ ତାଂଗରୀ ଓ ଜଳପୁର ବଇଦନ ଗ୍ରାମ ଶ୍ରୀ ଶ୍ରୀ ପାର୍ବତୀ ତନ୍ତବାୟ ସହଯୋଗ ସମିତି)କୁ ଯାଇ ସେଠାରେ ପ୍ରସ୍ତୁତ ଉତ୍ପାଦନ ସାମଗ୍ରୀ ସମ୍ପର୍କରେ ଅବଗତ ହୋଇଥିଲେ। ମହିଳାମାନଙ୍କୁ କିପରି ଅଧିକରୁ ଅଧିକ ତାଲିମ ଦିଆଯାଇପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଡ. ରାଉତ ବ୍ଲକରେ ପହଞ୍ଚିବା ପରେ ବିଡିଓ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଜଣାଇ ଭିତରକୁ ପାଛୋଟି ନେଇଥିଲେ। ଏହି ଗସ୍ତ ସମୟରେ ଡେପୁଟି ସିଇଓ ବିବେକ ରଞ୍ଜନ ବେହୁରିଆ, ମିଶନ ଶକ୍ତି ଡିପିସି ମୋନାଲିସା ଭଞ୍ଜ, ଡିପିଏମ ରଞ୍ଜନ ବିଶ୍ୱାଳ, ଡିପିସି ସଞ୍ଜୟ ଶେଖର ସ୍ୱାଇଁ, ବିପିଏମ ଓଏଲଏମ ଲିପିକା ଷଡଙ୍ଗୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗାଦି ମାଡିବସିଥିବା ସରକାରୀ କର୍ମଚାରୀଙ୍କ କୋରେଇରୁ ବଦଳି କେବେ !

- ଠିକା କର୍ମଚାରୀ ସାଜିଛନ୍ତି ଦୁର୍ନୀତିର କର୍ଣ୍ଣଧାର
- କର୍ମଚାରୀ ନବଦଳିଲେ ସରକାରଙ୍କ ନୀତିରେ ସ୍ୱଚ୍ଛତା ଅସମ୍ଭବ

କୋରେଇ, (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଏବେ ବଦଳୀ ନିୟମକୁ କାର୍ଯ୍ୟକାରୀ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହି ବଦଳି ପ୍ରକ୍ରିୟା ମେ, ଜୁନ ଦୁଇମାସ ଧରି ଚାଲିବ ବୋଲି ଜଣା ପଡ଼ିଛି। କିନ୍ତୁ ଦୁଃଖର ବିଷୟ କୋରେଇ ଓ ବ୍ୟାସନଗର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଦୀର୍ଘବର୍ଷ ରହି ଲୋକଙ୍କ ସମସ୍ୟା ସମାଧାନ କମ ନିଜ ପକେଟ ଗରମ ବେଶୀ କରୁଛନ୍ତି। ଫଳରେ କୋରେଇ ଲୋକେ ସରକାରୀ ସେବା ବଦଳରେ ପ୍ରତାରଣା ପାଉଥିବା ଅଭିଯୋଗ ହେଉଛି। ବିଶେଷ କରି ଠିକାରେ ଥିବା ସ୍ଥାନୀୟ କର୍ମଚାରୀମାନଙ୍କ ପାଇଁ ଦୁର୍ନୀତି, ଲାଞ୍ଚ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। କୋରେଇ ଶିକ୍ଷା ବିଭାଗରେ ଖୋଦ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ୬ ବର୍ଷରୁ ଊର୍ଦ୍ଧ୍ୱ ଏଠାରେ ରହି ସବୁ ଅନୀତିକୁ ନୀତିରେ ପରିଣତ କରିବା ଅଭିଯୋଗ ହେଉଛି। ସେ ନକଲି ଶିକ୍ଷକଙ୍କୁ ଘଷ ଯୋଗୁଡେବା ହେଉ କି ବେସରକାରୀ ବିଦ୍ୟାଳୟକୁ ପ୍ରୋତ୍ସାହନ ଦେବା ହେଉ। ଏମିତି ଅନେକ ଦୁର୍ନୀତି ଅଭିଯୋଗ ତାଙ୍କ ନାମରେ ବିଭିନ୍ନ ଗଣମାଧ୍ୟମ ପୃଷ୍ଠା ମଣ୍ଡନ କରିଛି ଏବଂ ତାଙ୍କ କାର୍ଯ୍ୟାଳୟରେ ସର୍ବେସର୍ବା ବୋଲାଉ ଥିବା ଠିକା କର୍ମଚାରୀ ଦୀପ୍ତି ଜେନା ଯେ କି ଏମଆଇଏସ କୋଅର୍ଡିନେଟର ଭାବେ ଦୀର୍ଘ ୧୨ବର୍ଷ ଧରି ଅଛନ୍ତି, ସେ କୁଆଡେ ଟଙ୍କା ନଦେଖିଲେ କମ୍ପ୍ୟୁଟର ଅନ କରନ୍ତି ନାହିଁ ବୋଲି ଅଭିଯୋଗ ହେଉଛି। ଅଭିଯୋଗ ହେଉଛି କି ସେ ବେସରକାରୀ ବିଦ୍ୟାଳୟ ଗୁଡ଼ିକୁ ଆରଟିଇ, ଏନଓସି ଦେବାକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରନ୍ତି। ଅନ୍ୟପଟେ ଏହି ମଣ୍ଡଳ ଅଧିନରେ ଅବସ୍ଥାପିତ ଥିବା ଶିକ୍ଷକମାନେ ସବୁ ନିଜ ପଞ୍ଚାୟତ, ପାଖ ପଞ୍ଚାୟତରେ ଦୀର୍ଘଦିନ ଗୋଟିଏ ଗୋଟିଏ ବିଦ୍ୟାଳୟରେ ରହୁଛନ୍ତି। ଫଳରେ ସେମାନେ ପିଲାମାନଙ୍କୁ ଶିକ୍ଷା ଦାନ କମ୍ ଗାଁ ରାଜନୀତିରେ ବୁଡ଼ି ରହି ଗାଁ ମାନଙ୍କରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ସେହିଭଳି କୋରେଇ ସ୍ୱାସ୍ଥ୍ୟ ବିଭାଗ କଥା ନକହିବା ଭଲ। ଏଠାରେ କର୍ମଚାରୀମାନେ ୨୦-୨୫ବର୍ଷ ଧରି ରହି କର୍ମକ୍ଷେତ୍ରକୁ ନାମକୁମାତ୍ର ଆସି ସରକାରଙ୍କ ଦରମାରୁ ମୋଟା ଅଙ୍କରେ ଦରମା ନେବା ଅଭିଯୋଗ ହେଉଛି। ବ୍ଲକ କାର୍ଯ୍ୟାଳୟରେ ଥିବା ଠିକା କର୍ମଚାରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାପାଳ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଦୀର୍ଘ ବର୍ଷ ହେବ ଗୋଟିଏ ଜାଗାରେ ରହିଥିବା ଠିକା ଓ ସରକାରୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କଲେ କୋରେଇ ଜନସାଧାରଣ ଦୁର୍ନୀତି ଓ ଲାଞ୍ଚ ରୂପକ ରାକ୍ଷସଙ୍କ ଠାରୁ ମୁକ୍ତି ପାଇବେ।

## ସୁନା ଅଳଙ୍କାର ବ୍ୟାଗ୍ ଝାମ୍ପିନେଲେ ଦୁର୍ବୃତ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ): ମଙ୍ଗଳବାର ରାତି ୯ ଟା ରେ ଦୋକାନ ବନ୍ଦ କରି ସୁନା ବ୍ୟାଗ ନେଇ ଘରକୁ ଫେରିବା ବେଳେ ଘର ସମ୍ମୁଖରୁ ଗୋଟିଏ ସୁନା ଗହଣା ବ୍ୟାଗ ଝାମ୍ପି ନେଲେ ଦୁର୍ବୃତ୍ତ। ମୋଟର ସାଇକଲରେ ଦୁଇ ଦୁର୍ବୃତ୍ତ ଆସି ଜନଗହଳି ପୂର୍ଣ ସ୍ଥାନରୁ ଏହି ଲୁଟ୍ କରିଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି। ମାଲକାନଗିରି ଜିଲ୍ଲା ସଦର ମହକୁମାର ବଣ୍ଡାବାଲୁଙ୍ଗି ଗୁଡା ସାହିରେ ଘଟିଛି ଏଭଳି ଏକ ଘଟଣା। ପ୍ରସାଦ କୁଣ୍ଡଳର ମାଲିକ ସୁବାସ ପାଟିଲ ପ୍ରତିଦିନ ଭଳି ନିଜ ସୁନା ଦୋକାନ ବନ୍ଦ କରି ଦୋକାନ ପଛପଟ ସାଇଡରେ ଥିବା ନିଜ ଘରକୁ ଦୁଇଟି ବ୍ୟାଗରେ ସୁନା ଓ ଟଙ୍କା ନେଇ ଚାଲି ଚାଲି ଆସି ତାଙ୍କ ଘର ସମ୍ମୁଖରେ ପହଞ୍ଚି ଥିଲେ। ଏହି ସମୟରେ ପଛପଟୁ ଗୋଟିଏ କଳା କଲର ମୋଟର ସାଇକେଲରେ ଦୁଇଜଣ ଦୁର୍ବୃତ୍ତ ଆସି ଦୁଇଟି ବ୍ୟାଗକୁ ଝାମ୍ପି ନେବାକୁ ଉଦ୍ୟମ କରୁଥିବା ବେଳେ ଗୋଟିଏ ବ୍ୟାଗ୍ ନେଇ ସେଠାରୁ ଚମ୍ପଟ ଦେଇଯାଇଥିଲେ। ତେବେ ଏହି ସମୟରେ ସେହି ସ୍ଥାନଟି ଜନଗହଳିପୂର୍ଣ୍ଣ ଥିବାବେଳେ କିଏ ଏହି ଚୋରି କଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦୁଇବର୍ଷ ପୂର୍ବରୁ ମଧ୍ୟ ଏହି ଦୋକାନୀଙ୍କ ଘରୁ ନିଶାଯୁକ୍ତ ଖାଦ୍ୟ ଦେଇ ସୁନା ଚୋରି କରିଥିଲେ ଦୁଇ ଚୋର। ତେବେ ଏନେଇ ସୁନା ଦୋକାନୀ ପାଟିଲ ସଙ୍ଗେ ସଙ୍ଗେ ଥାନାକୁ ଜାଇ ଏକ ଲିଖିତ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ହଠାତ୍ ମାଲକାନଗିରି ଏସ୍‌ଡିପିଓ ଦିବ୍ୟ ବଦଳଙ୍କ ସହ ମାଲକାନଗିରି ଥାନା କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ଅନୁଯାୟୀ ଏଯାବତ୍ ସୁନା ଚୋରି ଦୁର୍ବୃତ୍ତଙ୍କ କୌଣସି ଖବର ମିଳି ନଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି।

## ଟ୍ରକ୍‌ରେ ଗଞ୍ଜେଇ ଚାଲାଣ, ଜଣେ ଗିରଫ

କେନ୍ଦୁପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ପୋଲିସ ବୁଧବାର ଅପରାହ୍ନରେ ଜାତୀୟ ରାଜପଥ ୪୯ କାଞ୍ଚିଅଠନ ବୁଲାଣି ରେ ଏକ ଟ୍ରକ୍ ଦ୍ୱାରା ଚାଲାଣ ହେଉଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ପରିମାଣ ୭୮ କିଲୋ ୬୦୦ଗ୍ରାମ ହେବ ବୋଲି ଜଣାପଡ଼ିଛି। ଜରିଚେ ପାଇଁ କରାଯାଉ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ରେଙ୍ଗାଲି ପୋଲିସର ହାଇୱେ ପେଟ୍ରୋଲିଂ ସମୟରେ ବୁଧବାର ଅପରାହ୍ନରେ ଟ୍ରକ୍‌ଟି ଧରାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ମଧ୍ୟପ୍ରଦେଶ ରେୱା ଜିଲ୍ଲା ବୈକୁଣ୍ଠପୁର ଥାନା ଅନ୍ତର୍ଗତ ବଡିହର୍ତି ଗାଁର ମୋହନଲାଲ ତିୱାରୀ ଙ୍କ ପୁଅ ସୁନିଲ ତିୱାରୀ (୪୫)। ଅଭିଯୁକ୍ତ ସୁନିଲ ନିକଟରୁ ଗୋଟିଏ ମୋବାଇଲ ଫୋନ ସହ ୨୨୫୦ ଟଙ୍କା ପୋଲିସ ଜବତ କରିଛି। ରେଙ୍ଗାଲି ପୋଲିସ ଘଟଣାରେ ବ୍ୟବହୃତ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ହାଇୱା ଧକ୍କାରେ ଜଣେ ମୃତ, ଘଟଣାସ୍ଥଳରେ ଚାପା ଉତ୍ତେଜନା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ହାଇୱା ଧକ୍କାରେ ବାଇକ ଆରୋହୀ ଜଣକ ଘଟଣା ସ୍ଥଳରେ ମୃତ ଘଟିଥିବା ବେଳେ, ଘଟଣା ସ୍ଥଳରେ ଚାପା ଉତେଜନା ଦେଖା ଦେଇଥିଲା। ବୁଧବାର ସକାଳେ ମାଲକାନଗିରି କାଲିମେଲା ୩୨୬ ନମ୍ବର ଜାତୀୟ ରାଜପଥ ଜିଲ୍ଲା ହସ୍ପିଟାଲ ସମ୍ମୁଖରେ ହାଇୱା ବାଇକ ଆରୋହୀକୁ ଧକା ଦେଇ ଛାତି ଉପରେ ଚକ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ବାଇକ ଆରୋହୀର ମୃତ୍ୟୁ ଘଟିଛି। ମୃତକଙ୍କ ନିଜ ଘର ଏମଭି ୨୨ ଗ୍ରାମରେ ହୋଇଥିବା ବେଳେ ତାଙ୍କ ନାମ କ୍ରିଷ୍ଣାପଦ ସରକାର (୪୨)। ତାଙ୍କର ଛୋଟଛୋଟ ୨ଟି ପୁଅ, ଗୋଟିଏ ଝିଅ ଅଛି, ସେ ଠିକାଦାର କାମ କରନ୍ତି, ସେ ଜିଲ୍ଲା ହସ୍ପିଟଲ ନିକଟ କଲୋନୀରେ ରହୁଥିଲେ। ବୁଧବାର ସକାଳେ ଘରୁ ବଜାରକୁ ପରିବା ପାଇଁ ବାଇକ ଯୋଗେ ଯାଉଥିବା ବେଳେ କାଲିମେଲା ଆଡୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଧକ୍କା ଦେଇଥିଲା। ସେ ଛିଟିକି ଯାଇ ଚକ ତଳେ ପଡିଯାଇଥିଲେ। ଚକ ତାଙ୍କ ଛାତି ଉପରେ ଚଢ଼ି ଯାଇଥିଲା, ସଙ୍ଗେସଙ୍ଗେ ନିକଟସ୍ଥ ଲୋକେ ହସ୍ପିଟାଲକୁ ନେଇ ଯାଇଥିଲେ। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ, ଘଟଣା ସ୍ଥଳରେ କିଛି ସମୟ ଚାପା ଉତ୍ତେଜନା ହୋଇଥିଲା। ମାଲକାନଗିରି ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ମୃତ ଶରୀର ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି। ପୁଲିସ ଦୁର୍ଘଟଣା ଘଟାଇ ଥିବା ହାଇୱାକୁ ଜବତ କରି ଡ୍ରାଇଭରକୁ ଗିରଫ କରିଥିବାର ଜଣାପଡିଛି। ସୂଚନାଯୋଗ୍ୟ ଯେ ଜିଲ୍ଲା ହସ୍ପିଟାଲ ସମ୍ମୁଖରେ ୩୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ହସ୍ପିଟାଲକୁ ଲାଗି ଦୁଇପାର୍ଶ୍ୱରେ କଲୋନୀ, ଆରଏମସି କାର୍ଯ୍ୟାଳୟ ଥିଲେ ମଧ୍ୟ ଟ୍ରାଫିକ ପୋଷ୍ଟଟିଏ ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି, ହସ୍ପିଟାଲ ଛକ ରେ ଟ୍ରାଫିକ ପୋଷ୍ଟଟିଏ କରିବା ପାଇଁ ସର୍ବସାଧାରଣରେ ଦାବି ହେଉଛି। ସରକାରଙ୍କର ମୃତ୍ୟୁ ଖବର ପାଇ ମାଲକାନଗିରି ସହରରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ଠିକାଦାର ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ ହସ୍ପିଟାଲରେ ପହଁଚି ଶୋକ ପ୍ରକାଶ ସହିତ ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ଗ୍ରାମ ପଞ୍ଚାୟତ, ଶିବଶକ୍ତି ଟ୍ରଷ୍ଟ, ଗ୍ରାମ୍ୟ ବିକାଶ ଟ୍ରଷ୍ଟ, ଶ୍ରୀଗଣେଷ ଏକାଡେମୀ, ଯୁବ ସମାଜ ସେବା ସଂଗଠନ ର ମିଳିତ ଆନୁକୂଲ୍ୟରେ କଣିହାଁ ରାଜୀବ ଭବନ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଣିହାଁ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ କଣିହାଁ ବିଡ଼ିଓ କଣିହାଁ ତ୍ରିବିକ୍ରମ କୁମୁରା, କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ବରିଷ୍ଠ ବିଜେପି ନେତା ଲୋକନାଥ ସାହୁ, ସଚିଦାନନ୍ଦ ପ୍ରଧାନ, ସୁଶାନ୍ତ କୁମାର ସାମଲ, ମନୋଜ ପ୍ରଧାନ, ଶିବ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରି ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ତାଳଚେର ରକ୍ତ ଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୬୬ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବ୍ଲଡ ବ୍ୟାଙ୍କର କୁମୁଦ ସାହୁ, ଗୋପାଳ ଚନ୍ଦ୍ର ବେହେରା, ତ୍ରିନାଥ ଓତା, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାୟକ, ବଳରାମ ପତି ପ୍ରମୁଖ ସହଯୋଗ କରିଥିଲେ।

## 'ଆମ ପରିବେଶ ଓ ତାହାର ସୁରକ୍ଷା' ଆଲୋଚନା ଚକ୍ର




କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ମେ ୩୦ ତାରିଖଠାରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ୪ର୍ଥ ଦିବସ ଅବସରରେ କାକଟପୁର ପୁରାଣ ପ୍ରସିଦ୍ଧ ବିଶ୍ୱାମିତ୍ର ଆଶ୍ରମ ପରିସରରେ 'ଆମ ପରିବେଶ ଓ ତାହାର ସୁରକ୍ଷା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାକୁ ଅଧକ୍ଷତା କରିଥିଲେ ପରିଷଦ ର କାର୍ଯକାରୀ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଆୟୋଜିତ ଆଲୋଚନା ଚକ୍ରରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆନଗଲେ ଆମର ସାମାଜିକ ପରିବେଶ ବିପର୍ଯ୍ୟସ୍ତ ହେବା ସହିତ ଦିନକୁ ଦିନ ଉତ୍ତାପ ବୃଦ୍ଧି ମଣିଷ ଏବଂ ଜୀବଜନ୍ତୁଙ୍କୁ ବଞ୍ଚିବାରେ ବାଧା ସୃଷ୍ଟି କରିବ ବୋଲି ବିଶେଷ ଆଲୋଚନା ହୋଇଥିଲା। ପୃଥିବୀରେ ବିଶ୍ୱତାପନ ଯୋଗୁଁ ୨୦୧୫ ମସିହାରେ ୧୯୫ ଦେଶର କର୍ମକର୍ତ୍ତା ଏକତ୍ରିତ ହୋଇ ନିଷ୍ପତ୍ତି ନେଇଥିଲେ ନିଜ ନିଜ ଦେଶରେ ବୃକ୍ଷରୋପଣ କରି ପ୍ରକୃତିର ପରିବର୍ତ୍ତନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ। କିନ୍ତୁ ବର୍ତ୍ତମାନର ପରିବେଶ ଓ ଜଳବାୟୁ ଦିନକୁ ଦିନ ଏତେ ଭୟଙ୍କର ହୋଇଗଲାଣି ଯାହା ସାଧାରଣରେ ଜୀବନଯାପନ ପାଇଁ କଷ୍ଟସାଧ। ଅତ୍ୟାଧିକ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର ଦ୍ୱାରା ପରିବେଶ ନଷ୍ଟ ହେବା ସହିତ ଉତ୍ତାପ ବୃଦ୍ଧି ପାଉଛି। ଗ୍ରୀଷ୍ମଦିନରେ ଉପଯୁକ୍ତ ସମୟରେ କାଳବୈଶାଖୀ ବା ବର୍ଷା ନହେବା ମଣିଷ ଓ ଜୀବଯନ୍ତୁଙ୍କ ପାଇଁ ଏକ ଭୟଙ୍କର ପରିକ୍ଷାର ସମୟ ପରିଲକ୍ଷିତ ହେଉଛି। ବର୍ତ୍ତମାନ ମଣିଷ ନିଜର ସ୍ୱାର୍ଥ ପାଇଁ ଯେଉଁଭଳି ଜଙ୍ଗଲ ଧ୍ୱଂସ କରିଚାଲିଛି, ଯଦି ଏ ପ୍ରକ୍ରିୟା ଜାରି ରହେ ତେବେ ଅଭୟାରଣ୍ୟ ଧ୍ୱଂସ ହୋଇଯିବା ଆଶା ରହୁଛି। ଏଥିପ୍ରତି ଏବେଠାରୁ ସଚେତନ ହେବା ଆବଶ୍ୟକ। ପରିବେଶ ସୁରକ୍ଷା ପାଇଁ କେବଳ ବୃକ୍ଷରୋପଣ ଏକମାତ୍ର ସାଧନ। ସାମାଜିକ ସ୍ତରରେ ସମସ୍ତେ ଏକତ୍ରିତ ହୋଇ ବୃକ୍ଷରୋପଣ କଲେ ବର୍ତ୍ତମାନ ହେଉଥିବା ରୌଦ୍ରତାପରୁ ମୁକ୍ତି ମିଳିପାରିବ। ପ୍ରାରମ୍ଭରେ ପରିବେଶ ସୁରକ୍ଷା ସପ୍ତାହ ସଂଯୋଜକ ଲଲାଟେନ୍ଦୁ ମିଶ୍ର ପରିବେଶ ସୁରକ୍ଷାର ଆଭିମୁଖ୍ୟ ଓ ଲକ୍ଷ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥିଭାବେ ବିଶ୍ୱାମିତ୍ର ଆଶ୍ରମ ର ମୁଖ୍ୟ ରାମାପ୍ରୀତ ଦାସ ମୁଖ୍ୟବକ୍ତା ଅର୍ଣ୍ଣଦା ସାମାଜିକ ସଂସ୍ଥା ର ନିର୍ଦ୍ଦେଶିକା ରୁଚିମିତ୍ରା ଜଗଦେବ ମହାପାତ୍ର ସମ୍ମାନୀତ ଅତିଥିଭାବେ ସମରେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର କୁମାର ପାଇଟାଳ, ଟି ସୁନିତା ରାଓ, ପ୍ରମୁଖ ମଞ୍ଚାସୀନ ଥିଲେ।

## ମା'ଠାକୁରାଣୀଙ୍କ ଯାତ୍ରା

ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ଅନ୍ତର୍ଗତ କୋଇଲାରି ଗ୍ରାମ ଠାରେ ଗ୍ରାମର ଆରାଧ ଦେବୀ ମା ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡ କୋଇଲାରି ମା ଠାକୁରାଣୀଙ୍କ ମନ୍ଦିର ରେ ପୂଜାର୍ଚ୍ଚନା ପରେ ଆଖପାଖ ଗ୍ରାମରୁ ଆସିଥିବା ବିଭିନ୍ନ ଦେବାଦେବୀ ଲାଠି କୁର୍ସୀ ଶିରା ଆଦି ଗ୍ରାମ ପରିକ୍ରମା କରିଥିଲେ। ନିକଟ ଜୁନାପାଣି, କାମତା, ଗିରଲା, ସରାଗୁଡ଼ା, ଝାଲିଆ ଗୁଡା ଓ ବୋରିଗାଁ ସହ ଆଖପାଖ ଗ୍ରାମରୁ ଦେବାଦେବୀ ଓ ଲାଠି କୁର୍ସୀ ଆସିଥିଲା। ଗ୍ରାମ ରେ ଦେବାଦେବୀ ବୁଲିଲେ ଗ୍ରାମରେ ସୁଖ ଶାନ୍ତି ରହିବା ସହ ରୋଗ ବ୍ୟାଧି ମୁକ୍ତ ରହିବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏହି ଅବସରରେ ମା ଠାକୁରାଣୀ ସହ ଇଂଲାଞ୍ଜି ମାତା, ଭୀମା, ମାଉଲି ଆଡି ଦେବାଦେବୀ ବିଭିନ୍ନ ଆଭୂଷଣ ପରିଧାନ କରି ବଜାର ପରିକ୍ରମା କରିଥିଲେ। ନିଜ ପ୍ରିୟ ଦେବାଦେବୀ ଙ୍କୁ ପାଖରୁ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ରାତ୍ରରେ ପୂଜା କମିଟି ତରଫରୁ ଦୁଇଟି ଆଦିବାସୀ ନାଟକ ପରିବେଷିତ ହୋଇଥିଲା।

## ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ, ତଦନ୍ତ କଲେ ସହକାରୀ ନିର୍ବାହୀ ଯନ୍ତ୍ରୀ




ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସହଦେବପୁର ତରତଶାସନ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଉଥିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ଆଜି କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତଦନ୍ତ କରି ରାସ୍ତାକୁ ପୁନର୍ବାର ନିର୍ମାଣ କରିବାକୁ ଠିକାଦାରଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ସହଦେବପୁର-ତରତଶାସନ ରାସ୍ତା ପୂର୍ବରୁ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଥିଲା। ଏହି ରାସ୍ତା ନିର୍ମାଣରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ସରକାର ପରିବର୍ତନ ହେବା ପରେ ଏହି ରାସ୍ତାଟି କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧିନକୁ ଚାଲି ଯାଇଥିଲା। ଏହି ରାସ୍ତା ପ୍ରଶସ୍ତି ଓ ଉନ୍ନତିକରଣ ନିମନ୍ତେ ସରକାର ୨୯କୋଟି ଟଙ୍କା ମଞ୍ଜୁର କରିଥିଲେ। ନିକଟରେ ସ୍ଥାନୀୟ ବିଧାୟକ ଏହି ରାସ୍ତାର ଶିଳାନ୍ୟାସ କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାତ୍ର ଠିକାଦାର ଅଟକଳ ଅନୁଯାଇ ଏହି ରାସ୍ତା ନିର୍ମାଣ କରୁନଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ଏପରିକି ନିମ୍ନମାନର କାର୍ଯ୍ୟ ହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଅନେକ ସ୍ଥାନରେ ଏହି ରାସ୍ତା ଫାଟି ଯିବା ସହ ଦବି ଯାଇଥିବାର ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ଲୋକେ ଏହି କାମକୁ ଅଧାରୁ ବନ୍ଦ କରିଦେଇଥିଲେ। ଏପରିକି ଠିକାଦାର ମନମୁଖି ଭାବେ କାମ କରୁଥିଲେ ମଧ୍ୟ ରହସ୍ୟ ଜନକ ଭାବେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗର କୌଣସି ବିଭାଗୀୟ ଯନ୍ତ୍ରୀ ଏହି କାର୍ଯ୍ୟର ତଦାରଖ କରିନଥିଲେ। ଫଳରେ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟିନେବା ନିମନ୍ତେ ମସୁଧା ଚଳାଇଥିଲେ। ଏପରିସ୍ଥଳେ ବିଭାଗୀୟ ଅଧିକାରୀ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଆସୁଥିଲେ। ତେବେ ଏସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ଆଜି ସହକାରୀ ଯନ୍ତ୍ରୀ ଦୈତାରୀ ଟୁଡୁ ଘଟଣାସ୍ଥଳକୁ ଆସି ଏହି ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ଠିକାଦାରଙ୍କ ଉପରେ ଭିଷଣ ବର୍ଷିଥିଲେ। ଖଇଚା ହୋଇଥିବା ସ୍ଥାନର ରାସ୍ତାର ପୁନର୍ବାର ନିର୍ମାଣ କରିବାକୁ ଟୁଡୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ। ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଠିକାଦାର କେତେଦୂର କାର୍ଯ୍ୟରେ ପରିଣତ କରୁଛନ୍ତି ତାହା ଭବିଷ୍ୟତହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସରକାରଙ୍କର କୋଟି କୋଟି ଟଙ୍କା ପାଣିରେ ପଡିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଖୋଲିଲା ଏମଏସପି କାରଖାନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ପ୍ରଶାସନ ହସ୍ତକ୍ଷେପ ପରେ ଦୀର୍ଘ ପାଞ୍ଚଦିନ ଧରି ବନ୍ଦ ହୋଇ ଯାଇଥିବା ସଦର ଥାନା ଅନ୍ତର୍ଗତ ହଳଦିଗୁଣା ସ୍ଥିତ ଏମଏସପି କାରଖାନା ଗତକାଲି ଖୋଲିଲା। ଫଳରେ କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହାକୁ ଖୋଲିବାକୁ ନେଇ କମ୍ପାନୀ ପକ୍ଷରୁ ପ୍ଲାଣ୍ଟର ମୁଖ୍ୟ ଅଧିକାରୀ ଶିବାନନ୍ଦ ପଟ୍ଟନାୟକ, ସାଧାରଣ ପରିଚାଳକ ତଥା ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ସାହୁ, ବେଣୁଧର ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦେଖା କରି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମରେ ପ୍ରଶାସନର ସହାୟତାରେ ଗତକାଲି ଖୋଲିବା ସହ କାରଖାନା ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ ଏହି କାରଖାନା ରେ ପ୍ରାୟ ୧୩୦୦ କର୍ମଚାରୀ ଓ ଶ୍ରମିକ କାମ କରିଛନ୍ତି। କାରଖାନା ବନ୍ଦ ହେବା କାରଣରୁ ସେମାନଙ୍କ ଜୀବନ ଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ବିରୋଧ କାରଣରୁ କାରଖାନା, କାର୍ଯ୍ୟରତ କର୍ମଚାରୀ ତଥା ଶ୍ରମିକଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ୨୯ ତାରିଖରେ କାରଖାନା କର୍ତ୍ତୃପକ୍ଷ ବନ୍ଦ କରିଦେଇଥିଲେ। ଜିଲ୍ଲାପାଳ ଓ ଏସପିଙ୍କ ସହଯୋଗ ରେ କାରଖାନା ଗତକାଲି ଖୋଲିଛି। ଏଣୁ ସେମାନଙ୍କୁ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କାରଖାନା ପକ୍ଷରୁ ଧନ୍ୟବାଦ୍ ଦେଉଛୁ। କାରଖାନା କିପରି ଭଲରେ ଚାଲିବ ସେ ଉପରେ ଗୁରୁତ୍ୱ ଦେବା ସହ ଓ ଶ୍ରମିକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି କମ୍ପାନୀର ପକ୍ଷରୁ କୁହାଯାଇଛି।

## ସ୍ଥାନୀୟ ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବ୍ରଜରାଜନଗର, (ଭାସ୍କର ନ୍ୟୁଜ) ସ୍ଥାନୀୟ ନିଯୁକ୍ତି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ମଲଦା ଗ୍ରାମବାସୀ। ଏନଏଲସି କମ୍ପାନୀ ଦ୍ୱାରା ମଲଦା ଗ୍ରାମ ବିସ୍ଥାପିତ ହେଉଥିଲେ ହେଁ ଗ୍ରାମର ଯୁବକଯୁବତୀଙ୍କୁ ନିଯୁକ୍ତି ମିଳୁନାହିଁ। ଶିଳ୍ପ ପାଇଁ ନିଜ ଘର ଦ୍ୱାର ଭିଟାମାଟି ହରାଉଥିବା ଲୋକେ ଶୋଷଣର ଶିକାର ହେଉଛନ୍ତି। ମଲଦାବାସୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଗ୍ରାମର ଯୁବକଯୁବତୀମାନେ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ପୂର୍ବରୁ ମଧ୍ୟ ଦାବି କରିଥିଲେ। ହେଲେ କୌଣସି ସୁଫଳ ନମିଳିବାରୁ ବୁଧବାର ମଲଦା ଗ୍ରାମର ଯୁବକଯୁବତୀ ପୁଣି ଜିଲ୍ଲାପାଳ କାର୍ଯ୍ୟାଳୟ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ମଲଦା ଗ୍ରାମର ନିଯୁକ୍ତି ପାଇଁ ଯୋଗ୍ୟ ଥିବା ସମସ୍ତଙ୍କୁ ନିଯୁକ୍ତି ଯୋଗାଇ ଦିଆଯାଉ ନଚେତ ଆଗାମୀ ଦିନରେ ଆନ୍ଦୋଳନ ଏବଂ ଗଣଧାରଣା କରାଯିବ ବୋଲି ବୁଧବାର ପୂର୍ବାହ୍ନ ପ୍ରାୟ ୧୧ ଟା ୩୦ରେ ଝାରସୁଗୁଡା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମଲଦା ଗ୍ରାମର ପଲ୍ଲବ ସିଂ ଏବଂ ଶ୍ରୀକାନ୍ତ ସାହୁ କହିଛନ୍ତି। ଶତାଧିକ ମଲଦା ଗ୍ରାମବାସୀ ଜିଲ୍ଲାପାଳ ଅଫିସକୁ ଆସିଥିଲେ। ଦାବିପତ୍ର ପ୍ରଦାନ ସମୟରେ ରୀଙ୍କୁ ପ୍ରଧାନ, ଶ୍ରୀକାନ୍ତ ସାହୁ, ଗଙ୍ଗାଧର ଜଗତ, ବିକାଶ ସାହୁ, ମଙ୍ଗଳୁ କିଷାନ, ନିର୍ମଳ ବିଶ୍ୱାଳ, ସରୋଜ ପାତ୍ର, ବୀରେନ କିସାନ, ମନବୋଧ କିଶାନ୍ମନବୋଧ କିଶାନ, ଦୋଲମନି କିସାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## କେବେ ଦୂର ହେବ ଆଧାର ଝାମେଲା




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବୃଦ୍ଧବୃଦ୍ଧାଙ୍କ ଆଙ୍ଗୁଳି ଛାପ ଉଠୁନି। ପିଲାଙ୍କ ଆଖି ରେଟିନା ସ୍କାନ କଲେ ଫେଲ ମାରୁଛି। ଜନ୍ମ ପ୍ରମାଣପତ୍ର ନ ଥିଲେ ସଂଶୋଧନ ହେଉନି। ଆଧାର କାର୍ଡରେ ନାଁ ସଂଶୋଧନ କରିବାକୁ ହେଲେ ଶୁଣିବାକୁ ମିଳୁଛି ତୁମେ ଯେଉଁ ବାର ଆସିବ। ସବୁ କ୍ଷେତ୍ରରେ ଅତି ଜରୁରୀ କୁହାଯାଉଥିବା ଆଧାର କାର୍ଡରେ ଏମିତି ଅନେକ ଝାମେଲା କାରଣରୁ ବିଭିନ୍ନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଏବେ ନାମ ଲେଖା ସମୟ ଥିବାରୁ ଛାତ୍ର, ଛାତ୍ରୀ ମାନେ ବହୁତ ହଇରାଣ ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥରେ ଥରେ ସକାଳୁ ସକାଳୁ ଅଭିଭାବକ ଆସି ଲମ୍ବା ଧାଡିରେ ଛିଡା ହେଉଛନ୍ତି। ନାମ ଲେଖା କ୍ଷେତ୍ରକୁ ନୁହେଁ ବିଭିନ୍ନ ସରକାରୀ ଯୋଜନାରେ ଲାଭ ଉଠାଇବାକୁ ନାକେଦମ୍ ହେଉଛନ୍ତି ଆବେଦନକାରୀ। ସବୁଠାରୁ ଅଧିକ ସମସ୍ୟା ସୃଷ୍ଟି ହେଉଛି ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେବାକୁ ନେଇ। ସାଧାରଣତଃ ୬୦ଭାଗ ବରିଷ୍ଠ ନାଗରିକଙ୍କ ଫୋନ ନମ୍ବର ଆଧାର କାର୍ଡରେ ନଥିବାରୁ ଆୟୁଷ୍ମାନ ବୟୋ ବନ୍ଦନ ଯୋଜନାର ହିତାଧିକାରୀ ହେବାପାଇଁ ସେମାନେ ଆଧାର କେନ୍ଦ୍ର ଯାଉଛନ୍ତି। କିନ୍ତୁ ଆଧାର ସେଣ୍ଟରରେ ପ୍ରାୟ ଅନେକ ବରିଷ୍ଠ ନାଗରିକଙ୍କ ଆଙ୍ଗୁଳି କିମ୍ବା ଆଖିର ବାୟୋମେଟ୍ରିକ ହୋଇପାରୁନି। ଫଳରେ ସେମାନେ ନିରାଶ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି। ଆଧାର କାର୍ଡରେ ବିଭ୍ରାଟ ନେଇ ବର୍ତ୍ତମାନ ସମୟରେ ଏଭଳି ସମସ୍ୟା ରହିଥିଲେ ବି ପ୍ରଶାସନିକ ସ୍ତରରେ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଧାର କାର୍ଡକୁ ବ୍ୟକ୍ତିଗତ ପରିଚୟ ପତ୍ର ଭାବେ କାର୍ଯ୍ୟକାରୀ କରାଯିବା ଇତି ମଧ୍ୟରେ ୧୫ବର୍ଷ ହେଲାଣି। ଓଡିଶାରେ ୨୦୧୧ ମସିହାରୁ ଆଧାର କାର୍ଡ ପ୍ରଚଳନ ଓ ପରେ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ଗତ କିଛି ବର୍ଷ ପରେ ଆଧାର କାର୍ଡ ଶହ ବ୍ୟାଙ୍କ ଆକାଉଣ୍ଟ୍ ଲିଙ୍କ ହେବା ଏବଂ ସବୁ ସରକାରୀ ଯୋଜନାରେ ଆଧାର କାର୍ଡ ବାଧ୍ୟତା ମୂଳକ କରାଯିବା ପରେ ଏହାର ଗୁରୁତ୍ୱ ବଢିଥିଲା। ପ୍ରାଥମିକ ପର୍ଯ୍ୟାୟରେ ଆଧାର କାର୍ଡ ପଞ୍ଜିକରଣ ପାଇଁ ଅତି ସାଧାରଣ ସୂଚନା ଦରକାର ରହିଥିଲା। ନାମ, ଗାଁ, ଠିକଣା ରହିଲେ ଲୋକଙ୍କୁ ଏକ ସ୍ୱତନ୍ତ୍ର ଆଧାର ନମ୍ବର ମିଳିଯାଉଥିଲା। କିନ୍ତୁ ବ୍ୟାଙ୍କ ଖାତା ଶହ ଲିଙ୍କ ବା ସରକାରୀ ଯୋଜନାରେ ଅନ୍ତର୍ଭୂକ୍ତ ହେବାକୁ ଆଧାରରେ ଫୋନ ନମ୍ବର, ବାପା କିମ୍ବା ସ୍ୱାମୀଙ୍କ ନାମ, ବାୟୋମେଟ୍ରିକ ଆଦି ଦରକାର ପଡିଲା। ଆଧାର କାର୍ଡରେ ନାମ ଏବଂ ଜନ୍ମତାରିଖ ସଂଶୋଧନ ପାଇଁ ଅତ୍ୟାବଶ୍ୟକ କାଗଜ ପତ୍ର ଯେଉଁମାନଙ୍କର ନଥିବ ସେମାନେ ନାମ ଏବଂ ଜନ୍ମତାରିଖ ସଂଶୋଧନ କରିବାରେ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ଆଧାର କେନ୍ଦ୍ର କୁ ଯାଇ ନିରାଶ ହୋଇ ଫେରୁଛନ୍ତି। ସେହିପରି ନାମଲେଖା ପାଇଁ ଏବେ ସ୍କୁଲ ଓ କଲେଜ ରେ ଆଧାର କାର୍ଡ ବାଧ୍ୟତା ମୂଳକ ରହିଛି। କିନ୍ତୁ ପ୍ରଶାସନ ତରଫରୁ ଆଧାର କାର୍ଡ ସଂଶୋଧନ ସୁବିଧାରେ କରିପାରିବେ ସେ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବଶ ହୋଇଛି।

## ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର

ଭାପୁର, (ଭାସ୍କର ନ୍ୟୁଜ୍): ନୟାଗଡ ଜିଲ୍ଲା ଭାପୁର ବ୍ଲକରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଲାଗି ରହିଥିବା ସ୍ୱାସ୍ଥ୍ୟ ଅଚଳାବସ୍ଥା ତଥା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଭାପୁର କ୍ରିୟାନୁଷ୍ଠାନ କମିଟି ସହଯୋଗରେ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି। ନିର୍ବାଚନ ମଣ୍ଡଳୀର ଭାପୁର ଓ ଖଣ୍ଡପଡ଼ା ବ୍ଲକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଗତ ଦୁଇମାସ ତଳେ ବିଧାୟକ ଭାପୁର ଡାକ ବଙ୍ଗଳାରେ ଉଚ୍ଚ ସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ କରିଥିଲେ। ସମସ୍ତ ସମସ୍ୟା ୧୫ଦିନ ମଧ୍ୟରେ ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଏହି ଅବ୍ୟବସ୍ଥା ମଧ୍ୟରେ ଭାପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ଦୁଇଜଣ ଡାକ୍ତର ଓ ଟେକ୍ନିସିଆନ୍‌ଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ଯାହାଫଳରେ ସ୍ୱାସ୍ଥ୍ୟସେବା ବର୍ତ୍ତମାନ ଆହୁରି ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅର୍ଥାତ୍, ଭାପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ମାନସୀ ମହାପାତ୍ରଙ୍କୁ ନୟାଗଡ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନ୍‌ରେ ପଠା ଯାଇଥିବାବେଳେ ଆୟୁଷ ଡାକ୍ତର ରିତେଶ ବଳିଆରସିଂଙ୍କୁ ବାହାଡ଼ାଝୋଲା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଚକ୍ଷୁ ଟେକ୍ନିସିଆନ୍ ସନ୍ତୋଷ




ମହାରଣାଙ୍କୁ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଉପରୋକ୍ତ ୩ ଅଧିକାରୀମାନଙ୍କର ଡେପୁଟେସନ୍ ବଦଳି ଆଦେଶକୁ ବାତିଲ କରି ସ୍ୱସ୍ଥାନରେ ଯୋଗଦେବା ପାଇଁ ବ୍ୟବସ୍ଥା କରା ନଯାଏ ତେବେ ଏହାର ପ୍ରତିବାଦ ସ୍ୱରୂପ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା କରିବେ ବୋଲି ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ବରିଷ୍ଠ ପତ୍ରକାର ରବୀନ୍ଦ୍ର ପଟ୍ଟନାୟକ, ପ୍ରଭାକର ସାହୁ, ଅନ୍ୟ କର୍ମକର୍ତ୍ତାମାନେ ଜିଲ୍ଲା ପ୍ରଶାସନ ତଥା ବିଧାୟକଙ୍କ ଅବଗତି ନିମନ୍ତେ ଜଣାଇଛନ୍ତି। ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ମାନସୀ ମହାପାତ୍ରଙ୍କୁ ଡେପୁଟେସନରେ ପଠାଯାଇଥିବା ଆଦେଶକୁ ବାତିଲ କରାଯାଇଥିବା କ୍ରିୟାନୁଷ୍ଠାନ କମିଟିର ସଭାପତିଙ୍କ ଠାରୁ ସୂଚନା ମିଳିଛି।

## ମଣ୍ଡଳ ଶିକ୍ଷାଧିକାରୀ ଓ ମୁଖ୍ୟ ଲିପିକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଆଳି, (ଭାସ୍କର ନ୍ୟୁଜ): ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟ ଓ ଶିକ୍ଷାଧିକାରୀ କାର୍ଯ୍ୟାଳୟର ମୁଖ୍ୟ ଲିପିକ ବନମାଳୀ ନାୟକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାଘବୁଦା ଉର୍ଣ୍ଣିତ ଉପ୍ରା ବିଦ୍ୟାଳୟ ପରିସରରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଓଷ୍ଟା ସଂଘର ଉପସଭାପତି ସଞ୍ଜୟ କୁମାର ସାମଲ, ସାମ୍ମନିତ ଅତିଥି ଭାବେ ବିଆରସିସି କୈଳାସ ଚନ୍ଦ୍ର ସାହୁ, ଏବିଇଓ ସୁରୁଚି ପ୍ରଭା ଦାଶ,ନୋଡାଲ ପ୍ରଧାନ ଶିକ୍ଷକ ଧର୍ମଜ୍ୟୋତି ରାଉତ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ଦାସ, ଡିଇଓ ଅଫିସ ଲିଗାଲ ରିଟେନର ବିଶ୍ୱଜିତ ରାଉତ ପ୍ରମୁଖ ଯୋଗଦେଇ ମଣ୍ଡଳ ଶିକ୍ଷାଧିକାରୀ ରାଉତରାୟ ଓ ମୁଖ୍ୟ ଲିପିକ ନାୟକଙ୍କ କାର୍ଯ୍ୟ ଦକ୍ଷତା ଓ ଉତ୍ସର୍ଗୀକୃତ ସେବା ସମ୍ପର୍କରେ ଆଲୋକପାତ କରିଥିଲେ, ଏହି ଅବସରରେ ଉଭୟ ଙ୍କୁ ଅତିଥି ମାନେ ଉତ୍ତରୀୟ, ମାନପତ୍ର, ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ମହେନ୍ଦ୍ର ମାହନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିକାଶ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ, ସିଆରସିସି ଖଗେଶ୍ୱର ପଢିହାରୀ, ସଞ୍ଜୟ ବଳ, ବୀରେନ୍ଦ୍ର ରାଉତ, ସବ୍ୟସାଚି ଶତପଥି, ନାରାୟଣ ବେହେରା, ହରେ କୃଷ୍ଣ ସାହୁ, ସମୀର ଶେଖର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ରେଜାଙ୍ଗଲା ସହିଦ ମାଟି କଳସ ଯାତ୍ରାକୁ ଭବ୍ୟ ସ୍ୱାଗତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍):୧୯୬୨ ଭାରତ-ଚୀନ ରେଜାଙ୍ଗଲା ଯୁଦ୍ଧରେ ସହିଦ ହୋଇଥିବା ୧୧୪ ଅହୀର ଯାଦବ ଯବାନଙ୍କ ବୀରତ୍ୱର ଗାଥା ଜନମାନସରେ ଉପସ୍ଥାପନା ତଥା ଅହୀର ରେଜିମେଣ୍ଟ ଦାବିରେ ଆରମ୍ଭ ହୋଇଛି ସର୍ବଭାରତୀୟ ରେଜାଙ୍ଗଲା ସହିଦ ମାଟି କଳସ ଯାତ୍ରା । ଅଖିଳ ଭାରତବର୍ଷୀୟ ଯାଦବ ମହାସଭା ପକ୍ଷରୁ ଆୟୋଜିତ ଉକ୍ତ କଳସ ଯାତ୍ରା ଗତ ମାସ ମେ-୧୩ ରୁ ବିହାରର ଚୋପ୍ରା ଠାରୁ ଆରମ୍ଭ ହୋଇ ବିଭିନ୍ନ ରାଜ୍ୟ ଦେଇ କଳାହାଣ୍ଡି ଜିଲ୍ଲାରେ ପହଞ୍ଚିଥିଲା। ଉତ୍କଳ ଜିଲ୍ଲା ଯାଦବ ମହାସଭା, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଓ ରାଷ୍ଟ୍ରୀୟ ସଂଯୋଜକ କିରଣ ଯାଦବଙ୍କ ମିଳିତ ସହଯୋଗରେ କଳାହାଣ୍ଡି ଜିଲ୍ଲାକୁ ପ୍ରବେଶ କରିଥିଲା । ରେଜାଙ୍ଗଲା ପବିତ୍ର ସହିଦ ମାଟି କଳସ ଯାତ୍ରା କଳାହାଣ୍ଡିର କେସିଙ୍ଗା ଅମ୍ବାଜୀ ମନ୍ଦିର ଠାରୁ ଆରମ୍ଭ ହୋଇ ବୋରିଙ୍ଗ ପଦର, ଉକଲୋ, ଭବାନୀପାଟଣା କଲେଜ ଛକ, କୁଟୁରୁ ଖମାର, ଜୁନାଗଡ, ମଥୁରା, ଧର୍ମଗଡ, ମୋଟେର ଛକ, ଚିଲଗୁଡା, କୋକସରା ପହଂଚି ଥିଲା।ରାଜରାସ୍ତାର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା, ପଦଯାତ୍ରା, ବାଇକ୍-କାର୍



ଶୋଭାଯାତ୍ରା ଆୟୋଜନ କରାଯାଇ ଏହି ଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାରେ ରଥ ପରିଚାଳନା ଦାୟିତ୍ୱରେ ଉତ୍କଳ ଯାଦବ ମହାସଭା ପକ୍ଷରୁ ଜିଲ୍ଲା ସଂଯୋଜକ ଭାବେ ନୃପରାଜ ଯାଦବ, ଜୋନ ଯୁବ ସଂଯୋଜକ ଭାବେ ଗୋବିନ୍ଦ ବନଛୋର, ଉତ୍କଳ ଯାଦବ ମହାସଭା ମହିଳା ସେଲ ସଭାନେତ୍ରୀ ତଥା ପୂର୍ବତନ ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ ଓ ମିଡ଼ିଆ ସେଲ ସଂଯୋଜକ ସୁରଥ ହେରନା ପ୍ରମୁଖ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ଲମ୍ବୋଦର ନିଆଲ, ପୂର୍ବତନ ବିଧାୟକ ମୌସଧି ବାଗ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ, ସାଧରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝି, କର୍ମଚାରୀ ସଙ୍ଘ ସଭାପତି ଲକ୍ଷ୍ମଣ ବଛା, ପୂର୍ବତନ ଉପସଭାନେତ୍ରୀ ଶୁଭଲକ୍ଷ୍ମୀ ନାଏକ, ଆଇନଜୀବୀ ଇଲା ସେଲମା, ଜିଲ୍ଲା ସଭାପତି ଜଗଦୀଶ ଯାଦବ, ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ ଗହୀର, ଟାଉନ ଯାଦବ ସମିତି ସଭାପତି ରବୀନ୍ଦ୍ରଲାଲ ଯାଦବ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ଼, ଲାଞ୍ଜିଗଡ ବ୍ଲକ ଯାଦବ ସମିତି ସଭାପତି ରଘୁବୀର ନାଗ, ସଂଗଠକ ଭାରତ ଭୂଷଣ ବେମାଲ, ଅବସର ପ୍ରାପ୍ତ ଏବିଡିଓ ଦୁର୍ଗୁ ନିଆଲ, ନଳିନୀ ରାଉତ, ସମ୍ପାଦକ କୀର୍ତ୍ତିଚନ୍ଦ୍ର ଗୌଡ଼, ଟାଉନ ଯାଦବ ସମିତି ସମ୍ପାଦକ ସତ୍ୟନାରାୟଣ ବିଶି,ଯୁବ ଯାଦବ ଉପସଭାପତି ସୁନୀଲ କୁମାର ଧଙ୍ଗଡ଼ାମାଝି, କୁଟୁରୁ ଖମାର ଆଞ୍ଚଳିକ ସଭାପତି କରୁଣା ଚଣ୍ଡୀ, ମାଲ ଗାଁ ଆଞ୍ଚଳିକ ସଭାପତି ସୁରେଶ ଚନ୍ଦନ, ମାଲ ଗାଁ ଆଞ୍ଚଳିକ ସମ୍ପାଦକ ପ୍ରସନ୍ନ ଗୌଡ଼, ଲାଞ୍ଜିଗଡ ବ୍ଲକ ଯୁବ ଯାଦବ ସଭାପତି ଦିଲେଶ ନାଗ, ଧର୍ମଗଡ଼ ଯୁବ ଯାଦବ ସଭାପତି ଲବଣି ରାଉତ, ଯୁବ ସଂଗଠକ ପୀତବାସ ବେହେରା, ମାନସ ରଞ୍ଜନ ବାଗ, ଜିତୁ ରାଉତ,ପ୍ରତାପ ନାଗ, ସିଦ୍ଧାର୍ଥ ନାଏକ, ରାଧେ ରାଉତ, ଅରିୟା ବଗର୍ତ୍ତି,ମହିଳା ସଂଗଠକ ସବିତା ରାଉତ, ତନୁଜା ରାଉତ, ବୈଷ୍ଣବୀ ରାଉତ ଓ ବହୁ ଯାଦବପ୍ରେମୀ ଉପସ୍ଥିତ ଥିଲେ ।

## ୱାର୍ଡ-୧୨ର ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରତିଷ୍ଠିତ ହେବା ଦୀର୍ଘ ଦିନ ପରେ ଧର୍ମଗଡ଼ ଏନଏସି ଏକ ପଦକ୍ଷେପ ଗ୍ରହଣ କରିଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସମସ୍ତ ୱାର୍ଡ ମାନଙ୍କରେ ସଡ଼କ ଆଲୁଅ ଓ ସୌନ୍ଦର୍ଯ୍ୟରଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପରିପେକ୍ଷୀରେ ୱାର୍ଡ ନମ୍ବର-୧ ଭୀମଖୋଜ ପଡା ଠାରେ ଏକ କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷ ଅଶୋକ କୁମାର ମହାନ୍ତି ଯୋଗ ଦେଇ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସୌନ୍ଦର୍ଯ୍ୟକରଣ ବାବଦକୁ ମୋଟ ୬ଶହ ଟି ପୋଲ ଓ ୬ଶହଟି ଲାଇଟ ଲଗା ଯିବା ଲକ୍ଷ ଥିବା ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କାଉନସିଲର ନିଳାମ୍ବର ଦାସଙ୍କ ସମେତ ଅଫିରର ଆଶିଷ କୁମାର ପଣ୍ଡା, ଗୋଷ୍ଠୀ ପରିଚାଳକ ଯଶୋବନ୍ତ ମହାପାତ୍ର, ସରକାରୀ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ଧଙ୍ଗଡାମାଝୀ ପ୍ରୋଜେକ୍ଟ ଯନ୍ତ୍ରୀ ଦେବାନନ୍ଦ ରଣା, ସଂଗ୍ରାମ ପରିଡା, ଭରତ ଦାସ, ଭବାନୀ ଦଣ୍ଡସେନା ଓ ୱାର୍ଡ ବାସୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ କର୍ଲାପାଟ ଥାନା ଅଞ୍ଚଳରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ବାଲିସରା ଗ୍ରାମର ଧନେଶ୍ୱର ନାଏକ (୫୫) ନିଜ ବାଇକ୍ (ଓଡି୦୮ଇ୧୮୩୯)ରେ ଗୁଣପୁର ଯାଉଥିଲେ। ଏହି ସମୟରେ କଠଘରା ଗ୍ରାମର ପର୍ଶୁରାମ ମାଝୀ (୨୩) ଓ ପୁରାଣ ମାଝୀ (୩୦) ଅନ୍ୟ ବାଇକ୍ (ଓଡି୦୮ଜେଡ୧୦୩୦)ରେ ଆସୁଥିବା ବେଳେ ମୁଣ୍ଡାପଡା ଛକ ବୁଲାଣିରେ ୨ ବାଇକ୍ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରୁ ଜଣଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ମୃତକଙ୍କ ପରିବାର କର୍ଲାପାଟ ଥାନାରେ ଲିଖିତ ଅଭିଯୋଗ କଲାପରେ ପୋଲିସ କେସ୍ ନଂ.୧୪/୨୫ରେ ମାମଲା ରୁଜୁ କରିଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋକସରା,(ଭାସ୍କର ନ୍ୟୁଜ୍): କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅନ୍ତର୍ଗତ ଲଡୁଗାଁ ପଞ୍ଚାୟତ ଘନାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ସାହୁଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ଉମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବିଆରସିସି ତୋଫାନ ମାଝୀ ମୁଖ୍ୟବକ୍ତା, ଲଡୁଗାଁ କ୍ଲଷ୍ଟର ସିଆରସିସି ଫାଲଗୁନି ବାଣୁଆ, ଶିକ୍ଷକ ବିରଞ୍ଚି ବାଗ, ଦେବୀସିଂ ମାଝୀ, ତ୍ରିନାଥ ନାଗ, ରଞ୍ଜିତ ଖମାରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀସାହୁଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରିଥିଲେ। ମଞ୍ଚକୁ ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ପରିଚାଳନା କରିଥିଲେ। ଶିକ୍ଷକ ସଂଘ ସଭାପତି ଗଗନ ବିହାରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରେମଲାଲ ସାହୁ, କାମଦେବ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## 'ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଉନ୍ତୁ'

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଦଳର ନେତା ଓ କର୍ମୀମାନଙ୍କ ଦାୟିତ୍ୱ ବଢ଼ିଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଉନ୍ତୁ। ବିଗତ ଦିନରେ ବିଜେଡି ଦଳ ଓ ସେମାନଙ୍କ ଦଳର କର୍ମୀମାନେ ନିଜ ଇଚ୍ଛାନୁସାରେ କାମ କରୁଥିଲେ। ଆମେ କିନ୍ତୁ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବୁ, ରାଜ୍ୟ ଦେଶର ତୃଣମୂଳ ସ୍ତରର ବିକାଶ ପାଇଁ ଆମେ କାମ କରୁଛୁ। ଆମର କାହା ସହିତ ବିରୋଧ ନାହିଁକି କି ଆମେ ରାଜନୀତି କରୁନୁ। ଆମେ କାମ ବାଣ୍ଟୁନୁ କି କାହାକୁ ବିରୋଧ କରୁନୁ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ହେଉଛନ୍ତି ନିର୍ବାଚିତ ପ୍ରତିନିଧି, ସେମାନେ କୌଣସି ଦଳର ନୁହଁନ୍ତି, ସରକାରଙ୍କ ଯୋଜନାଗୁଡିକୁ ଲାଗୁ କରିବାକୁ ସେମାନେ ମଧ ଉତ୍ତରଦାୟୀ। ଏଣୁ ସମସ୍ତେ ମିଳିମିଶି ସରକାରଙ୍କ ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ସହଯୋଗ କରନ୍ତୁ




ବୋଲି ଆହ୍ୱାନ ଦେଇଛନ୍ତି ଶାସକ ବିଜେପି ଦଳର କର୍ମକର୍ତ୍ତା। କିଛିଦିନ ତଳେ ଶାସକ ବିଜେପି କର୍ମୀଙ୍କ ବିରୋଧରେ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ସଭ୍ୟାମାନେ ବିଷୋଦଗାର କରିବା ସହିତ ବିଡିଓ ଏବଂ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଥିଲେ। ଏହାର ଜବାବ ଦେବାକୁ ଯାଇ ଚମ୍ପାଦେଇପୁର ପଞ୍ଚାୟତ ଗୋପୀନାଥପୁରଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛନ୍ତି ଲାଞ୍ଜିଗଡ ବ୍ଲକ ବିଜେପି କର୍ମକର୍ତ୍ତା। ପୂର୍ବତନ ସାଂସଦ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ, ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, ଲାଞ୍ଜିଗଡ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, କୃଷକ ମୋର୍ଚ୍ଚା ସଭାପତି କନ୍ଦର୍ପ ନାଏକ, ବିଜେପି ନେତା ଅନନ୍ତ ରାମ ପ୍ରଧାନୀ, ଦେବ ପଟେଲ, ଗୌତମ ନାଗ, ରାମଚନ୍ଦ୍ର ମୁଣ୍ଡଛିନା, ଅମରେଶ ବୁଦ୍ଧିଆ, ଭଗବାନ ରାଉତ, ପ୍ରମୋଦ ବିଭାର ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## 'ନବମ ଯାଦବ ମହାସଭା ଗଠନରେ ହେଉଛି ବିଳମ୍ବ'

ଧର୍ମଗଡ, ( ଭାସ୍କର ନ୍ୟୁଜ୍): ନବମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ରାଜ ହୋଟେଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଅଭ୍ୟର୍ଥନା କମିଟି ସଭାପତି ହୃଷିକେଶ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀ ରେ ଉପସଭାପତି ପ୍ରମୋଦ ହଂସ, ପୂର୍ବତନ ଜିଲ୍ଲା ସଭାପତି ଟିକଚନ ବାଗ, ଡମ୍ବରୁଦ୍ଧର ଲହଜଲ, ଆଇନଜୀବୀ ଜହର ଲାଲ ବାଗ, ପୂର୍ବତନ ଉତ୍କଳ ଯାଦବ ମହାସଭା ସାଧାରଣ ସଂପାଦକ କୀର୍ତ୍ତନ ନାଏକ, କେଦାରନାଥ ଖରସେଲ, ନରହରି ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ଅଷ୍ଟମ ଯାଦବ ମହାସଭାର ୫ ବର୍ଷିୟ କାର୍ଯ୍ୟକାଳ ଗତ ଦୁଇ ବର୍ଷ ତଳୁ ପୁରି ଯାଇଥିଲେ ମଧ ପୂର୍ବ କାର୍ଯ୍ୟକର୍ତ୍ତାମାନେ ପଦବୀକୁ ଜାବୁଡି ଧରି ବସିଛନ୍ତି ଫଳରେ ନବମ ଯାଦବ ମହାସଭା ଗଠନ ରେ ଅହେତୁକ ବିଳମ୍ବ ହେଉ ଥିବା ସଭାପତି ଶ୍ରୀ ଭୋଇ କହିଥିଲେ। ସେହି ପରି ଯାଦବ ମହାସଭା ଏକ ସାମାଜିକ ସଂଗଠନ, ଏହାର ରାଜନୀତିକରଣକୁ ନେଇ ଅଭ୍ୟର୍ଥନା କମିଟି ପକ୍ଷରୁ ଏହାର କଡ଼ା ନିନ୍ଦା କରିଥିଲେ । ପୁରାତନ କମିଟିର କାର୍ଯ୍ୟକାଳ ସରିଯାଇଥିବାରୁ ଏହାକୁ ଭଙ୍ଗ କରାଯାଇଛି ବୋଲି ଏଠାରେ ସୂଚନା ଦିଆଯାଇଛି । ଏହି ଅବସରରେ ନବ ଗଠିତ ଗୋଲାମୁଣ୍ଡା ବ୍ଲକ କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୋଲାମୁଣ୍ଡା ଯାଦବ ମହାସଭାର ବୈଠକ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ମହାସଭା ପକ୍ଷରୁ ଅମଠା ଆଞ୍ଚଳିକ ଯାଦବ ଭବନ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଗୋଲାମୁଣ୍ଡା ବ୍ଲକ ଯାଦବ ସଭାପତି ଗିରିଧାରୀ ତେଜିଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୨୭ଟି ଆଞ୍ଚଳିକ ଯାଦବ କମିଟିର ସଭାପତି ଓ ସଂପାଦକ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଯଦୁ କୁଳ ଶିରୋମଣି ଶ୍ରୀକୃଷ୍ଣଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ସହ ପୂଜା ପାଠ ପୂର୍ବକ ସଭା ଆରମ୍ଭ ହୋଇଥିଲା । ବ୍ଲକ ଯାଦବ ସଂପାଦକ ଶ୍ରୀଯୁକ୍ତ ପରୀକ୍ଷିତ ଖର୍ସେଲ ଉପସ୍ଥିତ ଯାଦବ ସଭାପତି ଓ ସଂପାଦକ ମାନଙ୍କ ପରିଚୟ ପ୍ରଦାନକାରୀ ବିଗତ ଦିନମାନଙ୍କରେ ହୋଉଥିବା କାର୍ଯ୍ୟ କର୍ମର ଆଲୋଚନା କରିଥିଲେ ଏବଂ ବ୍ଲକ ଯାଦବ ଭବନ ଉଦ୍ଘାଟନ ଉପଲକ୍ଷେ ହୋଇଥିବା ଅଷ୍ଟ ପ୍ରହର ଅଖଣ୍ଡ ନାମ ଯଜ୍ଞର ଆୟ ବ୍ୟୟ ପଠନ କରିଥିଲେ । ପରେ ସମସ୍ତ ଆଞ୍ଚଳିକ ସଭାପତି ଓ ସଂପାଦକ ବ୍ଲକ ସଭାପତି ଓ ସଂପାଦକ ଦୁଇଜଣ କାର୍ଯ୍ୟ ଓ ସମାଜ ପ୍ରତି ନିଷ୍ଠା ଦେଖି ଆଗାମୀ ଦିନରେ ବ୍ଲକ ଯାଦବ ମହାସଭାର ପୁନଃଗଠନରେ ପୁଣିଥରେ ଗିରିଧାରୀ ତେଜିଙ୍କୁ ସଭାପତି ଓ ଶ୍ରୀଯୁକ୍ତ ପରୀକ୍ଷିତ ଖର୍ସେଲଙ୍କୁ ସଂପାଦକ ଦାୟିତ୍ୱ ପ୍ରଦାନ କରିବା ପାଇଁ ସମସ୍ତେ ସହମତି ଜଣାଇଥିଲେ ।

## ଇନ୍ଦ୍ରାବତୀ ଦକ୍ଷିଣ ସଂପ୍ରସାରଣ କେନାଲ ପ୍ରଣାଳୀର ରାସ୍ତା ଉନ୍ନତିକରଣ

କେସିଙ୍ଗା, (ଭାସ୍କର ନ୍ୟୁଜ୍): ଉପର ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପର ଦକ୍ଷିଣ କେନାଲ ବିଭାଜନ ନ -୨, ଜୁନାଗଡ଼ ଅନ୍ତର୍ଗତ ଦକ୍ଷିଣ ସମ୍ପ୍ରସାରଣ କେନାଲ ପ୍ରଣାଳୀ ଦ୍ୱାରା କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଓ କେସିଙ୍ଗା ବ୍ଲକରେ ମୋଟ ୧୫୨୬୦ ହେକ୍ଟର ଚାଷ ଜମିକୁ ଜଳସେଚନ କରିବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏହି କେନାଲ ପ୍ରଣାଳୀ ଭବାନୀପାଟଣା ବ୍ଲକର ବଡଫୁଣ୍ଡା ଗ୍ରାମରୁ କେସିଙ୍ଗା ବ୍ଲକର ଗୌଡତୋଲା ଗ୍ରାମ ପର୍ଯ୍ୟନ୍ତ ଯାଇଛି। ଏହାଦ୍ୱାରା ଭବାନୀପାଟଣା ବ୍ଲକର ୩୨ ଗୋଟି ଓ କେସିଙ୍ଗା ବ୍ଲକର ୧୭ ଗୋଟି ଗ୍ରାମ ଉପକୃତ ହେବେ। ଏହି ସବୁ ଗ୍ରାମର ଚାଷୀ ଓ ଅଞ୍ଚଳବାସୀ ଇନ୍ଦ୍ରାବତୀ କେନାଲ ବନ୍ଧ ରାସ୍ତା ଗୁଡ଼ିକୁ ତାଙ୍କର ନିତିଦିନିଆ ଯିବା ଆସିବାରେ ବ୍ୟବହାର କରି ଆସୁଛନ୍ତି। ଏହି ରାସ୍ତା ଗୁଡିକ ଚାଷୀଭାଇମାନଙ୍କ ଅତ୍ୟନ୍ତ ଆବଶ୍ୟକୀୟ ହୋଇଥିବାବେଳେ ଏହାର ପୁନରୁଦ୍ଧାର ହେଉନଥିବାରୁ



ଚାଷୀମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିଲା । ଏହି ରାସ୍ତାଗୁଡିକର ଦୂରବସ୍ଥା ଯୋଗୁଁ ବିଭାଗୀୟ ଅଧିକାରୀମାନେ ମଧ ଯାତାୟାତ କରିପାରୁନଥିଲେ, ବର୍ଷା ଦିନେ କୌଣସି ହୁଡା ଭାଙ୍ଗିଗଲେ ତାର ମରାମତି ସାମଗ୍ରୀ ପହଞ୍ଚି ପାରୁ ନଥିଲା। ଚାଷୀଙ୍କ ଅଭିଯୋଗକୁ ଆଖିରେ ରଖି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଏବଂ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତତ୍ପରତା ପ୍ରକାଶ କରି କାପେକ୍ସ ଯୋଜନା ଦ୍ୱାରା ୪୭ କୋଟି ବ୍ୟୟ ବରାଦରେ ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ବିଭାଜନ ନ -୨ ଦ୍ୱାରା ଦକ୍ଷିଣ ସମ୍ପ୍ରସାରଣ ମୁଖ୍ୟ କେନାଲ ପ୍ରଣାଳୀର ୬୨.୫ କିଲୋମିଟର କେନାଲ ବନ୍ଧ ରାସ୍ତାକାମ ଗୁଡିକ ତ୍ୱରାନ୍ୱିତ କରାଯାଇଛି। ଯାହା ଫଳରେ ଭବାନୀପାଟଣା ବ୍ଲକ ଓ କେସିଙ୍ଗା ବ୍ଲକର ମୋଟ ୪୯ ଟି ରାଜସ୍ୱ ଗ୍ରାମ ପ୍ରତ୍ୟକ୍ଷ ଭାବେ ଓ ତତ୍ସଲଗ୍ନ ଅନ୍ୟାନ୍ୟ ଗ୍ରାମ ଗୁଡିକ ମଧ୍ୟ ପରୋକ୍ଷ ଭାବରେ ଉପକୃତ ହୋଇ ପାରିଛନ୍ତି। ଚାଷୀ ଭାଇଙ୍କ ଦାବି ଅନୁଯାୟୀ ନିହାତି ଜରୁରୀ ସ୍ଥାନରେ କେନାଲ ହୁଡା ବନ୍ଧ ତଳେ କଂକ୍ରିଟ ରକ୍ଷକବାଡ଼ ଦେଇ ଚାଷୀଙ୍କର ଜମିର ସୁରକ୍ଷା ସହିତ କେନାଲ ହୁଡାକୁ ସ୍ଥାୟୀତ୍ୱ ପ୍ରଦାନ କରାଯାଇଛି।ଏହି ସବୁ କାମ ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ବିଭାଜନ ନ -୨, ଜୁନାଗଡ଼ କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀ ଚିନ୍ତାମଣି ଜାଲଙ୍କ ତତ୍ତ୍ୱାବଧାନରେ ତଥା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣିଙ୍କର ପ୍ରୋତ୍ସାହନ ଏବଂ କ୍ୱାଲିଟି କଣ୍ଟ୍ରୋଲ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କର ତଦାରଖ ଦ୍ୱାରା ସୁଚାରୁରୂପେ କରାଯାଇଛି। ବିଭାଗର ଅନ୍ୟାନ୍ୟ ଅଧିକାରୀ ମାନେ ମଧ ସୁଚାରୁରୂପେ ନିଜ ନିଜ ଦାୟିତ୍ୱ ତୁଲାଇଛନ୍ତି। ଏହି କେନାଲ ରାସ୍ତାଗୁଡିକ ଅନ୍ୟାନ୍ୟ ରାଷ୍ଟ୍ରୀୟ ମାର୍ଗ ତଥା ଜିଲ୍ଲାର ମୁଖ୍ୟ ସହରକୁ ସହଜରେ ଏବଂ କମ୍ ଦୂରତା ବିଶିଷ୍ଟ ହୋଇ ଥିବାରୁ ଅଞ୍ଚଳବାସୀ ଏବଂ ଚାଷୀମାନେ ବିଲ ବାଡି କାମ ତଥା ଯନ୍ତ୍ରପାତି ନିଆ ଅଣା ସହଜରେ କରି ପାରିବେ। ଦୀର୍ଘ ୧୫ ବର୍ଷ ପରେ ଏହି କେନାଲ ବନ୍ଧ ରାସ୍ତାର ସୁବିଧା ପାଇ ଥିବାରୁ ଅଞ୍ଚଳ ବାସିଙ୍କ ମନରେ ଅଶେଷ ଖୁସି। ଏତଦ୍ ବ୍ୟତୀତ ଉକ୍ତ କେନାଲ ବନ୍ଧ ରାସ୍ତାମାନଙ୍କର ଭବିଷ୍ୟତ ସୁଦୃଢ଼ୀକରଣ ନିମନ୍ତେ ଆହୁରି ଅନେକ ଜାଗା ମାନଙ୍କରେ କଂକ୍ରିଟ ରକ୍ଷା ବନ୍ଧ ର ଆବଶ୍ୟକତା ରହିଛି। ଏହି ସବୁ କାର୍ଯ୍ୟ ନିମନ୍ତେ ଆଗାମୀ ଦିନରେ ଅନୁଦାନ ର ସୁବିଧା କଲ୍ପେ କାର୍ଯ୍ୟଗୁଡ଼ିକ ର ସମ୍ପାଦନ କରା ଯିବା ପାଇଁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହୋଦୟ ସମସ୍ତ ଚାଷୀମାନଙ୍କୁ ପ୍ରତିଶ୍ରୁତି ମଧ ପ୍ରଦାନ କରିଛନ୍ନତି ଏହା ଫଳ ରେ ସମଗ୍ର ଚାଷୀକୁଳ ସରକାରଙ୍କୁ ସାଧୁବାଦ ଜଣାଇବା ସହିତ ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଅନ୍ତରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀ ଗିରଫ




କେସିଙ୍ଗା, ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଚାଲିଛି ଚୋରା ଗଞ୍ଜେଇ ଧରିବାର ପ୍ରତିଯୋଗିତା । ଗତ ଦୁଇ ଦିନ ତଳେ କେସିଙ୍ଗା ପୋଲିସ ବିଭାଗ ପକ୍ଷରୁ କାଣ୍ଟେଲ ରେଳ ଷ୍ଟେସନ ସମ୍ମୁଖରୁ ୧୫ କେଜି ଗଞ୍ଜେଇ ସହିତ ୭ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ସକାଳେ ପୁଣି ଜଣେ ଅନ୍ତରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀକୁ କେସିଙ୍ଗା ଅବକାରୀ ବିଭାଗ ପକ୍ଷରୁ କେସିଙ୍ଗା ରେଳ ଷ୍ଟେସନ ପ୍ଲାଟଫର୍ମ ନ ୧ ରେ ଧରିଛି ଚାଲାଣକାରୀ ଠାରୁ ୧୭ କେଜି ଗଞ୍ଜେଇ ମିଳିଥିବା ବେଳେ ଚାଲାଣକାରୀ ଜଣକ ର ନାମ ବି ଅଜୟ କୁମାର ଓ ତାର ଗାଆଁ ସୁଦୂର ତାମିଲନାଡୁ ରାଜ୍ୟ ର ମୁଲିପାଲମ୍ ବୋଲି କେସିଙ୍ଗା ଅବକାରୀ ଅଧିକାରୀ ବିଶ୍ୱଜିତ ଆରୁଖ ସୂଚନା ଦେଇଛନ୍ତି।

## ଆସିପାରିଲାନି ଆମ୍ବୁଲାନ୍ସ ଖଟିଆରେ ବୁହା ହେଲେ ରୋଗୀ


ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଚ୍ଚା ରାସ୍ତା ପାଇଁ ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ । ଖଟିଆରେ ବୁହାହେଲେ ଗୁରୁତର ମହିଳା। ଦୀର୍ଘ ଦୁଇ କିଲୋମିଟିର ଗାଁ ଲୋକେ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇଛନ୍ତି । ଲାଞ୍ଜିଗଡ଼ ବ୍ଲକ୍ ବେଡା ଗାଁ ଗ୍ରାମ ପଞ୍ଚାୟତ ସ୍ଥିତ ମନସ୍ତରା ଗାଁର ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମନସ୍ତରା ଗାଁର ପାଗ ମାଝୀଙ୍କ ସ୍ତ୍ରୀ ପଦ୍ମା ମାଝୀ ରାତି ସାଢ଼େ ୮ ଟା ସମୟରେ ନିଜ ଘର ଛାତ ଉପରେ ଚଢ଼ିଥିବା ବେଳେ ଛାତ ଉପରୁ ତଳେ ପଡିଯାଇଥିଲେ। ପରେ ଗାଁ ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ୧୦୮ ଆମ୍ବୁଲାନ୍ସ ଆସିଲା ସତ ତେବେ ଗାଁକୁ କଚ୍ଚା ରାସ୍ତା ଯୋଗୁଁ ଯାଇ ପାରିଲା ନାହିଁ। ଯାହା ଫଳରେ ଦେହେଡା ଗାଁ ଛକ ପର୍ଯ୍ୟନ୍ତ ଦୁଇ କିଲୋମିଟର ଖଟିଆରେ ବୋହି ଗୁରୁତର ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇଥିଲେ ଗାଁ ଲୋକେ। ରାସ୍ତା ଖଣ୍ଡେ ନଥିବାରୁ ମନସ୍ତରା ଗାଁର ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ରାଶିଫଳ

ଗୁରୁବାର, ୦୫ ଜୁନ୍ ୨୦୨୫



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କଠାରୁ ସମର୍ଥନ ପାଇବ । ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ ।




**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । ବସଙ୍କ ସମର୍ଥିତ ହେବେ ନାହିଁ । କ୍ଳାନ୍ତ ହୋଇଯିବ । ବ୍ୟବସାୟ ଲାଭଦାୟକ ହେବ । ଖରାପ ଖବର ଗ୍ରହଣ କରାଯାଇପାରେ । କଠିନ ପରିଶ୍ରମ ଅଧିକ ହେବ । ଲାଭ ସୁଯୋଗକୁ ସ୍ଥଗିତ ରହିବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ। ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଶୁଭ ହେବ ।




**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ବିନିଯୋଗ ଶୁଭ ହେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଆୟ ବୃଦ୍ଧି ପାଇବ । ସମୟ ସୁସଙ୍ଗତତା ମିଳିବ । ଅଳସୁଆ ପ୍ରାଧାନ୍ୟ ଦେବ।




**ସିଂହ:** ଯୋଜନା ଫଳପ୍ରଦ ହେବ । ପଦ୍ଧତିରେ ଉନ୍ନତି ହେବ । ଏହି ସଫଳତାରେ ଖୁସି ହେବେ । କଠିନ ପରିଶ୍ରମ ସଫଳ ହେବ। ଲାଭ ସୁଯୋଗ ଆସିବ । ସମ୍ମାନ ପାଇବେ । ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ସେୟାର ବଜାରରେ ଶୀଘ୍ର ଏଡ଼ାନ୍ତୁ ।




**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ। ଭଲ ଖବର ଗ୍ରହଣ କରାଯିବ । ମୂଲ୍ୟ ବୃଦ୍ଧି ହେବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ । ଦୀର୍ଘ ଯାତ୍ରା ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ ।




**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ । ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ । ତତ୍ପରତା ନାହିଁ ।



**ମକର :** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ। କାର୍ଯ୍ୟ ସନ୍ତୁଷ୍ଟ ହେବେ । ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ । ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯